

‘ସିକନ୍ଦର’ର ରିଲିଜ୍ ଦିନ
‘ହାଉସ୍‌ଫୁଲ୍-୫’ର ଟ୍ରେଲର୍

▶ପୃଷ୍ଠା ୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-234 ◆BHUBANESWAR ◆WEDNESDAY ◆19 FEBRUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୩୪ ◆ଭୁବନେଶ୍ୱର ◆ବୁଧବାର ◆୧୯ ଫେବୃଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


# କଟନୀଛଟନୀକୁ ନେଇ କମ୍ପିଲା ଗୃହ

- ◆ କଟନୀଛଟନୀ ହେଉନାହିଁ ବୋଲି ଛାତିରେ ହାତ ରଖି କୁହନ୍ତୁ ସରକାର: ବିଜେଡି
- ◆ ବିରୋଧୀ ଥିବାବେଳେ ଗର୍ଜୁଥିଲ, ଏବେ କେମିତି ବଦଳିଗଲା ସ୍ୱର : କଂଗ୍ରେସ
- ◆ ଅଭିଯୋଗ ମିଛ, ରାଜ୍ୟରେ ଧାନ କିଣା ପ୍ରକ୍ରିୟା ସୁରୁଖୁରୁରେ ଚାଲିଛି: ବିଜେପି



■ **ଭୁବନେଶ୍ୱର,୧୮।୨(ସମିସ):** ଧାନକିଣାରେ କଟନୀଛଟନୀକୁ ନେଇ କମ୍ପିଛି ବିଧାନସଭା। ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କ ଉପରେ ପ୍ରଚଣ୍ଡ ବର୍ଷିବା ସହ ଧାନ କିଣାରେ ଅନିୟମିତତା ସବୁ ରେକର୍ଡ ଭାଙ୍ଗି ଇତିହାସ ସୃଷ୍ଟି କରିଥିବା କଟାକ୍ଷ କରିଛନ୍ତି। ସରକାର ଛାତିରେ ହାତ ରଖି କଟନୀଛଟନୀ ହେଉ ନାହିଁ ବୋଲି କୁହନ୍ତୁ ବୋଲି ବିଜେଡି ଦାବି କରିଛି। ସେହିପରି କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ ଖେଞ୍ଚିଛି। ବିରୋଧୀରେ ଥିବାବେଳେ ଗର୍ଜୁଥିଲ, ଏବେ କେମିତି ସ୍ୱର ବଦଳିଗଲା ବୋଲି କଟାକ୍ଷ କରିଛି।

ଧାନ କିଣାକୁ ନେଇ ସାରା ରାଜ୍ୟରେ ଚାଷୀଙ୍କ ଅସନ୍ତୋଷ ଆକାଶ ଛୁଇଁଛି। ମିଲରମାନଙ୍କ ମର୍ଜିରେ ଧାନ କିଣା ଚାଲିଛି ଓ କଟନୀଛଟନୀ ହେଉଥିବା ବିଭିନ୍ନ ଅଞ୍ଚଳରୁ ଅଭିଯୋଗ ଆସୁଛି। ଯାହାକୁ ନେଇ ବିରୋଧୀ ବିଧାନସଭାରେ ସରକାରଙ୍କୁ ନିଶାଣ କରିଛନ୍ତି। ମୁଲତବୀ ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ମିଲ ମାଲିକଙ୍କ କଥାରେ ରାଜି ନହେଲେ ଚାଷୀଙ୍କ ଧାନ ମଣ୍ଡିରୁ ଉଠୁନି। ଅଦିନିଆ ବର୍ଷାରେ ମଣ୍ଡିରେ ଚାଷୀଙ୍କ ଧାନ ଭିଜିଲା। ମାତ୍ର ଚାଷୀଙ୍କ ଦୁଃଖ କେହି ବୁଝିଲେ ନାହିଁ। ରାଜ୍ୟ ସାରା ମଣ୍ଡିରେ ଚାଷୀଙ୍କର ୨୦ କେଜି ଧାନ କଟା ଯାଉଛି। ଏଫଏକ୍ୟୁ ଆଳ ଦେଖାଇ ଚାଷୀଙ୍କଠାରୁ ୧୫ କେଜି ପର୍ଯ୍ୟନ୍ତ ଧାନ କଟାଯାଉଛି। ମାତ୍ର ମନ୍ତ୍ରୀ ଖାଲି ଠନ୍ ଠନ୍ କଥା କହୁଛନ୍ତି। କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ କଟନୀ ଛଟନୀ କାରଣରୁ ଚାଷୀ ମଣ୍ଡିକୁ ଧାନ ଆଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ପାଖ ମିଲର ସରକାରଙ୍କୁ ନାଲି ଆଖି ଦେଖାଉଛନ୍ତି। ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ରାଜ୍ୟ ସରକାର କଟନୀ ଛଟନୀ ହେବନାହିଁ ବୋଲି ବାରମ୍ବାର କହି ଆସିଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ୨ଟି ବୈଠକ କରିଛନ୍ତି। ଧାନ କିଣାରେ ଅନିୟମିତା କରୁଥିବା ଲୋକଙ୍କୁ ବରଗଡ଼ ନ ହେଲେ ଝାରପଡ଼ା ଜେଲ ପଠାଯିବ ବୋଲି ସୋହେଲା ଚାଷୀ ସମାବେଶରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମାତ୍ର ଅନିୟମିତାରେ କେତେ ଜଣଙ୍କୁ ଜେଲ ପଠାଇଛନ୍ତି ବୋଲି ଗଣେଶ୍ୱର ପ୍ରଶ୍ନ କରିଛନ୍ତି। ସେ ପୁଣି କହିଛନ୍ତି ଯେ ଆଇଏଏସମାନେ ଧାନକିଣାରେ ମୁଣ୍ଡ ନପୂରାଇବାକୁ ମନ୍ତ୍ରୀଙ୍କୁ କହୁଛନ୍ତି। ମଣ୍ଡିରେ ମିଲମାଲିକ ପ୍ରବେଶ କରିବେ ନାହିଁ ବୋଲି ମନ୍ତ୍ରୀ କହିଥିଲେ, ମାତ୍ର ଏହା ବାସ୍ତବ ହୋଇ ପାରିଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଅନୁରୂପ ଭାବରେ ବିଜେଡି ବିଧାୟକ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ଏଫଏକ୍ୟୁର ଅର୍ଥ ଫାଇନ ଆଭରେଜ କ୍ୱାଲିଟି ଅଟେ। ମାତ୍ର ଏଫଏକ୍ୟୁ ନାମରେ ▶ପୃଷ୍ଠା-୭

# ବିଜେପି-ସିନ୍ଦେ କଳି ଉଗ୍ର



ସିନ୍ଦେ ଗୋଷ୍ଠୀ ବିଧାୟକଙ୍କଠାରୁ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର

ସିନ୍ଦେ କ୍ଷୁବ୍ଧ, ସହଯୋଗୀଙ୍କ ସହ ରୁଦ୍ଧଦ୍ୱାର ବୈଠକ



■ **ମୁମ୍ବାଇ, ୧୮।୨ (ଏଜେନ୍ସି):** ମହାରାଷ୍ଟ୍ରରେ ନବଗଠିତ ବିଜେପି ମେଣ୍ଟ ସରକାରକୁ ତିନି ମାସ ପୂରିନି, କିନ୍ତୁ ଅଂଶୀଦାରମାନଙ୍କ ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି। ବିଶେଷ କରି ମୁଖ୍ୟମନ୍ତ୍ରୀ ପଦ ପାଇଁ ଆଶାୟୀ ଥିବା ଶିବ ସେନା ମୁଖ୍ୟ ତଥା ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଥମିବାର ନାଁ ଧରୁନି। ଗତ ନିର୍ବାଚନ ପରେ ସରକାର ଗଠନରେ ଦୀର୍ଘ ଦିନ ଧରି କେଁ ପୂରାଇଥିବା ସିନ୍ଦେଙ୍କ ଉପରେ ଅଙ୍କୁଶ ଲଗାଇବା ଲାଗି ଫଡନାଭିସ ସବୁ ପ୍ରକାର ଶକ୍ତି ଖଟାଇବା ଆରମ୍ଭ କରିଛନ୍ତି। ପ୍ରଥମେ ସିନ୍ଦେଙ୍କ ମନ୍ତ୍ରୀଙ୍କୁ ଜିଲ୍ଲା ଦାୟିତ୍ୱ ଦେବାକୁ ମନା କରିଥିବା ଫଡ଼ନାଭିସ ଆଜି ସେନାର ୨୦ ଜଣ ବିଧାୟକଙ୍କ ଠାରୁ ୱାଇ-ସୁରକ୍ଷା ବ୍ୟବସ୍ଥା କାଢ଼ି ନେଇଛନ୍ତି। ଏହାକୁ ନେଇ ସିନ୍ଦେ ଭୀଷଣ କ୍ଷୁବ୍ଧ ହେବା ସହିତ ତାଙ୍କର ପରବର୍ତ୍ତୀ ରଣନୀତି ସଂପର୍କରେ ନିଜର ସହଯୋଗୀମାନଙ୍କ ସହିତ ବିଚାର ଆଲୋଚନା କରୁଛନ୍ତି। ଖୁବଶୀଘ୍ର ମହାରାଷ୍ଟ୍ର ରାଜନୀତିରେ ଏକ ବଡ଼ ଧରଣର ଧମାକା ହୋଇପାରେ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ୨୦୨୨ରେ ଶିବ ସେନାରେ ବିଦ୍ରୋହ କରିଥିବା ସିନ୍ଦେଙ୍କ ନେତୃତ୍ୱରେ ୪୪ ଜଣ ବିଧାୟକ ଏବଂ ୧୧ ଲୋକସଭା ସାଂସଦ ବିଜେପିକୁ ସମର୍ଥନ କରିଥିଲେ। ସେମାନଙ୍କୁ ▶ପୃଷ୍ଠା-୭

ଡବଲ ଇଞ୍ଜିନ୍‌ର ଅହଂକାର ବେଦୀ

# ବଳିପଡ଼ିଲା ୨୫ ହଜାର ବିକାଶ ପ୍ରକଳ୍ପ

ଆମ ଓଡ଼ିଶା ନବୀନ ଓଡ଼ିଶା

ଅନୁଦାନ ବନ୍ଦ ଯୋଗୁଁ ଅଧା ପଡ଼ିଛି ୨୩ ହଜାର ପ୍ରକଳ୍ପ

୯୦ ହଜାର ପ୍ରକଳ୍ପ ପାଇଁ ମଞ୍ଜୁର ହୋଇଥିଲା ୩୩୯୭ କୋଟି

■ **ଭୁବନେଶ୍ୱର,୧୮।୨(ସମିସ):** ପଞ୍ଚାୟତବାସୀଙ୍କ ବିଭିନ୍ନ ସାମୂହିକ ଆବଶ୍ୟକତା ପୂରଣ ପାଇଁ ତତ୍କାଳୀନ ବିଜେଡି ସରକାର ‘ଆମ ଓଡିଶା ନବୀନ ଓଡିଶା’ରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ। ୩୧୪ ବ୍ଲକ୍‌ରେ ମୋଟ ୯୦୬୨୪ ପ୍ରକଳ୍ପ ପାଇଁ ୩୩୯୭ କୋଟି ଟଙ୍କା ବରାଦ କରାଯାଇଥିଲା। ମାତ୍ର ସରକାର ପରିବର୍ତ୍ତନ ପରେ ଡ଼ବଲ ଇଞ୍ଜିନ୍‌ର ଅହଂକାର ବେଦୀରେ ବଳି ପଡ଼ିଗଲା ୨୫ ହଜାର ପ୍ରକଳ୍ପ। ଅଧାପନ୍ତରିଆ ପ୍ରକଳ୍ପଗୁଡ଼ିକୁ ନୂତନ ପ୍ରବର୍ତ୍ତିତ ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ ଯୋଜନାରେ ସାମିଲ କରାଯିବ ବୋଲି ସରକାର ଘୋଷଣା କରିଥିଲେ ହେଁ, ବାସ୍ତବରେ ଏହାର ଭାଗ୍ୟ ଅନିଶ୍ଚିତ। ଯାହାକୁ ନେଇ ଏବେ ସବୁଆଡ଼େ ଅସନ୍ତୋଷ। ସାଧାରଣ ଲୋକଙ୍କ ପାଇଁ ରାଜନୀତି କରାଯାଇ, ମାତ୍ର ବିକାଶମୂଳକ କାର୍ଯ୍ୟ କରି ରାଜନୀତି କରାଯିବାକୁ ତୃଣମୂଳସ୍ତରରେ ସାଧାରଣ ଲୋକ ବି ନାପସନ୍ଦ କରିଛନ୍ତି।

ସରକାର ବଦଳିବା ପରେ ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ଯୋଜନାର ନାମ ପରିବର୍ତ୍ତନ କରାଗଲା। ଏହା ସହିତ ଯୋଜନାରେ ମଞ୍ଜୁର ପ୍ରକଳ୍ପଗୁଡ଼ିର ଭବିଷ୍ୟତ ମଧ୍ୟ ଅନ୍ଧାରକୁ ଚାଲି ଯାଇଛି। ବିଭାଗ ଏପରି ସର୍ତ୍ତ ରଖିଛି ଯେ ଅନେକ ପ୍ରକଳ୍ପ ଆରମ୍ଭ ହୋଇଥିଲେ ସୁଦ୍ଧା ଆଗକୁ ବଢ଼ିପାରିବ ନାହିଁ। ୨୦୨୩ ନଭେମ୍ବର ମାସରେ ଆରମ୍ଭ ହୋଇଥିବା ଆମ ଓଡିଶା ନବୀନ ଓଡିଶା ଏବଂ ବିଜେପି ସରକାର ଆଣିଥିବା ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାର ଢ଼ାଞ୍ଚା, ▶ପୃଷ୍ଠା-୭

ପ୍ରଦୂଷଣ ବୋର୍ଡର ରିପୋର୍ଟ

# ସ୍ନାନ ଉପଯୋଗୀ ନୁହେଁ ମହାକୁମ୍ଭ ଜଳ



■ **ନୂଆଦିଲ୍ଲୀ, ୧୮।୨ (ଏଜେନ୍ସି):** ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ଗଙ୍ଗା-ଯମୁନା ଜଳକୁ ନେଇ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନଜିଟି)କୁ ଯେଉଁ ରିପୋର୍ଟ ଦେଇଛି ତାହାକୁ ନେଇ ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି ହୋଇଛି। ଏହି ଜଳ ଅତ୍ୟଧିକ ପ୍ରଦୂଷିତ ହୋଇପଡ଼ିଥିଲା ବେଳେ ଜଳରେ ମାନବ ଏବଂ ପଶୁଙ୍କ ଠାରୁ ନିର୍ଗତ ‘ଫେକଲ କୋଲିଫର୍ମ’ ଜୀବାଣୁ ପରିମାଣ ବୃଦ୍ଧି ପାଇଛି ବୋଲି ଏହି ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁଯାୟୀ ମହାକୁମ୍ଭ ଆରମ୍ଭ ଦିନଠାରୁ ଗଙ୍ଗା ଏବଂ ଯମୁଦା ନଦୀ ଜଳରେ ଏହି ଜୀବାଣୁର ମାତ୍ରା ବୃଦ୍ଧି ପାଇଥିଲା ବେଳେ ଦିନକୁ ଦିନ ଏହାର ପରିମାଣ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତି ମହାକୁମ୍ଭରେ ବୁଡ ପକାଉଥିବା ଶ୍ରଦ୍ଧାଳୁଙ୍କ ପାଇଁ ବିପଜ୍ଜନକ ▶ପୃଷ୍ଠା-୭

ପୁଣି ଦୁଇ ଜୀବନ ନେଲା ଅନ୍ଧବିଶ୍ୱାସ /

# ଡାହାଣୀ ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା

ପଡ଼ୋଶୀ ଯୁବକ ଗିରଫ

ଅଳ୍ପକେ ବର୍ତ୍ତିଲେ ବୋହୂ ଓ ନାତୁଣୀ



■ **ବିଶୋଇ,୧୮।୨ (ସମିସ):** ଅନ୍ଧବିଶ୍ୱାସ ଆଜି ପୁଣି ୨ ଜଣଙ୍କ ଜୀବନ ନେଇଛି। ଡାହାଣୀ ସନ୍ଦେହରେ ଏକ ବୃଦ୍ଧ ଦମ୍ପତିଙ୍କୁ ଜଣେ ପଡ଼ୋଶୀ ଯୁବକ ଅତି ନୃଶଂସ ଭାବେ ହତ୍ୟା କରିଛି। ମୃତ ଦମ୍ପତି ହେଲେ, ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ କିତାବେଡ଼ା ଗ୍ରାମର ଦେବେନ୍ଦ୍ର ନାଏକ (୭୦) ଓ ତାଙ୍କ ସ୍ତ୍ରୀ ଚମ୍ପା (୪୮)। ତେବେ ସୌଭାଗ୍ୟକୁ ଦେବେନ୍ଦ୍ରଙ୍କ ବିଧବା ବୋହୂ ଓ ଅମେଇ ବର୍ଷର ନାତୁଣୀ ମେଘନା ଘରୁ ଦୌଡ଼ି ପଳାଇବାରୁ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଗତରାତିରେ ଘଟିଥିବା ଏହି ଘଟଣା ଆଜି ସକାଳୁ ଜଣାପଡ଼ିବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଦେବେନ୍ଦ୍ରଙ୍କ ପଡ଼ୋଶୀ ଅଜୟ ନାଏକ(୨୩)କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାନୁଯାୟୀ, ବାପା ▶ପୃଷ୍ଠା-୭


## SIKSHA ‘O’ ANUSANDHAN

# SAAT-2025

Empowering students for a brighter future

LAW PROGRAMMES OFFERED
- BA LLB (H) - Integrated Law
- BBA LLB (H) - Integrated Law
- LLB (H) - 3 Years Law
- LLM

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 09th Best in Law Category
- 14th Best in University Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ଆଜିଠାରୁ ବଦଳିବ ପାଗ

ବିଭିନ୍ନ ସ୍ଥାନରେ ୪ ଦିନ ବର୍ଷା

■ **ଭୁବନେଶ୍ୱର, ୧୮।୨ (ସମିସ):** ବୁଧବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ବର୍ଷା ଯୋଗୁଁ ପାଗରେ ପରିବର୍ତ୍ତନ ଆସିବା ସହ ଖରା କମିବ। ବର୍ତ୍ତମାନ ବାୟୁ ଚଳାଚଳରେ ଅସନ୍ତୁଳନ ରହୁଛି। ଏହି ସ୍ଥିତି ବର୍ଷା ପାଇଁ ପାଗ ଅନୁକୂଳ କରାଉଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଉତ୍ତର ଓଡ଼ିଶାରେ ୨୦ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହୋଇପାରେ। ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜରେ ଏହି ୪ ଦିନରେ ସବୁଠାରୁ ଅଧିକ ବର୍ଷା ହୋଇପାରେ। ତେବେ ଯାଜପୁର, କେନ୍ଦୁଝର ଓ ଢେଙ୍କାନାଳରେ ୩୦ ମିମି ଓ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୁଳ, କେନ୍ଦ୍ରାପଡ଼ା ଓ ଆଭ୍ୟନ୍ତରୀଣ କଟକରେ ୫-୧୫ ମିମି ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଦକ୍ଷିଣ ଓଡ଼ିଶାରେ ଆଭ୍ୟନ୍ତରୀଣ ଗଞ୍ଜାମ ଗଜପତି ଓ ଫୁଲବାଣୀରେ କାଁ ଭାଁ ହାଲୁକା ବର୍ଷା ହୋଇପାରେ। ▶ପୃଷ୍ଠା-୭




## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଐତିହ୍ୟ

- ୧୮୯୧- କଲିକତାରୁ ଅମ୍ରିତ ବଜାର ପତ୍ରିକାର ଦୈନିକ ପ୍ରକାଶନ ଆରମ୍ଭ ହେଲା।
- ୧୯୧୫- ଭାରତୀୟ ଜାତୀୟ କଂଗ୍ରେସ ନେତା ଗୋପାଳ କୃଷ୍ଣ ଗୋଖ୍‌ଲେଙ୍କ ଦେହାନ୍ତ।
- ୧୯୮୬- ଦେଶରେ ପ୍ରଥମ କରି କମ୍ପ୍ୟୁଟରୀକୃତ ରେଳ ଆରକ୍ଷଣ ଟିକେଟର ଆରମ୍ଭ ହେଲା।
- ୧୯୯୩- ହାଇତି ନିକଟରେ ୧୫୦୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଜାହାଜ ସମୁଦ୍ରରେ ବୁଡ଼ି ଯାଇଥିଲା।

## ଏଆଇ ଜଣାଉଛି ଆୟୁ



ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ତେବେ ମୃତ୍ୟୁର ଆକଳନ ଏତେ ସହଜ କଥା ନୁହେଁ। ହେଲେ ଗୋଟିଏ କମ୍ପାନି ଜଣେ ବ୍ୟକ୍ତିଙ୍କର କେବେ ମୃତ୍ୟୁ ହେବ ଓ କିପରି ମୃତ୍ୟୁ ହେବ, ସେକଥା ଆଗୁଆ ଜଣାଇ ଦେବ ବୋଲି ଦାବି କରିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୋଗୁଁ ଅନେକ କାମ ହେଉଥିବା ବେଳେ ଏବେ ଏକ ୱେବ୍‌ସାଇଟ୍ ଏଆଇ ଯୁକ୍ତ 'ଡେଥ୍ କ୍ଲକ୍' ତିଆରି କରିଛି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଆଡଭାନ୍ସ ଲାଇଫ୍ ଏକ୍ସପେକଟେନ୍ସି କାଲ୍‌କୁଲେଟର ଏଆଇ ଠିକ୍ ଭାବେ ମୃତ୍ୟୁ ଦିବସ କହିପାରିବ ବୋଲି ଉକ୍ତ କମ୍ପାନି ଦାବି କରିଛି। ମୃତ୍ୟୁ ତାରିଖ ଜାଣିବା ପାଇଁ ଜଣେ କେଉଁଠି ରହୁଛନ୍ତି, ତାଙ୍କ ଜୀବନଶୈଳୀ କେମିତି ଯଥା ବୟସ, ବଡି ମାସ୍ ଇଣ୍ଡେକ୍ସ, ଡାଏଟ୍, ବ୍ୟାୟାମସ୍ତର ଓ ଧୂମପାନ କରୁଛନ୍ତି କି ନାହିଁ, ତାହା ଉପରେ ନିର୍ଭର କରେ। ସମସ୍ତ ତଥ୍ୟ ଦେବା ପରେ ଉକ୍ତ ୱେବ୍‌ସାଇଟ୍ ଜଣକ ଜୀବନରେ କେତେ ଦିନ, କେତେ ଘଣ୍ଟା ଓ ମିନିଟ୍ ବଞ୍ଚିବ, ତାହା ଜଣାଏ। ୨୦୦୬ ମସିହାରୁ ଏହି ୱେବ୍‌ସାଇଟ୍ କାମ କରି ଆସୁଛି ଏବଂ ଏବେ ସୁଦ୍ଧା ୬ କୋଟିରୁ ଅଧିକ ଲୋକଙ୍କର ଏହା ମୃତ୍ୟୁ ତାରିଖର ଅନୁମାନ କରିଛି। ଏହାବାଦ୍ ଏହି ୱେବ୍‌ସାଇଟ୍ ଲୋକଙ୍କୁ ଦୀର୍ଘ ଜୀବନ ଜିଇଁବା ନେଇ ଟିପ୍ସ ମଧ୍ୟ ପ୍ରଦାନ କରିଛି। ଓଜନ ନିୟନ୍ତ୍ରଣରେ ରଖିବା, ଧୂମପାନ ତ୍ୟାଗ, ସନ୍ତୁଳିତ ଆହାର ଗ୍ରହଣ, ପର୍ଯ୍ୟାପ୍ତ ନିଦ୍ରା, ନିୟମିତ ବ୍ୟାୟାମ, ଯୋଗ, ଧ୍ୟାନ ଆଦି କରିବା ସହ ସାମାଜିକ ସମ୍ବନ୍ଧ ବଜାୟ ରଖିବା ଏବଂ ନିୟମିତ କିଛି ନୂଆ ଶିଖିବା ଉପରେ ଯତ୍ନବାନ ହେବା ଲାଗି କୁହାଯାଇଛି।



## 'ସିକନ୍ଦର'ର ରିଲିଜ୍ ଦିନ 'ହାଉସ୍‌ଫୁଲ୍-୫'ର ଟ୍ରେଲର୍

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାରଙ୍କ ଫିଲ୍ମ 'ହାଉସ୍‌ଫୁଲ୍-୫'କୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ତେବେ ଏହାର ଟ୍ରେଲର୍ ସଲମାନ୍ ଖାନ୍‌ଙ୍କ ଫିଲ୍ମ 'ସିକନ୍ଦର' ସହ ଇଦ୍ ଅବସରରେ ରିଲିଜ୍ ହେବ ବୋଲି ଜଣାପଡ଼ିଛି। ସଲମାନ୍‌ଙ୍କ ଫିଲ୍ମ 'ସିକନ୍ଦର' ସହ ଏହାର ଟ୍ରେଲର୍‌କୁ ସିନେମାହଲ୍‌ରେ ପ୍ରଦର୍ଶନ କରିବା ପାଇଁ ଏହାର ନିର୍ମାତା ଲକ୍ଷ୍ୟ ରଖିଛନ୍ତି। 'ହାଉସ୍‌ଫୁଲ୍-୫' ଏକ କମେଡି ଡ୍ରାମା ହେବ। ଏଥିରେ ଅକ୍ଷୟଙ୍କ ସହ ରିତେଶ ଦେଶମୁଖ, ଅଭିଷେକ ବଚ୍ଚନ, ନରଗିସ୍ ଫକରି, ସଞ୍ଜୟ ଦତ୍ତ, ଜ୍ୟାକି ସ୍ରଫ୍, ନାନା ପାଟେକର୍ ପ୍ରମୁଖ ନଜର ଆସିବେ। ତରୁଣ ମନସୁଖାନି ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଫିଲ୍ମର ସୁଟିଂ ଏକ କ୍ରୁଜ୍‌ରେ କରାଯାଇଛି। ଏହା ହିଁ ଫିଲ୍ମର ଆକର୍ଷଣ ସାଜିବ। ତେବେ 'ହାଉସ୍‌ଫୁଲ୍' ଫ୍ରାଞ୍ଚାଇଜ୍‌ର ଅନ୍ୟ ଫିଲ୍ମଗୁଡ଼ିକ ତୁଳନାରେ ଏହା ସମ୍ପୂର୍ଣ୍ଣ ଭିନ୍ନ ହେବ। ଜୁନ୍ ୬ରେ ଏହା ରିଲିଜ୍ ହେବ। ଅକ୍ଷୟ ଶେଷ ଥର ପାଇଁ 'ସ୍କାଏ ଫୋର୍ସ' ଫିଲ୍ମରେ ନଜର ଆସିଥିଲେ। ଯଦିଓ ଏହି ଫିଲ୍ମଟି ୧୦୦ କୋଟି କ୍ଲବ୍‌ରେ ସାମିଲ ହୋଇଛି, କିନ୍ତୁ ଏହି ଫିଲ୍ମ ଯେମିତି ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଥିଲା ତାହା ହୋଇପାରି ନାହିଁ। ତେଣୁ ଅକ୍ଷୟ 'ହାଉସ୍‌ଫୁଲ୍-୫'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି।

## ଅପରାଧୀଙ୍କୁ ଧରିବ ରୋବଟ୍

ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଆଦି ପ୍ରତ୍ୟେକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରାଗଲାଣି। ଏହାବାଦ୍ ଅନେକ ଦେଶରେ ନିତିଦିନିଆ କାର୍ଯ୍ୟଗୁଡ଼ିକ ପାଇଁ ରୋବଟ୍‌ର ସାହାଯ୍ୟ ନିଆଯାଉଛି। କିଛିଦିନ ପୂର୍ବରୁ ଚୀନ୍‌ରେ ଏକ ରୋବଟ୍ ଏକ ରେଷ୍ଟୋରାଁରେ ଖାଦ୍ୟ ପରଷୁଥିବାର ଦେଖାଯାଇଥିଲା। ଆଉ ଏବେ ରୋବଟ୍ ଅପରାଧୀଙ୍କୁ ଧରୁଥିବାର ଦେଖାଯିବ। ଏହା ଏକ ଏଆଇ ଆଧାରିତ ରୋବଟ୍ ହେବ। ଏହାର ନାମ 'ଆର୍‌ଟି-ଜି' ରଖାଯାଇଛି। ଅପରାଧ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଦିଗରେ ପୁଲିସ୍ ଅଫିସର୍‌ମାନଙ୍କୁ ସାହାଯ୍ୟ କରିବା ଦିଗରେ ଏହି ରୋବଟ୍‌କୁ ନିର୍ମାଣ କରାଯାଇଛି। ଏହାକୁ ରୋବୋଟିକ୍ସ ଫାର୍ମ 'ଲଗ୍ ଅନ୍ ଟେକ୍ନୋଲୋଜି' ନିର୍ମାଣ କରିଛି। ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଏହି ଏଆଇ ରୋବଟ୍‌ର ପରିକଳ୍ପନା କରାଯାଇଛି। ଇତିମଧ୍ୟରେ ଆର୍‌ଟି-ଜି ରୋବଟ୍‌ର ଫୁଟେଜ୍ ସାମ୍ନାକୁ ଆସିଛି। ଭିଡିଓରେ ରୋବଟ୍‌ଟି ଚୀନ୍‌ର ରାଜରାସ୍ତାରେ ବୁଲିବା ସହ ଏହାର ଆଖାପାଖ ଅଞ୍ଚଳ ଉପରେ ନଜର ରଖୁଥିବାର ଦେଖାଯାଇଛି। ଏହି ରୋବଟ୍ ଭିଡିଓକୁ ଚେଙ୍ଗଡୁ ସିଟିର ଅଫିସିଆଲ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ସେୟାର କରାଯାଇଥିଲା। ଭିଡିଓରେ କ୍ୟାପସନ୍ ଥିଲା, 'ଚୀନ୍‌ରେ ଏବେ ଏକ ପୁଲିସ୍ ରୋବଟ୍ ଲଞ୍ଚ୍ କରାଯାଇଛି। ଏହା ଅପରାଧୀଙ୍କ ପିଛା କରିପାରିବ। କୌଣସି ଜିନିଷ ଉପରୁ ତଳକୁ ଖସୁଥିଲେ ଏହା ସମ୍ଭାଳି ପାରିବ। ଏହା ଘଣ୍ଟା ପ୍ରତି ୩୫ କିଲୋମିଟର ବେଗରେ ଗତି କରିବ।'

ଏହି ରୋବଟ୍ କେବଳ ଅପରାଧ ନିୟନ୍ତ୍ରଣ କରିବ ତାହା ନୁହେଁ, ଏଥିରେ ଲାଗିଥିବା ସଫ୍ଟୱେର ଦ୍ୱାରା ଏହା ଅପରାଧୀଙ୍କୁ ସହଜରେ ଚିହ୍ନଟ ମଧ୍ୟ କରିପାରିବ। ଏହାସହ ଏଥିରେ ଲାଗିଥିବା ଆଡଭାନ୍ସ ସେନ୍‌ସର ଏହାର ଆଖପାଖରେ କୌଣସି ପ୍ରକାର ଅପ୍ରୀତିକର ସ୍ଥିତିକୁ ସୂଚାଇବାରେ ସାହାଯ୍ୟ କରିଥାଏ। ବିଶେଷ କଥା ହେଉଛି, ଏହା ଉଭୟ ଜଳ ଓ ସ୍ଥଳ ଭାଗରେ କାର୍ଯ୍ୟ କରିବା ସହ ଚାରି ଟନ୍ ଓଜନର ଜିନିଷକୁ ବେଶ୍ ସହଜରେ ଉଠାଇ ପାରିବ। ଏହାବାଦ୍ ଏଥିରେ ନେଟ୍ ଗନ୍, ଟିୟର ଗ୍ୟାସ୍ ସ୍ପ୍ରେୟର ଆଦି ରହିଛି।



# ସମ୍ଭାବନା



## ପାଠପଢ଼ା ସମୟର ଖରାପ ଅଭ୍ୟାସ

**ବିଭିନ୍ନ ସମୟରେ ପାଠ ପଢ଼ିଲା ବେଳେ ବିଦ୍ୟାର୍ଥୀ ନିଜ ଅଜାଣତରେ କିଛି ଭୁଲ୍ ଏମିତି କରି ବସନ୍ତି, ଯାହାକି ତାଙ୍କ ପଢ଼ାରେ ସମସ୍ୟା ସୃଷ୍ଟି କରେ। ତେବେ ପଢ଼ା ବେଳର ବିଦ୍ୟାର୍ଥୀଙ୍କର କିଛି ଖରାପ ଅଭ୍ୟାସ ସମ୍ପର୍କରେ ନିମ୍ନ ପ୍ରଦତ୍ତ ବିଷୟରୁ ଜାଣିବା।**



- କିଛି ବିଦ୍ୟାର୍ଥୀ ଦୀର୍ଘ ସମୟ ବସି ପାଠ ପଢ଼ନ୍ତି। ଏଭଳି କରିବା ଭୁଲ୍। ପଢ଼ିବା ବେଳେ ମଝିରେ ମଝିରେ ବ୍ରେକ୍ ନେବା ଜରୁରି। ଏହା ଦ୍ୱାରା ପାଠପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବା ସହଜ ହୁଏ।
- ଖଟରେ ଶୋଇ ରହି ପଢୁଥିଲେ ଏହି ଅଭ୍ୟାସଠାରୁ ଦୂରେଇ ରୁହନ୍ତୁ। ଏଭଳି ଶୈଳୀରେ ପଢ଼ିଲେ ପଢ଼ାରେ ମନ ଲାଗେ ନାହିଁ। ଅଳସୁଆ ଲାଗେ।
- ପଢ଼ା ବେଳେ ମନରେ ଚିନ୍ତା, ଦୁଃଖ ଆଣିବା ଠିକ୍ ନୁହେଁ। ଚିନ୍ତାମୁକ୍ତ ରହିବା ଲାଗି ଯୋଗ, ପ୍ରାଣାୟାମର ସାହାଯ୍ୟ ନେଇପାରିବେ।
- ପଢ଼ା ପରିବେଶ ଶାନ୍ତ ରହିଲେ ଭଲ। ପଢ଼ିବା ବେଳେ ଟିଭି ଦେଖିବା, ଗୀତ ଶୁଣିବା ତଥା ମୋବାଇଲ ବ୍ୟବହାର କରିବା ଦ୍ୱାରା ପଢ଼ା ବାଧାପ୍ରାପ୍ତ ହୁଏ।
- ଅନେକ ସମୟରେ ବିଦ୍ୟାର୍ଥୀ ପଢ଼ିବା ବେଳେ ପାଖରେ ନୋଟ୍ସ ଆଦି ରଖି ନ ଥାନ୍ତି। ଏହାକୁ ଏଣେତେଣେ ରଖନ୍ତି ଏବଂ ପଢ଼ିବା ବେଳେ ହିଁ ଖୋଜନ୍ତି। ଏଭଳି ଅଭ୍ୟାସ ପଢ଼ାକୁ ପ୍ରଭାବିତ କରିଥାଏ।

## ବିନା ଡିଗ୍ରୀରେ ରୋଜଗାର

**ଆଜିକାଲି ସମସ୍ତଙ୍କୁ ଚାକିରିଟିଏ ମିଳୁ ନାହିଁ। ଡିଗ୍ରୀ, ଡିପ୍ଲୋମାଧାରୀ ଦେଶର ଲକ୍ଷ ଲକ୍ଷ ଯୁବକ ଯୁବତୀ ବେକାର ରହିଛନ୍ତି। ହେଲେ କିଛି ଚାକିରି ଏଭଳି ଅଛି, ଯାହା ପାଇଁ କୌଣସି ସ୍ୱତନ୍ତ୍ର ଡିଗ୍ରୀ ତଥା ଡିପ୍ଲୋମାର ଆବଶ୍ୟକତା ନାହିଁ। ଅବଶ୍ୟ ଏ ଲାଗି ପରିଶ୍ରମ ଏବଂ ଅଭିଜ୍ଞତା ବେଶି ଜରୁରି ବୋଲି କୁହାଯାଏ।**







**ପ୍ରଫେସନାଲ ବ୍ଲଗର୍:** ଏ ଲାଗି କୌଣସି ନ୍ୟୂନତମ ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନାହିଁ। ବିଜ୍ଞାପନ ଏବଂ ଅନ୍ୟ ମୁଦ୍ରୀକରଣ ରଣନୀତି ମାଧ୍ୟମରେ ରୋଜଗାର କରିପାରିବେ।

**ଡ୍ୟାନ୍ସ ଇନ୍‌ଷ୍ଟ୍ରକ୍ଟର:** ଡ୍ୟାନ୍ସ ଇନଷ୍ଟ୍ରକ୍ଟର ହେବା ଲାଗି ପ୍ରଥମେ ଟ୍ରେନିଂର ଆବଶ୍ୟକତା ଥାଏ। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ ହେବା ଦରକାର। ଅଭିଜ୍ଞ ବ୍ୟକ୍ତିବିଶେଷଙ୍କୁ ଅଗ୍ରାଧିକାର ପ୍ରଦାନ କରାଯାଏ। ଅଭିଜ୍ଞତା ଅନୁସାରେ ଆୟ ବୃଦ୍ଧି ପାଏ।

**ଲେଖକ:** ଯୁକ୍ତ ଦୁଇ ପଢ଼ାରେ ଏହାକୁ ଜଣେ କ୍ୟାରିୟର ଭାବେ ଆପଣାଇପାରିବେ। ଏ ଲାଗି ନିଜ ଭିତରେ ସୃଜନଶୀଳତା ତଥା ଲେଖାଲେଖିରେ ରୁଚି ଥିବା ଆବଶ୍ୟକ। ପତ୍ର ପତ୍ରିକା ପାଇଁ ଲେଖି ମଧ୍ୟ ରୋଜଗାର କରି ହେବ।

**ରିୟଲ୍ ଇଷ୍ଟେଷ୍ଟ ଏଜେଣ୍ଟ:** ରିୟଲ୍ ଇଷ୍ଟେଷ୍ଟ ଏଜେଣ୍ଟ ଭାବେ କାମ କରିବା ଲାଗି କୌଣସି ଡିଗ୍ରୀ ଆବଶ୍ୟକ ପଡ଼ି ନ ଥାଏ। ଏ ଲାଗି ଲାଇସେନ୍ସ ପ୍ରାପ୍ତ କରିବାକୁ ହୁଏ। ଏ କ୍ଷେତ୍ରରେ ରୋଜଗାର ଭିନ୍ନ ଭିନ୍ନ ହୋଇଥାଏ।

**ମେକ୍‌ଅପ୍ ଆର୍ଟିଷ୍ଟ:** ମେକ୍‌ଅପ୍ ଆର୍ଟିଷ୍ଟ ହେବା ଲାଗି ବି ନିର୍ଦ୍ଦିଷ୍ଟ କିଛି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନାହିଁ। ପ୍ରାରମ୍ଭିକ ପର୍ଯ୍ୟାୟରେ ମାସକୁ ୧୫ ହଜାର ରୋଜଗାର କରିପାରିବେ ଏବଂ ସମୟ ସହିତ ପାରିଶ୍ରମିକ ବୃଦ୍ଧି ପାଏ।

## ୟୁପିଏସ୍‌ସି ପ୍ରସ୍ତୁତି: ଅନ୍‌ଲାଇନ୍ ନା ଅଫ୍‌ଲାଇନ୍

ୟୁପିଏସ୍‌ସି ପରୀକ୍ଷା ଲାଗି ଯୁବକ ଯୁବତୀ ବହୁ ଆଗରୁ ପ୍ରସ୍ତୁତି କରିଥାନ୍ତି। କିଛି ଜଣ ଏଥିରେ ସଫଳ ହେଉଥିବା ବେଳେ ଆଉ କିଛି ବିଫଳ ହୋଇଥାନ୍ତି। ଆଜିକାଲି ଏହି ପରୀକ୍ଷାର ପ୍ରସ୍ତୁତି ସମୟରେ କେହି କେହି ଅଫ୍‌ଲାଇନ୍ କୋଚିଂର ସାହାରା ନେଉ ଥିବାବେଳେ ଆଉ କିଏ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା ପ୍ରସ୍ତୁତି କରୁଛନ୍ତି। ତେବେ ପ୍ରସ୍ତୁତି ଲାଗି କେଉଁଟି ଉପଯୁକ୍ତ, ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ।

ଜଣେ ଚାକିରି କରୁଥିଲେ ମଧ୍ୟ ଏହାର ପ୍ରସ୍ତୁତି କରିପାରିବେ। ସେମାନେ ଘରେ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରିପାରିବେ। ଏଭଳି କରିବା ଚାକିରିଆଙ୍କ ପାଇଁ ଉପଯୁକ୍ତ ବୋଲି କୁହାଯାଏ। ସେହିପରି ଏନେଇ ବେସିକ୍ ଜିନିଷ ବିଷୟରେ ସ୍ପଷ୍ଟ ହୋଇଯିବା ପରେ ଏହାର ୬ମାସ ପରେ କୌଣସି କୋଚିଂରେ ନିଜକୁ ସାମିଲ କରିପାରିବେ। ତେବେ ସମୟ ଓ ଆର୍ଥିକ ସ୍ଥିତି ଦେଖି ଅଫ୍‌ଲାଇନ୍ କୋଚିଂ ମାଧ୍ୟମରେ ଏହାର ପ୍ରସ୍ତୁତି କରିବା ସବୁଠୁ ଭଲ।



## ଇନ୍‌ଷ୍ଟାଗ୍ରାମ୍‌ରେ 'ଡିସ୍‌ଲାଇକ୍' ବଟନ୍

ଇନ୍‌ଷ୍ଟାଗ୍ରାମ୍ ବ୍ୟବହାରକାରୀଙ୍କୁ ଏବେ କେବଳ କୌଣସି ପୋଷ୍ଟ ଉପରେ ଲାଇକ୍ କରିବାର ଅନୁମତି ଥିବା ବେଳେ ଡିସ୍‌ଲାଇକ୍ କରିବାର ସୁଯୋଗ ନାହିଁ। ତେବେ ଖୁବ୍‌ଶୀଘ୍ର ବ୍ୟବହାରକାରୀଙ୍କ ଲାଗି ଏହାକୁ ନେଇ ଏକ ନୂଆ ବିକଳ୍ପ ଆସିବାକୁ ଯାଉଛି। ଏହି ଫିଚର୍ ମାଧ୍ୟମରେ ପସନ୍ଦ ଆସୁ ନ ଥିବା କୌଣସି କମେଣ୍ଟକୁ 'ଡିସ୍‌ଲାଇକ୍' କରିବାର ସୁବିଧା ପ୍ରଦାନ କରିବ। ଏହା ୟୁଟ୍ୟୁବ୍‌ର ଡିସ୍‌ଲାଇକ୍ ଫିଚର୍ ଭଳି ହିଁ କାମ କରିବ। ଅବଶ୍ୟ ଏବେ ସୀମିତ ବ୍ୟବହାରକାରୀଙ୍କ ଉପରେ ଏହାର ପରୀକ୍ଷଣ କରାଯାଉଛି।

ତେବେ ଏହି ଡିସ୍‌ଲାଇକ୍ ବଟନ୍ ଫିଡ୍ ପୋଷ୍ଟ ଏବଂ ରିଲ୍‌ସରେ ଉପଲବ୍ଧ ହେବ। ଏହି ବିକଳ୍ପ ମାଧ୍ୟମରେ ବ୍ୟବହାରକାରୀ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟ ଏବଂ ରିଲ୍ସରେ ଆସୁଥିବା କମେଣ୍ଟ, ଯାହା ସେମାନଙ୍କୁ ଅପ୍ରାସଙ୍ଗିକ ମନେ ହେବ, ତାହାକୁ ଡିସ୍‌ଲାଇକ୍ କରିପାରିବେ। ଅନ୍ୟପଟେ କମ୍ପାନି ଡିସ୍‌ଲାଇକ୍ ତଥ୍ୟକୁ ଗୋପନୀୟ ରଖିବ। ଏଥିରେ ଯେଉଁ ବ୍ୟକ୍ତିଙ୍କ କମେଣ୍ଟକୁ ଡିସ୍‌ଲାଇକ୍ କରାଯିବ, ସମ୍ପୃକ୍ତ ବ୍ୟକ୍ତି ସେକଥା ଜାଣିପାରିବେ ନାହିଁ। ସେହିପରି କମେଣ୍ଟ ସେକ୍‌ସନ୍‌ର ଗୁଣବତ୍ତା ସୁଧାରିବା ପାଇଁ ଏହି ପରୀକ୍ଷଣ କରାଯାଉଥିବା ଇନ୍‌ଷ୍ଟାଗ୍ରାମ୍ ପକ୍ଷରୁ କୁହାଯାଇଛି।



## ଯୋଗାଣ ବିଭାଗରେ କଂସ ରାଜୁତି

# ମିଲ ପିଛା ଆଦାୟ ହେଉଛି ଲକ୍ଷେ

ଭୁବନେଶ୍ୱର,୧୮।୨(ସମିସ): ତାରା ବିସ୍ଫୋରଣରେ ଆଜି କମ୍ପିଛି ବିଧାନସଭା। ଯୋଗାଣମନ୍ତ୍ରୀଙ୍କ ରାଜନୈତିକ ସଚିବ ପ୍ରତି ଚାଉଳ ମିଲ୍‌ରୁ ଲକ୍ଷେ ଟଙ୍କା ଲେଖାଏଁ ଆଦାୟ କରିଛନ୍ତି। ଏହା ସହ ଟଙ୍କା ମାଗିବାର ପ୍ରମାଣ ସ୍ୱରୂପ ସିଡ଼ି, ଫଟୋ ବି ଗୃହରେ ପ୍ରଦର୍ଶନ କରିଛନ୍ତି। ତାରାଙ୍କ ଏହି ଅଭିଯୋଗ ପରେ ଅକଳରେ ପଡ଼ିଛନ୍ତି ରାଜ୍ୟ ସରକାର ଓ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର

- ସିଡ଼ି ଓ ଫଟୋ ଦେଖାଉଛି, ଆହୁରି ପ୍ରମାଣ ଦେବି: ବାହିନୀପତି
- ରାଜନୈତିକ ସଚିବ ଟଙ୍କା ମାଗୁଥିବା କାନରେ ପଡ଼ିଛି: ମନ୍ତ୍ରୀ
- ଧାନ କିଣାରେ ହଜାରେ କୋଟିର ଦୁର୍ନୀତି ହୋଇଛି: ବିଜେଡି

ପାତ୍ର। ତାଙ୍କ ରାଜନୈତିକ ସଚିବ ଟଙ୍କା ମାଗୁଥିବା କାନରେ ପଡ଼ିଛି ଓ ଏଥିପାଇଁ ତାଙ୍କୁ ବହିଷ୍କାର କରାଯାଇଛି ବୋଲି ଶ୍ରୀ ପାତ୍ର ବିଧାନସଭାରେ ଉଲ୍ଲେଖ କରି ତାରାଙ୍କ ଅଭିଯୋଗକୁ ଆହୁରି ବଳିଷ୍ଠ କରିଛନ୍ତି। ତେବେ ଦୁର୍ନୀତି କରୁଥିବା ଓ ମନ୍ତ୍ରୀଙ୍କ ନାମରେ ଟଙ୍କା ଆଦାୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଏଯାଏ କାହିଁକି ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି ତାକୁ ନେଇ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷରେ ବିଜେଡି ଏହି ଘଟଣାରେ ଆହୁରି ସାଂଘାତିକ ଅଭିଯୋଗ କରିଛି। ଧାନ କିଣାରେ ଅନ୍ୟୂନ ହଜାରେ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ବିଜେଡି ଅଭିଯୋଗ କରିଛି।

ଆଜି ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ସରକାରଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ଯୋଗାଣମନ୍ତ୍ରୀ 'କଲେକ୍ସନ' କରୁଥିବା ଅଭିଯୋଗ ଉପରେ ଯୋଗାଣମନ୍ତ୍ରୀ ପ୍ରମାଣ ମାଗିଥିଲେ। ମୁଁ ଆଜି ପ୍ରମାଣ ଆଣିଛି ଓ ଗୃହରେ ଉପସ୍ଥାପନ କରୁଛି। ୨୦୨୪ ମସିହା ଅଗଷ୍ଟ ୨୭ ତାରିଖରେ ମନ୍ତ୍ରୀ ଗଡନାୟକ ନାମକ ଜଣେ ବ୍ୟକ୍ତିଙ୍କୁ ନିଜର ରାଜନୈତିକ ସଚିବ ଭାବେ ନିଯୁକ୍ତି ଦେଇଥିଲେ। ଏ ଲୋକ ପ୍ରତି ମିଲରୁ ୧ ଲକ୍ଷ ଟଙ୍କା ଲେଖାଏଁ ଆଣିଛନ୍ତି। ସେ ଯେଉଁଠି ମିଟିଂ କରିଛନ୍ତି, ସେଠାକାର ଫଟୋ ମୋ ପାଖରେ ଅଛି। ରାଜ୍ୟରେ କଂସ ରାଜୁତି ଚାଲିଛି; ମନ୍ତ୍ରୀଙ୍କ ଡାହାଣ ହାତ ହେଉଛି କଂସ। ୧୩୦ ଇନ୍ସପେକ୍ଟରର ବଦଳି ପାଇଁ ଟଙ୍କା ମାଗିବାରୁ ସମସ୍ୟା ସୃଷ୍ଟି ହୋଇଥିଲା। ବୌଦ୍ଧ ଜିଲ୍ଲାରେ ଜଣେ ମିଶ୍ର ବାବୁ ୧୩ ହଜାର କ୍ୱିଣ୍ଟାଲ ମାଣ୍ଡିଆ ଡିଲ କଲେ। ୧୧ ହଜାର କ୍ୱିଣ୍ଟାଲ ମାଣ୍ଡିଆ କ୍ୱିଣ୍ଟାଲ ବିକ୍ରି କରିଦେଲେ। ଏହି ଡିଲରେ ମନ୍ତ୍ରୀ ମଧ୍ୟ ସାମିଲ ଥିଲେ। ଏଥିରେ ୪ କୋଟି ଟଙ୍କା ହେରଫେର ହେଲା। ତେଣୁ ଆପଣ ଏନେଇ ରୁଲିଂ ଦିଅନ୍ତୁ। ସମସ୍ତ ଦୁର୍ନୀତିର ଭିଜିଲାନ୍ସ ନହେଲେ କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ। ବାଚସ୍ପତି ଦୁର୍ନୀତିର ପର୍ଦ୍ଦାଫାସ ପାଇଁ ଗୃହ କମିଟି ଗଠନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ମନ୍ତ୍ରୀ ଆଲୋଚନାର ଉତ୍ତରକାଳରେ ତାରା ପ୍ରସାଦ ବାହିନୀପତିଙ୍କ ଅଭିଯୋଗକୁ କିଛି ପରିମାଣରେ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ତାରାଙ୍କ ଉପରୋକ୍ତ ଅଭିଯୋଗରେ ଆଂଶିକ ସତ୍ୟତା ରହିଛି। ଜୀବନ ଜ୍ୟୋତି ଗଡନାୟକଙ୍କୁ ବିଭିନ୍ନ ସଂସ୍ଥାକୁ ଟଙ୍କା ମାଗୁଥିବା ନେଇ ମୋ କାନରେ ପଡ଼ିଥିଲା। ତେଣୁ ଆମେ ଗତ ନଭେମ୍ବର ୧୬ ତାରିଖରୁ ତାଙ୍କୁ ବହିଷ୍କାର କରିସାରିଛୁ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ବିଜେଡି ଏହି ପ୍ରସଙ୍ଗରେ ସରକାର ଓ ଯୋଗାଣ ବିଭାଗକୁ ନିଶାଣ କରିଛନ୍ତି। ବିଧାୟକ ସାରଦା ପ୍ରସନ୍ନ ଜେନା ଧାନକିଣାରେ ଅତିକମରେ ୧୦୦୦ରୁ ୧୨୦୦ କୋଟିର ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଏପରିସ୍ଥଳେ ମନ୍ତ୍ରୀଙ୍କ ଏପରି ସ୍ୱୀକାରୋକ୍ତି ବିଭାଗରେ ଚାଲିଥିବା ବଡ଼ ଧରଣର ଦୁର୍ନୀତି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଓଡ଼ିଶାରେ ପହଞ୍ଚିଲେ ନୂଆ ପିସିସି ସଭାପତି

# ଭଙ୍ଗା ହାତରେ ଭକ୍ତଙ୍କ 'ସଂକଳ୍ପ' ଯାତ୍ରା

ଭୁବନେଶ୍ୱର,୧୮।୨(ସମିସ): ଅନେକ ଦିନ ପରେ ରାଜଧାନୀ ରାଜରାସ୍ତାରେ ଛାଇଯାଇଛି କଂଗ୍ରେସ ପତାକା। ଏୟାରପୋର୍ଟଠାରୁ ଲିଙ୍ଗିପୁରପର୍ଯ୍ୟନ୍ତ ରାସ୍ତାର ଛକ ଛକରେ ଦିଶିଲା ନେତା ଓ କର୍ମୀଙ୍କ ଭିଡ଼। ଦିଲ୍ଲୀରୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ନବ ନିଯୁକ୍ତ ପିସିସି ସଭାପତି ଭକ୍ତ ଚରଣ ଦାସ ପହଞ୍ଚିବା ପରେ କର୍ମୀମାନେ ତାଙ୍କୁ ଯେପରି ସ୍ୱାଗତ



କଲେ, ସେଥିରୁ ଲାଗିଲା ଯେମିତି ରାଜ୍ୟ କଂଗ୍ରେସରେ ନୂଆ ଯୁଗ ଆସିଛି । ଆଠ ମାସ ପରେ ନୂଆ ପିସିସି ସଭାପତିଙ୍କୁ ସ୍ୱାଗତ କରିବାକୁ ଦଳୀୟ କର୍ମୀଙ୍କ ଭିଡ଼କୁ ଦେଖିଲେ କଂଗ୍ରେସ ଜୀବନ୍ୟାସ ପାଇଥିବା ଅନେକ ଅନୁଭବ କରିଛନ୍ତି । ଅନ୍ୟପକ୍ଷରେ ବିମାନବନ୍ଦର ନିକଟରେ ପ୍ରବଳ ଭିଡ଼ ମଧ୍ୟରେ ପଡ଼ିଯାଇ ପିସିସି ସଭାପତି ଭକ୍ତ ଦାସ ଆହତ ହୋଇଛନ୍ତି। ତାଙ୍କ ହାତରେ ଫ୍ରାକଚର ହେବା ସତ୍ତ୍ୱେ ସେ ପଦଯାତ୍ରାରେ ପୁରୀ ବାହାରି ଯାଇଛନ୍ତି । ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ତାଙ୍କର ହାତ ଅବସ୍ଥା ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବା ପରେ ଏଥିପାଇଁ ଅସ୍ତ୍ରୋପଚାର ଆବଶ୍ୟକ ବୋଲି ଡାକ୍ତର କହିଥିଲେ। ମାତ୍ର ଶ୍ରୀ ଦାଶ ନିଜର ପଦଯାତ୍ରା ଶେଷ କରିବା ପରେ ଏ ନେଇ ନିଷ୍ପତ୍ତି ନେବେ ବୋଲି କହିଥିଲେ।

ବିମାନବନ୍ଦରଠାରୁ କଂଗ୍ରେସ କର୍ମୀମାନେ ନିଜର ନୂତନ ସଭାପତିଙ୍କ ସହ ଉତ୍ସାହର ସହିତ ପଦଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଅବସରରେ ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଶା ପାଇଁ ନୂଆ ଏକ ଅଧ୍ୟାୟ ଆରମ୍ଭ ହୋଇଛି। ସଂପୂର୍ଣ୍ଣ ଶକ୍ତିର ସହ କଂଗ୍ରେସ ଆଗକୁ ବଢ଼ିବ। ଓଡ଼ିଶାକୁ କଂଗ୍ରେସ ସରକାର ଫେରାଇ ଆଣିବା ପାଇଁ ପ୍ରତ୍ୟେକ କଂଗ୍ରେସ କର୍ମୀ ପ୍ରୟାସ କରିବେ ଓ ନିୟମିତ ଭାବେ ଜନସାଧାରଣଙ୍କ ସୁଖ ଦୁଃଖରେ ଦଳ ପହଞ୍ଚିବ ବୋଲି ସେ କହିଛନ୍ତି। କ୍ୟାପିଟାଲ୍ ହସ୍ପିଟାଲ ଛକରେ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ନେତୃବୃନ୍ଦ ଓ କର୍ମୀମାନେ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ହଜାର ହଜାର କଂଗ୍ରେସ କର୍ମୀମାନେ ଭକ୍ତ ଦାସଙ୍କୁ ସ୍ୱାଗତ କରିବା ସହ ବିଜୁପଟ୍ଟନାୟକ ବିମାନ ବନ୍ଦର ଠାରୁ ଶିଶୁ ଭବନ ଛକ ଦେଇ ରାଜମହଲ ଛକ, କଳ୍ପନା ଛକ, ବିଜେବି କଲେଜ ଛକ, ସାମନ୍ତରାପୁର ଛକ, ଉତରାଛକ ସମେତ ବିଭିନ୍ନ ପ୍ରମୁଖ ସ୍ଥାନରେ କଂଗ୍ରେସ ନେତା ଓ କର୍ମୀମାନେ ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ।

ଶିଶୁ ଭବନ ଛକ ଠାରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ସିଏସ୍ ରାଜନ ଏକ୍କା, ସୋଫିଆ ଫିର୍‌ଦୋସ, ମଙ୍ଗୁ ଖିଲ, ଦାଶରଥି ଗମାଙ୍ଗ, ଅଶୋକ ଦାସ, ଅପାଲ୍ଲା ସ୍ୱାମୀ କାଡ୍ରାକା ପ୍ରମୁଖ ବିଧାୟକମାନେ ଶ୍ରୀ ଦାସଙ୍କୁ ସ୍ୱାଗତ ଜଣାଇବା ସହିତ ପଦଯାତ୍ରାରେ ସାମିଲ ହୋଇଥିଲେ। ଭୁବନେଶ୍ୱର କୋର୍ଟ ସାମ୍ନାରେ ଶତାଧିକ ବରିଷ୍ଠ ଓ କନିଷ୍ଠ ଆଇନଜୀବୀ ପଦଯାତ୍ରା ଦଳକୁ ସମ୍ବର୍ଦ୍ଧନା ଦେଇଥିଲେ। ଅପରାହ୍ନ ୩ ଘଟିକାରେ

- ଓଡ଼ିଶା ପାଇଁ ନୂଆ ଏକ ଅଧ୍ୟାୟ ଆରମ୍ଭ ହୋଇଛି
- ପଦଯାତ୍ରାରେ ସାମିଲ୍ ବିଧାୟକ, ନେତା, କର୍ମୀ
- ୨୦ ତାରିଖରେ ପୁରୀରେ ପହଞ୍ଚିବ ପଦଯାତ୍ରା

ସଂକଳ୍ପ ପଦଯାତ୍ରା ଲିଙ୍ଗିପୁର ଠାରେ ପହଂଚିଥିଲା। ସେଠାରେ ମଧ୍ୟାହ୍ନ ଭୋଜନ ପରେ ପୁନଃର୍ବାର ଅପରାହ୍ଣ ୫ ଟାରେ ପଦଯାତ୍ରା ପିପିଲି ଅଭିମୁଖେ ବାହାରିଥିଲା। ଅପରାହ୍ଣରେ ପିସିସି ସଭାପତିଙ୍କ ସହ ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନିପତି ସଂକଳ୍ପ ପଦଯାତ୍ରାରେ ସାମିଲ ହୋଇଥିଲେ। ଉତରାଛକ ଠାରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ନବନିଯୁକ୍ତ ପିସିସି ସଭାପତିଙ୍କୁ ସ୍ୱାଗତ କରିଥିଲେ।

ଏହି ସଂକଳ୍ପ ପଦଯାତ୍ରା ୩ ଦିନ ଧରି ଚାଲିବ। ଭୁବନେଶ୍ୱର ବିମାନ ବନ୍ଦରରୁ ଆଜି ସଂକଳ୍ପ ପଦଯାତ୍ରା ଆରମ୍ଭ ହୋଇ ପିପିଲିରେ ରାତ୍ର ୮.୩୦ରେ ଘଟିକାରେ ପହଞ୍ଚିଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ସ୍ୱାଗତ ଓ ସଂକଳ୍ପ ପଦଯାତ୍ରାରେ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବିଧାୟକ ସାଗର ଦାସ, ବିଧାୟକ ରମେଶ ଜେନା, ମାନସ ଚୌଧୁରୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ପ୍ରମୁଖ ସାମିଲ ହୋଇଥିଲେ।

# ବିବାହ ଭୋଜି ଖାଇ ୪ଶହ ଅସୁସ୍ଥ

ବାଙ୍କୀ,୧୮।୨(ସମିସ): କଟକ ଜିଲ୍ଲା ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ପାଟଣା ସାହିରେ ରବିବାର ବିବାହ ଭୋଜି ଖାଇ ୪ଶହରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଅସୁସ୍ଥଙ୍କ ମଧ୍ୟରୁ ସୋମବାର ରାତି ସୁଦ୍ଧା ଦୁଇ ଶହରୁ ଊର୍ଦ୍ଧ୍ୱ ଲୋକ ସୁସ୍ଥ ହୋଇ ଘରକୁ ଫେରିଥିଲେ। ହେଲେ ମଙ୍ଗଳବାର ସକାଳେ ପୁଣି ଶହେରୁ ଊର୍ଦ୍ଧ୍ୱ ଲୋକ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ବର୍ତ୍ତମାନ ଡାକ୍ତରଖାନାରେ ୩ ଶହରୁ ଊର୍ଦ୍ଧ୍ୱ ଅସୁସ୍ଥଙ୍କ ଚିକିତ୍ସା ଜାରି ରହିଛି। ଖବର ପାଇ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗ୍ରାମକୁ ଯାଇ ପରିସ୍ଥିତି ଉପରେ ନଜର ରଖିବା ସହ ଭୋଜିସ୍ଥଳରୁ ଜଳ ନମୁନା ସଂଗ୍ରହ କରି ପରୀକ୍ଷଣ ପାଇଁ ପଠାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ପାଟଣା ସାହିରେ ରବିବାର ରାତିରେ ପଦ୍ମ ଚରଣ ସାହୁ ନାମକ ବ୍ୟକ୍ତିଙ୍କ ଝିଅର ବିବାହ ଭୋଜି ଥିଲା। ଗ୍ରାମର ପ୍ରାୟ ଚାରି ଶହରୁ ଊର୍ଦ୍ଧ୍ୱ ଲୋକ ଭୋଜି ଖାଇଥିଲେ। ମାତ୍ର ସୋମବାର ସକାଳୁ ଅନେକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନିକଟସ୍ଥ ବୈଦେଶ୍ୱର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଜଣକ



ପରେ ଜଣେ ସୁସ୍ଥ ହୋଇ ଘରକୁ ଫେରିବା ବେଳେ ସନ୍ଧ୍ୟା ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା କମିଯାଇଥିଲା। ହେଲେ ଆଜି ସକାଳୁ କିଛି ଆକ୍ରାନ୍ତଙ୍କୁ ଜ୍ୱର ହେବାରୁ ପୁଣି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ୪ଜଣଙ୍କୁ ଆଜି ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି।

ଖବର ପାଇ କଟକ ସିଡିଏମ୍‌ଓ ପ୍ରଶାନ୍ତ କୁମାର ହୋତା ଦୁଇଟି ଡାକ୍ତରୀ ଟିମ୍ ଧରି ଗ୍ରାମରେ ପହଞ୍ଚି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ତୀକ୍ଷ୍ଣନଜର ରଖିବା ସହ ଘରକୁ ଘର ବୁଲି ଲୋକଙ୍କୁ ଔଷଧ ବଣ୍ଟନ କରିଛନ୍ତି। ବୈଦେଶ୍ୱର ଡାକ୍ତରଖାନାରେ ପହଞ୍ଚି ବାଙ୍କୀ

- ଗାଁରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍
- ପରୀକ୍ଷା ପାଇଁ ପଠାଗଲା ଜଳ ନମୁନା

ଏସ୍‌ଡିଏମ୍ ବନବାସୀ ବେହେରା, ସୁବର୍ଣ୍ଣପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅମରେଶ ସାହୁ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଅସୁସ୍ଥମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। କଟକ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରିଣୀ ଅମ୍ରିତା ଦାସ ଘଟଣାସ୍ଥଳରେ ପହଞ୍ଚି ଭୋଜି ଆୟୋଜିତ ହୋଇଥିବା ସ୍ଥାନରୁ ଜଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିବା ଜଣାପଡ଼ିଛି। ତେବେ ଭୋଜିରେ ବ୍ୟବହୃତ ହୋଇଥିବା ବିଷାକ୍ତ କୂଅ ଜଳ ପାଇଁ ଏଭଳି ଝାଡ଼ାବାନ୍ତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ବିଶ୍ରା ଉଡୁସୁ ସରକାରୀ ବିଦ୍ୟାଳୟ

# ମଧ୍ୟାହ୍ନ ଭୋଜନ ଖାଇ ୩୩ ଛାତ୍ରଛାତ୍ରୀ ଅସୁସ୍ଥ

ରାଉରକେଲା/ବିଶ୍ରା,୧୮।୨(ସମିସ): ମଧ୍ୟାହ୍ନଭୋଜନ ଖାଇ ବିଶ୍ରା ବ୍ଲକ୍ ଉଡୁସୁ ସରକାରୀ ବିଦ୍ୟାଳୟର ୩୩ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସ୍କୁଲରେ ଆଜି ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୩୦୦ ଛାତ୍ରଛାତ୍ରୀ ପଢ଼ନ୍ତି। ସେମାନଙ୍କ ନିମନ୍ତେ ଆଜି ଅକ୍ଷୟ ପାତ୍ର ଫାଉଣ୍ଡେସନ ପକ୍ଷରୁ ମଧ୍ୟାହ୍ନ ଭୋଜନ ପହଞ୍ଚିବା ପରେ ପ୍ରଥମେ ପ୍ରାୟ ୧୦୦ଜଣ ଛାତ୍ରଛାତ୍ରୀ ଭାତ, ଡାଲମା ଖାଇଥିଲେ। ଖାଇ ସାରିବାର କିଛି ସମୟ ପରେ କେତେକ ଛାତ୍ରଛାତ୍ରୀଙ୍କ ବାନ୍ତି ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୨୫ ଜଣଙ୍କୁ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖାଦ୍ୟରେ ବିଷକ୍ରିୟା ହୋଇଥିବା ଜଣାପଡ଼ିବା ପରେ ତଦନୁଯାୟୀ ସେମାନଙ୍କୁ ଚିକିତ୍ସା କରାଯାଇଥିଲା। ପୁନର୍ବାର ୮ ଜଣ ଛାତ୍ରଛାତ୍ରୀଙ୍କ ବାନ୍ତି ହେବା ସହ ସେମାନେ ଗୁରୁତର ହୋଇପଡ଼ିବାରୁ ସେମାନଙ୍କୁ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ବିଶ୍ରା ବ୍ଲକ୍ ଶିକ୍ଷା ଅଧିକାରୀ



ସୁପ୍ରସାଦ ବେହେରା, ଏବିଇଓ ସତ୍ୟଭାମା ବେହେରା, ସିଆର୍‌ସିଏସ୍ କଳ୍ପନା ସାହୁ, ସରପଞ୍ଚ ଦୁଲାରୀ ଖାଖା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟା ପ୍ରଧାନ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତେବେ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ହେବାରୁ ସମସ୍ତଙ୍କୁ ଛାଡ଼ି ଦିଆଯାଇଥିଲା। ଏ ସଂପର୍କରେ ବିଇଓ ଶ୍ରୀ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ ଫୁଡ୍ ପଏଜନିଂର କାରଣ ସଂପର୍କରେ ଏଯାଏ କିଛି ଜଣାପଡ଼ିନାହିଁ। ଭାତ, ଡାଲମା ଏବଂ ପିଇବା ପାଣିର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଏଥିପାଇଁ ଯିଏ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଆଇଏଏସ୍ ବିଷ୍ଣୁପଦଙ୍କ ଘରେ ସିବିଆଇ ଚଢ଼ଉ

- ମୁଁ ନିର୍ଦ୍ଦୋଷ, ବିନା କାରଣରେ ହଇରାଣ କରାଯାଉଛି: ବିଷ୍ଣୁପଦ
- ମହିଳା ଅଧିକାରୀଙ୍କ ବିନା ବଳପୂର୍ବକ ଚଢ଼ଉକୁ ବିରୋଧ
- ଚଢଉକୁ ବିରୋଧ କରି ବିଷ୍ଣୁପଦ ଇସ୍ତଫା ଦେଇଥିବା ଚର୍ଚ୍ଚା

ଭୁବନେଶ୍ୱର,୧୮।୨(ସମିସ): ବ୍ରିଜ ଆଣ୍ଡ ରୁଫ କମ୍ପାନୀ ଲାଞ୍ଚ କାରବାର ମାମଲାରେ ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ଚଢ଼ଉ କରିଛି ସିବିଆଇ। ସକାଳ ୬ଟାରେ ସିବିଆଇର ୮ ଜଣିଆ ଟିମ ତାଙ୍କ ଘରେ ପଶି ସାରା ଘର ତଲାସୀ ନେଇଛି। ଶୋଇବାଘରଠାରୁ ଆରମ୍ଭ କରି ରୋଷେଇଘର, କାର ଡ଼ିକି ପର୍ଯ୍ୟନ୍ତ ସବୁଠି ଖାନତଲାସୀ କରିଛି। ଚଢ଼ଉ ଚାଲିଥିବା ସମୟରେ ସିବିଆଇ ଅଧିକାରୀମାନେ ବିଷ୍ଣୁପଦଙ୍କୁ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଅଥୟ କରି ଦେଇଛନ୍ତି। ଏପରିକି ଏହି ସମୟରେ କିଛି ଗଣମାଧ୍ୟମ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ତଥ୍ୟ ସଂଗ୍ରହ କରୁଥିବାବେଳେ ସିବିଆଇ



ଅଧିକାରୀମାନେ ସେମାନଙ୍କୁ ନାଲିଆଖି ଦେଖାଇଥିବା ମଧ୍ୟ ଅଭିଯୋଗ ହୋଇଛି । ଭୁବନେଶ୍ୱରରେ ଶ୍ରୀ ସେଠୀଙ୍କ ବାସଭବନ ସହ ତାଙ୍କର ପୈତୃକ ଘର ଜଳେଶ୍ୱର ନିକଟବର୍ତ୍ତୀ ନରସିଂହପୁରରେ ମଧ୍ୟ ଚଢ଼ଉ କରିଛି । ଚଢ଼ଉ ପରେ ସିବିଆଇ ଅଧିକାରୀମାନେ ଫେରିଯାଇଥିଲେ ହେଁ କ'ଣ ସେମାନଙ୍କୁ ମିଳିଛି କିଛି ସ୍ପଷ୍ଟ କରିନାହିଁ।

ଅନ୍ୟପକ୍ଷରେ ସିବିଆଇ ଚଢ଼ଉକୁ ନେଇ ବିଷ୍ଣୁପଦ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଜଣେ ବରିଷ୍ଠ ଅଧିକାରୀ ହୋଇଥିବା ସତ୍ତ୍ୱେ ବିନା ଦୋଷରେ ମୋତେ ହଇରାଣ କରାଯାଉଛି, ମୋ ବିରୋଧରେ ଷଡ଼ଯନ୍ତ୍ର ହୋଇଛି । ମହିଳା ଅଧିକାରୀଙ୍କ ବିନା ମୋ ଘରେ ସିବିଆଇ ଅଫିସରମାନେ ବଳପୂର୍ବକ ପ୍ରବେଶ କରିଛନ୍ତି । ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ସହ ମୋର କିଛି ସମ୍ପର୍କ ନାହିଁ। ଚଞ୍ଚଲ ମୁଖାର୍ଜୀ ଲାଞ୍ଚ ମାମଲାରେ ତାଙ୍କର କିଛି ଭୂମିକା ନାହିଁ। ସେ କାହାଠାରୁ ଲାଞ୍ଚ ନେଇ ନାହାନ୍ତି । ସିବିଆଇ ନୋଟିସ ପାଇ ସେ ହାଜର ହୋଇଛନ୍ତି ଓ ଯାହା ଦସ୍ତାବିଜ୍ ତାଙ୍କୁ ମଗା ଯାଇଥିଲା ସେ ତାହାକୁ ପ୍ରଦାନ କରିଛନ୍ତି । ଏହା ସତ୍ତ୍ୱେ ତାଙ୍କୁ ବିନା କାରଣରେ ନିନ୍ଦିତ କରାଯାଇଛି ଓ ହଇରାଣ କରାଯାଉଛି । ଅନେକ ବିଭାଗରେ ବ୍ରିଜ୍ ଏଣ୍ଡ ରୁଫ୍ କମ୍ପାନୀ କାମ କରିଛି । ସେଗୁଡ଼ିକୁ ଯାଞ୍ଚ ନ କରି କେବଳ ତାଙ୍କ ଘରେ ଚଢ଼ଉ କରାଯାଉଛି ବୋଲି ଶ୍ରୀ ସେଠୀ କହିଛନ୍ତି ।

ଏହାମଧ୍ୟରେ ସିବିଆଇ ରେଡ୍‌କୁ ବିରୋଧ କରି ବିଷ୍ଣୁପଦ ଇସ୍ତଫା ଦେଇଥିବା ଆଲୋଚନା ହେଉଛି । ମୁଖ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ଲିଖିତ ଶ୍ରୀ ସେଠୀଙ୍କ ନାମ ସ୍ୱାକ୍ଷର ହୋଇଥିବା ଏକ ହାତଲେଖା ଚିଠି ଭାଇରାଲ ହୋଇଛି । ମାତ୍ର ଏହି ଚିଠି ବାସ୍ତବରେ ଶ୍ରୀ ସେଠୀ ଲେଖିଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ମୋ ବିରୋଧରେ ଏତଲା ନ ଥାଇ ରେଡ୍ କରାଯାଇଛି। ସିବିଆଇର ଏହି ରେଡ୍ ଦ୍ୱାରା ମୁଁ ଏଯାଏ ଅର୍ଜିଥିବା ସବୁ ମାନ ସମ୍ମାନ ହରାଇଛି। ମୋର ଆଉ ଭବିଷ୍ୟତ କିଛି ନାହିଁ। ଏହି ରେଡ୍ ପ୍ରତିବାଦରେ ମୁଁ ଇସ୍ତଫା ଦେଉଛି ବୋଲି ଚିଠିରେ ଉଲ୍ଲେଖ ରହିଛି।

ଡିସେମ୍ବର ୮ ତାରିଖ ରାତିରେ ଭୁବନେଶ୍ୱରର ଏକ ତାରକା ହୋଟେଲ୍ ନିକଟରୁ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଲିମିଟେଡ ନିର୍ଦ୍ଦେଶକ ଚଞ୍ଚଲ ମୁଖାର୍ଜୀ ଜଣେ ଠିକାଦାରଙ୍କଠୁ ଲାଞ୍ଚ ନେବା ବେଳେ ମାଡି ବସିଥିଲା ସିବିଆଇ। ଚଞ୍ଚଲଙ୍କ ସହ ଠିକାଦାର ସନ୍ତୋଷ ମହାରଣା ଏବଂ ମଧ୍ୟସ୍ଥି ଦେବଦତ୍ତ ମହାପାତ୍ରଙ୍କୁ ଗିରଫ କରି ଆରମ୍ଭ କରିଥିଲା ଖୋଲତାଡ଼। ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ ସହ ବିଷ୍ଣୁପଦ ସେଠୀଙ୍କ ସମ୍ପୃକ୍ତି ସନ୍ଦେହରେ ଡିସେମ୍ବର ୧୧ ତାରିଖରେ ହାଜର ହେବାକୁ ବିଷ୍ଣୁପଦଙ୍କୁ ସିବିଆଇ ନୋଟିସ କରିଥିଲା ଓ ସେ ଏହାର ଉତ୍ତର ରଖିଥିଲେ। ପରବର୍ତ୍ତୀ ସମୟରେ ବିଷ୍ଣୁପଦଙ୍କ ଦୁଇ ଡ୍ରାଇଭରଙ୍କୁ ମଧ୍ୟ ସିବିଆଇ ଜେରା କରିଥିଲା।

# ବର୍ଷକୁ ମରୁଛନ୍ତି ୮୧ ହାତୀ

ଭୁବନେଶ୍ୱର,୧୮।୨(ସମିସ): ରାଜ୍ୟରେ ଏବେ ୨୧୦୩ ଟି ହାତୀ ଅଛନ୍ତି। ୨୦୨୪ ମସିହା ନଭେମ୍ବର ମାସରେ ହୋଇଥିବା ହାତୀ ଗଣନା ତଥ୍ୟ ଆଧାରରେ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ଏହି ଉତ୍ତର ରଖିଛନ୍ତି। ଅନ୍ୟପଟେ ଏହି ସଂଖ୍ୟକ ହାତୀଙ୍କ ଜୀବନ ସୁରକ୍ଷାକୁ ନେଇ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ରାଜ୍ୟରେ ବର୍ତ୍ତମାନ ବର୍ଷକରେ ହାରାହାରି ୮୧ଟି ହାତୀଙ୍କର ମୃତ୍ୟୁ ହେଉଥିବା ନେଇ ମନ୍ତ୍ରୀ

- କଟକରେ ୧୩୨ ହାତୀ, ଖୋର୍ଦ୍ଧାରେ ୮୩
- ମୟୂରଭଞ୍ଜରେ ସର୍ବାଧିକ ୨୯୫ ହାତୀ

କହିଛନ୍ତି। ମୁଖ୍ୟତଃ ଶିକାର, ବିଦ୍ୟୁତ ଆଘାତ, ରେଳ ଦୁର୍ଘଟଣା, ସଡ଼କ ଦୁର୍ଘଟଣା, ବିଭିନ୍ନ ପ୍ରକାର ରୋଗ, ଲୋକଙ୍କର ପ୍ରତିଶୋଧ ମନୋଭାବ କଳହ, ପାହାଡରୁ ପଡ଼ି, ଦଳିହୋଇ, ବୟସାଧିକ କାରଣ ଆଦି ଯୋଗୁଁ ହାତୀଙ୍କର ମୃତ୍ୟୁ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି।

ବିଭାଗର ତଥ୍ୟ ଅନୁଯାୟୀ ମୟୂରଭଞ୍ଜରେ ସର୍ବାଧିକ ୨୯୫ଟି ହାତୀ ଥିବାବେଳେ ଢେଙ୍କାନାଳରେ ୨୯୧, ଅନୁଗୁଳରେ ୨୫୪, କେନ୍ଦୁଝରରେ ୧୯୫, ସୁନ୍ଦରଗଡ଼ରେ ୧୭୯ ଓ ସମ୍ବଲପୁରରେ ୧୪୦ ହାତୀ ଅଛନ୍ତି। କଟକରେ ୧୩୨, ଖୋର୍ଦ୍ଧାରେ ୮୩, ନୟାଗଡ଼ରେ ୫୬, ବାଲେଶ୍ୱରରେ ୫୪, ଗଞ୍ଜାମରେ ୯୩, ଗଜପତିରେ ୯, କନ୍ଧମାଳରେ ୫୪, ବୌଦ୍ଧରେ ୧୬, ସୁବର୍ଣ୍ଣପୁରରେ ୩, ବଲାଙ୍ଗୀରରେ ୪୨, କଳାହାଣ୍ଡିରେ ୯୫, ଝାରସୁଗୁଡାରେ ୧, ଦେବଗଡ଼ରେ ୧୦୭, ବରଗଡରେ ୩, ରାୟଗଡାରେ ଗୋଟି ହାତୀ ଅଛି। ହାତୀ ଖାଦ୍ୟ ସନ୍ଧାନରେ ଜଙ୍ଗଲରୁ ଜଙ୍ଗଲକୁ ଘୁରି ବୁଲୁଥାନ୍ତି। ବେଳେବେଳେ ସେମାନେ ଗ୍ରାମ ମଧ୍ୟକୁ ପଶି ଆସିଥାନ୍ତି। ଯାହା ଫଳରେ ହାତୀ ଓ ମଣିଷମାନଙ୍କ ମଧ୍ୟରେ ସଂଘର୍ଷ ଘଟିଥାଏ। ତେବେ ଏହାର ପ୍ରତିକାର ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ପୁଣି ଗୋଟିଏ ଦନ୍ତାକୁ ମାରିଦେଲେ

ଦେବଗଡ଼,୧୮।୨(ସମିସ): ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ୍ ଅନ୍ତର୍ଗତ ଗରିଆମାଳ ଗ୍ରାମରେ ଆଜି ସକାଳୁ ୩୦ ବର୍ଷୀୟ ଦନ୍ତା ହାତୀର ମୃତଦେହ ଠାବ ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ହାତୀକୁ ହତ୍ୟା କରାଯାଇଥିବା ବନ ବିଭାଗ ସନ୍ଦେହ କରୁଛି। ହାତୀର ପାଟି ତଳେ କ୍ଷତଚିହ୍ନ ଥିବାରୁ ଶିକାର ପାଇଁ ଖାଦ୍ୟ ଆଳରେ ଥୁଆ ହୋଇଥିବା ବିସ୍ଫୋଟକ ଖାଇ ଦନ୍ତାର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେବେ ସ୍ଥାନୀୟ ଲୋକଙ୍କ



କହିବାନୁଯାୟୀ, ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଛି। ଖବର ପାଇ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋ ବିଭାଗୀୟ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ବ୍ୟବଚ୍ଛେଦ କରାଯିବା ପରେ ସେହିଠାରେ ହିଁ ହାତୀକୁ ପୋତି ଦିଆଯାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନଖଣ୍ଡ ଅଧିକାରୀ ଶ୍ରୀ ରାଓସୋ କହିଛନ୍ତି।




# ଆବାସ ସର୍ଭେରେ ବାଧକ ବୈଷୟିକ ତ୍ରୁଟି

ବଲାଙ୍ଗିର, ୧୮।୨(ସମିସ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା। ଗରୀବଙ୍କ ମୁଣ୍ଡକୁ ଛାତ ଯୋଗାଇବାର ଲକ୍ଷ୍ୟ ନେଇ ଚାଲିଛି।ହେଲେ ତୃଣମୂଳସ୍ତରରେ ଯୋଜନା ଲକ୍ଷ୍ୟ ବିଚ୍ୟୁତ୍ ହୋଇଥିବା ବେଳେ ଗରୀବମାନେ ଯୋଜନାରୁ ବଞ୍ଚିତ ହେଉଛନ୍ତି। ମନମୁଖୀ ସର୍ଭେ କାମ ଯୋଗୁଁ ପ୍ରକୃତ ହିତାଧିକାରୀ ଯୋଜନାରୁ ବାଦ ପଡୁଛନ୍ତି। କେତେବେଳେ ବୈଷୟିକ

**ଘର ପାଇଁ ଜିଲ୍ଲାପାଳଙ୍କ ନିକଟକୁ ଧାଉଁଛନ୍ତି ଲୋକ**

**ମେସିନରେ ଆସୁନି ଫିଙ୍ଗରପ୍ରିଣ୍ଟ, ଦେଖାଉନି ଗାଁ ର ନାଁ**

ତ୍ରୁଟି ତ ଆଉ କେତେବେଳେ ମେସିନରେ ଫିଙ୍ଗରପ୍ରିଣ୍ଟ ଆସୁନଥିବାରୁ ଆବାସ ସର୍ଭେ ହୋଇପାରୁନଥିବା ଅଭିଯୋଗ ସାମ୍ନାକୁ ଆସିଛି।



ମଙ୍ଗଳବାର ସକାଳେ ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଜିଲ୍ଲାର ଲୋଇସିଂହା, ପୁଇଁତଲା ଏବଂ ସଦର ବ୍ଲକରୁ ମହିଳା ପୁରୁଷମାନେ ଆସିଥିଲେ।ସମସ୍ତଙ୍କର ସମାନ ସମସ୍ୟା।ତାଙ୍କର ଆବାସ ସର୍ଭେ ହୋଇପାରୁନି। ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଅର୍ନ୍ତଗତ ବାଦିବାହାଲ ଗ୍ରାମରୁ ଆସିଥିବା ନିର ନାଗ, ପଦ୍ମିନୀ ନାଗ, ସାବିତ୍ରୀ ନନ୍ଦ, ମମତା ନାଗ ଓ ନିରପମା ନାଗଙ୍କ କହିବା ଅନୁସାରେ ବାଦିବାହାଲ ପଞ୍ଚାୟତର ଅନ୍ୟ ଗାଁମାନଙ୍କରେ ଆବାସ ଘର ପାଇଁ ସର୍ଭେ କାମ ଚାଲିଥିବା ବେଳେ ବାଦିବାହାଲ ଗ୍ରାମରେ ତାହା କରାଯାଉନାହିଁ। ସେମାନେ ପୂର୍ବରୁ ଆବାସ ଘର ପାଇଁ ଆବେଦନ କରିଥିଲେ ଏବଂ ଆବାସ ପାଇବାକୁ ଯୋଗ୍ୟ ଥିଲେ ହେଁ ତାଙ୍କର ସର୍ଭେ ନହେବା ତାଙ୍କୁ ଚକିତ କରିଛି। ଯାହାଫଳରେ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଏ ସମ୍ପର୍କରେ ବାଦିବାହାଲ ପଞ୍ଚାୟତର ପିଇଓଙ୍କୁ ପଚାରିବାରୁ ସେ କହିଥିଲେ ଯେ ବୈଷୟିକ ତ୍ରୁଟି ଯୋଗୁଁ ସର୍ଭେ ମେସିନରେ ବାଦିବାହାଲ ଓ ଅନ୍ୟ କିଛି ଗାଁର ନାମ ଆସୁନାହିଁ। ତ୍ରୁଟି ସୁଧାର କରି ସେମାନଙ୍କର ସର୍ଭେ କରାଯିବ ବୋଲି କହିଥିଲେ। ସେହିଭଳି ପୁଇଁତଲା ବ୍ଲକ ରଣ୍ଡା ପଞ୍ଚାୟତର ମେହେରମୁଣ୍ଡା ଗ୍ରାମରୁ ଆସିଥିବା ନିତ୍ୟା ବାଙ୍କ(୯୨)ଙ୍କ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ତାଙ୍କର ଅସୁବିଧା କଣ ହୋଇଛି ତାହା ଜାଣିବାକୁ ଆମେ ରଣ୍ଡା ପଞ୍ଚାୟତର ସରପଞ୍ଚ ବିଦ୍ୟୁତ ମାଝୀଙ୍କୁ ଯୋଗାଯୋଗ କରିଥିଲୁ। ସେ କହିଥିଲେ ଯେ ମେସିନରେ ତାଙ୍କର ଫିଙ୍ଗରପ୍ରିଣ୍ଟ ନଆସିବାରୁ ସର୍ଭେ ହୋଇପାରିଲା ନାହିଁ। ପରବର୍ତ୍ତି ସମୟରେ ପୁଣି ତାଙ୍କର ସର୍ଭେ କରାଯିବ। ସଦର ବ୍ଲକ ଅର୍ନ୍ତଗତ ମାଧିଆପାଲି ପଞ୍ଚାୟତର ବିରମୁଣ୍ଡା ଗ୍ରାମରୁ ଆସିଥିବା ରାଏମତି ଖର୍ସେଲ(୬୦)ଙ୍କ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ଏହାତ କିଛି ଅଭିଯୋଗ ଯାହା ସାମ୍ନାକୁ ଆସିଛି। ଏଭଳି ହଜାର ହଜାର ହିତାଧିକାରୀ ରହିଛନ୍ତି ଯେଉଁମାନେ ବୈଷୟିକ ତ୍ରୁଟି ଯୋଗୁଁ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷେ ଏହି ବୈଷୟିକ ତ୍ରୁଟି ସମସ୍ୟାର ସମାଧାନ କରିବାକୁ କଣ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଜଣାନାହିଁ। ବର୍ତ୍ତମାନ ସମୟରେ ସରକାରୀ ସହାୟତା ପାଇ ଘର ଖଣ୍ଡିଏ ନିର୍ମାଣ କରିବାକୁ ଗରୀବ ଲୋକେ ଅଫିସ ଧାଉଁଛନ୍ତି। ଅନ୍ତତଃ ବୈଷୟିକ ତ୍ରୁଟି ପାଇଁ ସେମାନେ ଯେମିତି ଯୋଜନାରୁ ବାଦ ନପଡ଼ିବେ। ସରକାର ଓ ପ୍ରଶାସନ ଏ ଦିଗରେ ଯତ୍ନବାନ ହୁଅନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ଆୟୁର୍ବେଦିକ କଲେଜ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ



**ବଲାଙ୍ଗିର, ୧୮।୨(ସମିସ):** ଆୟୁର୍ବେଦିକ କଲେଜ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡଣ୍ଟବୃଦ୍ଧି, ଆୟୁଷ ନିର୍ଦ୍ଦେଶକଙ୍କ ବଦଳି ଓ ଅନ୍ୟାନ୍ୟ ଦାବି ନେଇ ମଙ୍ଗଳବାର ଆୟୁର୍ବେଦିକ କଲେଜ ସମ୍ମୁଖରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନ କରିଛନ୍ତି।ସାରା ଦେଶରେ ଆୟୁଷ ବିଭାଗର ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଉଥିଲେ ହେଁ ଓଡ଼ିଶାରେ ତାହା ଶୂନ ରହିଛି।କେବଳ ରୋଗୀସେବାରେ ଅବହେଳା କରାଯାଉଛି ତାହା ନୁହେଁ। ଆୟୁର୍ବେଦିକ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରାଯାଉନାହିଁ ବୋଲି ଛାତ୍ରଛାତ୍ରୀ ଅଭିଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରିବାକୁ ନିର୍ଦ୍ଧାରଣ କରାଯାଇଥିଲେ ହେଁ ଆୟୁଷ ଡାଇରେକ୍ଟର ତାକୁ ବାତିଲ କରିଥିବା କହିଥିଲେ। ତେଣୁକରି ତାଙ୍କର ବଦଳି କରିବାକୁ ସେମାନେ ଦାବି କରିଥିଲେ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଚେତବନୀ ଦେଇଥିଲେ।

## ପୂର୍ବତନ ସରପଞ୍ଚ ପ୍ରକାଶ ରାଏଙ୍କ ଦେହାନ୍ତ

**ଲୋଇସିଂହା, ୧୮।୨(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଅଞ୍ଚଳର ଜଣେ ଜଣାଶୁଣା ଯୁବନେତା ପ୍ରକାଶ ଚନ୍ଦ୍ର ରାଏଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୦ ବର୍ଷ ହୋଇଥିବା



ବେଳେ ସେ ଗତ କିଛି ଦିନ ହେଲା ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ଶ୍ରୀ ରାଏ ୨୦୦୨ରେ ପଞ୍ଚାୟତ ନିର୍ବାଚନରେ ସରପଞ୍ଚଭାବେ ବିଜୟୀ ହୋଇଥିଲେ। ସେ ପଞ୍ଚାୟତରେ ଅନେକ ଉନ୍ନତିମୂଳକ କାମ ହାତକୁ ନେଇଥିଲେ। ସାପ୍ତାହିକ ବଜାର ଠାରୁ ଆରମ୍ଭ କରି ଜଳାଶୟ ପୁନରୁଦ୍ଧାର, ରାସ୍ତାଘାଟ ସହ ସ୍ଥାନୀୟ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦୀର୍ଘବର୍ଷ ଧରି ସେ କଂଗ୍ରେସ ଦଳ ସହ ଜଡିତ ରହିଥିବା ବେଳେ କିଛି ବର୍ଷ ହେଲା ସେ ସ୍ୱାସ୍ଥ୍ୟଗତ କାରଣରୁ ରାଜନୀତିରେ ଦୂରେଇ ରହିଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ଅନେକ ବୁଦ୍ଧିଜୀବୀ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଶବାଧାରରେ ପରିବାର ଲୋକ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ।

**ଚାନ୍ଦିଲିପାହାଡ଼ ଓ ଚାଷଜମି ପରିଦର୍ଶନ କଲେ ଜିଲ୍ଲାପାଳ**

## ଜିଲ୍ଲା କୃଷି ଅଧିକାରୀ ଓ ଚାଷୀଙ୍କ ସହ ଆଲୋଚନା

**ଦେଓଗାଁ, ୧୮।୨(ସମିସ):**ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଦେଷଣ୍ଡ ନିକଟସ୍ଥ ପର୍ଯ୍ୟଟନସ୍ଥଳୀ ଚାନ୍ଦିଲି ପାହାଡ଼ ଓ ଦେଓଗାଁ, କଛାରପାଲିକୁ ମଙ୍ଗଳବାର ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱର ପରିଦର୍ଶନ କରିଛନ୍ତି। ପ୍ରଥମେ ଚାନ୍ଦିଲି ପାହାଡ଼କୁ ଯାଇ ପରିଦର୍ଶନ କରିବାପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ସେଠାରେ ଶିଳାଲିପି, ସୀତାକୁଣ୍ଡ, ସତ୍ୟ ବଟବୃକ୍ଷ, ଭୀମଖୋଜ, ଶିବପାର୍ବତୀ, ଚୌକି, ପ୍ରସ୍ତରର ସପ୍ତଫେଣୀ, ସପ୍ତଋଷି ଶିଳା ଆଶ୍ରମ, ଶିବଲିଙ୍ଗ, ପଥର ଆକୃତି ଗରୁଡ, ୧୪ରୁ ଉର୍ଦ୍ଧ୍ୱ ଛୋଟଛୋଟ ସମତଳ ପାହାଡ, ଦୁର୍ଗାଙ୍କ ଶିଳା, ଚାଳିଶରୁ ଉର୍ଦ୍ଧ୍ୱ ଗୁମ୍ଫା ରହିଛି। ଏ ସବୁର ବିକାଶ ଲାଗି ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ କରିବା ପାଇଁ ପର୍ଯ୍ୟଟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏହାସହ ନିକଟସ୍ଥ ମେହେରକଟାର ଉନ୍ନତି ପାଇଁ ୬ କୋଟି ୭୪ ଲକ୍ଷ ଟଙ୍କାର ଡିପିଆର ପଠାଯାଇଛି।ଏହାବାଦ ପାହାଡର ପଛପଟେ ଥିବା ଶ୍ରୀରାମ ନାଳାର ଉନ୍ନତି ପାଇଁ ୨ ଟି ପର୍ଯ୍ୟାୟରେ ତିନି କୋଟିର ଡିପିଆର ପ୍ରଦାନ କରାଯିବ ବୋଲି



ଜିଲ୍ଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ବିଡିଓ ପ୍ରିୟରଞ୍ଜନ କୁମାର, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଚାନ୍ଦିଲି ପାହାଡ଼ କମିଟି ଆବାହକ ଲକ୍ଷ୍ମଣ କୁମାର ମେହେର, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରାଚୀ ପରମିତା ସାବତ, ଯନ୍ତ୍ରୀ ପ୍ରଶାନ୍ତ କୁମାର ନାଏକ, ସ୍ଥାନୀୟ ସରପଞ୍ଚ ଯଶୋଦା ମେହେର, ବନ୍ଧପଡ଼ା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ପୂର୍ବତନ ସରପଞ୍ଚ ସ୍ୱୟମ୍ବର ମେହେର, କମିଟୀ ସଭାପତି ରାଧେଶ୍ୟାମ ମେହେର, ଘାସିରାମ ରଣା, ରଘୁମଣି ରଣା, ୱାର୍ଡ ସଭ୍ୟା ବନିତା ରଣା, ଦୁର୍ମିଳା ରଣା, ସୁରେନ୍ଦ୍ର ସାଏ, ଇନ୍ଦ୍ରଜିତ ରାଉତ, ସତ୍ୟନାରାୟଣ ଷଡଙ୍ଗି, ବନମାଳି ମେହେର, ବିଦ୍ୟାଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲ୍ଲାପାଳ ଦେଓଗାଁ ଓ କଛାରପାଲି ଗାଁକୁଯାଇ ଚାଷୀଙ୍କ ସହ ରବିଋତୁରେ ହୋଇଥିବା ମୁଗ ଓ ବିରି ଚାଷ ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ଜିଲ୍ଲା କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ଗ୍ରାମ୍ୟକୃଷି କର୍ମୀ ଦୁଖସାରୀ ପଟେଲ, କଲ୍ୟାଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜୟ ଡଙ୍ଗର ବୁଢ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ମୁରିବାହାଲ, ୧୮।୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ଖେଳପଡ଼ିଆରେ ଜୟ ଡଙ୍ଗର ବୁଢା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଇଲେଭେନ ବ୍ରଦର ଫୁଟବଲ ଆସୋସିଏସନ ତରଫରୁ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ହଳଦୀ ସହିତ ତୁର୍ଲା ଦଳର ଖେଳ ହୋଇଥିଲା। ତୁର୍ଲା ଦଳ ୨ ଟି ଗୋଲ କରିଥିବା ବେଳେ ହଳଦୀ ଦଳ ୩ ଟି ଗୋଲ କରି ତୁର୍ଲା ଦଳକୁ ପରାସ୍ତ କରିଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ହଳଦୀ ସମିତି ସଭ୍ୟ ଟୁନାମଣୀ ମହାନନ୍ଦ ଓ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଫୁଟବଲ ଖେଳାଳି ବଳରାମ ସା, ସୁବାଷ ଚନ୍ଦ୍ର ପଟନାୟକ, କୃତୀ ହାତୀ, ହିମାଂଶୁ ହାତୀ, ହଳଦୀ ପୂର୍ବତନ ସରପଞ୍ଚ ହୃଷିକେଶ ବାଗ ଯୋଗ ଦେଇଥିଲେ। ଖେଳକୁ ରେଫରୀ ଆଶୀର୍ବାଦ ସାହା, ଆଶିଷ ଦେବ ସାହା, ଅଶ୍ୱିନି ଭୁକ୍ତା ଓ ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ।କମିଟିର ସଭାପତି ଯଶୋବନ୍ତ ଭୋଇ, ଉପସଭାପତି ମନୋଜ କୁମାର ପୂଝରୀ, ସହ ସମ୍ପାଦକ ରାଜୀବ ହାତୀ, ରବି ପୋଢ଼, ହେମରାଜ ବାଗ, କ୍ଷୀରସିନ୍ଧୁ ପାତ୍ର, ଚିତ୍ରସେନ ହାତୀ, ସୁନୀଲ ହାତୀ, ବିକି ସିଂ ଭୋଇ, ଝୁନୁ ପୋଢ଼ ଉପସ୍ଥିତ ରହି ସହଯୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଅଞ୍ଚଳର ଅନେକ ଦଳ ଭାଗ ନେବେ ବୋଲି କମିଟି ପ୍ରକାଶ କରିଛି।

## ବ୍ଲକ୍‌ସ୍ତରୀୟ 'ନିପୁଣ ଓଡ଼ିଶା'ମେଳା



**ବଙ୍ଗୋମୁଣ୍ଡା, ୧୮।୨ (ସମିସ):** ବଙ୍ଗୋମୁଣ୍ଡା ବ୍ଲକ ଚମାର ମେହେର ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ନିପୁଣ ମେଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ବୈକୁଣ୍ଠ ନାଥ ଶବରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବଙ୍ଗୋମୁଣ୍ଡା ଜିପି ସରପଞ୍ଚ ଅଜିତ ଯୋଶୀ ଯୋଗ ଦେଇ ମେଳାର ଶୁଭ ଉଦଘାଟନ କରିଥିଲେ। ପରେ ବିଇଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବରେ ଏବିଇଓ ଅରୁଣ କୁମାର ଯୋଶୀ ସମ୍ମାନିତ ଅତିଥି ଭାବରେ ଅନ୍ୟତମ ଏବିଇଓ ସୋମନାଥ ମଙ୍ଗରାଜ, ଚୈତନ୍ୟ ଧାରୁଆ, ବିଦ୍ୟଳୟର ପ୍ରଧାନଶିକ୍ଷକ ପଙ୍କଜ ମେହେର, ସିଆରସିସି ଜିତାମିତ୍ର ବିଶି ଏବଂ ବିଶିଷ୍ଟ ଅତିଥି ଭାବରେ ବଙ୍ଗୋମୁଣ୍ଡା ଶିଶୁ ମନ୍ଦିରର ସମ୍ପାଦକ ଶିକ୍ଷବିତ୍ ଓ ସାମ୍ବାଦିକ ଅନିଲ କୁମାର ଖମାରି ଯୋଗ ଦେଇଥିଲେ। ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କ୍ଲପରେ ବୀଣାପାଣି ପୂଜନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ବ୍ଲକର ୧୧ଟି ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ଶତାଧିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶିକ୍ଷଣ ସାମଗ୍ରୀ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ପ୍ରଦର୍ଶନ କରାଯାଇଥିଲା।ଏଫଏଲଏନ ଶିକ୍ଷକଶିକ୍ଷୟିତ୍ରୀ ଶିକ୍ଷଣ ସାମଗ୍ରୀ ସମ୍ବନ୍ଧରେ କିପରି ବିଦ୍ୟାଳୟ ରେ ବ୍ୟବହାର କରାଯାଏ ତାହା ଉପସ୍ଥିତ ଅତିଥି ଏବଂ ଅଭିଭାବକଙ୍କୁ ବୁଝାଇଥିଲେ। ସ୍ଥାନୀୟ ସିଆର ସିସି ଜିତମିତ୍ରା ବିଶି ନିପୁଣ ଓଡ଼ିଶାର ସପଥ ପାଠ କରାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଇଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଦ୍ୱାରା ନିପୁଣ ମେଳା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମସ୍ତ ଏଫଏଲ୍‌ଏନ ଛାତ୍ରଛତ୍ରୀଙ୍କୁ ମାନପତ୍ର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା।କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ବ୍ଲକର ସମସ୍ତ କ୍ଲଷ୍ଟରର ସିଆରସିସି ବିଭିନ୍ନ ବିଦ୍ୟଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଅନଲାଇନ୍ ଋଣ ନାମରେ ଠକେଇ ଅଭିଯୋଗ

**ଲୋଇସିଂହା, ୧୮।୨(ସମିସ):** ଅନଲାଇନ୍ ଋଣ ନାମରେ ଠକେଇ ଅଭିଯୋଗ। ଋଣ ଆପ୍ରୁଭ ହୋଇଥିବା କହି ବିଭିନ୍ନ ବାହାନା କରି ଲୋଇସିଂହା ଅଞ୍ଚଳରେ ଜଣେ ଯୁବକଙ୍କ ଠାରୁ ଠକେଇ କରିଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଲୋଇସିଂହା ଅଞ୍ଚଳର ଜଣେ ଯୁବକଙ୍କ ପାଖକୁ ଧନି ଆପ ନାମରେ ଏକ ମେସେଜ ଆସିଥିଲା। ଉକ୍ତ ମେସେଜରେ ତାଙ୍କର ଏକ ଲକ୍ଷ ଟଙ୍କାର ଋଣ ମଞ୍ଜୁର ହୋଇଥିବା କହିବା ସହ ସେ ସମ୍ପର୍କିତ ଏକ ଚିଠି ମଧ୍ୟ ଦିଆଯାଇଥିଲା। ଉକ୍ତ ମଞ୍ଜୁର ଋଣ ଟଙ୍କା ପାଇବା ପାଇଁ ତାଙ୍କୁ ପ୍ରଥମେ ପ୍ରୋସେସିଂ ଫିଜ ଦେବାକୁ ପଡ଼ିବ ଯାହାକି ଫୋନପେ'ରେ ଦେବା ପାଇଁ କୁହାଯାଇଥିଲା। ସମ୍ପୃକ୍ତ ଯୁବକ ଜଣକ ଉକ୍ତ ଟଙ୍କା ପଇଠ କରିବା ପରେ ତାଙ୍କ ଋଣ ଟଙ୍କା ଜମା ହୋଇଯିବ ବୋଲି ସାଇବର୍ ଠକ ଜଣକ କହିଥିଲେ। ପରେ ସେ ନିଜ ଜମାଖାତା ଯାଞ୍ଚ କରିବା ପରେ କୌଣସି ଟଙ୍କା ଜମା ହୋଇନଥିବା ସେ ଜାଣିବାକୁ ପାଇଥିଲେ। ଏନେଇ ପୁଣି ଥରେ ସେ ସାଇବର ଠକକୁ ଯୋଗାଯୋଗ କରିବାରୁ ଟଙ୍କା ଜମା ହୋଇଯାଇଛି ଉକ୍ତ ଟଙ୍କା କିସ୍ତି ହିସାବରେ ଜମା କରିବାକୁ କହି ଫୋନ କାଟିଦେଥିଲେ। ଫଳରେ ସେ ଠକେଇର ଶୀକାର ହୋଇଥିବା ଜାଣିବାକୁ ପାଇ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ସାଇବର୍ ଠକ ଜଣକ ଯୁବକଙ୍କ ମନରେ ବିଶ୍ୱାସ ଜମାଇବା ପାଇଁ ଅନେକ ଫଟୋ ଓ ଭିଡିଓ ପଠାଇଥିବା ମଧ୍ୟ ଜଣାପଡ଼ିଛି। ପୁଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ସାଉନ୍ତପୁର ସ୍କୁଲରେ ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀଙ୍କ ବୈଠକ

**ବଲାଙ୍ଗିର, ୧୮।୨(ସମିସ):** ପୁଇଁତଲା ବ୍ଲକ ଅନ୍ତର୍ଗତ ସୂରଜମଲ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉନ୍ତପୁର ଠାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ସୁନାଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନା ଯୋଗଦେଇ ଥିଲେ। ଆୟୋଜକ ବିଦ୍ୟାଳୟର ଶିକ୍ଷକ ମହେଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିଲେଇସର୍ଡା ସ୍କୁଲର ପ୍ରଧାନ ଶିକ୍ଷକ ସ୍ୱାଧିନ ସାହୁ, ଛତାମଖନା ସ୍କୁଲ ର ପ୍ରଧାନ ଶିକ୍ଷକ ନୀଳମଣି ପଟେଲ, ଜାମଗାଁ ସ୍କୁଲ ର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ସାହୁ, ଭାଲେର ସ୍କୁଲର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଗୁରୁ ପ୍ରମୁଖ ଯୋଗ ଦେଇ ଥିଲେ। ବୁବେଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗିରିଜା ବାଙ୍କି ବିଗତ ଅଧିବେଶନର ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅପାର ଆଇଡି, ଏଲଇପି, ଉତ୍କର୍ଷ, ୟୁଡାଇସ ପ୍ଲସ, ଖାନ ଏକାଡେମୀ, ପଞ୍ଚସଖା ଶିକ୍ଷା ସେତୁରେ ସଭ୍ୟ ସଂଖ୍ୟା ବୃଦ୍ଧି, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଏସ୍‌ଆଇଓଏସ୍‌ରେ ନାମଲେଖା, ବିଦ୍ୟାଳୟରେ ନିରାପତ୍ତା, ଗ୍ରୀଷ୍ମକାଳ ପାଇଁ ବିଦ୍ୟାଳୟର ସୁବ୍ୟବସ୍ଥା, ଏଫଏଲଏନ ଶ୍ରେଣୀରେ ଉତ୍ତମ ଶିକ୍ଷାଦାନ, ଅଭିଭାବକଙ୍କ ସହ ସୁସମ୍ପର୍କ ସ୍ଥାପନ, ପ୍ରଥମ ନାମଲେଖା ବେଳେ ବିଦ୍ୟାର୍ଥୀଙ୍କ ଜନ୍ମ ପ୍ରମାଣପତ୍ର ଉପରେ ଗୁରୁତ୍ୱ ପ୍ରଦାନ, ଶ୍ରେଣୀ ପ୍ରକୋଷ୍ଠରେ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ତଦାରଖ, ଅନୁପସ୍ଥିତ ଛାତ୍ର ଛାତ୍ରୀମାନଙ୍କ ନିୟମିତ ଉପସ୍ଥାନକୁ ସୁନିଶ୍ଚିତ କରିବା, ନିୟମାନୁସାରେ ଛୁଟିପାଇଁ ଆବେଦନ, ଚଳିତ ମାଟ୍ରିକ ପରୀକ୍ଷା ପାଇଁ ଶୃଙ୍ଖଳିତ ପଦକ୍ଷେପ, ଜାତୀୟ ଶିକ୍ଷାନୀତି-୨୦୨୦ ବିଷୟ ଉପରେ ମିଳିତ ଭାବେ ଆଲୋଚନା କରିଥିଲେ।ସଭାପରେ ସମସ୍ତ ପ୍ରଧାନ ଶିକ୍ଷକପ୍ରଧାନ ଶିକ୍ଷୟିତ୍ରୀମାନେ ଶ୍ରେଣୀଗୃହ, ବିଜ୍ଞାନାଗାର, ଇ-ପାଠାଗାର, ଶୌଚାଳୟ ଏବଂ ବିଦ୍ୟାଳୟର ପରିବେଶ ପରିଦର୍ଶନ କରିବା ସହିତ ଶିକ୍ଷକଙ୍କ ଶିକ୍ଷା ପ୍ରଣାଳୀ ଅନୁଧ୍ୟାନ ଏବଂ ଛାତ୍ର ଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୨୪ଟି ହାଇସ୍କୁଲର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଆନନ୍ଦ ବଡ଼ପଣ୍ଡା ଧନ୍ୟବାଦ ଦେଇଥିଲେ।

## ରବିଚନ୍ଦନ ମେମୋରିଆଲ କ୍ରିକେଟ୍ : କୁଟୁମଡୋଲା ଏକାଦଶ ଚାମ୍ପିଅନ



**ବଲାଙ୍ଗିର, ୧୮।୨(ସମିସ):** ମାଧିଆପାଲି ପଞ୍ଚାୟତର ବୀରମୁଣ୍ଡା ଠାରେ ରବିଚନ୍ଦନ ସ୍ମୃତି କମିଟି ତରଫରୁ ଚାଲିଥିବା ରବିଚନ୍ଦନ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ବ୍ୟାପି ଚାଲିଥିବା ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଥିଲେ। ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ଫାଇନାଲ ଖେଳ କୁଟୁମଡୋଲା ଓ ଖୁଣ୍ଟପାଲି ଏକାଦଶ ମଧ୍ୟରେ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ କୁଟୁମଡୋଲା ଏକାଦଶ ଖୁଣ୍ଟପାଲି ଏକାଦଶ ଠାରୁ ୫ ୱିକେଟରେ ବିଜୟୀ ହୋଇ ଚାମ୍ପିଅନ ଘୋଷିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ ଅଞ୍ଚଳରେ ଖେଳ ପଡ଼ିଆ ନଥିବା ସତ୍ତ୍ୱେ ଖେଳାଳିମାନେ ହତୋତ୍ସାହିତ ନ ହୋଇ ପ୍ରତିଯୋଗିତାକୁ ଦ୍ୱିତୀୟ ବର୍ଷରେ ପହଞ୍ଚାଇଛନ୍ତି। ଆମେ ଧର୍ଯ୍ୟହରା ନ ହୋଇ ଖେଳ ଓ ପ୍ରତିଯୋଗିତା ଆୟୋଜନକୁ ଜାରି ରଖିବା ଦରକାର। ଏହା ନିଶ୍ଚିତ ଭାବେ ଭବିଷ୍ୟତରେ ଆମକୁ ଭିତ୍ତିଭୂମି ଯୋଗାଇବାକୁ ସହାୟକ ହେବ। ମୁଁ ଚେଷ୍ଟା କରିବି ଏ ଅଞ୍ଚଳରେ ଜମିର କିସମକୁ ଦେଖି କେଉଁଠି ଯୁବକମାନଙ୍କ ପାଇଁ ଖେଳପଡ଼ିଆ କରିହେବ ପଦକ୍ଷେପ ନେବି ବୋଲି କହିଛନ୍ତି। ଶ୍ରୀ ମିଶ୍ର ଚାମ୍ପିଅନ ଦଳକୁ ନଗଦ ରାଶି ୧୪ହଜାର ସହ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ। ରନର୍ସ ଦଳକୁ ୧୦ହଜାର ଟଙ୍କା ନଗଦ ରାଶି ପୁରସ୍କୃତ କରାଯାଇଥିଲା। ଫାଇନାଲ ଖେଳ ରେ ମ୍ୟାନ୍ ଅଫ୍ ଦି ମ୍ୟାଚ ବୁଲୁ ବାରିକ କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାକୁ ବୀରମୁଣ୍ଡା ଅଞ୍ଚଳର ରୋଶନ ପ୍ରଧାନ, ମନୁ ନାଗ, ଶିଶୁପାଲ ସୁନା, ଋଷି ମହାନନ୍ଦ, ଟୁନା ନାଗ, ରଶ୍ମି ରଞ୍ଜନ ସାଗର ପରିଚାଳନା କରିଥିବା ବେଳେ ଗୌ÷ନ୍ତିଆ ତ୍ରିନାଥ ରାଉତ ଓ ଅନ୍ୟାନ୍ୟ ଲୋକେ ଉପସ୍ଥିତ ଥିଲେ।

**ବ୍ଲକ୍‌ସ୍ତରୀୟ ଧନୁଯାତ୍ରାର ଚତୁର୍ଥ ରଜନୀ**

## କଂସଙ୍କ ନଗର ପରିକ୍ରମା, ଶ୍ରୀକୃଷ୍ଣ ଜନ୍ମ

ମୁରିବାହାଲ, ୧୮।୨(ସମିସ)

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ରଜନୀ ସୋମବାର କଂସ ମହାରାଜାଙ୍କ ନଗର ପରିକ୍ରମା ଶ୍ରୀକୃଷ୍ଣ ଜନ୍ମ, ପୁତୁନା ପ୍ରେରଣ, ଷଡ଼ମଲ୍ଲ ବିନାଶ (ଗୋପପୁର) ନାଟକ ମଞ୍ଚସ୍ଥ ହୋଇଥିଲା। କମିଟି ସଭାପତି ଶ୍ରୀବତ୍ସ ବେହେରାଙ୍କ ସଭାପତିତ୍ୱରେ କଂସ ମହାରାଜା ଦରବାରରେ ମୁଖ୍ୟଅତିଥି କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଶିବାଜୀ ମହାନ୍ତି, ମଠାଧିସ, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ମହିମା ପୀଠ ମୁରିବାହାଲ ଶୁଶିଲ ତ୍ୟାଗୀ, ଉପବିଭାଗ ଅଧିକାରୀ ମହିମା ବିଦ୍ୟାଳୟ ବଲାଙ୍ଗିର ନକୁଳ ମାଝୀ, ପୁଲସ ଅଧିକାରୀ ବଲାଙ୍ଗିର ରବୀନ୍ଦ୍ର କୁମାର ସୁନା, ଜିଲ୍ଲା ଓବିଶି ମୋର୍ଚ୍ଚା ସଭାପତି ଅକ୍ଷୟ ରଣା, ବିଜେପି ମଣ୍ଡଳ ସଭାପତି ସୁବାଷ ପୋଢ଼, ଓଷ୍ଟା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପୁଟେଲ, ବିଜେପି ଗଁରେଇ ମଣ୍ଡଳ ସଭାପତି ପ୍ରଦୀପ




ବଚ୍ଛା, ମୁରିବାହାଲ ବିଜେପି ମଣ୍ଡଳ ସଭାପତି ରାମୁ କୁମ୍ଭାର, ଶିକ୍ଷାବିତ ଲମ୍ବୋଦର ଭୋଇ, କମିଟି କୋଷାଧକ୍ଷ ଭରତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପରିଚାଳନା କମିଟି ଓ ବିକାଶ ମଞ୍ଚ ତରଫରୁ ଦୁଇଗୋଟି ଦାବିପତ୍ର ଦିଆଯାଇଥିଲା। ବ୍ଲକ ମୁଖ୍ୟାଳୟକୁ ସଂଯୋଗ କରୁଥିବା ଗୋପପୁର ବନବାହାଲ, ଷ୍ଟେସନ, ବସ୍ତି, ହାଟପଦା ରାସ୍ତା ଅସ୍ଥାୟୀ ରାସ୍ତା ମରାମତି ନୂତନ ନିର୍ମାଣ କରିବାପାଇଁ ମଥୁରା ତଥା ପ୍ରଜା ପକ୍ଷରୁ ମହାରାଜ କଂସ ଆଦେଶ କରିଥିଲେ ବିଧାୟକ ଶ୍ରୀ ବାଗ ପାଳନ କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ସାତଦିନ ବ୍ୟାପୀ ଚାଲୁଥିବା ଧନୁଯାତ୍ରାରେ ମୁରିବାହାଲ ନଗର ମଥୁରା ନଗରୀ ସାଜିଥିବା ବେଳେ ବନବାହାଲ ଗ୍ରାମ ଗୋପପୁର ସାଜିଛି। ବହୁ ଉତ୍ସାହ ଓ ଆଡମ୍ବରପୂର୍ଣ୍ଣ ଭାବରେ ଚାଲୁଥିବା ଧନୁଯାତ୍ରାରେ ଅଞ୍ଚଳବାସୀ ଅତି ଆନନ୍ଦରେ ଉପଭୋଗ କରୁଥିବା ଦେଖିବାକୁ ମିଳିଛି। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହ ପ୍ରତିଭା ମୁରିବାହାଲ ବ୍ଲକ ତେନ୍ତୁଳୀଖୁଣ୍ଟି ପଞ୍ଚାୟତ ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ତାଙ୍କ ସ୍ୱାମୀ ସମାଜ ବ୍ଲକ ରିପୋର୍ଟ ଭଗବାନ ମହାନ୍ତିଙ୍କୁ କିଡ଼ନୀ ଦାନକରି ନୂତନ ଜୀବନ ଦାନ କରିଥିଲେ। କମିଟି କାର୍ଯ୍ୟକାରୀ ସଭାପତି ରାଜୀବ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ କୋଷାଧକ୍ଷ ଭରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଡ୍ ସେଫ୍ଟି ବ୍ୟାରିଅର୍‌ରେ ପିଟି ହେଲା ବାଇକ୍; ୨ ମୃତ

ରଘୁନାଥପୁର, ୧୮।୨(ସମିସ): ରଘୁନାଥପୁର ବ୍ଲକ ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାଜ୍ୟ ରାଜପଥର ନୂଆପଡ଼ାଠାରେ ଏକ ମର୍ମନ୍ତୁଦ ବାଇକ୍ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ରଘୁନାଥପୁର ଥାନା ତାରପୁର ପଞ୍ଚାୟତ ଗୋକୁଳପୁର ଗ୍ରାମର ବିଭୂତି ଜେନାଙ୍କ ପୁଅ ରୁଦ୍ରନାରାୟଣ ଓରଫ ଲିପୁନ (୨୦) ଓ ରାମ ଜେନାଙ୍କ ସାନପୁଅ ତୋଫାନ(୧୭)। ସେହିପରି ଏହି ଦୁର୍ଘଟଣାରେ ସେହି ଗ୍ରାମର ନିଲୁ ଜେନାଙ୍କ ପୁଅ ରାଜା (୨୮) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ଏକ ବାଇକ୍‌ରେ ୩ଜଣ ଯାକ ତିର୍ତ୍ତୋଲରୁ ଗାଁକୁ ଆସୁଥିବା ବେଳେ ଏହି ଅଘଟଣ ଘଟିଥିଲା। ନୂଆପଡ଼ା ବୁଲାଣି ପାଖରେ ଏକ ଟ୍ରକ୍ ଦ୍ରୁତଗତିରେ ଆସୁଥିବା ଦେଖି ଚାଳକ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ସେଫ୍ଟି ମେଟାଲ ବ୍ୟାରିଅର୍‌ରେ ବାଇକ୍‌କୁ ଧକ୍କା କରିଦେଇଥିଲେ। ଫଳରେ ୩ଜଣଯାକ ରାସ୍ତାକୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଲିପୁନ ଓ ତୋଫାନଙ୍କ ମୃତ୍ୟୁ ହୋଇଯାଇଥିଲା। ତିର୍ତ୍ତୋଲ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତାହତଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ରାଜାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏହି ସବୁ କାର୍ଯ୍ୟରେ ଡକ୍ଟର ସୁରେନ୍ଦ୍ର ମହାପାତ୍ର, ପୂର୍ବତନ ଜୋନ୍ ୨ ଜିଲ୍ଲା ପରିଷଦ ସଭ୍ୟା ତେଜାଲିନ ମହାପାତ୍ର ଓ ସ୍ଥାନୀୟ ଯୁବକମାନେ ପୁଲିସ ପ୍ରଶାସନକୁ ସହଯୋଗ କରିବାର ଦେଖାଯାଉଥିଲା।

ବୁଧବାର ମୃତ ଯୁବକଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଇଛି। ଏ ସମ୍ପର୍କରେ ଥାନାରେ ନମ୍ବର୫୭/୨୫ରେ ଏକ ମାମଲା ରୁଜୁ ହେଇଥିବାର ସେକେଣ୍ଡ ଅଫିସର୍ ଅନ୍ତର୍ଯ୍ୟାମୀ ବିଶ୍ୱାଳ କହିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ତାରପୁର ଗ୍ରାମପଞ୍ଚାୟତର ସରପଞ୍ଚ ଓ ତାରପୁର ପଞ୍ଚାୟତର ଜନସାଧାରଣଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ଯୁବକଙ୍କୁ ମାରିଦେଲେ ନିଶାଦିଆ ଲୁଟେରା

ରାଜକନିକା, ୧୮।୨(ସମିସ): ଟ୍ରେନ୍‌ରେ ନିଶାଦିଆ ଲୁଟେରାଙ୍କ ଶିକାର ହୋଇଥିବା ରାଜକନିକା ଅଞ୍ଚଳର ଜଣେ ଯୁବକଙ୍କ ଆଜି ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ନିଶାର ପରିମାଣ ଅଧିକ ଥିବାରୁ ଏଥିରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ମୃତ ଯୁବକଜଣଙ୍କ

**ଟ୍ରେନ୍‌ରେ ଫେରିବା ବେଳେ ନିଶା ଦେଇ ସର୍ବସ୍ୱ ଲୁଟିଥିଲେ**



ହେଲେ, ବଳରାମପୁର ଗାଁର ଲୋକନାଥ ସାହୁଙ୍କ ସାନପୁଅ ଗୁରୁ ଗୋବିନ୍ଦ ସାହୁ (୩୩)। ସୂଚନା ମୁତାବକ, ଗୁରୁଗୋବିନ୍ଦ ବେଙ୍ଗାଲୁରୁର ଏକ ହୋଟେଲରେ କାମ କରୁଥିଲେ। ଗତ ୧୫ ତାରିଖ ଦିନ ସେ ଗରିବ ରଥ ଟ୍ରେନ୍‌ରେ ପୁରୀ ଆସୁଥିଲେ। ତେବେ ଟ୍ରେନ୍‌ରେ ସେ କିଛି ନିଶାଦିଆ ଲୁଟେରାଙ୍କ କବଳରେ ପଡ଼ି ଯାଇଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ନିଶା ଦେଇ ତାଙ୍କର ସର୍ବସ୍ୱ ଲୁଟି ନେବା ପରେ ଅତ୍ୟନ୍ତ ସଂକଟାପନ୍ନ ଅବସ୍ଥାରେ ଛାଡ଼ି ଚାଲି ଯାଇଥିଲେ। ପ୍ରବଳ ନିଶାଗ୍ରସ୍ତ ହେବା ସତ୍ତ୍ୱେ ନିଜ ସାଙ୍ଗକୁ ଏ ସଂପର୍କରେ ଅନ୍ୟଜଣଙ୍କ ଫୋନ୍‌ରେ ସୂଚନା ଦେଇଥିଲେ। ଖବର ପାଇ ଗାଁରୁ ଯାଇଥିବା ଯୁବକମାନେ ପୁରୀ ଷ୍ଟେସନ୍‌ରୁ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ଆଜି ସକାଳେ ରାଜକନିକା ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଗୁରୁଗୋବିନ୍ଦଙ୍କ ଗାଁ ମଶାଣିରେ ଶବ ସତ୍କାର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ନାକରେ କାନ୍ଦୁଛି ଟମାଟୋ ଚାଷୀ**

# ଅଭାବୀ ବିକ୍ରି: ଟଙ୍କାକରେ କିଲେ

ବଲାଙ୍ଗିର, ୧୮।୨ (ସମିସ): ରାଜ୍ୟର ଗରିବ ଚାଷୀଙ୍କ ଅର୍ଥନୀତି ସୁଦୃଢ଼ କରିବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରର ଅସଲ ଚେହେରା ପଦାରେ ପଡ଼ିଛି। ଆରମ୍ଭରୁ ରାଜ୍ୟ ସରକାର ପନିପରିବା ଚାଷୀମାନଙ୍କ ଅମଳ ପରିବା ସଂରକ୍ଷଣ ଓ ବଜାର ବ୍ୟବସ୍ଥା କଥା କହୁଥିବା ବେଳେ ଆଜି ଯାଏଁ କିଛି ବ୍ୟବସ୍ଥା ହୋଇନାହିଁ। ଉପମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଜିଲ୍ଲାରେ ଚାଷୀ ଅଭାବୀ ବିକ୍ରିର ଶିକାର ହେବା ଏହାର ଜ୍ୱଳନ୍ତ ପ୍ରମାଣ ବୋଲି ଚାଷୀମହଲରେ ଅଭିଯୋଗ ହୋଇଛି। ବଲାଙ୍ଗିରରେ ଏବେ ଟମାଟୋ ଚାଷୀ ନାକରେ କାନ୍ଦୁଛନ୍ତି। କେଜି ପ୍ରତି ଟମାଟୋ ଦର ଏକ ଟଙ୍କାକୁ ଖସିଥିବା ବେଳେ ବାଧ୍ୟ ହୋଇ ଚାଷୀ ଜମିରେ ଟମାଟୋ ପଚିବା ପାଇଁ ଛାଡ଼ି ଦେଇଥିବା ଦେଖିବାକୁ ମିଳିଛି। ଏପରିକି, ଟମାଟୋ ଦରକୁ ଦେଖିଲେ, ତୋଳିବାରେ ନିୟୋଜିତ ଶ୍ରମିକଙ୍କ ପାଉଣା ବି ସେଥିରୁ ବାହାରୁନାହିଁ। ଫଳରେ ଚାଷୀର ଚିନ୍ତା ବଢ଼ିଛି। ଅଣଫସଲ ସମୟରେ ରାଜ୍ୟରେ ୭୦ରୁ ୮୦ ଟଙ୍କାରେ ବିକ୍ରି ହେଉଥିବା ଟମାଟୋ କେଜି ଏବେ ଟଙ୍କାଟିଏରୁ ବି କମ୍‌ରେ ଚାଷୀ ବିକିବାକୁ ବାଧ୍ୟ ହେଉଛି।

ବର୍ତ୍ତମାନ ବଲାଙ୍ଗିର ଜିଲ୍ଲାରେ ଟମାଟୋକୁ ନେଇ ଏକ ଅଭାବୀ ବିକ୍ରି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାର ଆଗଲପୁର ବ୍ଲକ୍‌ରୁ ଆସିଥିବା ଚିତ୍ର ସମସ୍ତଙ୍କୁ ଚକିତ କରିଛି। କିଛି ମାସ ପୂର୍ବରୁ ଯେଉଁ ଟମାଟୋ ଦର ବଜାରରେ ୩୦ରୁ ୪୦ ଟଙ୍କା ଥିଲା, ତାହାର ଦର ଆଜି କେଜି ପ୍ରତି ୧ ଟଙ୍କାରେ ପହଞ୍ଚିଛି। ଏହି ବ୍ଲକ୍‌ର ରୋଡ, ଫଟାମୁଣ୍ଡା, ଉପରବାହାଲ, ନଅଗାଁ(କ) ଅଞ୍ଚଳରେ ବହୁ ପରିମାଣର ଟମାଟୋ ଚାଷ ହୋଇଥାଏ। ଗତ କିଛି ଦିନ ହେଲା ଟମାଟୋ ଦର ହ୍ରାସ ପାଇଥିବା ବେଳେ ଚାଷୀଙ୍କ ପାଖରୁ ବେପାରୀମାନେ କେରେଟ୍ ଅର୍ଥାତ ୨୫କେଜିକୁ ୨୦ରୁ ୨୫ ଟଙ୍କା ଦେଇ କିଣୁଥିବା ଅଭିଯୋଗ ହୋଇଛି। ବଜାରରେ ଦର ମଧ୍ୟ କମିଛି ସତ, କିନ୍ତୁ ଏହାଦ୍ୱାରା ଚାଷୀଙ୍କ ମୂଳ ବି ଉଠୁନାହିଁ।



କେବଳ ଆଗଲପୁର ନୁହେଁ, ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକ୍‌ରେ ଉଣାଅଧିକେ ଟମାଟୋ ଚାଷ ହୋଇଛି। ବିଭାଗୀୟ ସୂଚନା ଅନୁସାରେ ରବି ସମୟରେ ପ୍ରାୟତଃ ଚାଷୀମାନେ ଟମାଟୋ ଚାଷ କରିଥାନ୍ତି। ନଭେମ୍ବର, ଡିସେମ୍ବରରେ ଟମାଟୋ ଚାଷ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ସମୟରେ ଟମାଟୋ ଅମଳ ହୋଇଥାଏ। ଜିଲ୍ଲାରୁ ବ୍ରହ୍ମପୁର, ଭୁବନେଶ୍ୱର ତଥା ଅନ୍ୟ ଅଞ୍ଚଳକୁ ପ୍ରତିଦିନ ଟମାଟୋ ଅଭାବୀ ଦରରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଞ୍ଚଳରୁ ଅଧିକ ପରିମାଣର ଟମାଟୋ ବାହାରକୁ ଯାଉଥିବା ବେଳେ ଚାଷୀମାନେ ତାହାର ଉଚିତ ମୂଲ୍ୟ ପାଉନଥିବା ଅଭିଯୋଗ କରିଛନ୍ତି।

ବିଭାଗୀୟ ସୂଚନାନୁସାରେ, ଖରିଫ ଓ ରବିରେ ମିଶି ଜିଲ୍ଲାର ସମସ୍ତ ବ୍ଲକ୍‌ରେ ପ୍ରାୟ ୪ ହଜାର ହେକ୍ଟର ଜମିରେ ଟମାଟୋ ଚାଷ ହୋଇଥାଏ। ଖରିଫ ସମୟରେ ଟମାଟୋ ଦର ଠିକ୍ ରହୁଥିବା ବେଳେ ରବି ସମୟରେ ଟମାଟୋ ଦର ଅଧିକ ପରିମାଣରେ ହ୍ରାସ ପାଇଥାଏ। ତେବେ ଜିଲ୍ଲାରେ

- ୨୫ କେଜିକୁ ୨୫ ଟଙ୍କା
- ଜିଲ୍ଲାରେ ଚାରି ହଜାର ହେକ୍ଟରରେ ଚାଷ
- ସଂରକ୍ଷଣ ଓ ବଜାର ବ୍ୟବସ୍ଥା ନାହିଁ

ଶୀତଳ ଭଣ୍ଡାର କିମ୍ବା ଉଦ୍ୟାନ ବିଭାଗର କୌଣସି ପେକ୍ ହାଉସ ବ୍ୟବସ୍ଥା ନଥିବାରୁ ଟମାଟୋର ଉଚିତ ସଂରକ୍ଷଣ ବ୍ୟବସ୍ଥା ହୋଇପାରିନଥାଏ। ଫଳରେ ଟମାଟୋ ନଷ୍ଟ ହେବା ସ୍ୱାଭାବିକ। ତେବେ ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ପରିବା ଚାଷୀଙ୍କୁ ଗୁରୁତ୍ୱ ଦେଇଥିଲା। ଅମଳ ହେଉଥିବା ପରିବା ସଂରକ୍ଷଣ ଓ ବଜାର ବ୍ୟବସ୍ଥା କରିବେ ବୋଲି କହିଥିଲା। କିନ୍ତୁ ସରକାରକୁ ୯ ମାସ ପୂରିବାକୁ ବସିଥିବା ବେଳେ ଏଦିଗରେ ପାଦଟିଏ ମଧ୍ୟ ସରକାର ଆଗକୁ ବଢ଼ାଇନାହାନ୍ତି। ଏହାକୁ ନେଇ ଟମାଟୋ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

**ବସ୍ ଯାତ୍ରୀଙ୍କ ମଧ୍ୟରେ ପାତରଅନ୍ତରକୁ ନେଇ ଏସ୍‌ଟିଏର ଚରମବାଣୀ**

# ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ବାରଣ କଲେ କାର୍ଯ୍ୟାନୁଷ୍ଠାନ

କଟକ,୧୮।୨(ସମିସ): ଏଣିକି ବସ୍ କର୍ମଚାରୀ ଯାତ୍ରୀଙ୍କ ମଧ୍ୟରେ ପାତରଅନ୍ତର କଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଶେଷକରି ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ବସ୍‌ରେ ଚଢ଼ିବାକୁ ବାରଣ ଭଳି କୁ-ସଂସ୍କାର, ଅନ୍ଧବିଶ୍ୱାସ ଏବେ ବି ପ୍ରଚଳନ ଥିବାରୁ ଏହା ବିରୋଧରେ ଦୃଢ଼

**ସମସ୍ତ ବସ୍‌ଷ୍ଟାଣ୍ଡରେ ଯାଞ୍ଚ ପାଇଁ ଆରଟିଓମାନଙ୍କୁ ନିର୍ଦ୍ଦେଶ**

ପଦକ୍ଷେପ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଆଜି କଟକ ନେତାଜୀ ବସ୍ ଟର୍ମିନାଲରେ ମାରାଥନ୍ ଯାଞ୍ଚ କରାଯାଇଛି। ଆଗକୁ ରାଜ୍ୟର ସମସ୍ତ ବସ୍‌ଷ୍ଟାଣ୍ଡରେ ଯାଞ୍ଚ ଓ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ନିଷ୍ପତ୍ତି ହୋଇଛି।

ସୂଚନାନୁଯାୟୀ, ମଙ୍ଗଳବାର ସକାଳୁ ଏସ୍‌ଟିଏ ସଚିବ ଚିନ୍ମୟୀ ବିଶ୍ୱାଳ, ଉପ-ପରିବହନ ଆୟୁକ୍ତ ବିରଞ୍ଚି ନାରାୟଣ ଅଧିକାରୀ ପ୍ରମୁଖ ସ୍ୱତନ୍ତ୍ର ଟିମ୍ ସହ କଟକ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ଯାତ୍ରୀଙ୍କୁ ନେବାକୁ ପ୍ରସ୍ତୁତ



ହେଉଥିବା ବିଭିନ୍ନ ରୁଟ୍‌ର ୨୦ରୁ ଅଧିକ ବସ୍ ଉପରେ ନଜର ରଖିଥିଲେ। ପ୍ରଥମେ ଆସୁଥିବା ମହିଳା ଯାତ୍ରୀଙ୍କ ପ୍ରତି ବସ୍ କର୍ମଚାରୀଙ୍କ କିଭଳି ବ୍ୟବହାର ରହୁଛି, ତାହା ଦେଖିଥିଲେ। ଏହାସହ ଟର୍ମିନାଲରେ ଥିବା ଅନେକ ମହିଳା ଯାତ୍ରୀଙ୍କଠାରୁ ଏ ସଂକ୍ରାନ୍ତରେ ପଚାରି ବୁଝିଥିଲେ। ମୋଟର ଯାନ ଆଇନ ଅନୁଯାୟୀ, ଯାତ୍ରୀଙ୍କ ମଧ୍ୟରେ ପାତରଅନ୍ତର କରାଯିବା ଦଣ୍ଡନୀୟ ଅପରାଧ। ଏଥିପାଇଁ ନିୟମାବଳୀରେ ଜରିମାନା, ପରମିଟ୍ ରଦ୍ଦ ଭଳି ଦଣ୍ଡବିଧାନର ପ୍ରାବଧାନ ମଧ୍ୟ ରହିଛି। ପରିବହନ ଆୟୁକ୍ତ ଅମିତାଭ ଠାକୁର କହିଛନ୍ତି, ଏଭଳି କୌଣସି ବେଆଇନ ଘଟଣା ଏସଟିଏ ନଜରକୁ ଆସିଲେ, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ଜନସାଧାରଣଙ୍କ ସୁରକ୍ଷା ଓ ସମ୍ମାନକୁ ପ୍ରାଥମିକତା ଦେବା ଆମର ଦାୟିତ୍ୱ। ଆଗକୁ ମଧ୍ୟ ପରିବହନ ସେବା କ୍ଷେତ୍ରରେ ଏଭଳି ଯାଞ୍ଚ ପାଇଁ ଆରଟିଓମାନଙ୍କୁ କୁହାଯାଇଥିବା ସେ ଜଣାଇଛନ୍ତି।

**■ ଆଜି ବନକଲାଗି**

## ୫ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୧୮।୨(ସମିସ): ଫାଲ୍‌ଗୁନ କୃଷ୍ଣ ଷଷ୍ଠୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ପରେ ଆପାତତଃ ଅପରାହ୍ନ ୫ଟାରୁ ରାତି ୧୦ଟା ପ୍ରାୟ ୫ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତନୀତି। ଏହି ନୀତି ପାଇଁ ଜୟବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି। ଅନ୍ୟପକ୍ଷରେ, ବନକଲାଗି ନୀତି ପାଇଁ ବୁଧବାର ଏବଂ ଗୁରୁବାର ଦୁଇ ଦିନ ରତ୍ନଭଣ୍ଡାର ମରାମତି କାମ ବନ୍ଦ ରହିବ। ପରେ ପୁନଶ୍ଚ ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ରତ୍ନଭଣ୍ଡାର ମରାମତି କାମ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

**ବୁଧବାର, ଗୁରୁବାର ରତ୍ନଭଣ୍ଡାର ମରାମତି କାମ ବନ୍ଦ ରହିବ**

## ଆରମ୍ଭ ହେଲା +୨ ପରୀକ୍ଷା

ଭୁବନେଶ୍ୱର, ୧୮।୨ (ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନେ ଏମ୍‌ଆଇଏଲ୍ (ଓଡ଼ିଆ) ପରୀକ୍ଷା ଦେଇଛନ୍ତି। ବରଗଡ଼ ଜିଲ୍ଲାର ଜଣେ ପରୀକ୍ଷାର୍ଥୀ କପି କରି ଧରାପଡ଼ିବାରୁ ଏକ୍ସପେଲ୍ ହୋଇଛନ୍ତି। ବିଜ୍ଞାନରେ ମୋଟ୍ ୧ ଲକ୍ଷ ୧୪ ହଜାର ୯୮୦ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବାବେଳେ ୯୯ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସେହିପରି ଆସନ୍ତାକାଲି ଅର୍ଥାତ୍ ବୁଧବାର ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ପରୀକ୍ଷା ଆରମ୍ଭ ହେବ। ପ୍ରଥମ ଦିନ ସେମାନଙ୍କ ମଧ୍ୟ ଏମ୍‌ଆଇଏଲ୍ ପରୀକ୍ଷା ରହିଛି। କଳାରେ ସର୍ବାଧିକ ୨ଲକ୍ଷ ୪୭ ହଜାର ୩୯୧ ଓ ବାଣିଜ୍ୟରେ ୨୫ହଜାର ୫୨୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି। ଗୁରୁବାରଠାରୁ ଧନ୍ଦାମୂଳକ ପରୀକ୍ଷା ଆରମ୍ଭ ହେବ।

**ପ୍ରଥମ ଦିନରେ ଜଣେ ଏକ୍ସପେଲ**

**■ କାଳ ହେଲା ଅନ୍‌ଲାଇନ୍ ଜୁଆ ଖେଳ**

## ପୁଅର ଶାବଳ ମାଡ଼ରେ ବାପା ମୃତ

ଭଦ୍ରକ/ବାସୁଦେବପୁର, ୧୮।୨ (ସମିସ): ମୋବାଇଲ ଫୋନ୍‌ରେ ଜୁଆ ଖେଳ ପାଇଁ ପୁଅ ସାଜିଲା ବାପାର ହତ୍ୟାକାରୀ। ପୁଅକୁ ଟଙ୍କା ନଦେବାରୁ ଶାବଳ ମାଡ଼ରେ ବାପାର ଜୀବନ ନେଇଗଲା। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଗୋପବନ୍ଧୁନଗର ପଞ୍ଚାୟତର ସାସମଲଘେରି ଗାଁରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗାଁର ଦୁଃଖୀରାମ ମଣ୍ଡଳ। କଣିଆ ସାମୁଦ୍ରିକ ଥାନା ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ପୁଅ ବାଇଧରକୁ ଅଟକ ରଖିଛି। ୪ ପୁଅଙ୍କ ମଧ୍ୟରୁ ବାଇଧରକୁ ଶିକ୍ଷିତ କରାଇଥିଲେ ଦୁଃଖୀରାମ। ବାଇଧର ଘରେ ବସି ବସି ମୋବାଇଲର ଜୁଆ ଖେଳି ଧାରଉଧାର କରି କରଜରେ ବୁଡ଼ି ରହିଥିଲା। ବାପାଙ୍କୁ ମାଗିବାରୁ କିଛି ଟଙ୍କା ଦେଇଥିଲେ ଦୁଃଖୀରାମ। କିନ୍ତୁ ପୁଣି ସେ ତା' ମା'କୁ ଟଙ୍କା ମାଗିବା ସହ ମାରଧର କରିଥିଲା। ଯାହାକୁ ନେଇ ଅନ୍ୟ ଭାଇମାନେ ରାଗି ବାଇଧରକୁ ବାନ୍ଧି ମାଡ଼ ମାରିଥିଲେ। ଏହାକୁ ନେଇ ଗତକାଲି ଗାଁର ମୁରବୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ବାଇଧର ଭଦ୍ରବ୍ୟକ୍ତିଙ୍କ କଥାକୁ ଅମାନ୍ୟ କରି ଗାଳିଗୁଲଜ କରି ଉଠି ଆସିଥିଲା। ମଙ୍ଗଳବାର ଏନେଇ ଦୁଃଖୀରାମ ତାକୁ ପଚାରିବାରୁ ଉତ୍କ୍ଷିପ୍ତ ହୋଇ ପାଖରେ ଥିବା ଏକ ଶାବଳରେ ବାଇଧର ତାଙ୍କୁ ମୁଣ୍ଡକୁ ଆକ୍ରମଣ କରିଥିଲା। ପରିବାରଲୋକ ଦୁଃଖୀରାମଙ୍କୁ ସଂଜ୍ଞାହୀନ ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନା ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ତାପମାତ୍ରା**
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୨.୦ | ୧୯.୮ |
| ଚାନ୍ଦବାଲି | ୩୪.୬ | ୨୦.୦ |
| କଟକ | ୩୨.୮ | ୨୦.୦ |
| ପାରାଦୀପ | ୩୦.୬ | ୨୪.୪ |
| ଭୁବନେଶ୍ୱର | ୩୩.୬ | ୨୧.୦ |
| ଗୋପାଳପୁର | ୩୧.୦ | ୨୧.୮ |
| ପୁରୀ | ୩୨.୦ | ୨୫.୨ |
| ଅନୁଗୋଳ | ୩୬.୭ | ୧୫.୦ |
| ବାରିପଦା | ୩୪.୦ | ୨୦.୨ |
| ଝାରସୁଗୁଡ଼ା | ୩୬.୬ | ୧୪.୮ |
| କେନ୍ଦୁଝରଗଡ଼ | ୩୨.୩ | ୧୬.୦ |
| ସମ୍ବଲପୁର | ୩୫.୮ | ୧୮.୨ |
| ସୁନ୍ଦରଗଡ଼ | ୩୫.୫ | ୧୬.୫ |
| ହୀରାକୁଦ | ୩୪.୪ | ୧୭.୭ |
| ତାଳଚେର | ୩୪.୪ | ୨୦.୮ |
| ଭବାନୀପାଟଣା | ୩୬.୦ | ୧୭.୫ |
| ବଲାଙ୍ଗିର | ୩୬.୮ | ୧୭.୪ |
| କୋରାପୁଟ | ୩୩.୦ | ୧୫.୫ |
| ଫୁଲବାଣୀ | ୩୨.୮ | ୧୪.୦ |
| ଟିଟିଲାଗଡ଼ | ୩୬.୦ | ୧୭.୫ |
| ମାଲକାନଗିରି | ୩୫.୫ | ୧୯.୩ |
| ସୋନପୁର | ୩୬.୫ | ୧୮.୪ |
| ଦାରିଙ୍ଗବାଡ଼ି | ୩୦.୦ | ୧୬.୫ |
| ନୟାଗଡ଼ | - | ୧୮.୩ |
| ବୌଦ୍ଧ | ୩୬.୫ | ୨୦.୫ |
| ଛତ୍ରପୁର | ୩୩.୬ | ୨୧.୭ |
| ପାରଳାଖେମୁଣ୍ଡି | ୩୪.୯ | ୨୧.୦ |
| ରାୟଗଡ଼ା | - | ୧୭.୪ |
| ଭଦ୍ରକ | ୩୫.୧ | ୧୬.୦ |
| ଯାଜପୁର | ୩୩.୮ | ୧୮.୪ |
| ଢେଙ୍କାନାଳ | ୩୪.୦ | ୧୭.୦ |
| ବରଗଡ଼ | ୩୪.୬ | ୧୮.୨ |
| ଦେଓଗଡ଼ | ୩୧.୬ | ୧୮.୪ |
| ନୂଆପଡ଼ା | ୩୪.୪ | ୧୫.୦ |
| ନବରଙ୍ଗପୁର | ୩୪.୦ | ୧୬.୬ |
| ଖୋର୍ଦ୍ଧା | ୩୪.୦ | ୨୦.୫ |
| ଜଗତସିଂହପୁର | - | ୧୯.୫ |
| କେନ୍ଦ୍ରାପଡ଼ା | ୩୩.୮ | ୧୭.୮ |
| ରାଉରକେଲା | ୩୩.୮ | ୧୪.୫ |



ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପୋଡ଼ମପେଟା ଗ୍ରାମଠାରୁ ବଟେଶ୍ୱର ମନ୍ଦିର ନିକଟ ସମୁଦ୍ର ବେଳାଭୂମିରେ ଅଲିଭ୍ ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ

## ଏମ୍.ଭି.ଦେବୀ ଜାହାଜକୁ ମୁକ୍ତ କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୮।୨(ସମିସ): ପାରାଦୀପ ବନ୍ଦରରେ ଅଟକିଥିବା ଏମ୍.ଭି ଦେବୀ ଜାହାଜକୁ ଗିରଫ କରିବାକୁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଆଜି ଉକ୍ତ ଜାହାଜକୁ ମୁକ୍ତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଦାୟର ସାମୁଦ୍ରିକ ବିବାଦ ଆବେଦନର ଶୁଣାଣି କରି ହାଇକୋର୍ଟ ଆଜି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୨୦୨୪, ଫେବ୍ରୁଆରି ୨୩ରେ ଶୁଣାଣି କରି ଏମ୍.ଭି.ଦେବୀ ଜାହାଜକୁ ପାରାଦୀପ ବନ୍ଦରରେ ଗିରଫ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦର ଆପୋଷ ସମାଧାନ ହୋଇସାରିଥିବାରୁ ଆବେଦନକାରୀଙ୍କ ତରଫରୁ ହାଇକୋର୍ଟରୁ ମାମଲା ପ୍ରତ୍ୟାହାର ପାଇଁ ଅନୁମତି ଲୋଡ଼ାଯାଇଥିଲା। ହାଇକୋର୍ଟ ଏଥିପାଇଁ ଅନୁମତି ଦେବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

ଅନ୍ୟପକ୍ଷେ ଏହି ଜାହାଜକୁ ଏକ ଫୌଜଦାରୀ ମାମଲାରେ କଷ୍ଟମ କର୍ତ୍ତୃପକ୍ଷ ଜବତ କରିଥିବା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ତରଫରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଯଦି କଷ୍ଟମ କର୍ତ୍ତୃପକ୍ଷ ଜାହାଜକୁ ଜବତ କରିଥା'ନ୍ତି, ତେବେ ପ୍ରତିପକ୍ଷ ଆଇନ ଅନୁସାରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ୍ ଏମ୍.ଏସ୍.ରମଣ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ବିଦେଶରୁ ପାରାଦୀପ ବନ୍ଦରକୁ ଆସିଥିବା ଜାହାଜ ଏମ୍.ଭି.ଦେବୀରୁ ୨୦୨୩, ନଭେମ୍ବର ୩୦ରେ ୨୨ଟି ପ୍ୟାକେଟରେ ଥିବା କୋକେନ ଜବତ ହୋଇଥିବା ଅଭିଯୋଗ ହୋଇଥିଲା। ପାରାଦୀପ କଷ୍ଟମ୍ସ ଡିଭିଜନର ସହକାରୀ କମିସନରଙ୍କ ଚିଠି ଅନୁସାରେ ପାରାଦୀପ ବନ୍ଦରରେ ଏହି ଜାହାଜ ଅଟକି ରହିଥିଲା। ଆବେଦନକାରୀ ସଂସ୍ଥାର ବର୍ଥରେ ଅଧିକ ଦିନ ରହିବା ବାବଦ ଦେୟକୁ ନେଇ ଏହି ମାମଲା ହାଇକୋର୍ଟରେ ଦାୟର ହୋଇଥିଲା। ମୂଳ ମାମଲା ବିଚାରାଧୀନ ଥିବା ବେଳେ ହାଇକୋର୍ଟ ୨୦୨୪, ଫେବ୍ରୁଆରି ୨୩ରେ ଅନ୍ତରୀଣ ଆବେଦନର ଶୁଣାଣି କରି ଏମ୍.ଭି.ଦେବୀ ଜାହାଜକୁ ପାରାଦୀପ ବନ୍ଦରରେ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

**ଫୌଜଦାରୀ ମାମଲାରେ ଆଇନ ଅନୁସାରେ ପଦକ୍ଷେପ ନିଆଯାଇପାରିବ**

# କିଟ୍ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଲେ ରାଜ୍ୟ ସରକାର

ଭୁବନେଶ୍ୱର,୧୮।୨(ସମିସ): କିଟ୍ ବିଶ୍ୱବିଦ୍ୟାଳୟ ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଗଠନ କରିଛନ୍ତି ଏକ ଉଚ୍ଚସ୍ତରୀୟ ଫାକ୍ଟ ଫାଇଣ୍ଡିଂ କମିଟି। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଏବଂ ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ ସଦସ୍ୟ ଅଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ସୂଚନା ଅନୁସାରେ ଉକ୍ତ କମିଟି ପୂରା ଘଟଣା ସହିତ ଛାତ୍ରଛାତ୍ରୀଙ୍କ ଉପରେ ଆକ୍ରମଣ ଅଭିଯୋଗର ତଦନ୍ତ କରାଯିବ। ସେହିପରି ଘଟଣା ପରେ ପରେ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରିଛନ୍ତି ଏବଂ ସୁରକ୍ଷାକର୍ମୀଙ୍କୁ ଗିରଫ କରାଯାଇଛି। ସେହିପରି ଦୁଇ ଜଣ କର୍ମଚାରୀଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ରାଜ୍ୟ ସରକାର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ପ୍ରତିବଦ୍ଧ ଅଛନ୍ତି ବୋଲି କୁହାଯାଇଛି।

ଅନ୍ୟପକ୍ଷରେ କିଟ୍ କୁଳପତି ପ୍ରଫେସର ଶରଣଜିତ୍ ସିଂ ଆଜି ପୂରା ଘଟଣାକୁ ନେଇ କ୍ଷମା ପ୍ରାର୍ଥନା କରିବା ସହିତ ନେପାଳୀ ଛାତ୍ରଛାତ୍ରୀମାନଙ୍କୁ ଫେରି ଆସିବା ପାଇଁ ଅପିଲ କରିଛନ୍ତି। କିଟ୍ ପକ୍ଷରୁ ଜାରି ଏକ ପତ୍ରରେ ପ୍ରଫେସର ସିଂ କହିଛନ୍ତି, ଗତ ୧୬ ତାରିଖ କିଟ୍ କ୍ୟାମ୍ପସ୍‌ରେ ଘଟିଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ଏଥିସହ ଆମର କିଛି କର୍ମଚାରୀ ଯେପରି ଭାବେ ବିକ୍ଷୋଭରତ ଛାତ୍ରଛାତ୍ରୀଙ୍କୁ ବ୍ୟବହାର ପ୍ରଦର୍ଶନ କଲେ ତାହା ନିନ୍ଦନୀୟ। ଛାତ୍ରଛାତ୍ରୀମାନଙ୍କ ପାଇଁ ଆମର ଯଥେଷ୍ଟ ସ୍ନେହ ଏବଂ ସମ୍ମାନ ରହିଆସିଛି। ଆମର ଦୁଇ ଜଣ କର୍ମଚାରୀ ଯୁକ୍ତତର୍କ ସମୟରେ

- ଗୃହ ବିଭାଗ ଏସିଏସ୍‌ଙ୍କ ନେତୃତ୍ୱରେ କମିଟି ଗଠିତ
- ନେପାଳୀ ଛାତ୍ରଛାତ୍ରୀ ଓ ନାଗରିକଙ୍କୁ କ୍ଷମା ମାଗିଲେ କିଟ୍ କୁଳପତି
- କିଟ୍‌ରେ ଘଟିଥିବା ଘଟଣା ଦୁର୍ଭାଗ୍ୟଜନକ: ଉଚ୍ଚଶିକ୍ଷାମନ୍ତ୍ରୀ
- ୨ ହଷ୍ଟେଲ ଅଧିକାରୀଙ୍କ ସହ ୩ ନିଲମ୍ବିତ

ଛାତ୍ରଛାତ୍ରୀମାନଙ୍କୁ ଯାହା କହିଥିଲେ, ତାହାକୁ ଆମେ ଆଦୌ ସମର୍ଥନ କରୁନାହୁଁ। ସେମାନଙ୍କୁ ସେବା ନିବୃତ୍ତ କରାଯାଇଛି। ନିଜର ମନ୍ତବ୍ୟ ପାଇଁ ଦୁଇ କର୍ମଚାରୀ କ୍ଷମା ମାଗିଥିଲେ ସୁଦ୍ଧା ଆମେ ଏଥିପାଇଁ କ୍ଷମା ପ୍ରାର୍ଥନା କରୁଛୁ। ନେପାଳର ଛାତ୍ରଛାତ୍ରୀ ଏବଂ ନାଗରିକଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ତଥା ଶ୍ରଦ୍ଧା ରହିଛି ବୋଲି କୁଳପତି ପ୍ରଫେସର ସିଂ କହିଛନ୍ତି। ଅପରପକ୍ଷେ କିଟ୍ ରେଜିଷ୍ଟ୍ରାର ଏକ ନୋଟିସ୍ ମାଧ୍ୟମରେ କହିଛନ୍ତି ଯେ ଏହି ଘଟଣାରେ ପୁରା କିଟ୍ ପରିବାର ଦୁଃଖ ବ୍ୟକ୍ତ କରୁଛି। ଏଥିରେ ସମ୍ପୃକ୍ତ ଦୁଇ ଜଣ ହଷ୍ଟେଲ ଅଧିକାରୀ ଏବଂ ଇଣ୍ଟରନ୍ୟାସନାଲ ରିଲେସନ୍ସର ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ବିଧିବଦ୍ଧ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି। ନେପାଳୀ ଛାତ୍ରଛାତ୍ରୀଙ୍କ ସହାୟତା ପାଇଁ ୬ ନଂ କ୍ୟାମ୍ପସ୍‌ରେ ଏକ ସହାୟତା ଡେସ୍କ ଆରମ୍ଭ କରାଯାଇଛି।

ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, କିଟ୍ ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଏହି ମାମଲାରେ ଗୃହ ବିଭାଗ ତ୍ୱରିତ ପଦକ୍ଷେପ ନେଇଛି ଏବଂ ମୃତକଙ୍କ ମୋବାଇଲ୍ ଫୋନ୍, ଲ୍ୟାପଟପ୍ ଜବତ ହୋଇଛି। ନେପାଳ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ସେମାନଙ୍କୁ ଫେରାଇ ଆଣିବା ପାଇଁ ଓଏସ୍‌ଆରଟିସି ବସ୍ ପଠାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ୨ ସିକ୍ୟୁରିଟ୍ ଗାର୍ଡ ସମେତ ୫ ଗିରଫ

ଭୁବନେଶ୍ୱର,୧୮।୨(ସମିସ): କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଓ ପରବର୍ତ୍ତୀ ସମୟରେ ଗଣ୍ଡଗୋଳ ଘଟଣାରେ ୨ ସୁରକ୍ଷା କର୍ମୀଙ୍କ ସହ ମୋଟ ୫ ଜଣଙ୍କୁ ଗିରଫ କରିଛି ପୁଲିସ। ଏମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ମାନବସମ୍ବଳ ବିଭାଗ ଡିଜି ଶିବାନନ୍ଦ ମିଶ୍ର, ନିର୍ଦ୍ଦେଶକ(ପ୍ରଶାସନ) ପ୍ରତାପ କୁମାର ଚମ୍ପତି ଓ ନିର୍ଦ୍ଦେଶକ(ହଷ୍ଟେଲ) ସୁଧୀର କୁମାର ମିଶ୍ର ଅଛନ୍ତି। ଅନ୍ୟପକ୍ଷରେ ନେପାଳର ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର ଓ ହଷ୍ଟେଲରୁ ବଳପୂର୍ବକ ତଡ଼ିଦେବା ଘଟଣାକୁ ନେଇ ପ୍ରତିବାଦ ଜାରି ରହିଛି। ଶହଶହ ଛାତ୍ରଛାତ୍ରୀ ୱାର୍ଡେନ ଜୟନ୍ତୀ ନାଥ ଓ ମଞ୍ଜୁସା ପାଣ୍ଡେ ସର୍ବସମ୍ମୁଖରେ କ୍ଷମା ମାଗନ୍ତୁ ବୋଲି ଦାବି କରି ଧାରଣା ଦେଇଛନ୍ତି। ଅନ୍ୟପକ୍ଷରେ ପୁଲିସ ପକ୍ଷରୁ ଗିରଫ ୫ଜଣଙ୍କୁ ଅଦାଲତରେ ହାଜର କରାଯାଇଥିଲା। ସେମାନଙ୍କୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟ (୨) ୨୦ ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକାରେ ଜାମିନ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ମୃତଛାତ୍ରୀଙ୍କ ଭୁବନେଶ୍ୱର ଏମ୍ସରେ ପିତାଙ୍କ ଉପସ୍ଥିତିରେ ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯାଇଛି।

# ‘ରାଜ୍ୟ ବଜେଟ୍‌ରେ ରାଉରକେଲାକୁ ଉପେକ୍ଷା କରାଯାଇଛି’

ରାଉରକେଲା, ୧୮।୨(ସମିସ)

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ଆଗତ କରାଯାଇଥିବା ରାଜ୍ୟ ବଜେଟ୍‌ରେ ରାଉରକେଲାକୁ ଉପେକ୍ଷା କରାଯାଇଛି ବୋଲି ଥିଙ୍କର୍ସ ଫୋରମ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ସ୍ମାରକପତ୍ରରେ କୁହାଯାଇଛି ୧୬ ଟି ନୂଆ ଯୋଜନା ସହ କୃଷି କ୍ଷେତ୍ରକୁ ପ୍ରାଧାନ୍ୟ ଦେଇ ଓ ସମସ୍ତ ବର୍ଗଙ୍କୁ ଖୁସି କରିବା ଉଦ୍ଦେଶ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ବଜେଟ ଆଗତ କରାଯାଇଛି। ଯାହାକି ସ୍ୱାଗତଯୋଗ୍ୟ। ସ୍ୱାଭାବିକ ଭାବରେ ବିଭିନ୍ନ ବିଭାଗ ପାଇଁ ବ୍ୟୟବରାଦ କରିଥିଲେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ପର୍ଯ୍ୟଟନ, ଗମନାଗମନ, ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା, ଐତିହ୍ୟ, ଇତ୍ୟାଦି ର ବିକାଶ ପାଇଁ ଓଡ଼ିଶାର ବିଭିନ୍ନ ସହର, ଅଞ୍ଚଳ ବା ଜିଲ୍ଲାକୁ ପ୍ରାଧାନ୍ୟ ଦେଇ ଉପରୋକ୍ତ କ୍ଷେତ୍ରରେ ଅନେକ ଉନ୍ନୟନମୂଳକ ପ୍ରକଳ୍ପ ବା ଯୋଜନା ଘୋଷଣା କରିଛନ୍ତି। କ୍ଷୋଭର ବିଷୟ ଯେ ରାଉରକେଲା ପରି ଏକମାତ୍ର ଓଡ଼ିଶାର ଦ୍ୱିତୀୟ ସ୍ମାର୍ଟ ସିଟି ତଥା ଏକଦା ଓଡ଼ିଶାର ଶିଳ୍ପ ରାଜଧାନୀର ମାନ୍ୟତା ପାଇଥିବା ରାଉରକେଲା ଓ ସୁନ୍ଦରଗଡ଼ ପରି ଆଦିବାସୀ ଅଧ୍ୟୁଷିତ ଖଣିଜ ଓ ପ୍ରାକୃତିକ ସମ୍ପଦ ଭରା ଉପାନ୍ତ ଜିଲ୍ଲାପାଇଁ କୌଣସି ନିର୍ଦ୍ଦିଷ୍ଟ ଯୋଜନା ସ୍ଥାନ ପାଇନାହିଁ। ତେଣୁ ଆଗାମୀ ଦିନରେ ବିଭିନ୍ନ ବିଭାଗରେ ହୋଇଥିବା ବ୍ୟୟ ବରାଦରେ ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ବିପିୟୁଟିରେ ଉତ୍କର୍ଷ କେନ୍ଦ୍ର ସ୍ଥାପନ, ରାଉରକେଲା ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା, ରାଉରକେଲା ବିମାନ ବନ୍ଦରକୁ ପୂର୍ଣ୍ଣାଙ୍ଗ ବିମାନ ବନ୍ଦରରେ ରୂପାନ୍ତରୀକରଣ, ବେଦବ୍ୟାସକୁ ଏକ ଅନ୍ତର୍ଜାତୀୟ-ଧାର୍ମିକ-ଆଧ୍ୟାତ୍ମିକ-ପର୍ଯ୍ୟଟନ ସ୍ଥଳ ଭାବରେ ବିକାଶ, ରାଉରକେଲାରେ ଆଇଟି ଓ ପ୍ରଯୁକ୍ତି ବିଦ୍ୟାର ଭିତ୍ତିଭୂମିର ବିକାଶ, ଭୁବନେଶ୍ୱର ପରି ବୃହତ୍ତର ରାଉରକେଲାର ପରିକଳ୍ପନା, ରେଳ ଡିଭିଜନ ପାଇଁ ଓଡ଼ିଶା ସରକାରଙ୍କ ଯୋଜନାବଦ୍ଧ ଭାବରେ ପ୍ରୟାସ, ଜିଲ୍ଲାର ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳଗୁଡ଼ିକର ଭିତ୍ତିଭୂମିର ବିକାଶ, କ୍ଷୁଦ୍ର, ମଧ୍ୟମ ଶିଳ୍ପ ପାଇଁ ଇଣ୍ଡଷ୍ଟ୍ରିଆଲ ପାର୍କ, ଜିଲ୍ଲାରେ ମଲ୍ଟିମୋଡାଲ ଲଜିଷ୍ଟିକ୍ ହବ୍, ସରକାରୀ ମେଡିକାଲ କଲେଜ ସହ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ସହ ରାଉରକେଲାରେ ବାସଗୃହର ସମସ୍ୟାର ସମାଧାନ ଇତ୍ୟାଦି କେତେକ ମୌଳିକ ଆବଶ୍ୟକତାକୁ ପୂରଣ କରିବାପାଇଁ ଆଗାମୀ ଆର୍ଥିକ ବର୍ଷରେ ବଜେଟ୍ ଅନୁଦାନ ରାଶିରୁ ବ୍ୟୟବରାଦ କରିବାପାଇଁ ଥିଙ୍କର୍ସ ଫୋରମ୍‌ର ଆବାହକ ନଳିନୀକାନ୍ତ ଧର ମୁଖ୍ୟମନ୍ତ୍ରୀ, ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ସାଂସଦ ଓ ବିଧାୟକମାନଙ୍କୁ ସ୍ମାରକପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ନକଲି ଓମଫେଡ୍ ଘିଅ ବିକ୍ରି; ୫ଟି ସ୍ଥାନରେ ଚଢ଼ଉ

ରାଉରକେଲା, ୧୮।୨(ସମିସ): ସହରରେ ନକଲି ଓମଫେଡ୍ ଘିଅର ଅବାଧ ବିକ୍ରି ହେଉଛି। ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ଖୋଦ୍ ଓମଫେଡ୍ ଅଧିକାରୀ। ସହରର ପ୍ଲାଣ୍ଟସାଇଟ୍ ଥାନା ସମେତ ବିଭିନ୍ନ ଅଞ୍ଚଳରେ ଅବିକଳ ଓମଫେଡ୍ ନକଲି ଘିଅ ପ୍ଲାଷ୍ଟିକ ଡବାରେ ପ୍ୟାକିଂ ହୋଇ ସହରରେ ବିକ୍ରି ହେଉଥିବା ନେଇ ପୂର୍ବରୁ ବେଶ୍ ଚର୍ଚ୍ଚା ଜୋର ଧରିଥିଲା। ପରିଶେଷରେ ରାଉରକେଲାର ପ୍ରଧାନ ପାଲ୍ଲୀ ଠାରେ ଥିବା ଓମଫେଡ୍ କର୍ତ୍ତୃପକ୍ଷ ଏବେ ମୁହଁ ଖୋଲିଛନ୍ତି। ଓମଫେଡ୍ ବ୍ରାଣ୍ଡରେ ସହରରେ ନକଲି ଓମଫେଡ ଘିଅ ବିକ୍ରି ହେଉଥିବା କହିଛନ୍ତି। ବିଶେଷ କରି ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଡେଲିମାର୍କେଟ, ନାଲାରୋଡ, ସେକ୍ଟର -୭ ଥାନା ଅନ୍ତର୍ଗତ ବିଭିନ୍ନ ମାର୍କେଟ, ସେକ୍ଟର-୩ ଅନ୍ତର୍ଗତ ଏନ୍‌ଆଇଟି ନିକଟସ୍ଥ ବିଭିନ୍ନ ଦୋକାନରେ ନକଲି ଓମଫେଡ୍ ଘିଅ ବିକ୍ରି ହେଉଥିବା ନେଇ ଓମଫେଡ୍ ପକ୍ଷରୁ ଅଭିଯୋଗ ପାଇବା ପରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଡିଏସ୍‌ପି ନିର୍ମଳ ମହାପାତ୍ର, ଡିଏସ୍‌ପି ଯୋଗେଶ ପଣ୍ଡାଙ୍କ ନେତୃତ୍ୱରେ ପ୍ଲାଣ୍ଟସାଇଟ୍, ସେକ୍ଟର-୭, ସେକ୍ଟର-୩ ଥାନା ପୁଲିସ ଚଢ଼ଉ ଜାରି ରଖିଛନ୍ତି। ତେବେ କେଉଁଟା ଅସଲି ଓ କେଉଁଟା ନକଲି ତାହା ଜାଣିବା ମୁସ୍କିଲ ହୋଇ ପଡ଼ିଛି। ସେଥିପାଇଁ ପୁଲିସ ଓମଫେଡ୍ ଅଧିକାରୀମାନଙ୍କୁ ସାଙ୍ଗରେ ନେଇ ଚଢ଼ଉ କରୁଥିବା ଜଣାପଡ଼ିଛି। ବଜାରରେ ବିକ୍ରି ହେଉଥିବା ଓମଫେଡ୍ ଘିଅ ନକଲି କି ଅସଲି ଜାଣିବା ପାଇଁ ଏହାର ନମୂନା ବିଭିନ୍ନ ସ୍ଥାନରୁ ସଂଗ୍ରହ କରାଯାଉଛି। ଏହି ରିପୋର୍ଟ ଲେଖା ହେବା ବେଳକୁ ଚଢ଼ଉ ଜାରି ରହିଥିବା ସୂଚନା ମିଳିଛି।

## ଇନ୍ଦିରା ଗାନ୍ଧୀ ପାର୍କରେ ଭିନ୍ନକ୍ଷମ ପିଲାଙ୍କ ପାଇଁ ସ୍ୱତନ୍ତ୍ର ପରିଭ୍ରମଣ ବ୍ୟବସ୍ଥା

ରାଉରକେଲା, ୧୮।୨(ସମିସ): ସେଲ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଇସ୍ପାତ ନଗରୀର ପ୍ରମୁଖ ମନୋରଞ୍ଜନ କେନ୍ଦ୍ର ଇନ୍ଦିରାଗାନ୍ଧି ପାର୍କରେ ମାନସିକ ଅନଗ୍ରସର ଶିକ୍ଷାନୁଷ୍ଠାନ ହୋମ ଏଣ୍ଡ ହୋପ ଏବଂ ବଧିର ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ‘ଆଶା’ର ପିଲାମାନଙ୍କ ପାଇଁ ଏକ ଶିକ୍ଷଣୀୟ ପରିଭ୍ରମଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପରିଦର୍ଶନ ପିଲାମାନଙ୍କୁ ପ୍ରକୃତି ଏବଂ ବନ୍ୟପ୍ରାଣୀଙ୍କ ମଧ୍ୟରେ ମଜା, କୌତୁହଳ ଏବଂ ଶିକ୍ଷାର ଏକ ନିଆରା ଅନୁଭୂତି ପ୍ରଦାନ କରିଥିଲା। ଏହି ଭ୍ରମଣରେ ଉଦ୍ୟାନ କୃଷି ଏବଂ ଜେଡ୍ ଡି ପି ର ପ୍ରଭାରୀ ଡକ୍ଟର ଅଭିଜିତ ବିଶ୍ୱାସ, ଉଦ୍ୟାନ କୃଷି ବିଭାଗର ସିନିୟର ମ୍ୟାନେଜର ଓ କ୍ୟୁରେଟର ଜୀବବିଜ୍ଞାନୀ ଡକ୍ଟର ସତ୍ୟନାରାୟଣ ମିଶ୍ର, ପିଲାମାନଙ୍କ ମଧ୍ୟରେ ଏକ ଆକର୍ଷଣୀୟ ଏବଂ ପାରସ୍ପରିକ କ୍ରିୟାଶୀଳ ଅଭିଜ୍ଞତାକୁ ସୁନିଶ୍ଚିତ କରିବାରେ ନେତୃତ୍ୱ ନେଇଥିଲେ। ପିଲାମାନଙ୍କୁ ପାର୍କର ବିଭିନ୍ନ ପ୍ରାଣୀ, ଯେପରିକି ବାଘ, ଭାଲୁ,



ହରିଣ, କୁମ୍ଭୀର, ମାଙ୍କଡ଼, ଅଜଗର ଏବଂ ଏମୁ ପକ୍ଷୀ ସହିତ ପରିଚିତ କରାଯାଇଥିଲା। ଗାଇଡମାନେ ପିଲାମାନଙ୍କ ବହୁ ଜିଜ୍ଞାସୁ ପ୍ରଶ୍ନର ଧୈର୍ଯ୍ୟର ସହିତ ଉତ୍ତର ଦେବା ସହିତ ଏହି ପ୍ରଜାତିଗୁଡ଼ିକର ବୈଶିଷ୍ଟ୍ୟ ଏବଂ ଆଚରଣ ବିଷୟରେ ଆକର୍ଷଣୀୟ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ଏଥିସହିତ ପିଲାମାନେ ଡଲ୍ ମ୍ୟୁଜିୟମ୍ ପରିଦର୍ଶନ କରିବା ସହିତ ମନୋରମ ପୁଷ୍କରିଣୀ ଚାରି ପାଖରେ ଘୂରି ବୁଲୁଥିବା ଖେଳଣା ଟ୍ରେନ୍‌ରେ ଏକ ଆନନ୍ଦପ୍ରଦ ଯାତ୍ରାର ମଜା ନେଇଥିଲେ। ଏହି ପରିଦର୍ଶନରେ ଉଭୟ ଶିକ୍ଷାନୁଷ୍ଠାନର ପ୍ରାୟ ୧୪୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ, ଯେଉଁମାନେ ଏହି ଅଭିଜ୍ଞତାର ପୂର୍ଣ୍ଣ ଉପଭୋଗ କରିଥିଲେ। ଏହି ପରିପ୍ରେକ୍ଷୀ ରେ ଜଳପାନ ବ୍ୟବସ୍ଥା ଏହି ଭ୍ରମଣକୁ ଆହୁରି ଆନନ୍ଦଦାୟକ କରିଥିଲା।

ଉଲ୍ଲେଖଯୋଗ୍ୟ ଯେ, ୧୯୬୦ ଦଶକର ପ୍ରାରମ୍ଭରେ ବିକଶିତ ଇନ୍ଦିରା ଗାନ୍ଧୀ ପାର୍କ, ରାଉରକେଲାର ସବୁଠାରୁ ପ୍ରତିଷ୍ଠିତ ପାର୍କ ମଧ୍ୟରୁ ଅନ୍ୟତମ ଯାହା ଦୁର୍ଗାପୁର ପାହାଡ଼ ପାଦଦେଶରେ ଅବସ୍ଥିତ। ଏଥିରେ ବିଭିନ୍ନ ପ୍ରକାରର ବୃକ୍ଷଲତା ରହିଛି, ଯାହା ପ୍ରକୃତିପ୍ରେମୀ ଏବଂ ପରିଦର୍ଶକଙ୍କୁ ବେଶ ଆକର୍ଷିତ କରିଥାଏ। ଏହି ପାର୍କରେ ଅନେକ ଆକର୍ଷଣ ରହିଛି, ଯେପରିକି ନୌକା ଚାଳନା, ଏକ ଆକ୍ୱାରିୟମ୍, ଚିଡ଼ିଆଖାନା, ମ୍ୟୁଜିକାଲ ଫାଉଣ୍ଟେନ୍ ଏବଂ ଏଠାରେ ସାତୋଟି ଖେଳ ସଂରଚନା ସହିତ ସଜ୍ଜିତ ହୋଇଛି ଯାହା କୁନି କୁନି ପିଲାମାନଙ୍କ ପାଇଁ ଅନେକ ଆନନ୍ଦ ଆଣିଥାଏ। ସୂଚନାଯୋଗ୍ୟ ଯେ ଉଦ୍ୟାନ କୃଷି ବିଭାଗ ଦ୍ୱାରା ପରିଚାଳିତ ଇନ୍ଦିରା ଗାନ୍ଧୀ ପାର୍କ ଚିଡ଼ିଆଖାନାରେ ୨୨ ପ୍ରକାରର ୧୬୯ ରୁ ଊର୍ଦ୍ଧ୍ୱ ପ୍ରାଣୀ ଏବଂ ପକ୍ଷୀ ବାସ କରନ୍ତି, ଯେଉଁଥିରେ ଛଅ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୩ ପ୍ରଜାତିର ପକ୍ଷୀ ଏବଂ ତିନି ପ୍ରଜାତିର ସରୀସୃପ ଅନ୍ତର୍ଭୁକ୍ତ। ଏହି ପାର୍କ ୨୦୨୫ ଜାନୁଆରୀ ଏବଂ ଫେବୃଆରୀ ମାସରେ ୧୦ରୁ ଅଧିକ ସ୍କୁଲର ଛାତ୍ରଛାତ୍ରୀ ପରିଦର୍ଶକଙ୍କୁ ସ୍ୱାଗତ କରିଛି, ଯାହା ରାଉରକେଲାରେ ମନୋରଞ୍ଜନ ଏବଂ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଏହାର ଭୂମିକାକୁ ଆହୁରି ସୁଦୃଢ଼ କରିଛି।

## ସେଲ୍ କର୍ତ୍ତୃପକ୍ଷଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ସିଆଇଟିୟୁର ଉଦ୍‌ବେଗ

ରାଉରକେଲା, ୧୮।୨(ସମିସ): ସେଲ୍ କର୍ତ୍ତୃପକ୍ଷଙ୍କ ମାତ୍ରାଧିକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ନେଇ ସିଆଇଟିୟୁ ପକ୍ଷରୁ ସିଆଇଟିୟୁ ସମ୍ପାଦକ ମଣ୍ଡଳୀ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଦୀର୍ଘ ଦିନ ଧରି ଏନ୍‌ଜେସିଏସ୍ ଚୁକ୍ତିନାମା ନ ହେବା ଏବଂ ଧର୍ମଘଟ ପରେ ସେଲ୍‌ଫ କର୍ତ୍ତୃପକ୍ଷ ବିଭିନ୍ନ କାରଖାନାରେ ଶ୍ରମିକଙ୍କ ଟ୍ରାନ୍ସଫର, ସସ୍‌ପେଣ୍ଡ, ଚାର୍ଜସିଟ ଓ ପ୍ରମୋସନ ବନ୍ଦ ଇତ୍ୟାଦି କାର୍ଯ୍ୟାନୁଷ୍ଠାନ ନେଇ ସିଆଇଟିୟୁ ଉଦ୍‌ବେଗ ପ୍ରକାଶ କରିଛି। ସେଲ୍‌ଫରେ ଇସ୍ପାତ ଶ୍ରମିକ, ଠିକା ଓ ଖଣି ଶ୍ରମିକ ସହ କିଛି ଅଧିକାରୀଙ୍କ ଅକ୍ଳାନ୍ତ ପରିଶ୍ରମରେ ସେଲ ଲାଭ ଓ ଉତ୍ପାଦନରେ ଶିଖରରେ ପହଞ୍ଚି ପାରିଥିବା ବେଳେ ୮ ବର୍ଷ ପରେ ମଧ୍ୟ ଏନ୍‌ଜେସିଏସ୍ ଚୁକ୍ତିନାମା ହୋଇପାରିଲା ନାହିଁ। ଏବେ ଶ୍ରମିକଙ୍କ ଉପରେ ଆକ୍ରମଣ ସହ କିଛି ଅଧିକାରୀ ନିଲମ୍ବିତ କରି ଚାକିରିରୁ ବାହାର କରିବା ଭୟ ସୃଷ୍ଟି କରୁଥିବାରୁ ରାଉରକେଲା ଉପସ୍ଥାନ ସମାସ୍ୟା ପାଇଁ ୱାର୍ଣ୍ଣିଂ ବଦଳରେ ଚାର୍ଜସିଟ ଦେଇ ଦଣ୍ଡବିଧାନ ସଠିକ ପ୍ରକ୍ରିୟା ନୁହେଁ। ଦୀର୍ଘ ଦିନର ଉପସ୍ଥାନର ସମସ୍ୟା ପାଇଁ କର୍ତ୍ତୃପକ୍ଷ ମଧ୍ୟ ଦାୟୀ। କେବଳ ଦଣ୍ଡବିଧାନ ନୁହେଁ ଶ୍ରମିକମାନଙ୍କୁ ସୁଧାରିବା କର୍ତ୍ତୃପକ୍ଷଙ୍କ କାର୍ଯ୍ୟ। ଏଥିପାଇଁ ଗଠନମୂଳକ କାର୍ଯ୍ୟକରିବାକୁ ସିଆଇଟିୟୁର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିଷ୍ଣୁ ମହାନ୍ତି କହିଛନ୍ତି। ସାଧାରଣ ସମ୍ପାଦକ ବସନ୍ତ ନାୟକ ଏସଡବ୍ଲ୍ୟୁଏଫଆଇ ଡାକରାରେ ସମସ୍ତ ଇସ୍ପାତ କାରଖାନା ଓ ଖଣିରେ ୩୯ ମାସର ଏରିଅର, ଗୋଟିଏ ଅତିରିକ୍ତ ଇନକ୍ରିମେଣ୍ଟ, ଗ୍ରାଚ୍ୟୁଇଟିରେ ସିଲିଂ ପ୍ରତ୍ୟାହାର ଓ ଠିକା ଶ୍ରମିକଙ୍କର ମୂଳଦରମା ବୃଦ୍ଧି ସହ ତୁରନ୍ତ ଏନ୍‌ଜେସିଏସ୍ ଚୁକ୍ତିନାମା ପାଇଁ ପ୍ରଚାର ଅଭିଯାନ ଧାରଣା ଓ ବିକ୍ଷୋଭ ରାଉରକେଲାରେ କରାଯିବ ବୋଲି କହିଥିଲେ। ୩୯ ମାସର ଏରିଅର ନମିଳିଲେ ଏହାଦ୍ୱାରା ଶ୍ରମିକମାନେ ପିଏଫ୍, ଡିଏ, ଏନ୍‌ପିଏସ୍ ତଥା ଉଚ୍ଚ ପେନସନ୍ ଇପିଏସ୍-୯୫ରେ ମଧ୍ୟ କ୍ଷତିଗ୍ରସ୍ତ ହେବେ। ରାଉରକେଲାରେ ଇସ୍ପାତ ଓ ଠିକାଶ୍ରମିକ ଏହି କାର୍ଯ୍ୟକ୍ରମକୁ ସହଯୋଗ ଓ ସଫଳ କରିବାପାଇଁ ସିଆଇଟିୟୁ ନିବେଦନ କରିଛି। ଏହି ବୈଠକରେ ରତ୍ନାକର ନାୟକ, ପ୍ରଦୀପ ସେଠୀ, ଜଜ୍ଞେଶ୍ୱର ସାହୁ, ଜୀବନ ବାରିଆ, ସଂଗ୍ରାମ ସାମଲ, ସଞ୍ଜୟ ନାୟକ, ଜେକେ ସାହୁ, ପ୍ରଦ୍ୟୁଷ ପରିଡ଼ା, ଶିବରାମ ବେହେରା, ପିକେ ଷଡ଼ଙ୍ଗୀ, ସନ୍ତୋଷ ବେହେରା, ତ୍ରିଲୋଚନ ପାତ୍ର, ଅକ୍ଷୟ ରାଉତ, ପର୍ଶୁରାମ ଜେନା, ବିଡି କିଶାନ, ଏମ କେ ପାଣିଗ୍ରାହୀ, ପୀତାମ୍ବର ବେହେରା, ସନ୍ନ୍ୟାସୀ ପ୍ରଧାନ, ବିଶ୍ୱରଞ୍ଜନ ମଲ୍ଲୀକ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

## ସ୍କୁଲ ଅଫ୍ ଫାଇନ୍ ଆର୍ଟସର ଚିତ୍ରାଙ୍କନ ପ୍ରତିଯୋଗିତା

ରାଉରକେଲା, ୧୮।୨(ସମିସ): କଲଚରାଲ ଏକାଡେମୀ ପରିଚାଳିତ ସ୍କୁଲ ଅଫ୍ ଫାଇନ୍ ଆର୍ଟସ୍ ତରଫରୁ ୫୨ତମ ଶିଳ୍ପୀଗୁରୁ ବିମ୍ବାଧର ବର୍ମା ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଚିତ୍ରାଙ୍କନ ପ୍ରତିଯୋଗିତା ପାଇଁ ଛାତ୍ରଛାତ୍ରୀଙ୍କୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଥିଲା। ନର୍ସରୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଆୟୋଜିତ ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ୨୨୦ରୁ ଊର୍ଦ୍ଧ୍ୱ ଛାତ୍ରାଛାତ୍ରୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଅଫ୍ ଫାଇନ୍ ଆର୍ଟସର ବାର୍ଷିକ ତଥା ସମାବର୍ତ୍ତନ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକାଡେମୀର ସଭାପତି ପଶୁପତି ନାଥ ଚାଟାର୍ଜୀ, ସାଧାରଣ ସମ୍ପାଦକ କାଶୀନାଥ ପାତ୍ର, ସ୍କୁଲ ଅଫ୍ ଫାଇନ ଆର୍ଟସର ସମ୍ପାଦକ ଅକ୍ଷୟ ସାମଲ, ବିଦ୍ୟାଳୟର ଅଧ୍ୟକ୍ଷ ଗୋକୁଳାନନ୍ଦ ଦାଶ, ବିଦ୍ୟାଳୟର ଶିକ୍ଷୟିତ୍ରୀ ରୀନୁ ପ୍ରଧାନ, ଶିକ୍ଷକ ମସୃଣ ମହନ୍ତ, ସୁଜିତ କୁମାର ନାୟକ, କିଶୋର ବେହେରା, ଅକ୍ଷୟ ପଣ୍ଡା, କେଦାର ଗିରି, ବୀର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ମହାଶିବରାତ୍ରି ପାଳନ ନେଇ ପ୍ରସ୍ତୁତି ବୈଠକ

ବଣାଇଁ, ୧୮।୨(ସମିସ): ବଣାଇଁର ପ୍ରସିଦ୍ଧ ଶ୍ରୀଶ୍ରୀ ବାଣେଶ୍ୱର ମହାଦେବଙ୍କ ପୀଠରେ ଚଳିତବର୍ଷର ମହାଶିବରାତ୍ରି ପାଳନ



ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆ, ଉପଖଣ୍ଡ ଚିକିତ୍ସାଧିକାରୀ ମନୋଜ କୁମାର ପତି, ବଣାଇଁ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ, ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ଜଳ ଓ ପରିମଳ ଯନ୍ତ୍ରୀ ବିକାଶ ସିଂ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯାଗର ଯାତ୍ରା ପାଇଁ ଦିଆଯାଇଥିବା ଦାୟିତ୍ୱ ସୂଚାରୁରୂପେ ନିର୍ବାହ କରିବା ପାଇଁ ଉପଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପୂର୍ତ୍ତବିଭାଗ ଯନ୍ତ୍ରୀ, ଉପଖଣ୍ଡ ବିଦ୍ୟୁତ ଅଧିକାରୀ, ବଣାଇଁ ଫରେଷ୍ଟ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ, ଆଇନଜୀବୀ ପାର୍ଥସାରଥି ମିଶ୍ର, ସୁଦିତ କୁମାର ସାହୁ, ବିଶ୍ୱଜିତ ସାହୁ, ବିଧାୟକଙ୍କ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ମନ୍ଦିର ପୂଜକ ଜୟଶଙ୍କର ଦେହୁରୀ, ବାଣେଶ୍ୱର ମନ୍ଦିର ଉନ୍ନୟନ କମିଟିର ସମ୍ପାଦକ ମହେଶ୍ୱର ସାହୁ ଏବଂ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର

ବଣାଇଁ, ୧୮।୨(ସମିସ): ବଣାଇଁଗଡ଼ ମହାବିଦ୍ୟାଳୟଠାରେ ୮ ଦିନ ଧରି ଚାଲିଥିବା ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଜେନାମଣି ସାହୁ ସଭାପତିତ୍ୱ କରିଥିଲେ। ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି ଓ ସୁସ୍ଥ ସମାଜ ସହ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାକୁ ଉଦ୍‌ବୋଧନ



ଦେଇଥିଲେ। ଛାତ୍ରୀମାନେ ଆତ୍ମସୁରକ୍ଷା କୌଶଳ ଶିଖିବା ସହ ସ୍ୱାସ୍ଥ୍ୟବାନ ଓ ଆତ୍ମବିଶ୍ୱାସୀ ହୋଇ ନିଜକୁ ସୁରକ୍ଷିତ କରି ସମାଜ ପାଇଁ ଏକ ଉଦାହରଣ ହେବା ଉଚିତ ବୋଲି ମତ ଦେଇଥିଲେ। ଅଧ୍ୟାପିକା ଦୀପାଞ୍ଜଳି ହାଜଦା ମାଝୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ପ୍ରଜ୍ଞା ପରିମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କ ଶୋକସଭା



ରାଉରକେଲା, ୧୮।୨(ସମିସ): ସ୍ଥାନୀୟ ଛେଣ୍ଡ ଥାନା ପରିସରରେ ଥିବା ଆଦର୍ଶ ବରିଷ୍ଠ ନାଗରିକ ସହାୟତା କେନ୍ଦ୍ରର କାର୍ଯ୍ୟକାରୀ ସଦସ୍ୟ ସଚ୍ଚିଦାନନ୍ଦ ଭଦ୍ରଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଛି। ସେ ଜଣେ ମେଳାପି, ସ୍ନେହୀ, ନିଷ୍ଠାପର ବ୍ୟକ୍ତି ଥିଲେ। ଅନୁଷ୍ଠାନର ଯେ କୌଣସି କାର୍ଯ୍ୟକୁ ନିଷ୍ଠାପର ସହ ଦାୟିତ୍ୱ ନିର୍ବାହ କରୁଥିଲେ ବୋଲି ମତ ପ୍ରକାଶ ପାଇଛି। ଏହି ଅବସରରେ ସମ୍ପାଦକ ବିଜୟ କୁମାର ବରାଳ, ଯୋଗେଶ୍ୱର ପ୍ରଧାନ, ସରୋଜ ସ୍ୱାଇଁ, ଅମରେଶ ତ୍ରିପାଠୀ, ହରେକୃଷ୍ଣ ନାୟକ, ରବୀନ୍ଦ୍ର ନାୟକ, ଉଦୟ ନାଥ ଜେନା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପିର ଠିକା ଶ୍ରମିକ ପୁରସ୍କୃତ

ରାଉରକେଲା, ୧୮।୨(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନାର ଟ୍ରାଫିକ୍ ଏବଂ କଞ୍ଚାମାଲ (ଟି ଆଣ୍ଡ ଆର୍‌ଏମ୍) ବିଭାଗ ଦ୍ୱାରା ଠିକା ଶ୍ରମିକଙ୍କ ପାଇଁ ଏକ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ଉତ୍ସବରେ ଟି ଆଣ୍ଡ ଆର୍‌ଏମ୍ ବିଭାଗର ସିଜିଏମ୍ କୌଶିକ ସୁନ୍ୟାନି, ମାନବ ସମ୍ବଳ ବିଭାଗର ଜିଏମ ଜ୍ଞାନ ରଞ୍ଜନ ଦାଶ, ଟି ଆଣ୍ଡ ଆର୍‌ଏମ୍ ବିଭାଗର ଡିଜିଏମ୍ ଅରବିନ୍ଦ ଉପାଧ୍ୟାୟ ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନିଜର ଅଭିଭାଷଣରେ ଶ୍ରୀ ସୁନ୍ୟାନି ସ୍ୱୀକୃତି ଏବଂ ନିରନ୍ତର



ଉନ୍ନତିର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ସଂଗଠନର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଦାସ ଆର୍‌ଏସ୍‌ପିରେ କର୍ମଚାରୀଙ୍କ ସହଭାଗିତା ଓ କଲ୍ୟାଣମୂଳକ ପଦକ୍ଷେପର ବ୍ୟାପକ ଦୃଷ୍ଟିକୋଣ ବିଷୟରେ ଆଲୋଚନା କରିଥିଲେ। ଏଚ୍‌ଆର୍ ବିଭାଗର ସିନିୟର ମ୍ୟାନେଜର ସଙ୍ଗୀତା ଏମ. ସିନ୍ଦୂର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ଅଧିକାରୀମାନେ ୨୦ ଜଣ ଠିକା ଶ୍ରମିକଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ବିଭାଗକୁ ଲାଭଦାୟକ ମୂଲ୍ୟବାନ ପରାମର୍ଶ ପ୍ରଦାନ ପାଇଁ ପୁରସ୍କୃତ କରିଥିଲେ। ପୁରସ୍କାର ବିଜେତାଙ୍କୁ ମୋଟ ୧୦ହଜାର ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଲ୍ଲେଖନୀୟ ଯେ, ଆର୍ଥିକ ପ୍ରୋତ୍ସାହନ ବ୍ୟତୀତ, ଠିକା ଶ୍ରମିକମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ମୂଲ୍ୟବାନ ପରାମର୍ଶରୁ ଅନେକ ଅଣ-ଆର୍ଥିକ ଲାଭ ମିଳିଛି।

## ବାଗଡ଼େଗା ମଣ୍ଡପ ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ

ରାଉରକେଲା, ୧୮।୨(ସମିସ): ନୂଆଗାଁ ବ୍ଲକ ଅନ୍ତର୍ଗତ ବାଗଡ଼େଗା ମଣ୍ଡପ ପ୍ରାଥମିକ ସ୍କୁଲରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷକ ଲମ୍ବୋଦର ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତୀତ ଭାବେ ସିଆର୍‌ସିସି ଭୋଳା ବାରିକ, ଶିକ୍ଷୟିତ୍ରୀ ସୁକାନ୍ତି କଲସର, ଦୁଃଖିରାମ ସାହୁ,



ବିଷ୍ଣୁଚରଣ ଦାସ ସୀତା ମହାକୁଡ଼, ସଞ୍ଜୁଲତା ବେହେରା ପୁଷ୍ପାଞ୍ଜଳି ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ସ୍କୁଲ କମିଟିର ସଭାପତି ଦୀନନାଥ ବଡ଼ାଇକ, ଉପ ସଭାପତି ଧୁଚିଆ ଓରାମଙ୍କ ସହ ଗ୍ରାମର ବହୁ ଭଦ୍ର ବ୍ୟକ୍ତି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ନୃତ୍ୟ, ଗୀତ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ବ୍ଲକର ବରିଷ୍ଠ ଶିକ୍ଷକ ପର୍ଶୁରାମ ବେହେରାଙ୍କ ଦ୍ୱାରା ପରିଚାଳିତ ଉକ୍ତ ବାର୍ଷିକ ଉତ୍ସବରେ ବିଭିନ୍ନ ପ୍ରତିଯୋଗୀତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ପାହାଡ଼ଟୋଲା ପ୍ରାଥମିକ ବିଦ୍ୟାଳୟରେ ନିପୁଣ ମେଳା

ବିଶ୍ରା, ୧୮।୨(ସମିସ)

ପାହାଡ଼ଟୋଲା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଓ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା, ନିପୁଣ ଭାରତ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ବଳଭଦ୍ର ମହାକୁଡ଼ ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସବିତା ସାହୁ ସ୍ୱାଗତ ଦେଇ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶ୍ରା ବ୍ଲକ ଏବିଇଓ ସତ୍ୟଭାମା ବେହେରା ଯୋଗଦେଇ ଛାତ୍ରଛାତ୍ରୀ ନିପୁଣ ଅର୍ଥାତ୍ ଦକ୍ଷ ଓ ପାରଙ୍ଗମ ହୋଇ ପାରିଲେ ବିଦ୍ୟାଳୟ ସମେତ ଗ୍ରାମ, ବ୍ଲକ, ଜିଲ୍ଲା ସହ ରାଜ୍ୟ ଓ ପରିଶେଷରେ ସମଗ୍ର ଦେଶ ମଧ୍ୟ ନିପୁଣ ତଥା ଦକ୍ଷ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସୁବୋଧ ରାଉତରାୟ ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଅଭୟ କୁମାର ପୃଷ୍ଟି ଯୋଗ ଦେଇଥିଲେ।



ଗ୍ରାମ, ଜିଲ୍ଲା, ରାଜ୍ୟ ଓ ସମଗ୍ର ଦେଶର ବିକାଶକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରି ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହୋଇ ଦେଶ ମାତୃକାର ସେବା କରିବା ପାଇଁ କହିଥିଲେ। କ୍ଲଷ୍ଟର ଦାୟିତ୍ୱରେ ଥିବା ସିଆର୍‌ସିସି ଗୋବିନ୍ଦ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ରା ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜ ବିହାରୀ ରାଉତ, ଶରତ ଚନ୍ଦ୍ର ସାହୁ, ସିଆରସିସି କଳ୍ପନା ସାହୁ, ବିଦ୍ୟାଳୟ ସଭାପତି ସୁଶିଲ ଏକ୍କା, ପ୍ରଧାନ ଶିକ୍ଷୟିତ୍ରୀ ସଚଳା ସାମଲ, ଶୁରେଖା ବେହେରା, ଜ୍ୟୋସ୍ନା ରାଣୀ ଓଝା, ସହକାରୀ ଶିକ୍ଷୟିତ୍ରୀ ନମିତା ନାୟକ ଯୋଗ ଦେଇଥିଲେ। ୮ଟି ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ଏଫଏଲଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ସୁଜାତା ପ୍ରଧାନ, ପ୍ରେମଲତା ପଣ୍ଡା, ସ୍ନିଗ୍ଧା ରାଣୀ ମହନ୍ତ, ସୁନୀତା ଓରାମ, ଉଲ୍ଲାସ ବିଶ୍ୱାଳ, ପୁଷ୍ପା କୁମାରୀ, ରଶ୍ମୀ ଗିଦି, ପଙ୍କଜିନି ଓରାମ, ଭାରତୀ ତନ୍ତୀ, ନମିତା ନାୟକ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ମେଳାରେ ପିଲାଙ୍କ ଦ୍ୱାରା ହାତ ତିଆରି ସାମଗ୍ରୀ ଓ ସଂଖ୍ୟା ଜ୍ଞାନ ଗଣିତ ବିଟ୍ ଗୁଡ଼ିକୁ ବୁଲି ଦେଖିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜରାଟୋଲି ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସ୍ନିଗ୍ଧା ରାଣୀ ମହନ୍ତ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ଥିବା ଗାଇଡ୍‌ଲାଇନକୁ ମାନି କାର୍ଯ୍ୟ କରିବାକୁ ଶପଥ ପାଠ କରାଇଥିଲେ। ସହକାରୀ ଶିକ୍ଷକ ବଳଭଦ୍ର ମହାକୁଡ ଧନ୍ୟବାଦ୍ ଦେଇଥିଲେ।

## ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ପରଲୋକ

ଫୁଲବାଣୀ, ୧୮।୨ (ସମିସ): ଫୁଲବାଣୀର ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ତାଙ୍କୁ ୭୪ବର୍ଷ ହୋଇଥିଲା। ସେ ଫୁଲବାଣୀରେ ଥିବା ବେଳେ ଅସୁସ୍ଥ ହୋଇପଡ଼ିବାରୁ ପରିବାରଲୋକେ ତାଙ୍କୁ ବ୍ରହ୍ମପୁରର ଗଜପତି ନଗରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ମଙ୍ଗଳବାର ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ ପୁଅ, ପତ୍ନୀ ଓ ଝିଅ ଉପସ୍ଥିତ ଥିଲେ। ମୃତ୍ୟୁଞ୍ଜୟ କଂଗ୍ରେସର ଜଣେ ବରିଷ୍ଠ ନେତା ଥିଲେ। କଂଗ୍ରେସ ଟିକଟରେ ସେ ତିନିଥର ସାଂସଦ ହୋଇଥିଲେ। ଏହାସହ ଓଏସସି କମିଶନ ସଦସ୍ୟ ରହି ବେଶ୍ ଦକ୍ଷତାର ସହ କାର୍ଯ୍ୟ କରି ପ୍ରଶଂସା ସାଉଁଟିଥିଲେ। ୧୯୫୨ମସିହାରେ ଜନ୍ମିତ ମୃତ୍ୟୁଞ୍ଜୟ ଛାତ୍ର ଜୀବନରୁ ହିଁ ରାଜନୀତି ସହ ଜଡ଼ିତ ଥିଲେ। ବ୍ରହ୍ମପୁର ଖଲ୍ଲିକୋଟ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ହାସଲ ପରେ ଜାନକୀ ବଲ୍ଲଭ ପଟ୍ଟନାୟକ ନେତୃତ୍ୱରେ କଂଗ୍ରେସରେ ଯୋଗ ଦେଇଥିଲେ।



୧୯୮୦ରୁ ୧୯୮୪ , ୧୯୯୧ ରୁ ୧୯୯୬, ୧୯୯୭ରୁ ୧୯୯୮ ପର୍ଯ୍ୟନ୍ତ ଫୁଲବାଣୀ ସାଂସଦ ଥିଲେ। କନ୍ଧମାଳ ଜିଲ୍ଲାର ଜଣେ ଟାଣୁଆ ନେତା ହିସାବରେ ବହୁତ ଖ୍ୟାତି ରହିଥିଲା। ତାଙ୍କ ବିୟୋଗ ଜିଲ୍ଲା କଂଗ୍ରେସରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡ଼ା କହିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ, ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅନାମ ନାୟକ, ବରିଷ୍ଠ କଂଗ୍ରେସ ନେତା ଅମିରଚାନ୍ଦ ନାୟକ, ଘନକୁମାର ଶବର, ଗୌରଚରଣ ବେହେରା, ବଳଦେବ ବେହେରାଙ୍କ ସମେତ ଜିଲ୍ଲା କଂଗ୍ରେସର ବହୁ ନେତା ଶୋକ ପ୍ରକାଶ କରିଛନ୍ତି। ବୁଧବାର ଫୁଲବାଣୀଠାରେ ତାଙ୍କ ଅନ୍ତିମ ସଂସ୍କାର ଅନୁଷ୍ଠିତ ହେବ।

# କ୍ରେଡିଟ କାର୍ଡ ଲୟାଲିଟି ସ୍କିମ୍ ଆଳରେ ୪୫ଲକ୍ଷ ଠକେଇ

## ଆଇସିଆଇସିଆଇ ବ୍ୟାଙ୍କ୍ ମ୍ୟାନେଜର୍ ଗିରଫ

ବ୍ରହ୍ମପୁର,୧୮।୨ (ସମିସ): ବ୍ରହ୍ମପୁର ଗୋଷାଣି ନୂଆଗାଁର ଆଇସିଆଇସିଆଇ ବ୍ୟାଙ୍କ ମ୍ୟାନେଜର କ୍ରେଡିଟ କାର୍ଡ ଲୟାଲିଟି ସ୍କିମ୍ ଆଳରେ ସହରର ୩ଜଣ ଜମାକାରୀଙ୍କଠାରୁ ୪୫ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ହୋଇଥିବା ଜମାକାରୀମାନେ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସଂପୃକ୍ତ ମ୍ୟାନେଜରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ, ଇ. ମିଥୁନ (୩୫)।

ସୂଚନାନୁସାରେ, ଗୋଷାଣିନୂଆଗାଁ ସଦାନନ୍ଦ ବିହାର ନିବାସୀ ଚନ୍ଦନ କୁମାର ପାଢ଼ୀଙ୍କ ସମେତ ଏମ. ଦେବୀପ୍ରସାଦ ଓ ସନ୍ଦୀପ କୁମାର ସାହୁ ଦେଢ଼ ବର୍ଷ ପୂର୍ବେ ବ୍ୟକ୍ତିଗତ ଋଣ (ପର୍ସନାଲ ଲୋନ୍) ପାଇଁ ଗୋଷାଣି ନୂଆଗାଁସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଶାଖାକୁ ଯାଇଥିଲେ। ସେଠାରେ କାର୍ଯ୍ୟରତ ମ୍ୟାନେଜର ମିଥୁନ ଉପରୋକ୍ତ ୩ଜଣଙ୍କୁ ବ୍ୟକ୍ତିଗତ ଋଣ ଦେବା ବଦଳରେ କ୍ରେଡିଟ୍ କାର୍ଡ ଲୟାଲିଟି ଇନଭେଷ୍ଟମେଣ୍ଟ ସ୍କିମ୍ ନାମକ ଏକ ସ୍କିମ୍ ସମ୍ପର୍କରେ ବୁଝାଇଥିଲେ। ଉପରୋକ୍ତ ୩ଜଣ ଗ୍ରାହକ ଉକ୍ତ ସ୍କିମରେ ଟଙ୍କା ନିବେଶ କରିଥିଲେ। ସନ୍ଦୀପ କୁମାର ସାହୁ ନିଜ କ୍ରେଡିଟ କାର୍ଡରୁ ୫ଲକ୍ଷ ୮୦ହଜାର ଟଙ୍କା ଦେଇଥିବା ବେଳେ ଦେବୀପ୍ରସାଦ ନଗଦ ୧୫ ଲକ୍ଷ ଟଙ୍କା ଏବଂ ଚନ୍ଦନ ନଗଦ ୧୨ ଲକ୍ଷ ଟଙ୍କା ବ୍ୟାଙ୍କ ମ୍ୟାନେଜର ମିଥୁନଙ୍କୁ ଦେଇଥିଲେ। ଟଙ୍କା ଗ୍ରହଣ କରିବାର ୧ମାସ ପରେ ବ୍ୟାଙ୍କ ମ୍ୟାନେଜର ମିଥୁନ ସୁଧ ବାବଦକୁ ଉପରୋକ୍ତ ୩ ଜଣଙ୍କୁ ଲୟାଲିଟି ବାବଦରେ ସନ୍ଦୀପଙ୍କୁ ୧୨ହଜାର, ଦେବୀ ପ୍ରସାଦଙ୍କୁ ୬୦ହଜାର ଓ ଚନ୍ଦନଙ୍କୁ ୪୮ ହଜାର ପ୍ରଦାନ କରିଥିଲେ। ତେବେ ମିଥୁନ ଏହି ଟଙ୍କା ନିଜ ପତ୍ନୀଙ୍କ 'ଫୋନ-ପେ' ଜମାରୁ ମାସକୁ ମାସ ଉପରୋକ୍ତ ୩ ଜଣଙ୍କ ନିକଟକୁ ପଠାଉଥିଲେ। ଏହିଭଳି କିଛି ମାସ ବିତିବା ପରେ ବ୍ୟାଙ୍କ ମ୍ୟାନେଜର ଜଣକ ଆଉ ଅଧିକ ଟଙ୍କା ନିବେଶ କରିବାକୁ କହିଥିଲେ। ଜମାକାରୀଙ୍କ ନାଁରେ ମିଥୁନ ଅତିରିକ୍ତ କ୍ରେଡିଟ କାର୍ଡ ମଧ୍ୟ କରାଇ ଦେଇଥିଲେ। ତେବେ ମାସକୁ ମାସ ୪ ପ୍ରତିଶତ ସୁଧ ତଥା ଲୟାଲିଟି ଟଙ୍କା ମିଳୁଥିବାରୁ ଜମାକାରୀଙ୍କ ଲୋଭ ବଢ଼ିଯାଇଥିଲା। ସେହିକ୍ରମରେ ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଦୀପ ନିଜ କେଡିଟ କାର୍ଡରୁ



୩ଲକ୍ଷ ୪୮ ହଜାର ଟଙ୍କା ଦେବା ସହ ନଗଦ ୨ଲକ୍ଷ ଦେଇଥିଲେ। ଚନ୍ଦନ ନିଜ କ୍ରେଡିଟ କାର୍ଡରୁ ୭ଲକ୍ଷ ୫୦ହଜାର ଟଙ୍କା ଦେଇଥିଲେ। ବ୍ୟାଙ୍କ ମ୍ୟାନେଜର ମିଥୁନ ଉପରୋକ୍ତ ଜମାକାରୀଙ୍କଠାରୁ ୪୫ଲକ୍ଷରୁ ଅଧିକ ଟଙ୍କା ନେଇଥିଲେ। ତେବେ ଦ୍ୱିତୀୟ ପର୍ଯ୍ୟାୟ ଜମା ଟଙ୍କା ନେବାର ୨ମାସ ପରେ ମିଥୁନ ମାସିକ ଲୟାଲିଟି ଟଙ୍କା ଦେବା ବନ୍ଦ କରି ଦେଇଥିଲେ। ଏନେଇ ୩ ଜଣ ଜମାକାରୀ ବାରମ୍ବାର ଟଙ୍କା ବିଷୟରେ ପଚାରିବା ପରେ ମ୍ୟାନେଜର୍ ସମସ୍ତ ଟଙ୍କା ଫେରାଇ ଦେବେ ବୋଲି କହିଥିଲେ। ସେପଟେ କ୍ରେଡିଟ କାର୍ଡ ରିକଭରି ବିଭାଗରୁ ଜମାକାରୀଙ୍କୁ ଟଙ୍କା ପୈଠ ପାଇଁ ବାରମ୍ବାର ଚାପ ସୃଷ୍ଟି କରାଯାଉଥିଲା। ତେବେ ମିଥୁନ ଟଙ୍କା ଫେରସ୍ତ କରିବା ପରିବର୍ତ୍ତେ ଭଡାଟିଆ ଗୁଣ୍ଡା ପଠାଇ ଧମକ ଦେଉଥିବା ଜମାକାରୀମାନେ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ଜମାକାରୀଙ୍କ ଅଭିଯୋଗ ପ୍ରକାରେ ଥାନାରେ ଏକ ମାମଲା(ନଂ-୭୦/୨୫) ରୁଜୁ ହୋଇଥିଲା। ପୁଲିସ ବିଭିନ୍ନ ଦିଗରୁ ତଦନ୍ତ କରି ମ୍ୟାନେଜର ମିଥୁନଙ୍କୁ ଗିରଫ କରିବା ସହ ମାମଲା ସମ୍ପର୍କିତ ବହୁ ନଥିପତ୍ର ଜବତ କରିଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଫୁଲବାଣୀ, ୧୮।୨(ସମିସ): ଫୁଲବାଣୀ ପୋକସୋ ଅଦାଲତ ଆଜି ଜଣେ ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍ ଓ ୫୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଦୋଷୀକୁ ଅଧିକ ୯ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ଯୁବକଜଣଙ୍କ ହେଲା, ଟିକାବାଲି ଥାନା ଅଞ୍ଚଳର ଷ୍ଟିଭେନ ଦିଗାଲ(୨୪)। ଗତ ୨୦୨୨ ଏପ୍ରିଲ ୬ ତାରିଖ ରାତି ପ୍ରାୟ ୮ଟା ବେଳେ ଷ୍ଟିଭେନ୍ ତାଙ୍କର ୪ଜଣ ସହଯୋଗୀଙ୍କ ସହ ନାବଳିକାଙ୍କ ଘରକୁ ଆସିଥିଲେ। ଘରେ କେହି ନଥିବା ସୁଯୋଗ ନେଇ ସେ ପୀଡ଼ିତାଙ୍କୁ ଉଠାଇ ନେଇଥିଲେ। ଘରଲୋକେ ଫେରି ଝିଅ ନଥିବା ଦେଖି ଖୋଜାଖୋଜି କରିଥିଲେ ମଧ୍ୟ ନାବାଳିକାଙ୍କୁ ପାଇ ନଥିଲେ। ଏନେଇ ୧୦ ତାରିଖ ଦିନ ନାବାଳିକାଙ୍କ ବାପା ଟିକାବାଲି ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଖୋଜୁଥିବା ଜାଣିପାରି ଅଭିଯୁକ୍ତ ନାବାଳିକାଙ୍କୁ ନେଇ କେରଳ ଚାଲି ଯାଇଥିଲା। ପରେ ସେହି ମାସ ୧୬ ତାରିଖରେ ଆସି ଟିକାବାଲି ଥାନାରେ ନାବାଳିକାଙ୍କୁ ଛାଡ଼ି ଦେଇଥିଲା। ପୁଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲା।

## ଅବଶିଷ୍ଟାଂଶ

### କଟନୀଛଟନୀକୁ ନେଇ...

ଚାଷୀଙ୍କୁ ଭୟଭୀତ ଏବଂ ଶୋଷଣ କରାଯାଉଛି। ଅଦିନିଆ ବର୍ଷାରେ ଚାଷୀ ଏକର ପିଛା ୪୦ ହଜାର ଟଙ୍କା କ୍ଷତି ସହିଲେ। ମାତ୍ର ସରକାର ସେମାନଙ୍କୁ ୩ ହଜାର ଟଙ୍କା ପ୍ରଦାନ କଲେ ବୋଲି ସେ ଅଭିଯୋଗ କରିଛନ୍ତି। ଶାସକ ଦଳ ପକ୍ଷରୁ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଧାନକିଣାରେ ସୁବ୍ୟବସ୍ଥା ପାଇଁ ରାଜ୍ୟରେ ଚାଷୀ ପ୍ରଥମଥର ଖୁସି ଅଛନ୍ତି ବୋଲି ପାଲଟା ଯୁକ୍ତି ବାଢ଼ିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ୧୨ ଜଣ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୨୪ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି ବୋଲି କହିଛନ୍ତି। ସେହିପରି ବିଧାୟକ ସନାତନ ବିଜୁଳି କହିଛନ୍ତି ଯେ ଆମ ସରକାର ଚାଷୀଙ୍କୁ ୮୦୦ ଟଙ୍କାର ଇନପୁଟ ସବସିଡି ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ନିହାର ମହାନନ୍ଦ, ସନ୍ତୋଷ ଖଟୁଆ ପ୍ରମୁଖ ଆଲୋଚନାରେ ଭାଗ ନେଇଛନ୍ତି।

### ବିଜେପି-ସିନ୍ଦେ...

ରାଜ୍ୟ ସରକାର ୱାଇ-ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରିଥିଲେ। ଏବେ ସେମାନଙ୍କ ଠାରୁ ଏହି ସୁରକ୍ଷା ବ୍ୟବସ୍ଥା କାଢ଼ି ନିଆଯାଇଛି। ଏପରିକି ସି।।ନ୍ଦେଙ୍କ ଘନିଷ୍ଠ ସହଯୋଗୀଙ୍କ ଠାରୁ ମଧ୍ୟ ସୁରକ୍ଷା କାଢ଼ି ନିଆଯାଇଛି। ଏହାକୁ ନେଇ ସିନ୍ଦେ କ୍ଷୁବ୍ଧ ହୋଇଥିବା ବେଳେ ଫଡନାଭିସ କିନ୍ତୁ ଏହାକୁ ବିଶେଷ ଗୁରୁତ୍ୱ ଦେଉ ନାହାନ୍ତି। ତାଙ୍କ ପକ୍ଷରୁ କୁହାଯାଇଛି ଯେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ପରେ ଏହି ନିଷ୍ପତ୍ତି ନିଆଯାଇଛି। କେବଳ ଶିବ ସେନା ନୁହେଁ, ବିଜେପି ଏବଂ ଏନସିପି ବିଧାୟକ/ ମନ୍ତ୍ରୀଙ୍କ ଠାରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥା କାଢ଼ି ନିଆଯାଇଛି। ୨୦୨୨ରେ ବିଦ୍ରୋହ ବେଳେ ସେମାନଙ୍କ ପ୍ରତି ବିପଦ ଥିବାରୁ ସୁରକ୍ଷା ଦିଆଯାଇଥିଲା। ଏବେ କିନ୍ତୁ ସେମାନଙ୍କ ପ୍ରତି ବିପଦ ନଥିବାରୁ ସୁରକ୍ଷା କାଢ଼ି ନିଆଯାଇଛି। କିନ୍ତୁ ସିନ୍ଦେ ଗୋଷ୍ଠୀ ଫଡନାଭିସଙ୍କ ଏହି ଯୁକ୍ତିକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ସେନାର ଜଣେ ନେତା କହିଛନ୍ତି ଯେ କିଛି ହାତ ଗଣତି ବିଜେପି ଓ ଏନ୍‌ସିପି ନେତାଙ୍କ ଠାରୁ ସୁରକ୍ଷା କାଢ଼ି ନିଆଯାଇଛି। ଅନ୍ୟପକ୍ଷରେ ଶିବ ସେନାର ଯେଉଁ ୨୦ଜଣଙ୍କୁ ୱାଇ ସୁରକ୍ଷା ଦିଆଯାଇଥିଲା, ସେମାନଙ୍କ ଠାରୁ କାଢ଼ି ନିଆଯାଇଛି। ଏପରିକି ସିନ୍ଦେଙ୍କ ଘନିଷ୍ଠ ସହଯୋଗୀମାନଙ୍କୁ ମଧ୍ୟ ଛାଡ଼ି ନାହାନ୍ତି ଫଡ଼୍‌ନାଭିସ। ଏହା ସିନ୍ଦେଙ୍କ ପ୍ରତି ଘୋର ଅପମାନ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ସିନ୍ଦେ ତାଙ୍କର କିଛି ବରିଷ୍ଠ ସହଯୋଗୀମାନଙ୍କ ସହିତ ଏବିଷୟରେ ଆଲୋଚନା କରୁଛନ୍ତି। କିନ୍ତୁ ଅଧିକ କଛି କହିବାକୁ ସେ ମନା କରିଦେଇଛନ୍ତି। ୨୦୨୨ରେ ବିଦ୍ରୋହ କରି ମୁଖ୍ୟମନ୍ତ୍ରୀ ହୋଇଥିବା ସିନ୍ଦେ ୨୦୨୪ ନିର୍ବାଚନରେ ବିଜୟୀ ହେବାପରେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦରେ ରହିବାକୁ ଆଗ୍ରହୀ ଥିଲେ। କିନ୍ତୁ ଯେହେତୁ ବିଜେପି ଅଧିକ ସଂଖ୍ୟକ ଆସନ ଜିତିଥିଲା, ସେଦୃଷ୍ଟିରୁ ଏହାର ନେତା ଫଡନାଭିସଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି ବିଜେପି ଜଣାଇଥିଲା। ଏଥିରେ ଅସନ୍ତୁଷ୍ଟ ହୋଇ ସିନ୍ଦେ ୧୨/୧୩ ଦିନ ଧରି ବିଜେପି ନେତାମାନଙ୍କୁ ଧରାଛୁଆଁ ଦେଇନଥିଲେ। ଫଳରେ ସରକାର ଗଠନରେ ବିଳମ୍ବ ହୋଇଥିଲା। ସରକାର ଗଠନରେ ତାଙ୍କ ସମର୍ଥନ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ବିଜେପି ତାଙ୍କୁ ମନାଇଥିଲା। ବିଜେପିକୁ ଅଡୁଆରେ ପକାଇଥିବା ସିନ୍ଦେଙ୍କୁ ଏବେ ଫଡନାଭିସ କୋଣଠେସା କରିବା ଆରମ୍ଭ କରିଦେଇଛନ୍ତି। ସରକାର ପ୍ରତି ସିନ୍ଦେ ବିପଦ ସୃଷ୍ଟି କରିବା ଲାଗି ଉଦ୍ୟମ କଲେ ତାଙ୍କ ଦଳରେ ବିଭାଜନ କରାଇବା ଲାଗି ବିଜେପି ନେତା ରଣନୀତି ପ୍ରସ୍ତୁତ କରି ସାରିଛନ୍ତି। ପୁଣି ଏନ୍‌ସିପି ନେତା ତଥା ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ମଧ୍ୟ ବିଜେପି ସରକାରକୁ ଆଖିବୁଜା ସମର୍ଥନ ଦେବାକୁ ପ୍ରତିଶ୍ରୁତି ଦେଇ ସାରିଛନ୍ତି। ତେଣୁ ସିନ୍ଦେ ଅସନ୍ତୁଷ୍ଟ ହେଲେ ମଧ୍ୟ ସରକାର ପ୍ରତି କୌଣସି ବିପଦ ନାହିଁ ବୋଲି ବିଜେପିର ଜଣେ ନେତା କହିଛନ୍ତି। ୨୮୮ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ବିଜେପିର ୧୩୨ ବିଧାୟକ ଥିବା ବେଳେ ସିନ୍ଦେଙ୍କର ୫୭ ଏବଂ ଅଜିତ ପାୱାରଙ୍କର ୪୧ ବିଧାୟକ ଅଛନ୍ତି।

### ସ୍ନାନ ଉପଯୋଗୀ......

ବୋଲି କୁହାଯାଇଛି। ନଦୀରେ ମିଶୁଥିବା ମଇଳା ନର୍ଦ୍ଦମା ପାଣିରେ ଫେକଲ କୋଲିଫର୍ମର ମାତ୍ରା ପ୍ରତି ୧୦୦ ମିଲିରେ ୨୫୦୦ ୟୁନିଟ୍ ଥିବା ନେଇ ରେକର୍ଡ କରାଯାଇଛି। ଗଙ୍ଗା ଏବଂ ଯମୁନା ନଦୀ ତଟର ପ୍ରାୟ ୭୦ରୁ ଅଧିକ ସ୍ଥାନରୁ ଜଳ ସଂଗ୍ରହ କରାଯାଇ ଏହି ରିପୋର୍ଟ ପ୍ରକାଶ କରାଯାଇଥିଲା ବେଳେ ଏଭଳି ସ୍ଥିତି ବିପଜ୍ଜନକ ସ୍ଥିତି ସୃଷ୍ଟି କରିପାରେ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏବେ ଏନଜିଟି ପକ୍ଷରୁ ଗଙ୍ଗା ଏବଂ ଯମୁନା ନଦୀକୁ ନର୍ଦ୍ଦମା ଜଳ ଛଡାଯିବା ସମ୍ପର୍କିତ ଏକ ମାମଲାର ଶୁଣାଣି ଚାଲିଛି। ମହାକୁମ୍ଭମେଳା ପାଇଁ ସ୍ୱେରେଜ୍ ପରିଚାଳନା ଯୋଜନା ସମ୍ପର୍କରେ ଏନଜିଟି ପୂର୍ବରୁ ୟୁପି ସରକାରଙ୍କୁ ନିର୍ଦ୍ଦେଶ ଜାରି କରିସାରିଥିଲା ବେଳେ ମହାକୁମ୍ଭରେ ଶ୍ରଦ୍ଧାଳୁମାନେ ଯେଉଁଠାରେ ବୁଡ଼ ପକାଇବାକୁ ଯାଉଛନ୍ତି, ସେହି ପାଣିର ଗୁଣବତ୍ତା ବିଷୟରେ ସେମାନଙ୍କୁ ପୂର୍ବରୁ ସୂଚନା ଦେବାକୁ ହେବ ବୋଲି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଉତ୍ତର ପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାକୁ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ଠିକ୍ ଭାବେ ପାଳନ କରାଯାଇ ନଥିବା ଜଣାପଡିଛି। ଡିସେମ୍ବର ୨୦୨୪ରେ ହିଁ ଏନଜିଟି ତାଙ୍କ ନିର୍ଦ୍ଦେଶରେ କହିଥିଲେ ଯେ ମହାକୁମ୍ଭ ସମୟରେ ପ୍ରୟାଗରାଜରେ ଗଙ୍ଗା ଜଳର ପର୍ଯ୍ୟାପ୍ତ ଉପଲବ୍ଧତା ରହିବା ଉଚିତ ଏବଂ ଏହି ଜଳ ସ୍ନାନ ଏବଂ ପିଇବା ପାଇଁ ଉପଯୁକ୍ତ ହେବା ଉଚିତ। ତେବେ ଏହା ପ୍ରଥମ ଥର ନୁହେଁ। ୨୦୧୯ ମସିହାରେ ପ୍ରୟାଗରାଜ କୁମ୍ଭ ଉପରେ ସିପିସିବି ରିପୋର୍ଟରେ କୁହାଯାଇଥିଲା ଯେ ମୁଖ୍ୟ ସ୍ନାନ ଦିବସଗୁଡ଼ିକରେ ମଧ୍ୟ ପାଣିର ଗୁଣବତ୍ତା ମଧ୍ୟ ନିମ୍ନ ମାନର ରହିଥିଲା।

### ବଳିପଡ଼ିଲା ୨୫...

ପଦ୍ଧତି ଓ ଆଭିମୁଖ୍ୟ ସମାନ। ଗତ ଜାନୁଆରୀ ୨୯ ତାରିଖରେ ପଞ୍ଚାୟତିରାଜ ବିଭାଗ ଜାରି କରିଥିବା ନୂଆ ଯୋଜନାର ମାର୍ଗଦର୍ଶୀକା ଏହା କହୁଛି। କିନ୍ତୁ ଏହି ନାଁ ପରିବର୍ତ୍ତନ ଟଣାଓଟରା ଭିତରେ ଆରମ୍ଭ ହୋଇନଥିବା ୨୫ ହଜାର ପ୍ରକଳ୍ପ ଜନ୍ମ ପୂର୍ବରୁ ସମାଧି ନେଇଛି। ସେହିପରି ଅସମ୍ପୂର୍ଣ୍ଣ ଥିବା ୨୩ ହଜାର ପ୍ରକଳ୍ପ ମଧ୍ୟରୁ ଯେଉଁଥିରେ ୨୦% ଅର୍ଥ ଖର୍ଚ୍ଚ ହୋଇନଥିବ ସେଗୁଡିକ ମଧ୍ୟ ନୂଆ ଯୋଜନାରେ ସାମିଲ ହେବା ନେଇ ସଂଶୟ ଲାଗି ରହିଛି। ଆମ ଓଡିଶା ନବୀନ ଓଡିଶା ଯୋଜନାରେ ଅନୁମୋଦନ ଲାଭ କରିଥିବା ପ୍ରକଳ୍ପ ଗୁଡିକୁ ବନ୍ଦ କରି ରଖିବା ଅଭିଯୋଗରେ ଆରମ୍ଭରୁ ବିଜେଡି ସଦସ୍ୟମାନେ ବିଧାନସଭାରେ ସରକାରଙ୍କୁ ଘେରିଛନ୍ତି। ରାଜନୀତି ପାଇଁ ଲୋକଙ୍କ ମଙ୍ଗଳ ପାଇଁ ଜାରି ରହିଥିବା ପ୍ରକଳ୍ପ ଗୁଡିକୁ ବନ୍ଦ କରିବା କେତେଦୂର ଯଥାର୍ଥ ବୋଲି ବିରୋଧୀ ସମାଲୋଚନା କରିଛନ୍ତି। ମାତ୍ର ସରକାରଙ୍କ ପାଇଁ ସାଧାରଣ ଲୋକଙ୍କ କଲ୍ୟାଣ ଅପେକ୍ଷା ଅହଂକାର ବେଶୀ ଗୁରୁତ୍ୱବହନ କରିଛି।

ଆଜି ବିଧାନସଭାରେ ବିଜେଡି ବିଧାୟକ ଅରୁଣ କୁମାର ସାହୁ ପ୍ରଶ୍ନ ଏବଂ କଂଗ୍ରେସ୍ ବିଧାୟକ ପବିତ୍ର ସାଉଁତା ଆମ ଓଡିଶା ନବୀନ ଓଡିଶା ପ୍ରକଳ୍ପର ଭବିଷ୍ୟତ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏହା ବଦଳରେ ସରକାର ଆରମ୍ଭ କରିଥିବା ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାରେ ପୁରୁଣା ପ୍ରକଳ୍ପ ସାମିଲ ହେବ କି ନାହିଁ ତାହା ବିରୋଧୀ ବିଧାୟକ ପ୍ରଶ୍ନ କରିଥିଲେ। ଦୁଇ ସଦସ୍ୟଙ୍କ ପ୍ରଶ୍ନରେ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାୟକ ଦୁଇଟି ଉତ୍ତର ରଖିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଆମ ଓଡିଶା ନବୀନ ଓଡିଶା ଯୋଜନା ମାଧ୍ୟମରେ ୩୧୪ ବ୍ଲକ୍‌ରେ ମୋଟ ୯୦,୬୨୪ ପ୍ରକଳ୍ପ ପାଇଁ ୩୩୧୯ ୭ କୋଟି ଟଙ୍କାର ଅର୍ଥ ପ୍ରାବଧାନ କରିଥିଲେ। ଉକ୍ତ ଯୋଜନା ଅଧୀନରେ ଗ୍ରହଣ କରାଯାଇ ଥିବା ପ୍ରକଳ୍ପ ଗୁଡିକ ମଧ୍ୟରୁ ପ୍ରାୟ ୪୨,୪୦୦ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ୨୫ ହଜାର ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇ ନାହିଁ ଏବଂ ଅବଶିଷ୍ଟ ପ୍ରାୟ ୨୩୦୦୦ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ସେହିପରି ଆମ ଓଡିଶା ନବୀନ ଓଡିଶା ଯୋଜନା ଅଧୀନରେ ଗ୍ରହଣ କରାଯାଇଥିବା ପ୍ରକଳ୍ପଗୁଡିକ ଯେଉଁଥିରେ ୨୦% ଅର୍ଥ ବ୍ୟୟ କରାଯାଇଛି, ସେସବୁ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାରେ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି।

### ଡାହାଣୀ ସନ୍ଦେହରେ...

ସୁରେନ୍ଦ୍ର ଓ ନିଜ ଶିଶୁପୁତ୍ରର ବାରମ୍ବାର ଦେହ ଖରାପ ହେଉଥିବାରୁ ଅଜୟ ପଡ଼ୋଶୀ ଦେବେନ୍ଦ୍ରଙ୍କ ପରିବାର ଉପରେ ସନ୍ଦେହ କରିଥିଲା। ଦେବେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଚମ୍ପାଙ୍କ ଗୁଣିଗାରେଡ଼ି ପ୍ରଭାବରେ ବାରମ୍ବାର ଏହି ଅଘଟଣ ଘଟୁଛି ବୋଲି ଅଭିଯୋଗ କରି ଅଜୟ ଉକ୍ତ ବୃଦ୍ଧ ଦମ୍ପତିଙ୍କୁ ଧମକଚମକ ଦେଇଆସୁଥିଲା। ଏହି କଥାକୁ କେନ୍ଦ୍ର କରି ଅଜୟ ରାଗରେ ଜଳୁଥିଲା। ଏପରିକି, ଦେବେନ୍ଦ୍ରଙ୍କ ପରିବାରକୁ ନିଶ୍ଚିହ୍ନ କରିଦେବାକୁ ସେ ସୁଯୋଗ ଅପେକ୍ଷାରେ ଥିଲା। ସୋମବାର ରାତି ପ୍ରାୟ ୯ଟାରେ ଦେବେନ୍ଦ୍ର ନିଜ ବିଲାତି ବଗିଚାରେ ପାଣି ଦେଉଥିବା ବେଳେ ଅଜୟ ସେଠାରେ ପହଞ୍ଚିଥିଲା। କଥା ହେବା ଆଳରେ ସେ ଏକ କୁରାଢ଼ିରେ ଦେବେନ୍ଦ୍ରଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ଫଳରେ ଦେବେନ୍ଦ୍ର ସେହିଠାରେ ହିଁ ଟଳି ପଡ଼ିଥିଲେ। ପରେ ଅଜୟ ତାଙ୍କ ଘରେ ପଶି ଚମ୍ପାଙ୍କ ମୁଣ୍ଡକୁ କୁରାଢ଼ିରେ ଚୋଟ ପରେ ଚୋଟ ପକାଇବାରୁ ତାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ପାଖରେ ଶୋଇଥିବା ଦେବେନ୍ଦ୍ରଙ୍କ ବୋହୂ ସୁମିତ୍ରା ନିଜର ଅଢ଼େଇବର୍ଷର ଶିଶୁକନ୍ୟା ମେଘନାକୁ ଧରି ଘରୁ ଦୌଡ଼ି ପଳାଇଥିଲେ। ରାତିତମାମ ସେ ନିକଟସ୍ଥ ଗ୍ରାମରେ ଲୁଚି ରହିଥିଲେ। ମଙ୍ଗଳବାର ସକାଳେ ସୁମିତ୍ରା ଗ୍ରାମରେ ରହୁଥିବା ଦିଅର ରାବେନ୍ଦ୍ର ନାଏକଙ୍କୁ ଫୋନ୍ କରି ଏ ସଂପର୍କରେ କହିବା ପରେ ଘଟଣା ପ୍ରଘଟ ହୋଇଥିଲା। ଖବର ପାଇ ବିଶୋଇ ଥାନା ଅଧିକାରିଣୀ ମିନି ଭୋଇ ପୁଲିସ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ଅଜୟକୁ ପୁଲିସ୍ ବାଙ୍ଗିରିପୋଷି ଥାନା ସ୍ଥିତ ନିଜ ସଂପର୍କୀୟ ଘରୁ ଗିରଫ କରିଥିଲା।

### ଆଜିଠାରୁ ବଦଳିବ...

୧୯ ତାରିଖରେ ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାରେ ଅଳ୍ପ କେତେକ ସ୍ଥାନରେ ମେଘୁଆ ପାଗ ସହ ବିନ୍ଦୁ ବର୍ଷାର ସମ୍ଭାବନା ଥିବା ନେଇ ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପଟେ ୨୦ ରେ ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜର ବିସ୍ତୃତ ଅଞ୍ଚଳରେ ୨୦-୨୫ ମିମି ଢେଙ୍କାନାଳ, କେନ୍ଦୁଝର ଓ ଯାଜପୁରରେ ୧୦-୨୦ ମିମି, ଝାରସୁଗୁଡ଼ା, ଦେବଗଡ଼, ଅନୁଗୁଳ ଓ ଆଭ୍ୟନ୍ତରୀଣ କଟକରେ ୫-୧୦ ମିମି ବର୍ଷା ହୋଇପାରେ। ୨୧ରେ ଭଦ୍ରକ, ଯାଜପୁର ଓ ବାଲେଶ୍ୱରର ଅନେକ ସ୍ଥାନରେ ୧୦-୧୫ ମିମି ଏବଂ କେନ୍ଦ୍ରାପଡ଼ା ଓ ଢେଙ୍କାନାଳରେ ୫-୧୦ ମିମି ବର୍ଷା ହୋଇପାରେ। ୨୨ରେ ଭଦ୍ରକ ଓ ବାଲେଶ୍ୱରରେ ୧୦-୧୫ ମିମି ଏବଂ ମୟୂରଭଞ୍ଜର ଅନେକ ସ୍ଥାନରେ ୫-୧୦ ମିମି ବର୍ଷା ହେବାର ସମ୍ଭାବନା ରହିଛି। ୨୩ରେ ଭଦ୍ରକ ଓ କେନ୍ଦ୍ରାପଡ଼ାରେ ବିସ୍ତୃତ ଅଞ୍ଚଳରେ ସାମାନ୍ୟ ବର୍ଷା ହେବ ଏବଂ ୨୩ ସନ୍ଧ୍ୟାପରେ ବର୍ଷା ଛାଡ଼ିଯିବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ସେହିପରି ବୁଧବାର ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ବର୍ଷା ଆଶଙ୍କା କରାଯାଇଛି।


**OFFICE OF THE PRINCIPAL TUTOR, ANM TRAINING CENTRE, DHENKANAL**
**TENDER CALL NOTICE FOR SUPPLY OF NURSING LIBRARY BOOKS**

Sealed tenders are invited from different bidders having valid GST registration & license for supply of Books as per the specification given by Principal Tutor, ANMTC, Dhenkanal. The detailed terms & conditions along with list of the Books are available on the website.dhenkanal.nic.in which may be downloaded for reference. Interested parties may submit their offers in sealed covers super-scribing as "Tender for Supply of Nursing Library Books in reference to Advertisement No. dt to the undersigned through registered post/speed post only, which should reach on or before 5.00 P.M of dt.11.03.2025 positively and will be opened on next day at 3.00 P M by District Purchase Committee at office of the CDM & PHO Dhenkanal in presence of the participants, who wish to attend the Tender opening meeting in case of any bid amendment and clarification, responsibility lies with the bidders to collect the same from the website. The Principal Tutor, ANMTC, Dhenkanal shall have no responsibility for any delay/ omission on part of the bidder. The Tender paper will be rejected if the bidders any clause or annexure of the bid document downloaded from the website. The undersigned reserves the right to reject any or all the Tender without assigning any reason thereof.

OIPR-10265/11/0004/2425 E-769 Principal Tutor,ANM Training Centre, Dhenkanal

**OFFICE OF THE HEAD MASTER,**
**KASTURBA GANDHI BALIKA VIDYALAYA, NUAPADA**
**SAMAGRA SHIKSHA, NUAPADA**
**No. 64 / Date 18.02.2025**
**SHORT TENDER CALL NOTICE**

Sealed Tender are invited from the intending Registered and reputed Firms/ Suppliers having valid GST registration for supply of Grocery items to KGBV Hostel of Nuapada Block, Nuapada District. The tender notice along with detailed terms and conditions and the list of items/ materials to be supplied can be downloaded from the official website of Nuapada district www.nuapada.odisha.gov.in and OSEPA website www.osepa.odisha.gov.in from dt: 18.02.2025 to 27.02.2025. The sealed Tender papers completed in all respects along with requisite Earnest Money and tender paper cost in shape of Bank Draft/ Bankers Cheque drawn in favour of KASTRUBA GANDHI BALIKA VIDYALAYA,NUAPADA payble at Nuapada must be submitted to KGBV, Nuapada on or before 27.02.2025. by 5 P.M through Regd./ Speed post only. The details regarding submission of EMD, tender paper cost and address for submission of Tender paper are available in enclosed Tender documents. The Tender will be opened on Dt.01.03.2025 at 11 A.M in the office of the H.M, KGBV, Nuapada.

The undersigned reserve the right to reject any tender in whole or in part without assigning any reason thereof. Any dispute in the process be subject to the court jurisdiction of Nuapada District.

Head Master (I/C)
KGBV, Nuapda

**AFFIDAVIT**
I **Upendra Hansdah,** S/o.: Harihar Hansda, Resident of Bad Sukhilakhal, PO.: Kujidihi, P.S.: Suliapada, Dist.: Mayurbhanj, Odisha, PIN-757023, declare by this affidavit No.: 536 dtd.-21/01/2025 that now onwards I shall be known as **UPENDRA HANSDA** for all future purposes.

**AFFIDAVIT**
I, **Poonam Kumari Sharma,** W/o.: Sri Giridhari Lal Sharma, Resident of Plot No.:7A, Gayatri Nagar, Bomikhal, Behind Ekamra Cinema Hall, Bhubaneswar, PIN No -751010, Odisha, do here by declare that, by virtue of affidavit sworn in before Executive Magistrate, Bhubaneswar, bearing Sl. No.: 108, dated-31/01/2025, that now onwards I shall be known as POONAM SHARMA instead of **POONAM KUMARI SHARMA** for all future purposes.

**AFFIDAVIT**
By virtue of an affidavit before the Notary Public, Bhubaneswar dtd. 17/02/2025. I, **Itishree Sahu,** W/o- Indramani Sahu, resident of At Plot No.A/104, 1st Floor, DE Habitat, Chandrasekharpur, Bhubaneswar, Dist-Khordha, Pin- 751016, Odisha want to change my daughter's name from **Ompriya Sahu To Indrakshi Sahu.** Henceforth, she shall be known as **Indrakshi Sahu** for all future purposes.
**(Itishree Sahu)**

**AFFIDAVIT**
By virtue of an affidavit sworn before the Notary Public, Cuttack, dated 16.01.2025. I Shahadev Pradhan, S/o - Pasara Pradhan, resident of At-Badungia, Po- Rutungia, Block/PS- Balliguda, Dist-Kandhamal, Odisha, Pin-762103 have changed my name from Roji Pradhan to Shahadev Pradhan. Henceforth, I shall be known as **Shahadev Pradhan** for all purposes.
**Sd/- Shahadev Pradhan**

**FORM NO. CAA 2**
**[ Pursuant to Section 230 (3) and Rule 6 &7) ]**
**IN THE NATIONAL COMPANY LAW TRIBUNAL**
**CUTTACK BENCH, CUTTACK**
**COMPANY APPLICATION (CAA) NO. 15/CB/2024**
IN THE MATTER OF:
The Companies Act, 2013 - Section 230(1) [read with Section 232(1)];
AND
IN THE MATTER OF:
Scheme of Amalgamation;
BETWEEN
ORISSA ORDER SUPPLIERS PRIVATE LIMITED (Transferor Company 1)
TARINI HOUSING PRIVATE LIMITED (Transferor Company 2)
RAKHI CONSULTANCY & SERVICES PRIVATE LIMITED (Transferor Company 3)
MAA TARINI ISPAT PRIVATE LIMITED (Transferor Company 4)
WITH
KALINGA COMMERCIAL CORPORATION LIMITED (Transferee Company)
AND
THEIR RESPECTIVE SHAREHOLDERS AND CREDITORS
AND
IN THE MATTER OF:
1. ORISSA ORDER SUPPLIERS PRIVATE LIMITED
2. TARINI HOUSING PRIVATE LIMITED
3. RAKHI CONSULTANCY & SERVICES PRIVATE LIMITED
4. MAA TARINI ISPAT PRIVATE LIMITED
5. KALINGA COMMERCIAL CORPORATION LIMITED ..........Applicants
**Notice of meeting of Creditors of Transferee Company**

Notice is hereby given that by order dated 30th January 2025 and corrigendum order dated 04th February 2025 the Cuttack Bench of the Hon'ble National Company Law Tribunal has directed meetings to be held of Secured and Unsecured Creditors of KALINGA COMMERCIAL CORPORATION LIMITED (the "Transferee Company" or "Applicant No. 5") for the purpose of considering, and if thought fit, approving with or without modification, the compromise or arrangement or amalgamation proposed to be made between the Applicant Companies and their respective shareholders and creditors of the Companies aforesaid.

In pursuance of the said order and as directed therein further notice is hereby given that a meeting of Secured Creditors of KALINGA COMMERCIAL CORPORATION LIMITED will be held at A/47, Nilakantha Nagar, Nayapalli, Bhubaneswar-751012, Odisha on Monday, the 17th day of March 2025 at 11:30 AM at which time and place the said Secured Creditors are requested to attend the meeting.

Further, in pursuance of the said order and as directed therein further notice is hereby given that a meeting of Unsecured Creditors of KALINGA COMMERCIAL CORPORATION LIMITED will be held at A/47, Nilakantha Nagar, Nayapalli, Bhubaneswar-751012, Odisha on Monday, the 17th day of March 2025 at 12:00 PM at which time and place the said Unsecured Creditors are requested to attend the meeting.

Copies of the said compromise or arrangement or amalgamation, and of the statement under Section 230 can be obtained free of charge at the registered office of the Transferee Company. Persons entitled to attend and vote at the meeting, may vote in person or through authorised representative, provided that all authority letters are deposited at A/47, Nilakantha Nagar, Nayapalli, Bhubaneswar-751012, Odisha, not later than 48 hours before the meeting.

The Tribunal has appointed Mr. Saroj Kumar Sahoo, Practicing Company Secretary, as Chairperson of the said meeting. The above-mentioned compromise or arrangement or amalgamation, if approved by the meeting, will be subject to the subsequent approval of the tribunal.

**Date: 19.02.2025** **Sd/- Saroj Kumar Sahoo**
**Place: Bhubaneswar** **Chairperson appointed for the meetings**

**AFFIDAVIT**
By virtue of an affidavit before the Executive Magistrate, Badasahi C.F. No. 56/25 Dt. 13.02.2025. I Ramita Acharya, W/o- Akshaya Kumar Acharya, At-Jamunadeipur, Po- Patisari, Ps.-Badasahi, Dist.- Mayurbhanj, Pin-757083 declare that my actual name is Ramita Acharya but in my Aadhar Card it is mentioned as Ramina Acharya. Henceforth I will be known as Ramita Acharya for all purposes.

**AFFIDAVIT**
By virtue of an affidavit sworn before the Notary Public, Cuttack, dated 15.02.2025. I, Smriti Devi, W/o - Late Abhimanyu Nayak resident of At- Jhinki Jhari (Harijan Sahi), PO- Nizigarh Tapang, PS/Dist-Khordha, Odisha, Pin- 752018 have changed my name from Srimati Devi to **Smriti Devi.** Henceforth, I shall be known as **Smriti Devi** for all purposes.
**Sd/- Smriti Devi**

**AFFIDAVIT**
By virtue of an affidavit sworn before NOTARY PUBLIC, SAMBALPUR, dated 15th day of February 2025. I Sumit Kumar Soni, At- Sahu Building, Baidhyanath Chowk, Sambalpur, Odisha - 768001 declare that I have changed my daughter's name from Trishika Soni to Aarohi Soni. Henceforth she shall be known as **Aarohi Soni** for all purposes.
**Sd/- Sumit Kumar Soni**

**AFFIDAVIT**
By Virtue of an affidavit sworn before Executive Magistrate, Bhandaripokhari, on Dtd. 17.02.2025, **I, TAPAN KUMAR ROUT aged about 43 years** S/o.: Surendra Rout, Vill: Kanti, PO.: Sarasada, P.S.: Bhandaripokhari, Dist. Bhadrak, declare that I have changed my Son's name from "Manish Rout" to "**Namish Rout**". Henceforth, he shall be known as **Namish Rout** for all purposes.

**AFFIDAVIT**
I, **Ankita Malik,** S/o- Ekadashi Malik, resident of At- Arua, PO- Kadalibana, PS- Pattamundai, Kendrapara, Odisha declare that my name in Aadhaar Card mentioned as **Ankita Mohapatra** instead of **Ankita Malik** as per school certificate. Both **Ankita Malik** and **Ankita Mohapatra** are one and the same person.
**Ankita Malik**

**NOTICE**
By virtue of an affidavit sworn before the Executive Magistrate, Gania dated 13.02.2025. I Suratha Kumar Sahoo, At/Po-Gutingia, Ps.: Sarangada, Dist.: Kandhamal, Odisha, Pin-762106 declare that I have changed my daughter's name from Sapnaswagatika Sahoo to Swapna Swagatika Sahoo. Henceforth she shall be known as **Swapna Swagatika Sahoo** for all purposes.
**Sd/- Suratha Kumar Sahoo**

**NOTICE**
By virtue of an affidavit sworn before the Executive Magistrate, Gania dated 13.02.2025. I Suratha Kumar Sahoo, At/Po-Gutingia, Ps.: Sarangada, Dist.: Kandhamal, Odisha, Pin-762106 declare that I have changed my daughter's name from Somay Sucharita Sahoo to Somya Sucharita Sahoo. Henceforth she shall be known as **Somya Sucharita Sahoo** for all purposes.
**Sd/- Suratha Kumar Sahoo**

**AFFIDAVIT**
By virtue of an affidavit before the court of Tahasildar, Khunta, Mayurbhanj, Odisha on dated 18.02.2025, I Laxman Naik aged about 19 years S/o- Sundar Mohan Naik of Vill- Tavagadi, PO- Badfeni, PS: Khunta , Dist: Mayurbhanj , Odisha declare that my actual and correct name is Laxman Naik Which is mentioned in my High School Certificate. But in my Adhar card my name has been wrongly mentioned as Laxmana Naik. The two names Laxmana Naik are belongs to one and same person i.e. my self. Hence forth, I shall be known as Laxman Naik for all purposes.

# ସମ୍ପାଦକୀୟ



ଧର୍ମ ହିଁ ଜୀବନର ବାସ୍ତବତା, କିନ୍ତୁ ଦେବ ପୂଜା ପୂର୍ବରୁ ପ୍ରଥମେ ମାନବ ସମାଜର ସେବା ହିଁ ଆମର କର୍ତ୍ତବ୍ୟ।
-ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକ

ସକାଳ
THE SAKALA

## ସମ୍ବେଦନହୀନ ବଜେଟ୍

ଓଡ଼ିଶାରେ କ୍ଷମତାକୁ ଆସିଥିବା ବିଜେପି ସରକାରର ପ୍ରଥମ ପୂର୍ଣ୍ଣାଙ୍ଗ ଆର୍ଥିକ ବଜେଟ୍ ଯେତେକି ଶବ୍ଦାଡ଼ମ୍ବରରେ ସଜ୍ଜିତ, ଗରିବ କଲ୍ୟାଣ ଦୃଷ୍ଟିରୁ ସେତିକି ନୈରାଶ୍ୟଜନକ। ବିଶେଷକରି ଦରଦାମ ବୃଦ୍ଧିରେ ଏକପ୍ରକାର ପେସି ହୋଇଚାଲିଥିବା ନିମ୍ନବିତ୍ତ, କୃଷକ ଓ ଗରିବ ବର୍ଗଙ୍କ ସାମାଜିକ-ଆର୍ଥିକ ସୁରକ୍ଷା ପାଇଁ କୌଣସି ନୂଆ ପ୍ରଭାବଶାଳୀ ଯୋଜନାର ଅନୁପସ୍ଥିତି ଏହି ବଜେଟ୍‌ରେ ପ୍ରାୟତଃ ବାରି ହୋଇପଡୁଛି। ଗତାନୁଗତିକ ପ୍ରକ୍ରିୟାରେ ବଜେଟ୍ ବ୍ୟୟବରାଦ ୨୫ ହଜାର କୋଟି ଟଙ୍କା ବଢ଼ିଛି, କିନ୍ତୁ ରାଜ୍ୟ ସରକାରଙ୍କ ରାଜସ୍ୱ ଆୟ ବିବରଣୀକୁ ଦେଖିଲେ ୨.୯୦ ଲକ୍ଷ କୋଟି ଟଙ୍କାର ଏହି ବଜେଟ୍ ଅଧିକାଂଶ କେନ୍ଦ୍ରୀୟ ଅନୁଦାନ ଓ ଋଣ ନିର୍ଭରଶୀଳ ବୋଲି ଜଣାପଡୁଛି। ବେରୋଜଗାରୀ ବଢ଼ିଚାଲିଥିବା ବେଳେ ଯୁବକମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କର୍ମସଂସ୍ଥାନ ବିଷୟରେ ବଜେଟ୍‌ରେ ସ୍ପଷ୍ଟ ସୂଚନା ନାହିଁ।

ଏକ ନୂଆ ସରକାର ପାଇଁ ସବୁଠୁ ବଡ଼ କଥା ହେଲା ପୂର୍ବବର୍ତ୍ତୀ ସରକାରଠାରୁ ଉତ୍ତରାଧିକାର ସୂତ୍ରରେ ଏକ ସୁସ୍ଥ ଓ ଦୃଢ଼ ଆର୍ଥିକ ଭିତ୍ତିଭୂମି ପାଇବା। ସେ ଦୃଷ୍ଟିରୁ ବିଚାର କଲେ ଓଡ଼ିଶାର ମୋହନ ସରକାର ଅତ୍ୟନ୍ତ ଭାଗ୍ୟବାନ। କାରଣ ସେ ଯେଉଁ ରାଜ୍ୟର ଶାସନ ଦାୟିତ୍ୱ ପାଇଛନ୍ତି, ତାହା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ଦୀର୍ଘ ୨୪ ବର୍ଷର ସ୍ଥିର ସରକାରର ଈର୍ଷଣୀୟ ସଫଳତାର ଉପଲବ୍ଧି। ରାଜ୍ୟ ଏବେ ପୂର୍ଣ୍ଣ ରାଜକୋଷରେ ସମୃଦ୍ଧ ଓ ରାଜସ୍ୱ ବଳକା। ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ସୀମା ଭିତରେ। ଗତ କିଛିକାଳ ଧରି ଓଡ଼ିଶାରେ ଜାରି ରହିଥିବା ନିରନ୍ତର ବିକାଶ ପ୍ରକ୍ରିୟା ଓ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ଯୋଗୁଁ ରାଜ୍ୟର ଅଭିବୃଦ୍ଧି ହାର ଜାତୀୟ ହାରଠାରୁ ଉଚ୍ଚରେ ରହିଛି। ଏହା ମଧ୍ୟ ରାଜ୍ୟ ସରକାରଙ୍କ କ୍ରମାଗତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗତ ଅର୍ଥନୈତିକ ରିପୋର୍ଟର ଆକଳନ ଅନୁସାରେ ଓଡ଼ିଶାର ଅଭିବୃଦ୍ଧି ହାର ୨୦୨୪-୨୫ ଆର୍ଥିକ ବର୍ଷରେ ୮.୫% ହେବା କଥା। କିନ୍ତୁ ସଦ୍ୟ ଉପସ୍ଥାପିତ ଅର୍ଥନୈତିକ ରିପୋର୍ଟରେ ରାଜ୍ୟ ଅଭିବୃଦ୍ଧି ହାର ୭.୨ ପ୍ରତିଶତ ଓ ଶିଳ୍ପ ଅଭିବୃଦ୍ଧି ହାର ୬.୨%କୁ ଖସି ଆସିଛି। ଅପରପକ୍ଷରେ ଋଣ ଭାର ବଢ଼ିଛି। ରାଜ୍ୟ ସରକାର କ୍ଷମତା ଗ୍ରହଣ କରିବାର ପ୍ରଥମ ଆଠ ମାସ କେବଳ କ୍ଷମତାସୀନ ହେବାର ଆନନ୍ଦ ଉତ୍ସବ ଓ ଦଳୀୟ ପ୍ରଚାର ପ୍ରସାରରେ ମାତି ଅତ୍ୟାବଶ୍ୟକ କ୍ଷେତ୍ରଗୁଡ଼ିକୁ ଅବହେଳା କରିବାରୁ ତାହାର ପ୍ରତିଫଳନ ଅର୍ଥନୀତିର ଚିତ୍ରରେ ଦେଖିବାକୁ ମିଳିଛି।

ରାଜ୍ୟ ସରକାର ଚଳିତ ବଜେଟ୍‌ରେ କେତେକ ଶବ୍ଦାଳଙ୍କାର ଖଚିତ ଯୋଜନା ଘୋଷଣା କରିଥିଲେ ମଧ୍ୟ ଅନ୍ତଃସାରରେ ଅଭିନବତା ପରିଦୃଷ୍ଟ ହୋଇନାହିଁ। ବଜେଟ୍‌ର ଆକାର ୧୨ ପ୍ରତିଶତ ବଢ଼ିଥିଲେ ମଧ୍ୟ ମୋହନ ସରକାରଙ୍କୁ ପ୍ରାୟ ୪୭ ହଜାର କୋଟି ଟଙ୍କାରୁ ଅଧିକ ଋଣ କରିବାକୁ ପଡ଼ିବ। ସାମାଜିକ କ୍ଷେତ୍ରକୁ ବଜେଟ୍‌ରେ ୪୧ ପ୍ରତିଶତ ବ୍ୟୟବରାଦ ଭଲ ପ୍ରୟାସ ହୋଇଥିଲେ ମଧ୍ୟ ଏହାର ବାସ୍ତବ କାର୍ଯ୍ୟାନ୍ୱୟନ ଉପରେ ସବୁକିଛି ନିର୍ଭର କରୁଛି। ସେହିଭଳି ଚାଷୀ, ମହିଳା, ଯୁବବର୍ଗ ଓ ଗରିବଙ୍କ ପାଇଁ ଯେଉଁସବୁ ଯୋଜନା କରାଯାଇଛି, ତାହା ପୂର୍ବ ସରକାର ଯୋଜନାର ପରିବର୍ଦ୍ଧିତ ରୂପରେଖ। ତେବେ ଏଥିପାଇଁ ଯେଉଁ ସମ୍ବଳର ଆବଶ୍ୟକତା ରହିଛି, ତାହା ଋଣ କିମ୍ବା କେନ୍ଦ୍ରୀୟ ପ୍ରଦତ୍ତ ଅର୍ଥ / ଅନୁଦାନ ଉପରେ ନିର୍ଭରଶୀଳ। କେବଳ ଧାନର ଏମ୍‌ଏସ୍‌ପି ବଢ଼ିବା ଫଳରେ ଅନ୍ୟ ଫସଲ ଉତ୍ପାଦନ ପ୍ରଭାବିତ ହେବ। ଚାଷୀ ଡାଲି, ତୈଳବୀଜ ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ ଚାଷ କରିବାକୁ ଆଗ୍ରହୀ ହେବେ ନାହିଁ। ଭାଗଚାଷୀଙ୍କ ପାଇଁ କୃଷି ବଜେଟ୍‌ରେ ନିର୍ଦ୍ଦିଷ୍ଟ ସୂଚନା କିମ୍ବା ବ୍ୟୟବରାଦ ନାହିଁ। ଗୋସ୍ୱାସ୍ଥ୍ୟ ବୀମା ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ତାହା ଚଳିତ ବଜେଟ୍‌ରେ ସ୍ଥାନ ପାଇପାରି ନାହିଁ। ପୁଞ୍ଜି ବିନିଯୋଗ ବଜେଟ୍‌ର ମାତ୍ର ୬.୧% ହୋଇଥିବାରୁ ଆଗାମୀ ଦିନରେ ଭିତ୍ତିଭୂମି ବିକାଶରେ ଆଖିଦୃଶିଆ ଅଗ୍ରଗତି ଆଶା କରିବା ନିରର୍ଥକ। ନଗର ଉନ୍ନୟନ ତୁଳନାରେ ଗ୍ରାମୀଣ ବିକାଶକୁ ବଜେଟ୍‌ରେ ସେତେ ଗୁରୁତ୍ୱ ଦିଆଯାଇନାହିଁ। ଶିକ୍ଷା ବଜେଟ୍ ବଢ଼ିଛି ସତ; କିନ୍ତୁ ନୂତନ ଶିକ୍ଷା ନୀତି ଲାଗୁ ହୋଇସାରିଥିବାରୁ ସେହି ଆହ୍ୱାନର ମୁକାବିଲା କରିବା ପାଇଁ ଏହା ଯଥେଷ୍ଟ ଭଳି ମନେ ହେଉ ନାହିଁ। ସେହିପରି ଦିନକୁ ଦିନ ବ୍ୟୟବହୁଳ ହେଉଥିବା ସ୍ୱାସ୍ଥ୍ୟ ସେବା ପାଇଁ ମଧ୍ୟ ବଜେଟ୍ ବ୍ୟୟବରାଦ ବୃଦ୍ଧି ନୈରାଶ୍ୟଜନକ। ବଜେଟ୍ ଏକ ବାର୍ଷିକ ଆୟବ୍ୟୟର ବିବରଣୀ ନୁହେଁ। ଏଥିରେ ବିକାଶ, ଜନକଲ୍ୟାଣ ଏବଂ ଅନେକ ବର୍ଗର ଆଶା ଓ ଭରସା ସମ୍ପୃକ୍ତ। କେନ୍ଦ୍ରୀୟ ବଜେଟ୍‌ରେ ଓଡ଼ିଶାକୁ ବିଜେପି ନେତୃତ୍ୱରେ ପରିଚାଳିତ ଏନ୍‌ଡିଏ ସରକାର ପୁଣି ନିରାଶ କରିବା ପରେ ରାଜ୍ୟ ବଜେଟ୍‌ରୁ ରାଜ୍ୟବାସୀ କିଛି ଆଶା କରୁଥିଲେ। ତାହା କିନ୍ତୁ ନିରାଶାରେ ପରିଣତ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାଷାରେ ଡବଲ ଇଞ୍ଜିନ୍ ଏବେ ରିଭର୍ସ ଗିୟରରେ ବା ପଛୁଆ ଚାଲିଛି। ଓଡ଼ିଶାବାସୀ ବିଜେପିକୁ ଯେଉଁ ବିପୁଳ ଜନାଦେଶ ଦେଇଥିଲେ, ଦଳ ତାହା ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିବା ଭଳି ମନେ ହେଉନାହିଁ।

ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ବାବଦ ବ୍ୟୟବରାଦ ୫୮.୬ ପ୍ରତିଶତ ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବ୍ୟୟବରାଦ ପ୍ରାୟ ୭୩ ପ୍ରତିଶତ ବୃଦ୍ଧି ପାଇବା ଭଲ କଥା। କିନ୍ତୁ ଗତ ବଜେଟ୍‌ର ଅଟକଳ ବାବଦ ଅର୍ଥରାଶି ଏ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରୁ ନଥିବାରୁ ମୋହନ ସରକାରଙ୍କ ପାଇଁ ଏହା ଆହ୍ୱାନ ସୃଷ୍ଟି କରିଛି। ଯଦି ଲୋକଙ୍କ ପାଖରେ ଅଟକଳ ରାଶି ପହଞ୍ଚି ନ ପାରିଲା ତେବେ ବଜେଟ୍ ବ୍ୟୟବରାଦର ମୂଲ୍ୟ ରହିବ ନାହିଁ। ଯଦି ଏହି ଧାରା ଜାରି ରହେ ତେବେ ଚଳିତ ବଜେଟ୍ ବ୍ୟୟବରାଦ ମଧ୍ୟ ନିରର୍ଥକ ହୋଇଯିବ। ତେଣୁ ବଜେଟ୍ କେବଳ ଆଖିକୁ ଭଲ ଦେଖାଯାଉଥିବା ଏବଂ କାନକୁ ଭଲ ଶୁଭୁଥିବା ଭଳି ନହୋଇ ଲୋକାଭିମୁଖୀ ହେବା ଆବଶ୍ୟକ। ବିଶେଷକରି ଶିଳ୍ପ ବିକାଶର ଅଧୋଗତି, ଚାଷୀ ଓ ସାଧାରଣ ବର୍ଗର ଖାଉଟି ଯେପରି ହୀନସ୍ତା ହେଉଛନ୍ତି ସେ ଦିଗରେ ସରକାର ଦୃଷ୍ଟି ଦେବା ଜରୁରୀ ବୋଲି ବିରୋଧୀ ଦଳ ନେତା ପରୋକ୍ଷରେ ସରକାରଙ୍କୁ ସୂଚାଇ ଦେଇଛନ୍ତି। କେବଳ ନଗଦ ହସ୍ତାନ୍ତର କରି ଲୋକପ୍ରିୟତା ଅର୍ଜନ କରିବା ଅପେକ୍ଷା ମହିଳାମାନଙ୍କୁ ନିର୍ଦ୍ଦିଷ୍ଟ ଓ ସ୍ଥାୟୀ କର୍ମସଂସ୍ଥାନ ଯୋଗାଇ ଦେବା ଉପରେ ବଜେଟ୍‌ରେ ଗୁରୁତ୍ୱାରୋପ କରାଯାଇଥିଲେ ଏହା ଅଧିକ ଲୋକାଭିମୁଖୀ ହୋଇଥା'ନ୍ତା ବୋଲି ଆମର ମତ।

ମୋଟ ଉପରେ କହିବାକୁ ଗଲେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ଓଡ଼ିଶା ବଜେଟ୍‌ରେ କଲ୍ୟାଣକୈନ୍ଦ୍ରିକ ଦୃଷ୍ଟିକୋଣ ପ୍ରତିଫଳିତ ହୋଇପାରିନାହିଁ। ଏହାଛଡ଼ା ଏହି ବଜେଟ୍ ବାସ୍ତବ ଆଧାରିତ ନ ହୋଇ କଳ୍ପନାବିନ୍ୟାସରେ ସମୃଦ୍ଧ। ସରକାର ତୃଣମୂଳ ସମସ୍ୟା ସହିତ ଯୋଡ଼ି ହେଲେ ଏବଂ ବିଭାଗୀୟ ସମନ୍ୱୟ ବଜାୟ ରହିଲେ ଯାଇ ପୂର୍ଣ୍ଣାଙ୍ଗ ବଜେଟ୍ ସମତୁଲ ଓ ସମାବେଶୀ ହୋଇପାରିବ। ବୋଧହୁଏ ମୋହନ ସରକାରଙ୍କୁ ଏଥିପାଇଁ ଆହୁରି ଅଧିକ କସରତ କରିବାକୁ ପଡ଼ିବ।

# ବିଦ୍ୟାଳୟ ଶିକ୍ଷାରେ ସଂସ୍କାର

**ରାଜୀବ କୁମାର ନାୟକ**

ସରକାର ଯଦି ଆନ୍ତରିକତାର ସହିତ ଚିନ୍ତା କରୁଛନ୍ତି ଯେ ଶିକ୍ଷାର ମାନରେ ଉନ୍ନତି ଘଟିବା ଆବଶ୍ୟକ, ତେବେ ପ୍ରଥମେ ବର୍ତ୍ତମାନ ଯେଉଁଭଳି କିଛି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ, ପ୍ରଥମରୁ ଅଷ୍ଟମ, ପ୍ରଥମରୁ ଦଶମ, ଷଷ୍ଠ-ସପ୍ତମ, ଷଷ୍ଠରୁ ଦଶମ, ପ୍ରଥମରୁ ଯୁକ୍ତ ଦୁଇ, ଷଷ୍ଠରୁ ଯୁକ୍ତ ଦୁଇ, ଅଷ୍ଟମରୁ ଯୁକ୍ତ ଦୁଇ ବ୍ୟବସ୍ଥା କରିଛନ୍ତି, ତାହା ପରିବର୍ତ୍ତନ ପୂର୍ବକ ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା ପ୍ରାକ୍-ବିଦ୍ୟାଳୟ ଶିକ୍ଷାକୁ ଚାଲୁ ରଖିବା, ୧କି.ମି. ଭିତରେ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀର ବ୍ୟବସ୍ଥା, ୨/୩କି. ମି. ଭିତରେ ଅର୍ଥାତ ଅବସ୍ଥିତି ଦେଖି ପ୍ରତି ତିନି/ଚାରୋଟି ଗାଁର କେନ୍ଦ୍ରସ୍ଥଳରେ ଚତୁର୍ଥ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଏବଂ ପ୍ରତି ଗ୍ରାମ ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ ରଖି ଆଗଭଳି ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବ୍ୟବସ୍ଥା ରଖିବା ଆବଶ୍ୟକ। ଯୁକ୍ତ ଦୁଇ, ଯୁକ୍ତ ତିନି ସ୍ନାତକ ଓ ସ୍ନାତକୋତ୍ତର ଅଲଗା ଅଲଗା ରହିବା ବିଧେୟ।

ଏହା କହିବାର ଉଦ୍ଦେଶ୍ୟ ହେଉଛି ପ୍ରଥମତଃ କମ୍ ବୟସର ଶିଶୁ ଦୀର୍ଘପଥ ଅତିକ୍ରମ କରି ଶିକ୍ଷା ଲାଭ କରିବା କଷ୍ଟକର ବ୍ୟାପାର। ଆମର ଭୂମିରୂପ ଦେଖିଲେ ଅନେକ ସ୍ଥାନରେ ନାଳ, ନଦୀ, ଜଙ୍ଗଲ, ସବୁଦିନିଆ ରାସ୍ତାର ଅଭାବ, ବହୁଳ ମାତ୍ରାରେ ଯାନବାହନ ଚଳାଚଳ କାରଣରୁ ପିଲାମାନଙ୍କ ସକାଶେ ବିପଦ ରହିଛି। ଦ୍ୱିତୀୟତଃ, ଅନେକ ବାପାମାଆଙ୍କୁ ରୋଜଗାର ନିମିତ୍ତ ସକାଳ ପାହିଲେ କାମକୁ ଯିବାକୁ ପଡୁଥିବାରୁ ସେମାନେ ପିଲାଙ୍କୁ ନେଇ ବିଦ୍ୟାଳୟରେ ପହଞ୍ଚାଇବା ଏବଂ ଛୁଟି ହେଲେ ବିଦ୍ୟାଳୟରୁ ପିଲାଙ୍କୁ ଘରକୁ ନେବା ପାଇଁ କାଠିକର ପାଠ। ତୃତୀୟ କଥା ହେଲା ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ତିନୋଟି ଶ୍ରେଣୀରେ ଦୁଇଜଣ ଶିକ୍ଷକ ମଧ୍ୟ ପଢ଼ାଇ ପାରିବେ। ଅଙ୍ଗନବାଡ଼ି ଓ ଏହି ବିଦ୍ୟାଳୟ ଗୋଟିଏ ପରିସରରେ ରହିବା ଆବଶ୍ୟକ।

କହିବାର କଥାହେଲା ଅନେକ ବିଦ୍ୟାଳୟରେ ଦୀର୍ଘଦିନ ହେବ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ଥାଇ ସୁଦ୍ଧା ମାତ୍ର ତିନି/ଚାରିଜଣ ଶିକ୍ଷକରେ ବିଦ୍ୟାଳୟ ଚାଲିଛି ଏବଂ ଅନ୍ୟ ଦିଗରେ ପ୍ରଥମରୁ ତୃତୀୟ ଶ୍ରେଣୀର ପିଲାଙ୍କୁ ମୁଖ୍ୟତଃ ପଢ଼ିଲେଖି ଜାଣିବା ଓ ନ୍ୟୂନତମ ଗଣିତ ସମ୍ବନ୍ଧରେ ଧାରଣା ଆବଶ୍ୟକ, ଯାହାକି ତିନି ଜଣ ପରିବର୍ତ୍ତେ ଦୁଇଜଣ ଶିକ୍ଷକରେ ମଧ୍ୟ ଖୁବ୍ ଭଲ ଭାବରେ ସମ୍ପାଦନ କରାଯାଇ ପାରିବ। ଏହି ବିଦ୍ୟାଳୟରେ ଶିକ୍ଷାଦାନର ସମୟକୁ ଛଅ ଘଣ୍ଟାରୁ ଚାରିଘଣ୍ଟାକୁ ହ୍ରାସ କରି କନିଷ୍ଠ ଶିକ୍ଷକ ରଖା ଯାଇପାରେ। ଯଦ୍ୱାରା ବର୍ତ୍ତମାନ ସମୟରେ କମ୍ ଦରମାରେ କାର୍ଯ୍ୟରତ ବିଭିନ୍ନ ନାମଧାରୀ ଶିକ୍ଷକ ସମସ୍ୟାକୁ ଦୂର ଯାଇପାରିବ। ଚତୁର୍ଥ ଶ୍ରେଣୀରୁ ସପ୍ତମ ଶ୍ରେଣୀକୁ ଏକାଠି ରଖି ଚାରୋଟି ଶ୍ରେଣୀକୁ ଅତି କମ୍‌ରେ ୩/୪ ଜଣ ଶିକ୍ଷକ ଯୋଗାଇ ଦେଲେ ସେମାନେ ପିରିୟଡ ମାଧ୍ୟମରେ ପିଲାଙ୍କୁ ଶିକ୍ଷାଦାନ କରି ଶିକ୍ଷାର ମାନକୁ ବଜାୟ ରଖି ପାରିବେ।

ଏହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀକୁ ବାଦ୍ ଦେଇ ଉଚ୍ଚ ବିଦ୍ୟାଳୟରେ ମିଶାଇବା ସକାଶେ ପ୍ରସ୍ତାବ ଦେବା ଏଇଥିପାଇଁ ଆବଶ୍ୟକ ଯେ ଅଷ୍ଟମ ଶ୍ରେଣୀର ବିଜ୍ଞାନ, ହିନ୍ଦୀ, ସଂସ୍କୃତ ଇତ୍ୟାଦି ଶିକ୍ଷାଦାନ ନିମିତ୍ତ ବିଷୟ ଶିକ୍ଷକର ଆବଶ୍ୟକତା ରହିଛି। ସରକାର ଦୀର୍ଘଦିନ ହେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବିଷୟଶିକ୍ଷକ ଯୋଗାଇ ଦେବାରେ ଅସମର୍ଥ। ଏତଦ୍‌ଭିନ୍ନ ବର୍ତ୍ତମାନ ଉଚ୍ଚବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀକୁ କାଢ଼ିନେବା ଦ୍ୱାରା ଅନେକ ବିଦ୍ୟାଳୟରେ ପିଲାସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଆହୁରି ମଧ୍ୟ ପ୍ରାୟତଃ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ନାହିଁ ଯଦିଓ କାଁ ଭାଁ କେଉଁଠି ବିଷୟ ଅନୁସାରେ ଏବଂ ଅଧିକ ଛାତ୍ରଛାତ୍ରୀ ଥାଇ ମଧ୍ୟ ବିଭାଗ ଶିକ୍ଷକ ନାହାନ୍ତି। ଅନ୍ୟ ଦିଗରେ ଦେଖିଲେ ବେସରକାରୀ ବିଦ୍ୟାଳୟର ଆବିର୍ଭାବର ପ୍ରଭାବ ଏହିସବୁ ବିଦ୍ୟାଳୟ ଉପରେ ପଡୁଛି। ତେଣୁ ଏମିତି ଆଶଙ୍କାକୁ ଅସ୍ୱୀକାର କରା ଯାଇ ନ ପାରେ ଯେ ଶହେ ବର୍ଷର ପୁରୁଣା ସ୍କୁଲ ବି ଏବେଠୁ ସାବଧାନ ନ ହେଲେ ବନ୍ଦ ହୋଇଯିବ।

ବିଦ୍ୟାଳୟମାନଙ୍କୁ ପାର୍ଟଟାଇମ ଶିକ୍ଷକ, ଆଉଟ୍ ସୋର୍ସିଙ୍ଗରେ ନିଯୁକ୍ତି, ପାରା ଟିଚର, ଗଣଶିକ୍ଷକ, ଶିକ୍ଷା ସହାୟକ ଭଳି ବିଭିନ୍ନ ପ୍ରକାରର ଶିକ୍ଷକ ନ ରହି ଉପଯୁକ୍ତ ବେତନ ସହ ଶିକ୍ଷକ ନିଯୁକ୍ତି ଆବଶ୍ୟକ। ଅନେକ ସମୟରେ ଶିକ୍ଷକମାନଙ୍କର ଅଭିଯୋଗ ଯେ ସେମାନଙ୍କୁ ସ୍କୁଲ ଗୃହ ନିର୍ମାଣ, ମଧ୍ୟାହ୍ନ ଭୋଜନ ପରିଚାଳନା ତଥା ବିଭିନ୍ନ ପ୍ରକାର ରିପୋର୍ଟ ନାଁ ରେ କାଗଜପତ୍ର ପ୍ରସ୍ତୁତି କାରଣରୁ ଶିକ୍ଷାଦାନରେ ଯେତିକି ସମୟ ସେମାନେ ଦେଇପାରନ୍ତେ ତାହା ଦେଇ ପାରୁ ନାହାନ୍ତି। ତେଣୁ କେବଳ ନିହାତି ଆବଶ୍ୟକ ସ୍ଥଳେ ତାଙ୍କୁ ଅଣଶିକ୍ଷାଦାନ ବିଷୟରେ ସମ୍ପୃକ୍ତ କରିବା ଆବଶ୍ୟକ। ବିଭିନ୍ନ ପ୍ରକାରର ନୀତିବାଣୀ, ମାନଚିତ୍ର, ନଦନଦୀ, ଧର୍ମସ୍ଥଳ, ଦର୍ଶନୀୟ ସ୍ଥାନର ଚିତ୍ର, ଶିକ୍ଷାକୁ ସହଜ କରୁଥିବା ଲେଖା, ଚାର୍ଟ ଇତ୍ୟାଦି ପ୍ରଦର୍ଶିତ ହେବା ଆବଶ୍ୟକ। ଏଥିସହିତ ଏକ ସୁନ୍ଦର ବଗିଚା, ଶିଶୁ ଅନୁକୂଳ ଶୌଚାଳୟ ଓ ପାଣି ବ୍ୟବସ୍ଥା ରହିବା ଫଳରେ ବିଦ୍ୟାଳୟର ପରିବେଶକୁ ଦେଖି ଛାତ୍ରଛାତ୍ରୀ ଆକର୍ଷିତ ହେବେ ଏବଂ ଶିକ୍ଷାଲାଭ କରିବାର ଇଚ୍ଛା ବଳବତ୍ତର ରହିବ।

ବର୍ଷର ବିଭିନ୍ନ ସମୟରେ ଶିକ୍ଷକମାନଙ୍କ ସକାଶେ ପ୍ରଶିକ୍ଷଣ ଶିବିରର ଆୟୋଜନ ନ କରି ଗ୍ରୀଷ୍ମ ଅବକାଶ, ଦଶହରା ଓ ଶୀତକାଳୀନ ଛୁଟି ସମୟରେ କରାଯିବା ଆବଶ୍ୟକ। ସେହିପରି ପଛରେ ରହି ଯାଇଥିବା ଛାତ୍ରଛାତ୍ରୀଙ୍କ ନିମିତ୍ତ ସରକାର ଯେଉଁ କାର୍ଯ୍ୟକ୍ରମ ସବୁ ହାତକୁ ନେଉଛନ୍ତି ତାହା ବିଦ୍ୟାଳୟ ସମୟ ବାହାରେ ସ୍ୱେଚ୍ଛାସେବୀ ଚୟନ କରି କରା ଯାଇପାରନ୍ତା। କାରଣ ବିଦ୍ୟାଳୟ ସମୟରେ ଏସବୁ କରିବା ଦ୍ୱାରା ପାଠ୍ୟସୂଚୀ ସମ୍ପୂର୍ଣ୍ଣ କରିବାରେ ଅହେତୁକ ବିଳମ୍ବ ପରିଲକ୍ଷିତ ହେଉଛି ବା ସୁଚାରୁ ରୂପେ ସମ୍ପନ୍ନ ହୋଇ ପାରୁନାହିଁ। ପ୍ରତିବର୍ଷ ସରକାର ପିଲାମାନଙ୍କର ସୃଜନାଶୀଳତାର ବିକାଶ ନିମିତ୍ତ ସୁରଭି, ସରଗୀ ଫୁଲ, ବିଜ୍ଞାନ ମେଳା ଭଳି କାର୍ଯ୍ୟକ୍ରମ କରିବା ସ୍ୱାଗତଯୋଗ୍ୟ। କିନ୍ତୁ ଏହାସହିତ ପ୍ରତ୍ୟେକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ, ବାର୍ଷିକ କ୍ରୀଡ଼ା, ପରିଦର୍ଶୀ ଶିକ୍ଷା ଆୟୋଜନ କରାଯିବାର ଆବଶ୍ୟକତା ରହିଛି, ଯାହା ସକାଶେ ସରକାର ଅର୍ଥ ବରାଦ କରୁ ନ ଥିବାରୁ ଅନେକ ବିଦ୍ୟାଳୟରେ ଏହା ସଂଘଟିତ ହୋଇ ପାରୁନାହିଁ।

ପିଲା ଉପନଦୀ, ଶାଖାନଦୀ, ମ୍ୟୁଜିୟମ, ପ୍ଲାନେଟୋରିୟମ, ଥିଏଟର, ଆମ୍ପି ଥିଏଟର ଭଳି ଅନେକ ଜିନିଷ ଚକ୍ଷୁରେ ଦେଖିଲେ ବେଶୀ ଭଲ ଭାବରେ ବୁଝି ପାରନ୍ତେ ଏବଂ ପାଠପଢ଼ାକୁ ଉପଭୋଗ କରିବା ସହିତ ଅଧାରୁ ପାଠଛଡ଼ା ଭଳି ସମସ୍ୟା ଅନେକ ମାତ୍ରାରେ ହ୍ରାସ ପଆନ୍ତା। ଅନୁରୂପ ଭାବରେ ଶିକ୍ଷକଙ୍କ ବଦଳିକୁ କଡ଼ାକଡ଼ି ଭାବରେ ପାଳନ କରାଯିବା ଉଚିତ, ଯଦ୍ୱାରା ଶିକ୍ଷକମାନଙ୍କ ମଧ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରହିବା ସଙ୍ଗେ ସଙ୍ଗେ ସେମାନେ ନୂତନ ବିଦ୍ୟାଳୟକୁ ଗଲେ ନୂତନ ଉତ୍ସାହରେ ଶିକ୍ଷାଦାନ କରନ୍ତେ।

ବିଦ୍ୟାଳୟ ପରିଚାଳନା କମିଟି ଗଠନ ନିମିତ୍ତ ଶିକ୍ଷା ଅଧିକାର ଆଇନରେ ଶିକ୍ଷାବିତ୍ ବା ସ୍ୱେଚ୍ଛାସେବୀଙ୍କୁ ସାମିଲ କରିବାର ପ୍ରବଧାନତା ନାହିଁ। ତେଣୁ ଏକ ସମତୁଲ କମିଟି ଗଠିତ ହୋଇ ପାରୁନାହିଁ। ପିତାମାତା ବା ଅଭିଭାବକଙ୍କ ମଧ୍ୟରୁ ଅଧିକାଂଶ ଦିନମଜୁରିଆ ବା କୃଷକ ହୋଇଥିବାରୁ ସେମାନେ ନିଜ ନିଜର ଭୂମିକାକୁ ନ୍ୟାୟ ଦେଇ ପାରୁ ନ ଥିବା ବେଳେ ସଚେତନତାର ଅଭାବ ବି ପରିଲକ୍ଷିତ ହେଉଛି। ଏହା ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କୁ ସୁହାଉଛି। ଅନେକ ସମୟରେ ଆଦୌ ବୈଠକ ନ ହୋଇ ଦସ୍ତଖତ କରାଯିବା ବା ଏହି କମିଟିର ବୈଠକରେ କମ୍ ଉପସ୍ଥାନ ରହିବା ଏହାର ପ୍ରତିଫଳନ। ବୈଠକରେ ଶିଶୁମାନଙ୍କର ଅଂଶଗ୍ରହଣ ଅନେକ ଗୁରୁତ୍ୱ ବହନ କରୁଥିବା ବେଳେ ତାହାକୁ ଅନେକ ସମୟରେ ଅଣଦେଖା କରାଯିବା ବିଦ୍ୟାଳୟ ବିକାଶରେ ଅନ୍ୟ ଏକ ପ୍ରତିବନ୍ଧକ। ଆହୁରି ମଧ୍ୟ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଙ୍କ ସକାଶେ ନିର୍ଦ୍ଦିଷ୍ଟ ସମୟାନ୍ତରରେ ପ୍ରଶିକ୍ଷଣ ଆବଶ୍ୟକ, ଯେଉଁଥିରେ କ୍ଷେତ୍ର ପରିଦର୍ଶନ ସ୍ଥାନ ପାଇବା ଉଚିତ।

ଛାତ୍ରଛାତ୍ରୀଙ୍କ ସକାଶେ ଯେଉଁ ପାଠ୍ୟକ୍ରମ ରହିଛି ତାହା ହ୍ରାସ ହେବା ଆବଶ୍ୟକ। କାରଣ ଶିଶୁର ଓଜନଠାରୁ ତା' ସ୍କୁଲ ବ୍ୟାଗର ଓଜନ ଆଦୌ ଅଧିକ ହେବା ଉଚିତ ନୁହେଁ। ଅପରପକ୍ଷେ ଶିଶୁ ଶିକ୍ଷାଦାନକୁ ଭରପୂର ଉପଭୋଗ କରିବା ଆବଶ୍ୟକ, ଯେଉଁଥି ସକାଶେ ଶିକ୍ଷା ପଦ୍ଧତିରେ ସଂସ୍କାର, ବିଶେଷକରି ଅଧିକ ଶିକ୍ଷଣ ସାମଗ୍ରୀର ବ୍ୟବହାର ହେବା ବିଧେୟ। ବିଦ୍ୟାଳୟକୁ ଦଣ୍ଡମୁକ୍ତ ଓ ଭେଦଭାବଶୂନ୍ୟ ଅଞ୍ଚଳ ଘୋଷଣା କରିବା ବ୍ୟତୀତ ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷକ ଘନିଷ୍ଠ ସମ୍ପର୍କ ରଖିବା ଆବଶ୍ୟକ। ପରିଶେଷରେ ଛାତ୍ରଛାତ୍ରୀଙ୍କୁ ମଣିଷ କରି ଗଢ଼ି ତୋଳିବା ନିମିତ୍ତ ଶିକ୍ଷକମାନଙ୍କୁ ଯଥେଷ୍ଟ ସ୍ୱାଧୀନତା ମିଳିବାର ଆବଶ୍ୟକତା ରହିଛି।

ପଦରପଡ଼ା(ବୌଦ୍ଧ, ମୋ: ୯୪୩୭୫୭୨୮୩୧

# ସାମାଜିକ ଗଣମାଧ୍ୟମରେ ଅସାମାଜିକତା

**ଅଲେଖ ଚନ୍ଦ୍ର ମିଶ୍ର**

ଆଜିକାଲିର ଜୀବନଚର୍ଯ୍ୟାରେ ସାମାଜିକ ଗଣମାଧ୍ୟମ ଏତେ ଅପରିହାର୍ଯ୍ୟ ହୋଇପଡ଼ିଛି ଯେ ତା' ବିନା ଚଳିବା କଷ୍ଟକର। କିନ୍ତୁ ତା'ର ଅପବ୍ୟବହାରକୁ ଦେଖିଲେ ଲାଗେ ଯେ ତା'ଯୋଗୁଁ ଚଳିବା ଅଧିକ କଷ୍ଟକର। ଏକ ଆବଶ୍ୟକତା ଭାବରେ ସୃଷ୍ଟି ହୋଇଥିବା ସୂଚନା ପ୍ରଯୁକ୍ତି ବିଦ୍ୟା ଓ ଡିଜିଟାଲ୍ ଟେକ୍ନୋଲୋଜି କ୍ରମେ ସମସ୍ୟାବହୁଳ ହୋଇ ପଡ଼ିଲାଣି। ବିଶେଷକରି ଲିଙ୍ଗଭିତ୍ତିକ ହିଂସାଚରଣ ଏବେ ଉଦ୍‌ବେଗର କାରଣ ହୋଇଛି। ଅନ୍ ଲାଇନ୍ ଟେକ୍ସଟ୍, ମେସେଜ୍, ମେସେଞ୍ଜର୍ କିମ୍ବା ଆପ୍‌ରେ ବ୍ୟକ୍ତିଗତ ତଥ୍ୟ ପୋଷ୍ଟିଂ କରିବା, ଯୌନ ଉଦ୍ଦୀପକ ତଥ୍ୟ ବା ଫଟୋ ତୃତୀୟ ପକ୍ଷକୁ ବିକ୍ରି କରିବା, ଅଶ୍ଳୀଳ ପ୍ରଶ୍ନୋତ୍ତର, ବିନାନୁମତିରେ ଜଣକର ବ୍ୟକ୍ତିଗତ ବିବରଣୀ ପୃଷ୍ଠା (ପ୍ରୋଫାଇଲ୍ ପେଜ୍) ଖୋଲିବା, ଭୟଭୀତ କରିବା ପାଇଁ ବାର୍ତ୍ତା ପ୍ରେରଣ କରିବା, ଜଣକୁ ଶଙ୍କିତ କରିବାକୁ ଅନ୍ୟ ଲୋକର ଛଦ୍ମନାମରେ ବାର୍ତ୍ତା ପଠେଇବା, ଘୃଣା ଉଦ୍ଦୀପକ ଭାଷଣ(ହେଟ୍ ସ୍ପିଚ୍), ମାନସିକ ଆଘାତ, ସାମାଜିକ ଓ ଅର୍ଥନୈତିକ ବାସନ୍ଦ ଇତ୍ୟାଦି ସାଧାରଣ ଡିଜିଟାଲ୍ ଭାଓଲେନ୍ସର ପ୍ରକାରଭେଦ।

ଏହାର ପରିସର ଏତେ ବ୍ୟାପକ ଯେ ପୁରୁଷ ଓ ନାରୀ କେହି ବି ତା'ର ପ୍ରଭାବରୁ ମୁକ୍ତ ନୁହନ୍ତି। ପୁରୁଷଙ୍କ ପାଇଁ ଅଭିପ୍ରେତ ପୋଷ୍ଟିଂ ମଧ୍ୟରେ ମୁଣ୍ଡ ଜାମିନ୍, ଆର୍ଥିକ ସାହାଯ୍ୟ ଭିକ୍ଷା, ବିବାହ ପାଇଁ ନିବେଦନ, ଯୌନ ସମ୍ବନ୍ଧ ପାଇଁ ପ୍ରଲୋଭନ ବା ହନି ଟ୍ରାପିଂ, ଅନ୍ୟର ଯୌନକ୍ରିୟା ଦୃଶ୍ୟ ଉପଭୋଗ କରିବା ଇତ୍ୟାଦି। ସେହିଭଳି ନାରୀଙ୍କ ପାଇଁ ଉଦ୍ଦିଷ୍ଟ ପୋଷ୍ଟିଂଗୁଡ଼ିକ ମୁଖ୍ୟତଃ ଲିଙ୍ଗଭିତ୍ତିକ ଯଥା ଚାଟିଂ ମାଧ୍ୟମରେ ବିବାହର ପ୍ରଲୋଭନ ଦେଖାଇ ଆକୃଷ୍ଟ କରିବା, ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ୍ କରିବାର ଭୟ ଦେଖାଇ ବ୍ଲାକ୍‌ମେଲ୍ କରିବା, ଯୌନ ନିର୍ଯାତନା, ଆପତ୍ତିଜନକ ଫଟୋ ଓ ଭିଡିଓ ଉତ୍ତୋଳନ ବା ଏଡିଟିଂ କରିବା, ଅଜ୍ଞାତରେ ଫଟୋ ସେୟାର୍ କରିବା, ନଗ୍ନ ଫଟୋ ଦେଖାଇବା ଏବଂ ଡକ୍ସିଂ, ବଲ୍କିଂ, ଷ୍ଟକିଂ, ଟ୍ରୋଲିଂ, ହ୍ୟାକିଂ, ଗ୍ରୁମିଂ, ଟ୍ରାକିଂ ଭଳି ସାଇବର୍ ଠକେଇର ଶିକାର କରିବା।

ଲିଙ୍ଗଭିତ୍ତିକ ହିଂସା ପୃଥିବୀ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଇକୋନମିକ୍ ଇଣ୍ଟେଲିଜେନ୍ସ ୟୁନିଟ୍ ୨୦୨୩ ମସିହାରେ ଦେଇଥିବା ଏକ ରିପୋର୍ଟରୁ ଜଣାପଡ଼େ ଯେ ସମଗ୍ର ବିଶ୍ୱରେ ୩୮% ମହିଳା ଓ ଯୁବତୀ ଅର୍ଥାତ୍ ପ୍ରତି ୫ ଜଣରେ ୨ ଜଣ ଡିଜିଟାଲ୍ ଯୌନ ନିର୍ଯାତନାର ଶିକାର ହୁଅନ୍ତି ଏବଂ ୮୫% ଅଶ୍ଳୀଳ ଚିତ୍ର ଦେଖିବାକୁ ପ୍ରକାରାନ୍ତରେ ବାଧ୍ୟ ହୁଅନ୍ତି। ସେହିପରି ପ୍ଲାନ୍ ଇଣ୍ଟର୍ ନ୍ୟାସନାଲ୍ ସଂଗଠନ ୨୦୨୨ ମସିହାରେ ୩୧ ଟି ଦେଶରେ କରିଥିବା ସର୍ବେକ୍ଷଣ ଅନୁଯାୟୀ ୧୫ ରୁ ୪୫ ବର୍ଷ ବୟସ୍କା ଝିଅ ଓ ମହିଳାମାନଙ୍କ ମଧ୍ୟରେ ୫୮% ବା ପ୍ରତି ୫ ଜଣରେ ୩ ଜଣ ଡିଜିଟାଲ୍ ଯୌନ ନିର୍ଯାତନା ଜନିତ ବ୍ୟଭିଚାରର ସମ୍ମୁଖୀନ ହୁଅନ୍ତି, ଯାହା ପୁରୁଷଙ୍କ ଅପେକ୍ଷା ୨୭ ଗୁଣ ଅଧିକ। ଭାରତୀୟ ପରିପ୍ରେକ୍ଷୀରେ ନିଲ୍ସନ୍ ରିପୋର୍ଟ ୨୦୨୧ର ତଥ୍ୟ ହେଲା ସମଗ୍ର ଦେଶରେ ୧୧୮ କୋଟି ମୋବାଇଲ କନେକ୍ସନ୍ ଉପଭୋକ୍ତା, ୭୦ କୋଟି ଇଣ୍ଟରନେଟ୍ ବ୍ୟବହାରକାରୀ ଓ ୬୦ କୋଟି ସ୍ମାର୍ଟ୍ ଫୋନ୍ ଅଧିକାରୀ ଅଛନ୍ତି। ପ୍ଲାନ୍ ଇଣ୍ଟରନ୍ୟାସନାଲ ୨୦୨୦ ରିପୋର୍ଟରେ ଦର୍ଶାଯାଇଛି ଯେ ଡିଜିଟାଲ୍ ଯୌନ ନିର୍ଯାତନା ଯୋଗୁଁ ଅନେକ ଝିଅ ଓ ମହିଳା ଅଭିଯୋଗ କରନ୍ତି ଯେ ସମାଜରେ ସେମାନେ ସମାନତାର ସୁଯୋଗ ପାଉ ନାହାନ୍ତି ଏବଂ ସେମାନଙ୍କ ଜୀବନଚର୍ଯ୍ୟା ଅସ୍ୱସ୍ତିକର ହୋଇପଡୁଛି।

ଏହାର ଏକ ମୁଖ୍ୟ କାରଣ ହେଲା ଅଧିକାଂଶ ମହିଳା ଡିଜିଟାଲ୍ ସାକ୍ଷର ନୁହନ୍ତି, ଏବଂ ତା'ର ବ୍ୟବହାର କୌଶଳ ସହିତ ଠିକ୍ ଭାବରେ ପରିଚିତ ନୁହନ୍ତି। ତେଣୁ ସେମାନେ ଭୋଗୁଥିବା ଅସୁବିଧା ସମ୍ପର୍କରେ କାହାକୁ ଜଣେଇବାର ଉପାୟ ଜାଣନ୍ତିନି। ପରିଣାମ ସ୍ୱରୂପ ସେମାନଙ୍କ ମଧ୍ୟରୁ ପ୍ରାୟ ୧୯% ଆତ୍ମସଂଯମ ହେବା, ୧୨% ସାମାଜିକ ଗଣମାଧ୍ୟମକୁ ଏଡ଼ାଇବା, ୨୦% ଅନ୍‌ଲାଇନ୍ ସମ୍ପର୍କ ବନ୍ଦ କରିବା ଭଳି ପଦକ୍ଷେପ ମାଧ୍ୟମରେ ଡିଜିଟାଲ୍ ଦୁନିଆରୁ ଦୂରେଇ ଯାଇଛନ୍ତି। ଏହି ସମସ୍ୟାର କ୍ରମବର୍ଦ୍ଧିଷ୍ଣୁ ଭୟାବହତା ଉପଲବ୍ଧି କରି ମିଳିତ ଜାତିସଂଘ ଚିନ୍ତାପ୍ରକଟ କରିଛି। ୨୦୨୪ ମସିହାରେ ମିଳିତ ଜାତିସଂଘ ଏକ '୧୬ ଦିନିଆ ଆକ୍ଟିଭିଜିମ୍ ଏଗେନ୍‌ଷ୍ଟ ଜିବିଭି' ପାଳନ କରି ସମଗ୍ର ଜନସମାଜକୁ ସଚେତନତାର ବାର୍ତ୍ତା ପ୍ରେରଣ କରିଛି। ଏହାର ୬୭ତମ ଅଧିବେଶନରେ ମହିଳାଙ୍କର ସାମ୍ପ୍ରତିକ ସ୍ଥିତି ସମ୍ବନ୍ଧରେ ଆଲୋଚନା କରାଯାଇ ସୂଚନା ପ୍ରଯୁକ୍ତି ବିଦ୍ୟାର ପ୍ରାୟୋଗିକତାକୁ ଯଥାସମ୍ଭବ ମହିଳାଭିମୁଖୀ କରିବାକୁ ନିଷ୍ପତ୍ତି ନିଆ ଯାଇଛି।

ଏ କ୍ଷେତ୍ରରେ ଭାରତରେ ସୂଚନା ପ୍ରଯୁକ୍ତି ଆଇନ୍ (୨୦୨୦) ପ୍ରଚଳନ କରା ଯାଇଛି। ଭାରତୀୟ ନ୍ୟାୟ ସଂହିତା ୨୦୨୪ ରେ ଏ ସବୁ ବ୍ୟାପାରରେ ତୁରନ୍ତ ନ୍ୟାୟ ପ୍ରଦାନ (ଏପରିକି ବେନାମୀ ଅଭିଯୋଗ ଉପରେ ବି ବିହିତ କାର୍ଯ୍ୟାନୁଷ୍ଠାନ) ପାଇଁ ପ୍ରାବଧାନ କରାଯାଇଛି। ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ସ୍ଲୋଗାନ୍ 'ଅବ୍ କୋଇ ବାହାନା ନେହିଁ(ନୋ ମୋର୍ ଏକ୍ସକ୍ୟୁଜ୍)କୁ ବହୁଳ ପ୍ରସାର କରାଯାଉଛି। ଏହାସତ୍ତ୍ୱେ ଏଭଳି ସମସ୍ୟାର ଲାଘବ ହେଉନାହିଁ। କାରଣ ଏହା ଲୋକଙ୍କ ଦ୍ୱାରା ସୃଷ୍ଟି ହେଉଥିବାରୁ ସେମାନେ ସଚେତନ ନ ହେଲେ ତା'ର ସମାଧାନ ସହଜ ହେବ ନାହିଁ। ଏ କ୍ଷେତ୍ରରେ ଲୋକ ସମ୍ବଳିତ ନିମ୍ନୋକ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରା ଯାଇପାରେ।

ଅରୁଚିକର ସାମାଜିକ ଗଣମାଧ୍ୟମଗୁଡ଼ିକୁ ଆପତ୍ତିଜନକ ତଥା ଅଶୋଭନୀୟ ପୋଷ୍ଟ ପାଇଁ ଉତ୍ତରଦାୟୀ କରିବା କିମ୍ବା ନିଷିଦ୍ଧ କରିବା, ସୂଚନା ପ୍ରଯୁକ୍ତି ବିଦ୍ୟାର ସଠିକ୍ ଉପଯୋଗ ବିଷୟରେ ଲୋକମାନଙ୍କୁ, ବିଶେଷକରି ଗ୍ରାମାଞ୍ଚଳର ଲୋକଙ୍କୁ, ପରିଚିତ କରାଇବା, ଏହାର ଉପାଦେୟତା ବିଦ୍ୟାଳୟ ପାଠ୍ୟକ୍ରମରେ ସ୍ଥାନିତ ହେବା, ପିଲାଠାରୁ ବୁଢ଼ା ଯାଏଁ ସବୁପ୍ରକାର ଲୋକଙ୍କୁ ନେଇ କର୍ମଶାଳା ଓ ଅଭିଯାନ ଅନୁଷ୍ଠାନ କରିବା, କାଉନସେଲିଂ ବ୍ୟବସ୍ଥା, 'ଟେକ୍ ଶକ୍ତି' ହେଲ୍ପଲାଇନ୍ ଭଳି ସଂସ୍ଥା ସହିତ ସମ୍ପର୍କ, ଡିଜିଟାଲ୍ ପୀଡ଼ିତାଙ୍କର ପୁନର୍ବାସ ବା ଥଇଥାନ ପାଇଁ ବ୍ୟବସ୍ଥା ଏବଂ ସରକାର, ଟେକ୍ନିକାଲ୍ କମ୍ପାନୀ, ନାଗରିକ ସମାଜ ଇତ୍ୟାଦି ଏ କ୍ଷେତ୍ରରେ ଆବଶ୍ୟକୀୟ ସହାୟତା ଯୋଗାଇବା ପାଇଁ ଆଗଭର ହେବା ଭଳି କେତେକ ପଦକ୍ଷେପ ନିଆ ଯାଇପାରେ।

ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

# ଅଧାଗଢ଼ା ଚତୁର୍ଦ୍ଧାମୂର୍ତ୍ତି

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ଦ୍ୱାରକା ସିଂହାସନରେ କୃଷ୍ଣବଳରାମଙ୍କ ଅଜା ବୃଦ୍ଧ ଉଗ୍ରସେନ ଅଭିଷିକ୍ତ ହୋଇଥିଲେ ମଧ୍ୟ ସମସ୍ତେ ଦ୍ୱାରକାଧୀଶ କହିଲେ ଶ୍ରୀକୃଷ୍ଣଙ୍କୁ ବୁଝୁଥିଲେ। ସଂସାରର ସମସ୍ତ ଐଶ୍ୱର୍ଯ୍ୟ, ମାଧୁର୍ଯ୍ୟ ଓ ସୌନ୍ଦର୍ଯ୍ୟର ଅଧିକାରୀ ଶ୍ରୀକୃଷ୍ଣ ଅଷ୍ଟପାଟବଂଶୀଙ୍କ ସହ ରାଜପ୍ରାସାଦର ପ୍ରାଚୁର୍ଯ୍ୟ ଭିତରେ କାଳାତିପାତ କରୁଥିଲେ। ସେପରି ପରିସ୍ଥିତିରେ ଦ୍ୱାରକାଧୀଶ ଶ୍ରୀକୃଷ୍ଣଙ୍କର କୌଣସି ଅଭାବବୋଧ ରହିବା କଥା ନୁହେଁ। ତା'ସତ୍ତ୍ୱେ ସେ ଅନେକ ସମୟରେ ଅନ୍ୟମନସ୍କ ରହୁଥିଲେ। ରାଣୀମାନଙ୍କ ପ୍ରତି ଉଦାସୀନ ରହୁଥିଲେ। ମନୋରଞ୍ଜନ ପାଇଁ ପ୍ରାସାଦରେ ଆୟୋଜିତ କାର୍ଯ୍ୟକ୍ରମର ଆନନ୍ଦ ନେଉ ନ ଥିଲେ। ଏପରି ଲାଗୁଥିଲା ଯେ ସେ ଅତୀତର କୌଣସି ମର୍ମସ୍ପର୍ଶୀ ଘଟଣାକୁ ମନେପକେଇ ଚିନ୍ତାରେ ବୁଡ଼ି ରହୁଥିଲେ କିମ୍ବା ଅତୀତ ଜୀବନସହ ସମ୍ପୃକ୍ତ କୌଣସି ବ୍ୟକ୍ତିବିଶେଷଙ୍କୁ ଝୁରି ହେଉଥିଲେ। ଶ୍ରୀକୃଷ୍ଣଙ୍କର ସେ ଅବସ୍ଥା ଦେଖି ତାଙ୍କର ଆଠ ପାଟରାଣୀ ଦିନେ ମାତା ରୋହିଣୀଙ୍କୁ ଏକାନ୍ତରେ ପାଇ ତାଙ୍କ ସହ ଏ ବିଷୟରେ ପଚାରିଲେ।

ରୋହିଣୀ କହିଲେ - କାହ୍ନା ଝୁରୁଛି ଗୋପୀ, ଗୋପାଳ ଓ ରାଧାଙ୍କ ସହ କରିଥିବା ରାସଲୀଳାକୁ।' ଅଷ୍ଟପାଟରାଣୀଙ୍କ ମଧ୍ୟରୁ ଜଣେ କହିଲେ - 'ମାତା! ସେ ରାଧା ଏମିତି ସୁନ୍ଦରୀ ଯେ ଆମେ ଆଠଜଣ ରାଣୀ ଥାଉଁଥାଉଁ ସେ ଗଉଡୁଣୀ ରାଧାକୁ ମନେ ପକେଇ ଝୁରି ହେଉଛନ୍ତି! ସେ ରାସଲୀଳା ଏମିତି କ'ଣ ଯେ ପ୍ରାସାଦରେ ଆୟୋଜିତ ସମସ୍ତ ମନୋରଞ୍ଜନ କାର୍ଯ୍ୟକ୍ରମ ତା' ଆଗରେ ତୁଚ୍ଛ ହୋଇ ଯାଉଛି!'

ରୋହିଣୀ କହିଲେ- 'ବୃନ୍ଦାବନରେ କାହ୍ନୁର ବାଲ୍ୟ ଓ କୈଶୋର ସମୟରେ ଘଟିଥିବା ଘଟଣାବଳୀକୁ ସେ ବହୁତ ଉପଭୋଗ କରୁଥିଲା। ତା' ଭିତରୁ କୁଞ୍ଜବନରେ କାହ୍ନୁ ରାଧା ଓ ଗୋପୀ-ଗୋପାଳମାନଙ୍କ ସହ କରିଥିବା ଖେଳକୌତୁକକୁ ରାସଲୀଳା କୁହାଯାଏ। କାହ୍ନୁସହ ରାଧା ଓ ଗୋପୀମାନଙ୍କର ସେ ସମୟର ସମ୍ପର୍କ ଦେହାତୀତ ଥିଲା। ସେ ସମ୍ପର୍କକୁ ସାଧାରଣ ମଣିଷ ବୁଝିବା ପାଇଁ ସମର୍ଥ ହେବେ ନାହିଁ। ତେଣୁ ମୁଁ ରାସଲୀଳା ଓ ସେଥିରେ ଭାଗ ନେଇଥିବା ରାଧା ଓ ଗୋପୀ-ଗୋପାଳମାନଙ୍କ କଥା କହିବା ବେଳେ ସେ ପ୍ରସଙ୍ଗ କୌଣସି ଅବାଞ୍ଛିତ ବ୍ୟକ୍ତିର ଶ୍ରୁତିଗୋଚର ହେବା ଉଚିତ ନୁହେଁ। ତେଣୁ ଯେଉଁ କୋଠରିରେ ତୁମେମାନେ ମୋଠାରୁ ସେ ପ୍ରସଙ୍ଗ ଶୁଣିବ ତା'ର ଦ୍ୱାରଦେଶରେ କେହି ଜଣେ ଠିଆ ହୋଇ ସେପରି ବ୍ୟକ୍ତିବିଶେଷଙ୍କ ଆଗମନକୁ ବାରଣ କରିବା ଉଚିତ ହେବ।'

ଅନେକ ଚିନ୍ତା କରି ସ୍ଥିର କରାଗଲା ଯେ ସୁଭଦ୍ରା କୋଠରିର ଦ୍ୱାରପାଖରେ ହସ୍ତ ପ୍ରସାରଣ କରି ଠିଆ ହେବେ। ତା' ଦ୍ୱାରା ସେ ସେ ଦିବ୍ୟ ରସ ଶୁଣିବା ସହିତ ଅବାଞ୍ଛିତ ବ୍ୟକ୍ତିର ଆଗମନ ବିଷୟକ ସୂଚନା ପ୍ରଦାନ କରିବେ। ତାହା ହିଁ ହେଲା। ସୁଭଦ୍ରା ଦ୍ୱାର ଦେଶରେ ହସ୍ତ ପ୍ରସାରଣ କରି ଠିଆ ହେଲେ। ଅଷ୍ଟପାଟବଂଶୀ ମାତା ରୋହିଣୀଙ୍କ ଚାରିପଟେ ଘେରି ବସିଲେ। ମାତା ରୋହିଣୀ ରାସଲୀଳାର ଦିବ୍ୟ କଥାମୃତ ବର୍ଣ୍ଣନା କଲେ। କିଛିସମୟ ପରେ କୃଷ୍ଣବଳରାମ ଦୁଇ ଭାଇ ଆସି ପହଞ୍ଚିଲେ। ସେମାନେ ଦୂରରୁ ଭଉଣୀ ସୁଭଦ୍ରାକୁ ଠିଆ ହୋଇଥିବାର ଦେଖି ତାଙ୍କୁ ହଠାତ ଚମକେଇ ଦେବା ପାଇଁ ଚିନ୍ତାକରି ପାଦ ଚାପିଚାପି ସୁଭଦ୍ରାଙ୍କ ଆଡ଼କୁ ଚାଲିଲେ। କିନ୍ତୁ ସୁଭଦ୍ରା ଦୁଇଭାଇଙ୍କ ଆସିବା କଥା ଜାଣିଗଲେ। ସେମାନେ ତାଙ୍କୁ ଚମକେଇବା ଆଗରୁ ସେ ଦୁଇଭାଇଙ୍କୁ ଚୁପ ରହିବାକୁ ଏବଂ ତାଙ୍କର ଦୁଇ ପଟେ ଠିଆ ହେବା ପାଇଁ ଇସାରା ଦେଲେ। ଦୁଇ ଭାଇ କଥାର ଗୁରୁତ୍ୱ ବୁଝିଗଲେ। ବଳରାମ ଭଉଣୀର ଡାହାଣ ପଟେ ଓ ଶ୍ରୀକୃଷ୍ଣ ତାଙ୍କ ବାମ ପଟେ ଦଣ୍ଡାୟମାନ ହୋଇ ସେ କଥାମୃତ ଶୁଣିବାକୁ ଲାଗିଲେ। ଭାଇଭଉଣୀ କଥାମୃତ ଶୁଣିବା ପରେ ସମାଧିସ୍ଥ ହୋଇଗଲେ। ସେମାନଙ୍କର ଆଖି ବିସ୍ଫାରିତ ହୋଇ ଖୋଲା ହୋଇ ରହିଗଲା। କଥାର ରୋମାଞ୍ଚରେ ସେମାନଙ୍କ ଶରୀର ବିଗଳିତ ହେବାକୁ ଲାଗିଲା। ଶ୍ରୀକୃଷ୍ଣଙ୍କ ହାତରେ ଥିବା ସୁଦର୍ଶନ ଚକ୍ର ତରଳି ଯାଇ ସ୍ତମ୍ଭାକାର ହୋଇଗଲେ। ଏତିକି ବେଳେ ଦେବର୍ଷି ନାରଦ ସେଠାରେ ଆସି ପହଞ୍ଚିଲେ। ସେ ଶ୍ରୀକୃଷ୍ଣ, ବଳରାମ, ସୁଭଦ୍ରା ଓ ସୁଦର୍ଶନଙ୍କୁ ସେହି ଅବସ୍ଥାରେ ଦର୍ଶନ କଲେ। ସେହି ସ୍ୱରୂପରେ ବିଶ୍ୱବାସୀଙ୍କୁ ଦର୍ଶନ ଦେବା ପାଇଁ ସେ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କଲେ।

ତାଙ୍କ ପ୍ରାର୍ଥନାରେ ଶ୍ରୀକୃଷ୍ଣ କହିଲେ- 'ତଥାସ୍ତୁ! ଆମେ ଚତୁର୍ଦ୍ଧାମୂର୍ତ୍ତି ଏହି ସ୍ୱରୂପରେ ଦାରୁମୂର୍ତ୍ତିରୂପେ ନୀଳାଚଳରେ ଆରାଧିତ ହେବୁ। ଆମର ଆଖି ଖୋଲା ରହିବ। ଲୋକମାନେ ଆମକୁ ଅଧାଗଢ଼ା ଦିଅଁ ବୋଲି କହିବେ। ଆମର ବାମ ପାର୍ଶ୍ୱରେ ସୁଦର୍ଶନ ଖମ୍ବ ସ୍ୱରୂପରେ ବିରାଜମାନ କରିବେ।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର



ସୁନ୍ଦରଗଡ଼,୧୮।୨(ସମିସ)

ସୁନ୍ଦରଗଡ଼ ସଦର ବ୍ଲକ୍ ଅନ୍ତର୍ଗତ କୋପସିଂହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ରହିଥିବା ମୁକୁଳା ଟ୍ରାନ୍ସଫର୍ମରର ସୁରକ୍ଷା ବ୍ୟବସ୍ଥା କରାଯାଉ ନାହିଁ। ଫଳରେ ଏହା ବିପଦକୁ ଆମନ୍ତ୍ରଣ କରୁଥିବା ଅଭିଯୋଗ ହୋଇଛି। କୋପସିଂହା ଗ୍ରାମ ପାଇଁ ଅନେକ ଦିନରୁ ଉକ୍ତ ଟ୍ରାନ୍ସଫର୍ମର ବସାଯାଇଛି। ତେବେ କେଉଁ କାରଣରୁ ଏହାର ସୁରକ୍ଷା ବ୍ୟବସ୍ଥା କରାଯାଉ ନାହିଁ, ତାହା ବୁଝା ପଡୁ ନାହିଁ। ଗାଁ ତଥା ସ୍କୁଲ ପିଲାମାନେ ଫୁଟବଲ, କ୍ରିକେଟ୍ ଆଦି ଖେଳିବା ସମୟରେ ବଲ ଟ୍ରାନ୍ସଫର୍ମର ଆଡ଼କୁ ଚାଲି ଯାଉଛି। ବଲ ଆଣିବାକୁ ଯିବା ସମୟରେ ବିପଦର ସମ୍ଭାବନା ରହୁଛି। ଗାଈ ଗୋରୁ ମଧ୍ୟ ଟ୍ରାନ୍ସଫର୍ମର ନିକଟକୁ ଚାଲିଯାଉଛନ୍ତି। ଫଳରେ କେତେବେଳେ ଯେ କ'ଣ ଘଟିବ କିଛି ହେଉ ନାହିଁ। ସ୍ଥାନୀୟ ସମିତି ସଭ୍ୟ ରାଣାପ୍ରତାପ୍ ସିଂ ଏ ନେଇ ଅନେକ ଥର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତଥାପି କୌଣସି ସୁଫଳ ମିଳି ପାରିନାହିଁ। ବିଭାଗୀୟ ଅଧିକାରୀମାନେ ନିରବଦ୍ରଷ୍ଟା ସାଜିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ଧରାପଡ଼ିଲେ ୩ ଆକ୍ରମଣକାରୀ

**ସୁନ୍ଦରଗଡ଼,୧୮।୨(ସମିସ):** ଗତ ୮ ତାରିଖରେ ଲେଫ୍ରିପଡ଼ା ଥାନା ସର୍ଗିପାଲି ଫାଣ୍ଡି ବିଜାଡିହି ଓ ଧୁରୁଆଡିହି ମଝି ରାସ୍ତାରେ ଜଣେ ଗୋରୁ ଖେଦାଳିଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଏହି ମାମଲାରେ ପୁଲିସ ଜଣେ ନବାଳକଙ୍କ ସମେତ ୩ ଜଣଙ୍କୁ ଧରିଛି। ହେମଗିରି ଥାନା ଟିକିଲିପଡ଼ାର ସଂପୃକ୍ତ ୧୭ ବର୍ଷୀୟ ନାବାଳକଙ୍କୁ ସ୍ଥାନୀୟ ଜୁଭେନାଇଲ୍ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଥିବାବେଳେ ଜାମିନ ନ ମିଳିବାରୁ ରାଉରକେଲା ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ସେହିପରି ଅନ୍ୟ ୨ ଅଭିଯୁକ୍ତ ବରପାଲିର ଅନମୋଲ କୁମୁରା (୨୨) ଓ ଡୁଡୁକା ଗ୍ରାମର ମୌସମ ମାଝୀ (୨୧)ଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଏମାନଙ୍କୁ ମଧ୍ୟ ଜାମିନ ମିଳିନାହିଁ। ଅଭିଯୁକ୍ତଙ୍କ ଠାରୁ ଗୋଟିଏ ଛୁରି ଓ ୨ଟି ବାଇକ୍ ଜବତ ହୋଇଛି। ଘଟଣା ଦିନ ଅଉଁଲାବାହାଲ ଗ୍ରାମର ପ୍ରକାଶ ରାଉତ (୫୦) କେତେକ ଗୋରୁ ନେଇ ଆସୁଥିବାବେଳେ ଅଭିଯୁକ୍ତମାନେ ବାଇକ୍‌ରେ ଆସି ତାଙ୍କୁ ଆକ୍ରମଣ କରିଥିଲେ। ଧରୁଆଡିହି ଗ୍ରାମର କେତେକ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସଂପୃକ୍ତ ଲୋକେ ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମାତ୍ର ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

## ଚୋରି ସାମଗ୍ରୀ ଉଦ୍ଧାର, ଜଣେ ଗିରଫ



**ସୁନ୍ଦରଗଡ଼,୧୮।୨(ସମିସ):** ଗତ ୧୩ ତାରିଖରେ ସୁନ୍ଦରଗଡ ଟାଉନ ଥାନା ଅନ୍ତର୍ଗତ ଶଙ୍କରା ହରିଜନ ପଡାରେ ଘଟି ଯାଇଥିବା ଚୋରି ମାମଲାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ସଂପୃକ୍ତ ଅଭିଯୁକ୍ତ ଜଣକ ଶଙ୍କରାର ସଚିନ ସାହୁ (୨୧)। ୧୦ ହଜାର ଟଙ୍କା ସହିତ ଏଟିଏମ୍ କାର୍ଡ, ବ୍ୟାଙ୍କ ପାସ୍ ବହି, ଚେକ୍ ବହି, ପାନ କାର୍ଡ ଆଦି ଚୋରି ସାମଗ୍ରୀ ଉଦ୍ଧାର ହୋଇଛି। ଘଟଣା ଦିନ ଅଭିଯୁକ୍ତ ସୁଶୀଲ ତନ୍ତୀଙ୍କ ଘର ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା। ଏ ନେଇ ସୁଶୀଲ ୧୪ ତାରିଖରେ ଥାନାରେ ଏତଲା ଦେବା ପରେ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଗଞ୍ଜେଇ ଜବତ; ଜଣେ ଗିରଫ



**ହେମଗିରି,୧୮।୨(ସମିସ):** ହେମଗିରି ପୁଲିସ ଟପରିଆଠାରେ ଏକ ଦୋକାନରେ ଚଢ଼ଉ କରି ଗଞ୍ଜେଇ ଜବତ କରିବା ସହ ଦୋକାନୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାରର ଅମରଜିତ୍ କୁମାର ୨୬। ଅଭିଯୁକ୍ତ ଜଣକ ଗତ କିଛିବର୍ଷରୁ ଟପରିଆଠାରେ ଏକ ଟାୟାର ମରାମତି ଦୋକାନ କରି ସେଠାର ଗଞ୍ଜେଇ ବେପାର କରୁଥିବା ସୂଚନା ପାଇ ପୁଲିସ ଦୋକାନରେ ଚଢ଼ାଉ କରି ସେଠାରୁ ୩ କେଜି ଗଞ୍ଜେଇ ଜବତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବିଭିନ୍ନ ସ୍ଥାନରୁ ଚୋରି ଅଭିଯୋଗ

**ସୁନ୍ଦରଗଡ଼,୧୮।୨(ସମିସ):** ସୁନ୍ଦରଗଡ ଟାଉନ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି ଅଭିଯୋଗ ହୋଇଛି। ଚୋରମାନେ ରାଜବାଟୀ ପରିସରରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ଓ ଲକ୍ଷ୍ମୀ ମନ୍ଦିର ହୁଣ୍ଡି ତାଲା ଭାଙ୍ଗି ଦାନ ଅର୍ଥ ଚୋରାଇ ନେଇଛନ୍ତି। ମନ୍ଦିର ପରିଚାଳନା କମିଟିର ପଞ୍ଚାନନ ଧର୍ଯ୍ୟ ଏ ନେଇ ଥାନାରେ ଏତଲା ଦେଇଛନ୍ତି। ସେହିପରି ସ୍ଥାନୀୟ ଆର୍‌ଆରଆଇଟି କଲୋନୀରେ ଡା. ସୋମ ଶୁଭଙ୍କରଙ୍କ ନିର୍ମାଣାଧୀନ ଘରୁ ବିଭିନ୍ନ ଉପକରଣ ଚୋରୀ ହୋଇଯାଇଛି। ଫଳରେ ଡା. ଶୁଭଙ୍କର ମଧ୍ୟ ଥାନାର ଦ୍ୱାରସ୍ଥ ହୋଇଛି। ଏ ନେଇ ପୁଲିସ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମୋଟର ଚୋରି ଅଭିଯୋଗ

**ସୁନ୍ଦରଗଡ଼,୧୮।୨(ସମିସ):** ଭଷ୍ମା ଥାନା ଅନ୍ତର୍ଗତ ଜାମତଳିଆର ଜଣେ ଚାଷୀଙ୍କ କୂଅରୁ ଏକ ପାଣି ମୋଟର ଚୋରି ହୋଇଯାଇଛି। ରାମ ପଟେଲ ନାମକ ଜଣେ ଚାଷୀ ତାଙ୍କ ବିଲରେ ୩ ଏ.ପି ବିଶିଷ୍ଟ ବିଦ୍ୟୁତ ପାଣି ମୋଟର ଲଗାଇ ଚାଷ କରୁଥିଲେ। ଉକ୍ତ ମୋଟର କେହି ଦୁର୍ବୃତ୍ତ ଚୋରାଇ ନେଇଛି। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଯୁବ ସମାଜସେବୀଙ୍କୁ ମିଶନ ଗ୍ରୀନ୍ ଆମ୍ବାସାଡର ସମ୍ମାନ

**ସୁନ୍ଦରଗଡ଼,୧୮।୨(ସମିସ):** ସୁନ୍ଦରଗଡ଼ର ଯୁବ ସମାଜସେବୀ ତଥା ପରିବେଶବିତ୍ ଦିଗାମ୍ବର ଉପାଧ୍ୟାୟଙ୍କୁ ରୋଟାରୀ ଇଣ୍ଟରନ୍ୟାସନାଲ (ଡିଷ୍ଟ୍ରିକ୍ଟ - ୩୨୬୨) ତରଫରୁ ମିଶନ ଗ୍ରୀନ ଆମ୍ବାସାଡର ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ବିବେକାନନ୍ଦ ଯୁବ କେନ୍ଦ୍ରଠାରେ ମଙ୍ଗଳବାର ଆୟୋଜିତ 'ଦକ୍ଷିଣ ଏସିଆ ପରିବେଶିକ ସ୍ଥାୟିତ୍ୱ ରୋଟାରୀ ଏକ୍ସନ ଗ୍ରୁପ (ଇସରାଗ)' ର କର୍ମଶାଳାରେ ସେ ଜଙ୍ଗଲ ଓ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଉପରେ ବ୍ୟାପକ ସଚେତନତା, ବିକଳ୍ପ ଆୟ ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା ତଥା ତୃଣମୂଳସ୍ତରର ଅନୁଷ୍ଠାନମାନଙ୍କ ସୁଦୃଢ଼ୀକରଣ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ସମ୍ମାନିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଇସରାଗର ଅଧକ୍ଷା ଡକ୍ଟର ମୀନାକ୍ଷୀ ଭେଙ୍କଟରମଣ ମୁଖ୍ୟ ଅତିଥି ଭାବେ ଦିଗାମ୍ବରଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ତାଙ୍କ ନେତୃତ୍ୱରେ ଚାଲିଥିବା ବିଭିନ୍ନ ଅଭିନବ ପଦକ୍ଷେପ କେବଳ ସୁନ୍ଦରଗଡ଼ରେ ନୁହେଁ ବରଂ ସମଗ୍ର ଦକ୍ଷିଣ ଏସିଆରେ ପରିବେଶ ସଂରକ୍ଷଣ ପ୍ରୟାସକୁ ଏକ ନୂତନ ଦିଗଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଇସରାଗର ଦକ୍ଷିଣ ଏସିଆର ଉପାଧ୍ୟକ୍ଷ ଅନୁପ ସିହ୍ନା ଓ ଜିଲ୍ଲା ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ଦିଗାମ୍ବରଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ସୁନ୍ଦରଗଡ ଜିଲ୍ଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଝୁରିମାଲ ଗ୍ରାମର ଦିଗାମ୍ବର ଦୀର୍ଘ ୩୧ ବର୍ଷ ଧରି ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ ରଖିବା ସହ ଜଙ୍ଗଲ ଓ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଉପରେ ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି। ତାଙ୍କ ନେତୃତ୍ୱରେ ୩୧ ଟି ଗ୍ରାମରେ ୧୫୦୦ ରୁ ଊର୍ଦ୍ଧ୍ୱ ମହିଳା କୁକୁଡ଼ା ପାଳନ, ଝାଡୁ ବ୍ୟବସାୟ, ଧୂସର ଚାଉଳ ପ୍ରସ୍ତୁତି, ମାଛ ଚାଷ, ପନିପରିବା ଚାଷ, ଛତୁ ଚାଷ, ଜିଆଖତ ପ୍ରସ୍ତୁତି ପରି ଆୟ ଭିତ୍ତିକ କାର୍ଯ୍ୟକ୍ରମ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି।



## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ସୁନ୍ଦରଗଡ଼,୧୮।୨(ସମିସ):** ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଗଣିତ ବିଭାଗର ମୁଖ୍ୟ ଆଲୋକ କୁମାର ନାଏକ ସଭାପତିତ୍ୱ କରି ଆତ୍ମସୁରକ୍ଷା କୌଶଳର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଇଂରାଜୀ ବିଭାଗର ମୁଖ୍ୟ ଆଞ୍ଜେଲିନା କିଣ୍ଡୋ ଆତ୍ମସୁରକ୍ଷା ପ୍ରଶିକ୍ଷଣ ନେଇଥିବା ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ନୂତନ ମନୋବଳ ଓ ଦୃଢ଼ ଆତ୍ମବିଶ୍ୱାସ ସହ ଜୀବନରେ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ୮ ଦିନ ଧରି ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀଙ୍କୁ ନେଇ ଚାଲିଥିବା ଏହି ଶିବିରରେ ମାଷ୍ଟର ଟ୍ରେନର୍ ପ୍ରଭାସିନୀ ଗର୍ଡିଆ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା କୌଶଳର ଅଭ୍ୟାସ କରାଇଥିଲେ। ଶେଷରେ ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ବର୍ଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜିକା ରସାୟନ ବିଭାଗର ସହକାରୀ ପ୍ରଫେସର ସୁଶାନ୍ତ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

## ବଦଳି ପରେ ବି କ୍ୱାର୍ଟର୍ସ ଛାଡୁନାହାନ୍ତି ଅଧିକାରୀ

**ସୁନ୍ଦରଗଡ,୧୮।୨(ସମିସ):** ବଦଳି ପରେ ବି ହେମଗିରି ବ୍ଲକ୍‌ର ବିଦାୟୀ ବିଡିଓ ବିଶ୍ୱନାଥ ସାହୁ କ୍ୱାର୍ଟର୍ସ ଛାଡ଼ିନଥିବାରୁ ନୂଆ ବିଡିଓ ରହିବାକୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ସାହୁଙ୍କ ହେମଗିରି ବ୍ଲକ୍‌ରୁ କୋରାପୁଟ ଜିଲ୍ଲା ଗୋଳାମୁଣ୍ଡା ବ୍ଲକ ବିଡିଓ ଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ ସମ୍ବଲପୁର ଜିଲ୍ଲା ଯୁଯୁମୁରା ବିଡିଓ ରୀନ ନାଏକ ଯୋଗ ଦେଇଛନ୍ତି। ତେବେ ଏହି ନୂତନ ବିଡିଓଙ୍କ ରହିବା ପାଇଁ ସମସ୍ୟା ହୋଇଛି। ଗତ ମାସ ୨୦ ତାରିଖରେ ସେ ନୂତନ ବିଡିଓଙ୍କୁ ଦାୟିତ୍ୱ ପ୍ରଦାନ କରି ଏଠାରୁ ରିଲିଭ ହେବା ପରେ ଛୁଟିରେ ରହିଛନ୍ତି। ନୂତନ କାର୍ଯ୍ୟସ୍ଥଳରେ ଯୋଗ ଦେଉ ନାହାନ୍ତି। ଅନ୍ୟପକ୍ଷରେ ଏଠାରେ ଯୋଗ ଦେଇଥିବା ମହିଳା ବିଡିଓ ରହିବାରେ ସମସ୍ୟା ଭୋଗୁଛନ୍ତି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

## ଶ୍ରୀହରି ସ୍ପିନର୍ସରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି; ତ୍ରିପାକ୍ଷିକ ଆଲୋଚନା ଆଜି

**ସୁନ୍ଦରଗଡ଼,୧୮।୨(ସମିସ):** କିରେଇସ୍ଥିତ ଶ୍ରୀହରି ସ୍ପିନର୍ସର ଶ୍ରମିକ ବିଭିନ୍ନ ଦାବିରେ ୭ ଦିନ ତଳୁ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ୮ ଘଣ୍ଟା କାମ, ଓଭର୍ ଟାଇମ ପାଇଁ ଦୁଇ ଗୁଣା ପାଉଣା, ପୁରୁଣା ଶ୍ରମିକଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି, ପୁରାତନ ବକେୟା ପାଉଣା, ଶ୍ରମିକ ପରିଚୟ ପତ୍ର ପ୍ରଦାନ, ଦରମା ବିବରଣୀ ପତ୍ର ଦିଆଯିବା ଆଦି ଦାବିରେ କାର୍ଯ୍ୟରତ ଶ୍ରମିକମାନେ ଆନ୍ଦୋଳନ ନିଷ୍ପତ୍ତି ନେଇଥିଲେ। ତେବେ ଶ୍ରମିକ ସଂଘ ଓ ପ୍ରଶାସନର ଆଲୋଚନା ପାଇଁ ଗତ ମାସ ୨୭ ତାରିଖରେ ଯୁଗ୍ମ ଶ୍ରମ କମିସନରଙ୍କ ପତ୍ର ଆସିବା ପରେ ଆନ୍ଦୋଳନକୁ ସ୍ଥଗିତ ରଖା ଯାଇଥିଲା। ଶ୍ରମିକମାନେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନାରେ ଭାଗ ନେଇଥିଲେ ବି ଉକ୍ତ ବୈଠକରେ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ କେହି ଯୋଗ ଦେଇ ନ ଥିଲେ। ତେବେ ଉପ ଜିଲ୍ଲାପାଳ ଓ ସହକାରୀ ଶ୍ରମ ଅଧିକାରୀ ଗତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ ଅପେକ୍ଷା କରିବାକୁ ଅନୁରୋଧ କରିବାରୁ ଶ୍ରମିକମାନେ ରାଜି ହୋଇଥିଲେ। ଯୁଗ୍ମ ଶ୍ରମ କମିସନରଙ୍କ ପକ୍ଷରୁ ଶ୍ରମିକ ଦାବି ଅନୁପାଳନ କରିବାକୁ କାରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ହେଁ ପରିଚାଳନା କର୍ତ୍ତୃପକ୍ଷ ଅନୁପାଳନ କରୁ ନାହାନ୍ତି। ତେଣୁ ସଂଘର ଆହ୍ୱାନ କ୍ରମେ ଗତ ୧୩ ତାରିଖରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲିଛି। ଏହି ଦିନ ସୁନ୍ଦରଗଡ଼ ସଦର ଅତିରିକ୍ତ ତହସିଲଦାର, ସହକାରୀ ଶ୍ରମ ଅଧିକାରୀ, ସଦର ପୁଲିସ ଏବଂ କାରଖାନାର ଜେନେରାଲ ମ୍ୟାନେଜର ଆନ୍ଦୋଳନସ୍ଥଳକୁ ପହଞ୍ଚି ୧୫ ଦିନ ସମୟ ମାଗିଥିଲେ। ତେବେ ସଂଘ ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛି। ଏଭଳି ସ୍ଥିତିରେ ବୁଧବାର ଅପରାହ୍ଣ ୩ଟାରେ ଯୁଗ୍ମ ଶ୍ରମ କମିସନରଙ୍କ ପକ୍ଷରୁ ଆଲୋଚନା ପାଇଁ ନିର୍ଘଣ୍ଟ ହୋଇଛି।

## ବାରଗାଡ଼ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା ଶିବିର

**ସୁନ୍ଦରଗଡ଼,୧୮।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରାଜଜ୍ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶକ୍ରମେ ବାରଗାଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ସଡ଼କ ସୁରକ୍ଷା ଓ ମୋଟର ଯାନ ସମ୍ପର୍କିତ ନିୟମ ଓ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ୍ ଉପରେ ଏକ ଆଇନଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଡକ୍ଟର ରୀନତି ମିଶ୍ର ଯୋଗଦେଇ ସଡ଼କ ସୁରକ୍ଷା, ମୋଟର ଯାନ ଦୁର୍ଘଟଣା ଆଇନ୍ ଏବଂ ସୁରକ୍ଷା ଆଇନ୍ ଉପରେ ଆଲୋକପାତ କରିଥିଲେ। ସଡ଼କ ସୁରକ୍ଷା ଓ ମୋଟର ଯାନ ସମ୍ପର୍କିତ ନିୟମ ପାଳନ କଲେ ଅକାଳରେ ହେଉଥିବା ଦୁର୍ଘଟଣା ଜନିତ ମୃତାହତଙ୍କ ସଂଖ୍ୟା ହ୍ରାସ ଘଟିବା ସହିତ ଯାତାୟତ ବ୍ୟବସ୍ଥାକୁ ସୁରକ୍ଷିତ କରାଯାଇ ପାରିବ ବୋଲି କହିଥିଲେ। ଅବହେଳିତ ଶୈଶବ ଯେ କୌଣସି ରାଷ୍ଟ୍ରର ବିକାଶରେ ବାଧକ ହୋଇଥିବାରୁ ସୁରକ୍ଷିତ ଶୈଶବ ଯୋଗାଇଦେବା ପ୍ରତିଟି ନାଗରିକର ଦାୟିତ୍ୱ ହେବା ଉଚିତ୍ ବାଲି ମତ ଦେଇଥିଲେ। ବାରଗାଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଥି ମେହେର, ଡିଏସ୍‌ପି ତପନ କୁମାର ମହାନନ୍ଦ, ଅଧିକାର ମିତ୍ର ସୁଦର୍ଶନ ତାଜନ, ଚନ୍ଦ୍ରଶେଖର ପଟେଲ ପ୍ରମୁଖ ଉପସ୍ଥିତ ରହି ନିଜର ମତ ଉପସ୍ଥାପନା କରିଥିଲେ।




## ବାରଗାଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



**ସୁନ୍ଦରଗଡ଼,୧୮।୨(ସମିସ):** ବାରଗାଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ସଦର ବ୍ଲକ୍ ଅଧ୍ୟକ୍ଷ ସୁବ୍ରତ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସହକାରୀ ମହା ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ନନ୍ଦ ମୁଖ୍ୟ ବକ୍ତା ଭାବେ ପିଲାଙ୍କ ସୃଜଶୀଳତାର ବିକାଶରେ ଶିକ୍ଷାର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ସଦର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜେନାମଣି ନାଏକ ଉତ୍ସାହିତ କରିଥିବାବେଳେ ନିମନ୍ତ୍ରିତ ଅତିଥି ଭାବେ ବାରଗାଡ଼ କନ୍ୟାଶ୍ରମର ପ୍ରଧାନ ଶିକ୍ଷକ ରଥି ମେହେର ଅଳସୁଆମି ପରିତ୍ୟାଗ କରି କର୍ମତତ୍ପର ହେଲେ ସଫଳତା ନିଶ୍ଚୟ ମିଳିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି କୃଷ୍ଣଚନ୍ଦ୍ର ପଟେଲ ସ୍ୱରଚିତ କବିତା ''ମୁଁ ବାର୍ଷିକ ଉତ୍ସବ କହୁଛି' ଆବୃତି କରିଥିଲେ। ଗଡ଼ିଆଯୋର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନେହେରୁ ପଟେଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳକଣ୍ଠ ନାଏକ, ସ୍କୁଲ ପରିଚାଳନା କମିଟି ସଭାପତି ଲିଲିମା ବୁଢ଼ା, ଅଶ୍ୱିନୀ ସୁନା, ଅମିତ ଖମାରୀ, ସୁରେଶ ପୁଙ୍ଗ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରସ୍ମନା ପାଣି ବାର୍ଷିକ ବିବରଣୀ ପଠନ କରିଥିବାବେଳେ ବାରଗାଡ଼ କ୍ଲଷ୍ଟର ସିଆର୍‌ସିସି ଦିଲ୍ଲୀପ କୁମାର ପଟେଲ ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ରିତାରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ଜଗଦୀଶ ପଟେଲ, ସଞ୍ଜୟ ସାହୁ, ବାସନ୍ତୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କୋଇଲା ପରିବହନକୁ ବିରୋଧ ଘଟଣା

## ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ

ହେମଗିରି,୧୮।୨(ସମିସ)

ଖଣି ବହୁଳ ହେମଗିରି ଅଞ୍ଚଳବାସୀଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନରେ ଅବହେଳା ଏବଂ ବର୍ଦ୍ଧିତ ପ୍ରଦୂଷଣ ଓ ଦୁର୍ଘଟଣାର ସ୍ଥାୟୀ ପ୍ରତିକାର ଦାବିରେ ଗତ ତିନି ଦିନ ଧରି ହେମଗିରି ବାଇପାସ୍ ଛକରେ ଚାଲିଥିବା କୋଇଲା ପରିବହନ ବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ଏବଂ ଉପଜିଲ୍ଲାପାଳ ଦାଶରଥି ସରାବୁ ଆନ୍ଦୋଳନସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇ ଏହାର ନିରାକରଣ ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟିଥିଲା। ଫଳରେ କୋଇଲା ପରିବହନ ସ୍ୱାଭାବିକ ହୋଇଥିଲା।

ହେମଗିର ପଞ୍ଚାୟତ ସମିତି ଲୋକପ୍ରତିନିଧି ସଂଘ ପକ୍ଷରୁ ଅଞ୍ଚଳରେ କୋଇଲା ପରିବହନ ଯୋଗୁଁ ହେଉଥିବା ପ୍ରଦୂଷଣ ଓ ଦୁର୍ଘଟଣା ପ୍ରତିକାରର ବିଭିନ୍ନ ଦାବି ଉପରେ ପ୍ରଶାସନର ଅଣଦେଖା ଯୋଗୁଁ ଆନ୍ଦୋଳନ ଚେତାବନୀ ପରେ ପ୍ରଶାସନ ପକ୍ଷରୁ ବୈଠକ ଡାକି ଲୋକପ୍ରତିନିଧି ସଂଘ ସହ ଆଲୋଚନା କରିଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀଙ୍କ ଅଧ୍ୟକ୍ଷତାରେ ହେମଗିରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଏହି ଆଲୋଚନାରେ ସଂଘର ବିଭିନ୍ନ ଦାବି ଓ ଏହାର ପ୍ରତିକାର ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏ ନେଇ କିଛି ଦାବି ଉପରେ କାର୍ଯ୍ୟ ଆରମ୍ଭ ହୋଇସାରିଥିବା ତଥା ଅନ୍ୟାନ୍ୟ ଦାବି ଉପରେ ନିରୀକ୍ଷଣ କରାଯାଉଥିବା ଏବଂ ତତ୍ ଅନୁଯାୟୀ ଅତି ଶୀଘ୍ର ତା'ର ପ୍ରତିକାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଥିଲେ।



## ଆର୍ଦ୍ରଭୂମି ସଂରକ୍ଷଣ ନେଇ ସଚେତନତା

କୁତ୍ର.୧୮।୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅନ୍ତର୍ଗତ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ଆନୁକୂଲ୍ୟରେ ମଙ୍ଗଳବାର ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଇକୋ କ୍ଲବ୍ ଇନଚାର୍ଜ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ନିକଟସ୍ଥ ନଦୀରୁ ସଂରକ୍ଷଣ ପାଇଁ ପଦକ୍ଷେପ ନେଇଥିଲେ। ଆଜି ସମଗ୍ର ପୃଥିବୀରେ ଜଳବାୟୁର ଆଶାତୀତ ପରିବର୍ତ୍ତନ ଘଟିଛି। ଦିନକୁଦିନ ଉତ୍ତାପ ବଢ଼ିବାରେ ଲାଗିଛି। ଯାହା ଫଳରେ ଆର୍ଦ୍ରଭୂମି ଆଉ ଓଦା ହୋଇପାରୁନାହିଁ। ପରିବେଶର କୁପ୍ରଭାବ ଦିନକୁ ଦିନ ଅନୁଭୂତ ହେଉଅଛି। ଜୈବ ବିବିଧତାରେ ମଧ୍ୟ ପରିବର୍ତ୍ତନ ଘଟିଛି। ତେଣୁ ଆର୍ଦ୍ରଭୂମିର ସୁରକ୍ଷା ପାଇଁ ବିଦ୍ୟାଳୟର ଇକୋ କ୍ଲବର ଛାତ୍ରଛାତ୍ରୀ ଏହି ପ୍ରୟାସ ଆରମ୍ଭ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମରେଶ ସାହୁ ଆର୍ଦ୍ରଭୂମିର ଉପାଦେୟତା ଓ ଆର୍ଦ୍ରଭୂମିର ସୁରକ୍ଷା ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନତା କରାଇଥିଲେ। ପରିବେଶ ସନ୍ତୁଳନ ଓ ଜୈବିକ ଉତ୍ପାଦନର ସୁରକ୍ଷା ବିଷୟରେ ଶ୍ରୀମତୀ ପାଢ଼ୀ ସଚେତନତା କରାଇଥିଲେ। ଏହି ସଚେତନତା ଅଭିଯାନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।



## ନୂଆ ସିଇସିଙ୍କ ନିଯୁକ୍ତିକୁ ନେଇ ବିବାଦ ଜୋରଦାର

# ରାତିଅଧିଆ ନିଯୁକ୍ତି କାହିଁକି ?

ନୂଆଦିଲ୍ଲୀ,୧୮।୨(ଏଜେନ୍ସି)



- ସରକାରଙ୍କ ନିଷ୍ପତ୍ତିକୁ ରାହୁଲଙ୍କ ବିରୋଧ
- ମୁକ୍ତ ନିର୍ବାଚନ, ସାମ୍ବିଧାନିକ ମୂଲ୍ୟବୋଧ ପାଇଁ ଅପମାନ
- ଆଜି ବିରୋଧୀଙ୍କ ଆବେଦନର ଶୁଣାଣି କରିବେ ସୁପ୍ରିମ୍‌କୋର୍ଟ

ମୁଖ୍ୟ ନିର୍ବାଚନ କମିସନର (ସିଇସି) ରାଜୀବ କୁମାରଙ୍କ କାର୍ଯ୍ୟକାଳ ମଙ୍ଗଳବାର ଶେଷ ହେବା ସହିତ ସେ ତାଙ୍କ ପଦରୁ ଅବସର ନେଇଛନ୍ତି। ଏହାପୂର୍ବରୁ ସୋମବାର ବିଳମ୍ବିତ ରାତିରେ କେନ୍ଦ୍ର ସରକାର ଏକ ବିଜ୍ଞପ୍ତି ଜାରି କରି ୧୯୮୮ ବ୍ୟାଚ ଆଇଏଏସ୍ ଜ୍ଞାନେଶ କୁମାରଙ୍କୁ ନୂଆ ନିର୍ବାଚନ କମିସନର ଭାବେ ନିଯୁକ୍ତ କରିଛନ୍ତି। କିନ୍ତୁ ଜ୍ଞାନେଶ କୁମାରଙ୍କ ରାତି ଅଧିଆ ନିଯୁକ୍ତିକୁ ନେଇ ବିବାଦ ଜୋରଦାର ହୋଇଛି। ସରକାର ଅତ୍ୟନ୍ତ ତରବରିଆ ଭାବେ ଜ୍ଞାନେଶ କୁମାରଙ୍କୁ ଯେଉଁଭଳି ନିଯୁକ୍ତ କରିଛନ୍ତି ତାହାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ରାଜୀବ କୁମାରଙ୍କ ପରେ କିଏ ପରବର୍ତ୍ତୀ ସିଇସି ହେବେ ସେ ସମ୍ପର୍କରେ ନିଷ୍ପତ୍ତି ନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ରାତିରେ ନିଯୁକ୍ତି କମିଟି ବୈଠକ ସାଉଥ ବ୍ଲକରେ ବସିଥିଲା। ଏହି ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବ୍ୟତୀତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯୋଗ ଦେଇଥିଲେ। କିନ୍ତୁ ବୈଠକ ଚାଲିଥିଲା ବେଳେ ସିଇସି ନିଯୁକ୍ତି ପ୍ରସଙ୍ଗରେ ତରବରିଆ ଆଲୋଚନାକୁ ନେଇ ରାହୁଲ ଅସନ୍ତୋଷ ପ୍ରକାଶ କରିଥିଲେ। ସିଇସି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀ ପାଇଁ ତରବରିଆ ଭାବେ ନିଷ୍ପତ୍ତି ନେବା ଉଚିତ ହେବ ନାହିଁ ବୋଲି ଦର୍ଶାଇ ସେ ତାଙ୍କର ଅଭିଯୋଗ ପତ୍ର (ଡିସେଣ୍ଟ ନୋଟ୍) ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଥିଲେ। ଏଥିରେ ସେ ନିଯୁକ୍ତି ସଂକ୍ରାନ୍ତ ବୈଠକକୁ ସ୍ଥଗିତ ରଖିବା ପାଇଁ ଅନୁରୋଧ କରିଥିଲେ। ଏଥିସହ ନିଯୁକ୍ତି କମିଟି ଗଠନ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ସରକାର ସିଇସିଙ୍କ ନିଯୁକ୍ତିକୁ ନେଇ ଯେଉଁଭଳି ନିଷ୍ପତ୍ତି ନେଉଛନ୍ତି ତାହା ଦେଶରେ ମୁକ୍ତ ନିର୍ବାଚନ ଏବଂ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଅସମ୍ମାନ ବୋଲି ରାହୁଲ ଦର୍ଶାଇଥିଲେ। ରାହୁଲଙ୍କ ବିରୋଧ ସତ୍ତ୍ୱେ ବୈଠକ ଶେଷ ହେବାର କିଛି ଘଣ୍ଟା ପରେ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରି ଜ୍ଞାନେଶ କୁମାରଙ୍କୁ ସିଇସି ଭାବେ ନିଯୁକ୍ତ କରିଥିବା ଘୋଷଣା କରିଥିଲେ। ତେବେ କେନ୍ଦ୍ର ସରକାରଙ୍କ ଏଭଳି ଆଭିମୁଖ୍ୟକୁ କଂଗ୍ରେସ ଜୋରଦାର ବିରୋଧ କରିଛି। ରାହୁଲ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କୁ ଦେଇଥିବା ଲିଖିତ ଅଭିଯୋଗପତ୍ରକୁ ମଙ୍ଗଳବାର 'ଏକ୍ସ'ରେ ଶେୟାର କରିବା ସହିତ ଉଭୟ ନେତାଙ୍କୁ ନିଶାଣ କରି ତୀବ୍ର ସମାଲୋଚନା କରିଛନ୍ତି। ନିଯୁକ୍ତି କମିଟିର ୩ ସଦସ୍ୟଙ୍କ ମଧ୍ୟରୁ ଜଣେ ସଦସ୍ୟ ବୈଠକକୁ ସ୍ଥଗିତ ରଖିବାକୁ କହିଥିଲେ ହେଁ ଏହାକୁ କାହିଁକି ଅଣଦେଖା କରାଗଲା ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି। ଏହାଛଡ଼ା ସିଇସିଙ୍କ ନିଯୁକ୍ତିପ୍ରକ୍ରିୟାରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମଧ୍ୟ ଅବମାନନା କରିଛନ୍ତି ବୋଲି ରାହୁଲ ଅଭିଯୋଗ କରିଛନ୍ତି। ସିଇସି ନିଯୁକ୍ତି କମିଟିରେ ପୂର୍ବରୁ ପ୍ରଧାନବିଚାରପତି ସଦସ୍ୟ ରହୁଥିଲା ବେଳେ ଏବେ ତାଙ୍କୁ ବାଦ ଦିଆଯାଇଛି। ପ୍ରଧାନବିଚାରପତିଙ୍କୁ ନିଯୁକ୍ତି କମିଟିରେ ସାମିଲ ନ କରିବା ଦିଗରେ କେନ୍ଦ୍ର ସରକାର ଯେଉଁ ଆଭିମୁଖ୍ୟ ଗ୍ରହଣ କରିଛନ୍ତି ତାହା ଦେଶର ଲକ୍ଷ ଲକ୍ଷ ଭୋଟର ଏବଂ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ପ୍ରତି ବଡ଼ ପ୍ରଶ୍ନ ବୋଲି ରାହୁଲ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ସରକାର ୨୦୨୩ରେ ନୂଆ ଆଇନ ପ୍ରଣୟନ କରି କମିଟିରୁ ପ୍ରଧାନବିଚାରପତିଙ୍କୁ ହଟାଇ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ସ୍ଥାନ ଦେଇଛନ୍ତି। ଏହାକୁ ବିରୋଧୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଏସବୁ ଭିତରେ ସିଇସିଙ୍କୁ ନିଯୁକ୍ତ କରାଯାଇଛି। ଶୁଣାଣି ଶେଷ ହେବା ଯାଏ ନିଯୁକ୍ତି ସଂକ୍ରାନ୍ତ ବୈଠକକୁ ସ୍ଥଗିତ ରଖିବାକୁ ରାହୁଲ କହିଥିଲେ ହେଁ କେନ୍ଦ୍ର ସରକାର ଜ୍ଞାନେଶ କୁମାରଙ୍କୁ ନିଯୁକ୍ତି ଦେଇଥିବାରୁ ବିବାଦ ସୃଷ୍ଟି ହୋଇଛି। କଂଗ୍ରେସର ସାଧାରଣ ସମ୍ପାଦକ କେସି ଭେଣୁଗୋପାଳ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ପବିତ୍ରତା ରକ୍ଷା ପାଇଁ ସିଇସି ନିଶ୍ଚିତ ଭାବେ ନିରପେକ୍ଷ ରହିବା ଦରକାର ବୋଲି ସୁପ୍ରିମକୋର୍ଟ ଅନେକ ମାମଲାରେ ସ୍ପଷ୍ଟ କରିଛନ୍ତି। କିନ୍ତୁ କେନ୍ଦ୍ର ସରକାର ଅତ୍ୟନ୍ତ ତରବରିଆ ଭାବେ ବୈଠକ କରି ନୂଆ ସିଇସି ନିଯୁକ୍ତ କରିବା ଘଟଣା ସୁପ୍ରିମକୋର୍ଟ ଯାଞ୍ଚରୁ ବର୍ତ୍ତିବା ପାଇଁ ଏକ ଉଦ୍ୟମ ବୋଲି ସେ କହିଛନ୍ତି।

# ୟୁକ୍ରେନ୍ ପାଇଁ ରୁଷ-ଆମେରିକା ଆଲୋଚନା

ରିୟାଦ,୧୮।୨(ଏଜେନ୍ସି)



- ଆସନ୍ତା ସପ୍ତାହରେ ହୋଇପାରେ ପୁତିନ-ଟ୍ରମ୍ପ ଭେଟଘାଟ
- ଜେଲେଁସ୍କିଙ୍କ ସହ କଥା ହେବାକୁ ପୁତିନ୍ ପ୍ରସ୍ତୁତ

ୟୁକ୍ରେନ ଯୁଦ୍ଧ କରି ଶାନ୍ତି ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ସାଉଦି ଆରବରେ ଆମେରିକା ଏବଂ ରୁଷିଆ ମଧ୍ୟରେ ଆଲୋଚନା ହୋଇଛି। ମଙ୍ଗଳବାର ରିୟାଦରେ ଅନୁଷ୍ଠିତ ବୈଠକରେ ରୁଷିଆ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ଏବଂ ରାଷ୍ଟ୍ରପତି ପୁତିନଙ୍କ ବୈଦେଶିକ ନୀତି ପରାମର୍ଶଦାତା ୟୁରି ଉସାକୋଭ ପ୍ରତିନିଧିତ୍ୱ କରିଥିଲା ବେଳେ ଆମେରିକା ପକ୍ଷରୁ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ଜାତୀୟ ସୁରକ୍ଷା ପରାମର୍ଶଦାତା ମାଇକ୍ ୱାଲ୍ଜ ଏବଂ ପଶ୍ଚିମ ଏସିଆ ପାଇଁ ନିଯୁକ୍ତ ଟ୍ରମ୍ପ ପ୍ରଶାସନର ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟକଫ୍ ବୈଠକରେ ଉପସ୍ଥିତ ଥିଲେ। ୟୁକ୍ରେନ ଉପରେ ରୁଷିଆ ଆକ୍ରମଣର ତିନି ବର୍ଷ ପରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରାଯାଇଥିବାରୁ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହିତ ଏଥିରେ ଆମେରିକାର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରାଷ୍ଟ୍ରପତି ପୁତିନଙ୍କ ମଧ୍ୟରେ ନିକଟରେ ହୋଇଥିବା ଫୋନ୍ ବାର୍ତ୍ତାଳାପ ପରେ ଉଭୟ ପକ୍ଷର ପ୍ରତିନିଧିମାନେ ଆଲୋଚନା ଆରମ୍ଭ କରିଥିବାରୁ ଆଗାମୀ ଦିନରେ ଏହାର ସୁଫଳ ଦେଖିବାକୁ ମିଳିପାରେ ବୋଲି କୁହାଯାଉଛି। ସାଉଦି ମଧ୍ୟସ୍ଥତାରେ ଏହି ବୈଠକରେ ହୋଇଥିବା ଆଲୋଚନା ସକାରାତ୍ମକ ରହିଥିବା ଆମେରିକା ଏବଂ ରୁଷ ପ୍ରତିନିଧିମାନେ କହିଛନ୍ତି। ବିଶେଷକରି ବହୁ ବର୍ଷର ତିକ୍ତତା ପରେ ଆମେରିକା ଏବଂ ରୁଷ ଗୋଟିଏ ମଞ୍ଚରେ ଏକାଠି ହୋଇଥିବାରୁ ଏହି ବିଷୟକୁ ଗୁରୁତ୍ୱ ଦେଇ ଏକ ସକାରାତ୍ମକ ନିର୍ଯ୍ୟାସ ବାହାର କରିବାକୁ ଉଭୟ ପକ୍ଷ ଉଦ୍ୟମ କରୁଥିବା କହିଛନ୍ତି। ୟୁକ୍ରେନରେ ଯୁଦ୍ଧ ବନ୍ଦ ହେବା ପରେ ରୁଷିଆ ଏବଂ ଆମେରିକା ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ପାଇଁ ସୁଯୋଗ ଆସିବ ବୋଲି ଆମେରିକା। ବୈଦେଶିକ ସଚିବ ରବିଓ କହିଛନ୍ତି। ସେହିପରି ଆଜିର ଆଲୋଚନା ଅନେକ ଦିଗରେ ସକାରାତ୍ମକ ହୋଇଥିଲେ ବି ଆଗକୁ କଠିନ ସ୍ଥିତି ଆସିପାରେ ବୋଲି ରୁଷୀୟ ପ୍ରତିନିଧିମାନେ କହିଛନ୍ତି। ତେବେ ଆସନ୍ତା ସପ୍ତାହକ ମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରାଷ୍ଟ୍ରପତି ପୁତିନ ପରସ୍ପରକୁ ଭେଟି ଏହି ପ୍ରସଙ୍ଗରେ ଆଲୋଚନା କରିପାରନ୍ତି ବୋଲି ସୂଚନା ଦିଆଯାଇଛି।

## ଏକତରଫା ନିଷ୍ପତ୍ତିକୁ ଗ୍ରହଣ କରିବି ନାହିଁ: ଜେଲେଁସ୍କି

କିଭ୍,୧୮।୨(ଏଜେନ୍ସି): ୟୁକ୍ରେନ ଯୁଦ୍ଧ ବନ୍ଦ କରି ଶାନ୍ତି ପ୍ରତିଷ୍ଠା ଲାଗି ମଙ୍ଗଳବାର ରିଆଦରେ ରୁଷ୍ ଏବଂ ଆମେରିକୀୟ କୂଟନୀତିଜ୍ଞମାନେ ବୈଠକ କରିଥିଲେ ହେଁ ଏଥିରେ ୟୁକ୍ରେନକୁ ସାମିଲ କରାଯାଇ ନାହିଁ। କିନ୍ତୁ ଆବଶ୍ୟକ ପଡ଼ିଲେ ରୁଷ୍ ରାଷ୍ଟ୍ରପତି ପୁତିନ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କିଙ୍କୁ ଭେଟି ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି। ତେବେ ରିଆଦ ବୈଠକରେ ୟୁକ୍ରେନକୁ ସାମିଲ କରାଯାଇ ନଥିବାରୁ ଏହାକୁ ଜେଲେଁସ୍କି ବିରୋଧ କରିଛନ୍ତି। ଏହି ବୈଠକରେ ଯଦି ଆମେରିକା ଏବଂ ରୁଷିଆ ଏକତରଫା ଭାବେ ୟୁକ୍ରେନ ଉପରେ କିଛି ନିଷ୍ପତ୍ତି ନିଅନ୍ତି ତେବେ ଏହାକୁ ଗ୍ରହଣ କରାଯିବ ନାହିଁ ବୋଲି ଜେଲେଁସ୍କି କହିଛନ୍ତି। ଜେଲେଁସ୍କି ବର୍ତ୍ତମାନ ତୁର୍କୀ ଗସ୍ତରେ ରହିଥିଲା ବେଳେ ଆସନ୍ତାକାଲି ରିଆଦ ଗସ୍ତରେ ଯିବେ । କିନ୍ତୁ ଏହି ସମୟରେ ସେ ରୁଷିଆ କିମ୍ବା ଆମେରିକାର କୌଣସି ପ୍ରତିନିଧିଙ୍କୁ ଭେଟିବେ ନାହିଁ ବୋଲି ୟୁକ୍ରେନ ରାଷ୍ଟ୍ରପତିଙ୍କ ମୁଖପାତ୍ର ସେରେହି ନିକିଫରୋଭ କହିଛନ୍ତି ।



## ମହାକୁମ୍ଭକୁ 'ମୃତ୍ୟୁକୁମ୍ଭ' କହିବା ପରେ ମମତାଙ୍କୁ ଘେରିଲା ବିଜେପି

ନୂଆଦିଲ୍ଲୀ,୧୮।୨(ଏଜେନ୍ସି): ପ୍ରୟାଗରାଜ ମହାକୁମ୍ଭରେ ଦଳାଚକଟାରେ ଏକାଧିକ ଲୋକଙ୍କ ମୃତ୍ୟୁ ହୋଇସାରିଥିଲା ବେଳେ ଏଠାରେ ଲାଗି ରହୁଥିବା ଭିଡ଼କୁ ନେଇ ବିଭିନ୍ନ ଦିଗରେ ସମସ୍ୟା ଉପୁଜୁଥିବା ଦେଖାଯାଉଛି। ଏହାକୁ ଦୃଷ୍ଟିରେ ରଖି ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଉତ୍ତରପ୍ରଦେଶର ଆଦିତ୍ୟନାଥ ଯୋଗୀଙ୍କୁ ଭର୍ତ୍ସନା କରିବା ସହିତ ମହାକୁମ୍ଭକୁ 'ମୃତ୍ୟୁକୁମ୍ଭ' ବୋଲି ମନ୍ତବ୍ୟ ଦେଇଛନ୍ତି। ଏଠାକାର ବିଜେପି ସରକାର କେବଳ ଧର୍ମ ନାମରେ ଜାତି ଏବଂ ଦେଶ ବିଭାଜନ କରିବାକୁ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି। ମହାକୁମ୍ଭ ପାଇଁ ଯେଉଁଭଳି ଆୟୋଜନ କରାଯିବା କଥା ତାହା ନ କରି ଯୋଗୀ ସରକାର ଲୋକଙ୍କୁ ମୃତ୍ୟୁମୁଖ ଆଡକୁ ଟାଣି ନେଉଛନ୍ତି ବୋଲି ମମତା କହିଛନ୍ତି। ତେବେ ମମତାଙ୍କ ଏଭଳି ଟିପ୍ପଣୀ ପରେ ବିଜେପି ମଧ୍ୟ ମମତାଙ୍କୁ ତୀବ୍ର ଭର୍ତ୍ସନା କରିଛି। ପଶ୍ଚିମବଙ୍ଗ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ମମତାଙ୍କୁ ବିରୋଧ କରିବା ସହିତ ଏଭଳି ଟିପ୍ପଣୀ ହିନ୍ଦୁ ସମାଜ ପାଇଁ ଘୋର ଅପମାନ ବୋଲି କହିଛନ୍ତି। ମମତା ଯଦି ଜଣେ ସଚ୍ଚା ହିନ୍ଦୁ ହୋଇଥାଆନ୍ତେ ତେବେ ଏଭଳି ଟିପ୍ପଣୀ ଦେଇ ନ ଥାନ୍ତେ ବୋଲି ସେ କହିବା ସହିତ ଏଥିପାଇଁ ମମତାଙ୍କୁ ସବୁ ସ୍ତରରେ ବିରୋଧ କରାଯିବା ଉଚିତ ବୋଲି କହିଛନ୍ତି।

# ଅଡୁଆରେ ସତ୍ୟେନ୍ଦ୍ର ଜୈନ

- ଇଡି ଯାଞ୍ଚ ପାଇଁ ରାଷ୍ଟ୍ରପତିଙ୍କ ଅନୁମତି



ନୂଆଦିଲ୍ଲୀ,୧୮।୨(ଏଜେନ୍ସି): ଆମ ଆଦମୀ ପାର୍ଟି(ଆପ୍)ର ନେତାଙ୍କ ସମସ୍ୟା ଶେଷ ହେବାର ନାଁ ଧରୁ ନାହିଁ। ନିକଟରେ ଦିଲ୍ଲୀ ନିର୍ବାଚନରେ ଦଳ ପରାଜୟ ବରଣ କରିବା ପରେ ଦଳ ପାଇଁ ବିଭିନ୍ନ ଦିଗରୁ ସମସ୍ୟା ମୁଣ୍ଡ ଟେକିବା ଆରମ୍ଭ କରିଛି। ଦଳୀୟ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ସମେତ ଅନ୍ୟ କେତେକ ନେତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏହିକ୍ରମରେ ଦଳର ବରିଷ୍ଠ ନେତା ସତେନ୍ଦ୍ର ଜୈନଙ୍କ ବିରୋଧରେ ଅର୍ଥ ହେରଫେର ମାମଲାରେ ଚାଲିଥିବା ଇଡି ଯାଞ୍ଚକୁ ନେଇ ରାଷ୍ଟ୍ରପତି ଅନୁମତି ଦେଇଛନ୍ତି। ଅର୍ଥ ହେରଫେର ମାମଲାରେ ଇଡି ସତେନ୍ଦ୍ରଙ୍କ ବିରୋଧରେ ୨୦୨୨ ।।ମେ'ରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା। ପ୍ରାୟ ଦେଢ଼ ବର୍ଷରୁ ଅଧିକ ସମୟ ଜେଲରେ ରହିବା ପରେ ସେ ଦିଲ୍ଲୀ ନିର୍ବାଚନ ପୂର୍ବରୁ ୨୦୨୪ ଅକ୍ଟୋବରରେ ଜେଲରୁ ବାହାରିଥିଲେ। ତେବେ ତାଙ୍କ ବିରୋଧରେ ଇଡି ପୁଣି ଯାଞ୍ଚ ଆରମ୍ଭ କରିବାକୁ ଗତ ସପ୍ତାହରେ ଗୃହମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରପତିଙ୍କ ଅନୁମତି ଲୋଡ଼ାଯାଇଥିଲା। ସତେନ୍ଦ୍ରଙ୍କ ବିରୋଧରେ ଅର୍ଥ ହେରଫେର ମାମଲାରେ ଯଥେଷ୍ଟ ପ୍ରମାଣ ରହିଥିବାରୁ ଯାଞ୍ଚ ଆରମ୍ଭ କରିବା ଦରକାର ବୋଲି କୁହାଯାଇଥିଲା। ମଙ୍ଗଳବାର ରାଷ୍ଟ୍ରପତି ଏଥିପାଇଁ ଅନୁମତି ଦେଇଛନ୍ତି। ଫଳରେ ଏବେ ପୁଣି ସତେନ୍ଦ୍ରଙ୍କ ସମସ୍ୟା ବଢ଼ିବ ବୋଲି କୁହାଯାଉଛି।

## ଚକୋଲେଟ୍ ପାଇଁ ୧୩ ବର୍ଷର ଚାକରାଣୀକୁ ପାକିସ୍ତାନରେ ହତ୍ୟା

ଇସଲାମାବାଦ,୧୮।୨(ଏଜେନ୍ସି): ସାମାନ୍ୟ ଚକୋଲେଟ୍ ଚୋରି ପାଇଁ ପାକିସ୍ତାନରେ ଘରୋଇ ଚାକରାଣୀ ଭାବେ କାର୍ଯ୍ୟ କରୁଥିବା ଜଣେ ୧୩ ବର୍ଷୀୟା ଝିଅକୁ ମାଲିକ ହତ୍ୟା କରିବା ଭଳି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। କେବଳ ହତ୍ୟା ନୁହେଁ, ଝିଅଟିକୁ ମାରି ଦେବା ପୂର୍ବରୁ ତାକୁ ଜଘନ୍ୟ ନିର୍ଯାତନା ଦିଆଯାଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି ବୋଲି ବିବିସି ରିପୋର୍ଟରେ କୁହାଯାଇଛି। ଏହି ଘଟଣାରେ ପୁଲିସ ଘର ମାଲିକ ରସିଦ୍ ସିଫିକ୍ , ପତ୍ନୀ ସାନା ଏବଂ ସେମାନଙ୍କ ଘରେ କୁରାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଏଭଳି ଅମାନବୀୟ ଘଟଣା ରାୱଲପିଣ୍ଡିରେ ଘଟିଛି। ମୃତ ବାଳିକାର ନାମ ଇକ୍ରା ଏବଂ ପାରିବାରିକ ଆର୍ଥିକ ସ୍ଥିତିକୁ ନେଇ ତା' ବାପା ତାକୁ ୮ ବର୍ଷ ବୟସରୁ ଘରୋଇ କାର୍ଯ୍ୟ କରିବାକୁ ଛାଡିଦେବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ପୁଲିସ ଠାରୁ ଇକ୍ରା ସମ୍ପର୍କରେ ଖବର ପାଇ ବାପା ସନା ଉଲ୍ଲା ତୁରନ୍ତ ହସ୍ପିଟାଲକୁ ଯାଇଥିଲେ। ସେଠାରେ ନିଜ ଝିଅକୁ ସଂଜ୍ଞାହୀନ ଭାବେ ବେଡ୍‌ରେ ପଡ଼ିଥିବା ଦେଖିଥିଲେ। ହେଲେ ଏହାର କିଛି ସମୟ ପରେ ଇକ୍ରା ସବୁ ଦିନ ପାଇଁ ଆଖି ବୁଜି ଦେଇଥିଲା ବୋଲି ସନା ଉଲ୍ଲା କହିଛନ୍ତି। ଇକ୍ରା ରସିଦଙ୍କ ଘରେ କାର୍ଯ୍ୟ କରୁଥିଲା ବେଳେ ଏକ ଚକୋଲେଟ୍ ଚୋରି କରିଥିବାରୁ ତାକୁ ରସିଦ ଏବଂ ତାଙ୍କ ପତ୍ନୀ ସାନା ଅମାନୁଷିକ ଭାବେ ପିଟି ଥିଲେ। ଏଥିରେ ଇକ୍ରା ଗୁରୁତର ଆହତ ହୋଇଥିଲା। ପରେ ପରେ ରସିଦଙ୍କ ଘରେ କାର୍ଯ୍ୟ କରୁଥିବା କୁରାନ ଶିକ୍ଷକ ଜଣକ ଇକ୍ରାକୁ ଧରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଝିଅଟିର ବାପା ମରିଯାଇଛନ୍ତି ଏବଂ ମାଆ କୁଆଡେ ପଳାଇ ଯାଇଛନ୍ତି ବୋଲି ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କହି ସେ ପଳାଇ ଯାଇଥିଲେ। ପୁଲିସ ରସିଦ ଏବଂ ତାଙ୍କ ପତ୍ନୀ ସାନାଙ୍କ ସହ କୁରାନ ଶିକ୍ଷକଙ୍କୁ ଗିରଫ କରିଛି। ଏହି ବିଷୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏଠାକାର ବିଭିନ୍ନ ମହଲରେ ଉଦବେଗ ପ୍ରକାଶ କରାଯାଇଛି।



## ୬ ମାସ ମଧ୍ୟରେ ମହିଳାଙ୍କ ପାଇଁ କ୍ୟାନ୍ସର ଟିକା

ନୂଆଦିଲ୍ଲୀ,୧୮।୨(ଏଜେନ୍ସି): ଆସନ୍ତା ପାଞ୍ଚରୁ ଛଅ ମାସ ମଧ୍ୟରେ ମହିଳାଙ୍କ ପାଇଁ କ୍ୟାନ୍ସର ପ୍ରତିରୋଧକ ଟିକା ଉପଲବ୍ଧ ହେବ। ୯ରୁ ୧୬ ବର୍ଷ ବୟସ୍କ ମହିଳାଙ୍କୁ ଏହି ଟିକା ଦିଆଯାଇପାରିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ କହିଛନ୍ତି। ମଙ୍ଗଳବାର ମହାରାଷ୍ଟ୍ରର ଶମ୍ଭାଜୀନଗରରେ ଏକ ସମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପ୍ରତାପରାଓ କହିଛନ୍ତି ଯେ, ମହିଳାଙ୍କ କ୍ଷେତ୍ରରେ ଉପଯୋଗ ହେବାକୁ ଥିବା ଏହି ଟିକାର ଗବେଷଣା କାର୍ଯ୍ୟ ଏକପ୍ରକାର ଶେଷ ହୋଇଛି ଏବଂ ଖୁବଶୀଘ୍ର ଏହାର ପରୀକ୍ଷଣ ଆରମ୍ଭ ହେବ। ବର୍ତ୍ତମାନ ଦେଶରେ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବଢ଼ି ଚାଲୁଥିବାରୁ ଏହା ସରକାରଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ହୋଇଛି। ତେବେ କ୍ୟାନ୍ସର ପ୍ରତିରୋଧ ପାଇଁ ସରକାର ଟିକା ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛନ୍ତି। ୩୦ ବର୍ଷରୁ କମ ବୟସ୍କ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ କ୍ୟାନ୍ସର ନିରୂପଣ ପାଇଁ 'ଡେ କେୟାର କ୍ୟାନ୍ସର ସେଣ୍ଟର' ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି।




## ହମାସ୍‌ର ବଡ଼ ନିଷ୍ପତ୍ତି

# ପାଲେଷ୍ଟାଇନ୍ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବ କ୍ଷମତା

ଗାଜା,୧୮।୨(ଏଜେନ୍ସି): ହମାସ ଏବଂ ଇସ୍ରାଏଲ ମଧ୍ୟରେ ଅସ୍ତ୍ରବିରତି ଅବଧିରେ ଉଭୟ ପକ୍ଷ ପରବନ୍ଦୀଙ୍କୁ ମୁକ୍ତ କରାଯାଉଥିଲା ବେଳେ ହମାସ ଇତିମଧ୍ୟରେ ଏକ ବଡ଼ ନିଷ୍ପତ୍ତି ନେଇଛି। ପାଲେଷ୍ଟାଇନର ଗାଜା ଷ୍ଟ୍ରିପରୁ ନିଜର କର୍ତ୍ତୃତ୍ୱ ହଟାଇ ପାଲେଷ୍ଟାଇନ କର୍ତ୍ତୃପକ୍ଷ (ପିଏ)ଙ୍କୁ କ୍ଷମତା ହସ୍ତାନ୍ତର କରିବାକୁ ହମାସ ରାଜି ହୋଇଛି। ଏ ସମ୍ପର୍କିତ ଖବର ସ୍କାଏ ନ୍ୟୁଜ୍ ଆରବିୟାର ଏକ ରିପୋର୍ଟରେ ପ୍ରକାଶ ପାଇଛି। ଆନ୍ତର୍ଜାତିକ ସ୍ତରରେ ମାନ୍ୟତା ପାଇଥିବା ପାଲେଷ୍ଟାଇନ ସରକାର ଭାବେ ପିଏ କର୍ତ୍ତୃପକ୍ଷ ୧୯୯୩ ଓସଲୋ ଚୁକ୍ତି ଅନୁଯାୟୀ ପାଲେଷ୍ଟାଇନର ୱେଷ୍ଟ ବ୍ୟାଙ୍କ ଅଞ୍ଚଳର କିଛି ଅଠାରେ ନିଜର କ୍ଷମତା ବିସ୍ତାର କରିଛି। ପାଲେଷ୍ଟାଇନର ଗାଜା ଏବଂ ୱେଷ୍ଟ ବ୍ୟାଙ୍କ ଅଞ୍ଚଳକୁ ନେଇ ପାଲେଷ୍ଟାଇନ ରାଷ୍ଟ୍ର ଗଠନ ପାଇଁ ପ୍ରସ୍ତାବ ରହିଆସିଛି। ୱେଷ୍ଟ ବ୍ୟାଙ୍କ ଅଞ୍ଚଳରେ ପିଏ ଶାସନ କରୁଥିଲା ବେଳେ ଗାଜା ଅଞ୍ଚଳରେ ହମାସ ନିଜର ଶାସନ ଚଳାଇଥିଲା।

ଏଠାରେ ପୁଲିସ ବ୍ୟବସ୍ଥା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଏବଂ ନାଗରିକ ସେବା କ୍ଷେତ୍ର ହମାସ ଦ୍ୱାରା ପରିଚାଳିତ ହେଉଥିଲା। ୨୦୦୭ରୁ ହମାସ ଗାଜା ଉପରେ ନିୟନ୍ତ୍ରଣ ରଖି ଆସିଥିଲା ବେଳେ ଏବେ ଏହାକୁ ପିଏ ହାତରେ ଦେବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ହମାସର ଏଭଳି ନିଷ୍ପତ୍ତି ପଛରେ ଇଜିପ୍ଟର ଚାପ ରହିଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଗାଜାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଯେଉଁଭଳି ନୀତି ଗ୍ରହଣ କରିଛନ୍ତି ତା' ପ୍ରଭାବରେ ହମାସ ଏହି ନିଷ୍ପତ୍ତି ନେଇଥାଇପାରେ ବୋଲି କୁହାଯାଉଛି। ପାଲେଷ୍ଟାଇନ ଗୃହଯୁଦ୍ଧରେ ହମାସ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ ଫତାହକୁ ବିତାଡିତ କରିବା ପରେ ଗାଜାର ନିୟନ୍ତ୍ରଣ ଭାର ନିଜ ହାତକୁ ନେଇଥିଲା।

## ଇଣ୍ଡିଆଜ୍ ଗଟ୍ ଲ୍ୟାଟେଣ୍ଟ ଶୋ' ମାମଲାରେ ରଣବୀରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ଭାଷା ବିକୃତ; ମୁଣ୍ଡରେ ଅଳିଆ ଭର୍ତ୍ତି ହୋଇଛି

ନୂଆଦିଲ୍ଲୀ,୧୮।୨(ଏଜେନ୍ସି)



ହାସ୍ୟ ଅଭିନେତା ସମୟ ରାଇନାଙ୍କ ଶୋ 'ଇଣ୍ଡିଆଜ୍ ଗଟ୍ ଲ୍ୟାଟେଣ୍ଟ୍' ମାମଲାରେ ଶୁଣାଣି କରି ସୁପ୍ରିମକୋର୍ଟ ପୋଡକାଷ୍ଟର ରଣବୀର ଆଲ୍ଲାବାଦିଆଙ୍କୁ ତୀବ୍ର ଭର୍ତ୍ସନା କରିବା ସହିତ ତାଙ୍କ ଭାଷା ଅତ୍ୟନ୍ତ ବିକୃତ ଏବଂ ମୁଣ୍ଡରେ ଅଳିଆ ଭର୍ତ୍ତି ହୋଇ ରହିଥିବା କହିଛନ୍ତି। ଇଣ୍ଡିଆଜ୍ ଗଟ ଲ୍ୟାଟେଣ୍ଟ୍' ଶୋ'ରେ ମଜା କରିବା ଉଦ୍ଦେଶ୍ୟରେ ରଣବୀର ଯେଉଁଭଳି କଦର୍ଯ୍ୟ ଆଚରଣ ଦେଖାଇଛନ୍ତି ତାହା କେବଳ ବାପାମାଆ କିମ୍ବା ଅଭିଭାବକ ନୁହେଁ, ବରଂ ଝିଅ ବୋହୂଙ୍କ ପ୍ରତି ମଧ୍ୟ ଅପମାନ ହୋଇଛି ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ରଣବୀରଙ୍କ କଦର୍ଯ୍ୟ ଉପସ୍ଥାପନକୁ ନେଇ ତାଙ୍କ ବିରୋଧରେ ବିଭିନ୍ନ ସ୍ଥାନରେ ଏକାଧିକ ମାମଲା ରୁଜୁ ହୋଇଥିଲା ବେଳେ ସେଗୁଡିକୁ ଏକାଠି କରି ଗୋଟିଏ ମାମଲା ଭାବେ ଗ୍ରହଣ କରିବା ଏବଂ ତାଙ୍କୁ ଗିରଫଦାରୀରୁ ସୁରକ୍ଷା ଦେବାକୁ ରଣବୀର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଏନ କୋଟିଶ୍ୱର ସିଂ ଏହାର ଶୁଣାଣି କରି ଉପରୋକ୍ତ ଟିପ୍ପଣୀ କରିଛନ୍ତି। ତେବେ ଖଣ୍ଡପୀଠ ରଣବୀର ଆଲ୍ଲାବାଦିଆଙ୍କୁ ଗିରଫଦାରୀରୁ ସୁରକ୍ଷା ପ୍ରଦାନ କରିବା ସହିତ ତାଙ୍କ ବିରୋଧରେ ଆଉ ନୂଆ ମାମଲା ଗ୍ରହଣ କରାଯିବ ନାହିଁ ବୋଲି କହିଛନ୍ତି।

## ୟୁଟ୍ୟୁବ୍‌ରେ ଅଶ୍ଳୀଳ ବିଷୟବସ୍ତୁ ନିୟନ୍ତ୍ରଣ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ

'ଇଣ୍ଡିଆଜ୍ ଗଟ୍ ଲ୍ୟାଟେଣ୍ଟ୍' ଶୋ' ପରିପ୍ରେକ୍ଷୀରେ ରଣବୀର ଆଲ୍ଲାବାଦିଆଙ୍କ ମାମଲାରେ ଶୁଣାଣି କରିବା ଅବସରରେ ୟୁଟ୍ୟୁବ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପ୍ରସାରିତ ଅଶ୍ଳୀଳ ବିଷୟବସ୍ତୁକୁ ନେଇ ସୁପ୍ରିମକୋର୍ଟ ଗଭୀର ଚିନ୍ତା ବ୍ୟକ୍ତ କରିଛନ୍ତି। ଏହି ସବୁ ପ୍ଲାଟଫର୍ମରେ ଯେଉଁଭଳି ବିଷୟବସ୍ତୁ ପ୍ରସାର କରାଯାଉଛି ତାହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସୁପ୍ରିମକୋର୍ଟ କହିବା ସହିତ ଏଗୁଡିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ୟୁଟ୍ୟୁବରେ ପ୍ରସାରିତ ହେଉଥିବା ଅଶ୍ଳୀଳ ବିଷୟବସ୍ତୁକୁ ନେଇ କହିଛନ୍ତି ଯେ ୟୁଟ୍ୟୁବର୍ସମାନେ ଅନଲାଇନ୍ ପ୍ଲାଟଫର୍ମ ନିୟମର ଅପବ୍ୟବହାର କରୁଛନ୍ତି। ସେମାନେ ବିଭିନ୍ନ ପ୍ରସଙ୍ଗରେ ମନ ମୁତାବକ ବିଷୟବସ୍ତୁ ରଖୁଛନ୍ତି। କିନ୍ତୁ ୟୁଟ୍ୟୁବ୍ କିମ୍ବା ଅନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଖୋଲାଖୋଲି ଭାବେ ଏଭଳି ପ୍ରସାରଣକୁ ଅନୁମତି ଦିଆଯାଇପାରିବ ନାହିଁ। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେଲେ ଆମେ ଖୁସି ହେବୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।



# ମହଗାଁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ସିନାପାଲି,୧୮।୨ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡ଼ାଳ ଗ୍ରାମପଞ୍ଚାୟତସ୍ଥିତ ମହଗାଁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ବାର୍ଷିକ ଉତ୍ସବ ମହଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭକ୍ତଧନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ସିନାପାଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର କୁମାର ସେଠ, ମୁଖ୍ୟବକ୍ତା ଭାବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପଲସାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଦାନନ୍ଦ ମେହେର ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ମହଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ଯୋଷୀ, ଗୋଡ଼ାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଯୋଷୀ, ଗୋଡ଼ାଳ କ୍ଲଷ୍ଟର ସିଆରସିସି ସୁଶୀଲ କୁମାର ଯୋଷୀ ,ଗୋଡ଼ାଳ ନୋଡାଲ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରୁଣ କୁମାର ଯୋଷୀ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷାବିତ ରୁଦ୍ର ମାଧବ ବୈଠାରୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ସୋନାଲି ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ ପୂର୍ବକ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ବାଗ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସହକାରୀ ଶିକ୍ଷକ ନିରଞ୍ଜନ ବୈଠାରୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ବାଳିକା ହାଇସ୍କୁଲରେ ଦଶମ ଛାତ୍ରୀଙ୍କ ଆଶୀର୍ବାଦ ସମାରୋହ




ନୂଆପଡା, ୧୮।୨ (ସମିସ) : ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ଦଶମ ଶ୍ରେଣୀ ଛାତ୍ରୀମାନଙ୍କ ବିଦାୟ କାଳୀନ ଆଶୀର୍ବାଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ସାହୁ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଘନଶ୍ୟାମ ଭୋଇ ମୁଖ୍ୟ ଅତିଥି, ସଦର ସିଆରସିସି ଜିତେନ୍ଦ୍ର କୁମାର ଖମାରୀ, ଶରତ କୁମାର ପଣ୍ଡା, ବରିଷ୍ଠ ଶିକ୍ଷୟିତ୍ରୀ ଚିତେଶ୍ୱରୀ ସାହୁ, ପ୍ରଜ୍ଞାପରିମିତା ବିଶ୍ୱାଳ, ଦେବ କେତୁ ସାହୁ, ମନୋଜ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଆଗକୁ ୨୧ତାରିଖ ଦିନ ମାଟ୍ରିକ ବୋର୍ଡ ପରୀକ୍ଷା । ଏଥିରେ ଏହି ବିଦ୍ୟାଳୟରୁ ୫୦ଜଣ ଛାତ୍ରୀ ପରୀକ୍ଷା ଦେବେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଶଙ୍କର୍ଷଣ ପୁରୋହିତ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରୀକ୍ଷାକୁ କିପରି ସାମ୍ନା କରିବେ, ପିଲାଙ୍କୁ ବୁଝାଇଥିଲେ। ଏହି ଅବସରରେ ଦୀର୍ଘ ମାସେ କାଳ ଧରି ସ୍ଥାନୀୟ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ତାଲିମ ନେଉଥିବା ଗୁରୁଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ଶୈକ୍ଷିକ ତାଲିମ ନେଉଥିଲେ। ଏମାନଙ୍କୁ ମଧ୍ୟ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ନବମ ଶ୍ରେଣୀ ଛାତ୍ରୀ ବିଦାୟ ସଙ୍ଗୀତ ଗାନ କରିଥିବା ବେଳେ ଗୁରୁ ଛାତ୍ରୀ ସନ୍ଧ୍ୟାରାଣୀ ନାଏକ, ଦୀପାଞ୍ଜଳି ନିଜ ନିଜର ଅନୁଭୂତି ବଖାଣିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ଜିତେନ୍ଦ୍ରିୟ ସାହୁ, ଗିରିଜା ଶଙ୍କର ବେହେରା, କୃଷ୍ଣ ଶ୍ୟାମ ଶବର, ସୁପ୍ରଭା ଠାକୁର, ଅରୁଣ ବାଲା ଦୀକ୍ଷିତ, ପୁଷ୍ପାଞ୍ଜଳି ରାଉତରାୟ, ଦେବରାଜ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସାରାବଙ୍ଗ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ନୂଆପଡ଼ା,୧୮।୨(ସମିସ): ସ୍ଥାନୀୟ ସାରାବଙ୍ଗ ସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେବେନ୍ଦ୍ରନାଥ ନାଗ ସଭାପତିତ୍ୱ କରିଥିବା ବେଳେ ସାମାଜିକ କର୍ମୀ ଭାରତ ଦାସ ମୁଖ୍ୟ ଅତିଥି, ସଙ୍କୁଳ ପ୍ରମୁଖ ବିଶ୍ୱନାଥ ରାଉତରାୟ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ରଥୁବାଇ ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗୁରୁମା ଜ୍ୟୋତି ଦୀକ୍ଷିତ ଏବଂ ଅଜୟ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ଶିଶୁ ମନ୍ଦିରର ବିକାଶ ପାଇଁ ମୁଖ୍ୟ ଅତିଥି ଭାରତ ଦାସ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ବେଷ୍ଟ ଷ୍ଟୁଡେଣ୍ଟ ବାସୁଦେବା ଦେବାନ, ଶିଶୁ ବାଟିକାର ଶ୍ରାବଣୀ ଦଣ୍ଡସେନା, ବେଷ୍ଟ ଭୋଲେଣ୍ଟିୟର ଭାବେ ଯାଗେଶ ପଟେଲଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଗୁରୁଜୀ ଗୁରୁମା, ଅଭିଭାବକମାନେ ସହଯୋଗ କରିଥିଲେ।

● ଡାକ୍ତରଖାନାରେ ଭିଏସ୍ ପଦ ଖାଲି

# ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇଁ ଲୋକ ହନ୍ତସନ୍ତ

ଥୁଆମୂଳ ରାମପୁର, ୧୮ ।୨(ସମିସ):କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକର ୨୪ଟି ପଞ୍ଚାୟତର ଲୋକେ ସ୍ୱାସ୍ଥ୍ୟ ସେବା ହେଉ ଅବା ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ବ୍ଲକର ଅନେକ ପଞ୍ଚାୟତ ରହିଛି ଯେଉଁଠି କେଉଁ ପଞ୍ଚାୟତ ୬୦ କିମି ଦୂରରେ ଥିବା ବେଳେ ଆଉ କେଉଁ ପଞ୍ଚାୟତ ୮୦ କି:ମି ଦୂରରେ। ଗତ ମାସରେ ଡାକ୍ତରଖାନା କାର୍ଯ୍ୟାଳୟରେ ଜନ୍ମଓ ମୃତ୍ୟୁ ପ୍ରମାଣ ପତ୍ର ଦେବା ଲୋକ ଲାଞ୍ଚ କାରବାର ଯୋଗୁଁ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲ ଗଲେ। ଏହି ଡାକ୍ତରଖାନାରେ ବର୍ତ୍ତମାନ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ଦେବା କର୍ମଚାରୀ ବା ଭିଏସ ପଦ ଖାଲି ପଡ଼ିଛି। ଫଳରେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଲୋକେ ପ୍ରମାଣପତ୍ର ପାଇଁ ଦୂରଦୂରାନ୍ତରୁ ଆସି ନିରାଶ ହୋଇ ଫେରି ଯାଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀମାନେ ଏ ଦିଗରେ ଧ୍ୟାନ ଦେଉ ନଥିବାରୁ ଲୋକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ତେଣୁ ତୁରନ୍ତ ଡାକ୍ତରଖାନାରେ ଜନ୍ମ ମୃତ୍ୟୁ ପ୍ରମାଣ ଦେବା କର୍ମଚାରୀ ବା ଭିଏସ୍ ଯୋଗାଇ ଦେବା ନେଇ କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଞ୍ଚଳବାସୀ ଲିଖିତ ଭାବେ ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ଯୁବ ବିନିମୟ କାର୍ଯ୍ୟକ୍ରମ ଶୁଭାରମ୍ଭ

# ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ






ଭବାନୀପାଟଣା, ୧୮ ।୨(ସମିସ):

ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଓ ମାଇ ଭାରତ ଦ୍ୱାରା ଜିଲ୍ଲା ଇଟିସି ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ଆନ୍ତଃଜିଲ୍ଲା ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଯୁବ ଅଧିକାରୀ ବି.ରମେଶ ନେହେରୁ ଯୁବ କେନ୍ଦ୍ର ନବରଙ୍ଗପୁର, ଜିଲ୍ଲା ଯୁବ ଅଧିକାରୀ ନେହରୁ ଯୁବ କେନ୍ଦ୍ର କଳାହାଣ୍ଡି ପ୍ରସନ୍ନ ମେହେର, ଆକାଉଣ୍ଟାଣ୍ଟ ଦୂତୀଆ ବଞ୍ଛୋର୍ ଉପସ୍ଥିତ ଥିଲେ। ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପ୍ରଦୀପ ପ୍ରଜ୍ୱଳନ ପରେ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରାଯାଇଥିଲା। ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡିର ଜିଲ୍ଲା ଯୁବ ଅଧିକାରୀ ସମସ୍ତ ଅତିଥିଙ୍କୁ ସ୍ମାରକୀ ପ୍ରଦାନ କରି ସ୍ୱାଗତ କରିଥିଲେ ଏବଂ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ଏଥିରେ କଟକ ଜିଲ୍ଲାରୁ ୨୭ଜଣ ଯୁବ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟବକ୍ତା ନିବେଦିତା ନାଥ କଳାହାଣ୍ଡି ଓ କଟକ ଜିଲ୍ଲାର ସଂସ୍କୃତି ପରମ୍ପରା ଉପରେ ବିସ୍ତୃତ ଭାବରେ ଅଲୋକପାତ କରିଥଲେ। ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ି ସେମାନଙ୍କର ପ୍ରତିଭା ଏବଂ ନେତୃତ୍ୱ ଦକ୍ଷତାକୁ ନିବିଡ଼ କରିବାର ସୁଯୋଗ ପାଆନ୍ତି। ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏପରି କାର୍ଯ୍ୟକ୍ରମ ସେମାନଙ୍କୁ ନିଜ ଭିତରେ ଲୁକ୍କାୟିତ ସମ୍ଭାବନାକୁ ଚିହ୍ନିବାରେ ସାହାଯ୍ୟ କରେ ବୋଲି ଉଲ୍ଲେଖ କରିଥିଲେ। ଯୁବ ଅଧିକାରୀ ଶ୍ରୀ ମେହେର ନେହେରୁ ଯୁବ କେନ୍ଦ୍ରର କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋକପାତ କରି ଯୁବପିଢ଼ିଙ୍କୁ ଏପରି କାର୍ଯ୍ୟକ୍ରମରେ ଉତ୍ସାହିତ ସହିତ ଅଂଶଗ୍ରହଣ କରିବାକୁ ଆହ୍ୱାନ କରିଥିଲେ।କାର୍ଯ୍ୟକ୍ରମକୁ ସଫଳ ଭାବରେ ମଞ୍ଚ ପରିଚାଳନା କରିଥିଲେ ବିନୟ କୁମାର ସାହୁ। ପରିଶେଷରେ ଲେଖପାଳ ଦୂତୀଆ ବଞ୍ଛୋର୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମର ସଫଳ ଆୟୋଜନରେ ନେହରୁ ଯୁବ କେନ୍ଦ୍ରର ଯୁବ ସ୍ୱେଚ୍ଛାସେବୀ ଶମ୍ଭୁ ବିଶି, ସାଗର ସାହୁ, ଚୁଲମଣି ମାଝୀ, ମନିସ କୁମାର ସାହୁ, ବନ୍ଦିନୀ ମାଝୀ, ପଙ୍କଜିନି ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# କପାଚାଷର ବୈଷୟିକ ପ୍ରଚାର ଉଦ୍ଦେଶ୍ୟରେ 'କ୍ଷେତ୍ର ଦିବସ'



**ମନମୁଣ୍ଡା, ୧୮।୨(ସମିସ):** ବୌଦ୍ଧ ଜିଲ୍ଲା କୃଷି କାର୍ଯ୍ୟାଳୟ ଆନୁକୂଲ୍ୟରେ କଣ୍ଟାମାଳ ବ୍ଲକ ଖଟାଖଟିଆ ପଞ୍ଚାୟତ ଆମ୍ବପଖାଳ ଗ୍ରାମରେ ମଙ୍ଗଳବାର କପା ଚାଷର ବୈଷୟିକ ପ୍ରଚାର ଲକ୍ଷ୍ୟ ଉଦ୍ଦେଶ୍ୟ ନେଇ 'କ୍ଷେତ୍ର ଦିବସ ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ କୃଷି ଅଧିକାରୀ ଚାନ୍ଦିନୀ ପ୍ରଧାନ ଓ ରାଜୀବ ଲୋଚନ ସାହୁ ଉକ୍ତ ଗ୍ରାମର କପା ଚାଷୀମାନଙ୍କୁ ଡାକି ଏକ ସଭା କରିଥିଲେ। କେଉଁ ପ୍ରଣାଳୀରେ ତଥା କେଉଁସବୁ ବୈଷୟିକ ଯନ୍ତ୍ର ବ୍ୟବହାର କଲେ କପା ଅଧିକ ଅମଳ ହୋଇପାରିବ ଏବଂ କେମିତି ଗଚ୍ଛିତ ରଖିବେ ଓ ବିକ୍ରି ଇତ୍ୟାଦି ଉପରେ ଅଧିକାରୀ ଦ୍ୱୟ ଚାଷୀମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୩୦ ଜଣ ଚାଷୀ ଉପସ୍ଥିତ ଥିଲେ। ଶେଷରେ କୃଷି ଅଧିଦର୍ଶକ ପୂର୍ଣ୍ଣାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୟାଗ ପାତ୍ର ପରିବାରର ପାଟଯାତ୍ରା ମହୋତ୍ସବ

**କୋକସରା, ୧୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବତାସୀଗୁଡାଠାରେ ଚାଲିଥିବା ଜିଲ୍ଲା ପୟାଗ ପାତ୍ର ପରିବାରର ପାଟଯାତ୍ରା ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଛି। ପାଟଯାତ୍ରା ପାଇଁ ସୋମବାର କଳସଯାତ୍ରା ଅନୁଷ୍ଠିତ ହୋଇ ମହୋତ୍ସବ ଆରମ୍ଭ ହୋଇଥିଲା। ମଙ୍ଗଳବାର ସକାଳୁ କୂଳ ଦେବତା ଭୈରବ ଦେବ ଓ ମା' କାଳୀସୁନ୍ଦରୀ ଦେବୀଙ୍କ ସହ ସମସ୍ତ କୂଳଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଦିର୍ଘ ୩୩ ବର୍ଷ ପରେ ଅନୁଷ୍ଠିତ ହୋଇଥିବା ଏହି ପାଟଯାତ୍ରାରେ କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରୁ ଶହ ଶହ ଲୋକଙ୍କ ସମାଗମ ହୋଇଥିଲା। ପୟାଗ ପାତ୍ର ପରିବାରର ସମସ୍ତ ବନ୍ଧୁ ପରିଜନ ମିଳନର ମହାସମାବେଶ ନିମନ୍ତେ ସଭା କାର୍ଯ୍ୟଆରମ୍ଭ ହୋଇଥିଲା। ପୟାଗ ପାଟଯାତ୍ରା କମିଟିର ସଂଯୋଜକ ଇଂ ତୃପ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ନବରଙ୍ଗପୁର ସାଂସଦ ପର୍ଶୁରାମ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅବସରପ୍ରାପ୍ତ ଶିକ୍ଷକ, ନାଟଗୁରୁ ତଥା ବରିଷ୍ଠ ସମାଜସେବୀ ବନମାଳୀ ମାଝୀ ମୁଖ୍ୟବକ୍ତା, କୈଳାଶ ଚନ୍ଦ୍ର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚକୁ ପୟାଗ ପାତ୍ର ପରିବାର ସଭାପତି ସଂଯୋଜନା କରିଥିଲେ। ମାଁ ପୂଜକ ମଧୁ ପାତ୍ର, ଟୁନୁପାତ୍ର, ବୈରବ ପୂଜକ ମଦନମୋହନ ପାତ୍ର, ଶୋଭା ପାତ୍ର, ରକ୍ଷିମଣି ପାତ୍ର, ମନୁ ପାତ୍ର, ଗୋବର୍ଦ୍ଧନ ପାତ୍ର, ମୋହନ ପାତ୍ର ପ୍ରମୂଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ବଂଶୀୟ ଭାଇ ଶଶି କୁମାର ପାତ୍ର, ରାମଦେବ ପାତ୍ର, ରାମ ପାତ୍ର, ଦୁର୍ଲ୍ଲଭ ପାତ୍ର, ମକରନ୍ଧ ପାତ୍ର, ମନୋହର ପାତ୍ର, ଦୁଷ୍ମନ୍ତ ପାତ୍ର, ଲକ୍ଷ୍ମଣ ପାତ୍ର, ପର୍ଶୁରାମ ପାତ୍ର, ଅନ୍ତ ପାତ୍ର, ଗଙ୍ଗାଧର ପାତ୍ର ସମେତ ସମସ୍ତ ବଂଶିୟ ଭାଇମାନେ ସହଯୋଗ କରିଥିଲେ।

# ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗିବା ଘଟଣା ; ୪୬ଦିନ ପରେ ଆଖିବୁଜିଲେ ସରପଞ୍ଚ

**ଚାରିଛକ, ୧୮।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଚାରିଛକ ବଜାରରେ ଗ୍ୟାସ ସିଲିଣ୍ଡର ନିଆଁରେ ସରପଞ୍ଚଙ୍କ ଶିକ୍ଷୟିତ୍ରୀ ପତ୍ନୀଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଦୁର୍ଘଟଣାର ୪୬ଦିନ ପରେ ମଙ୍ଗଳବାର ବାଣିଭୂଷଣପୁର ସରପଞ୍ଚ ଶ୍ରୀବନ୍ତ ମେହେର (୪୩)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ପରଲୋକ ଘଟିଛି। ସୂଚନାନୁଯାୟୀ, ଗ୍ୟାସ ସିଲିଣ୍ଡର ନିଆଁରେ ପ୍ରଥମେ ଶିକ୍ଷୟିତ୍ରୀ ପତ୍ନୀ ବିଷ୍ଣୁପ୍ରିୟା ମେହେରଙ୍କ ଦେହରେ ନିଆଁଲାଗି ଯାଇଥିଲା। ତାଙ୍କୁ ବଞ୍ଚାଇବାକୁ ଯାଇ ଶ୍ରୀବନ୍ତ ମଧ୍ୟ ଗୁରୁତର ହୋଇଥିଲେ। ଘଟଣାପରେ ଦୂର୍ଭାଗ୍ୟବଶତଃ ବିଷ୍ଣୁପ୍ରିୟାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ସରପଞ୍ଚ ଶ୍ରୀବନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଅନ୍ୟପଟେ ବାପା-ମାଆଙ୍କୁ ହରାଇ ଏକମାତ୍ର ଝିଅ ସ୍ତବ୍ଧ ହୋଇଯାଇଛି।

# ବିଶ୍ୱନାଥପୁରରେ ବ୍ଲକ୍‌ସ୍ତରୀୟ ନିପୁଣ ମେଳା

ଲାଞ୍ଜିଗଡ଼, ୧୮ ।୨(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ 'ନିପୁଣ ଓଡ଼ିଶା ମେଳା'ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢଳଦେବ ମୁଣ୍ଡ, ଭାରତ ଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲି, ସମାଜସେବୀ ହରିଶଙ୍କର ପାତ୍ର ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ବେହେରା ଯୋଗ ଦେଇଥିବାବେଳେ ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ ସଭା ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଲଳିତ କୁମାର ଭୋଇ। ସେହିପରି କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷକ ପଦ୍ମଲୋଚନ ସୁନା, ଆଦିତ୍ୟ ପଣ୍ଡା, ପ୍ରବୀଣ ତାଣ୍ଡି, ବିଜୟ ରାୟ, ପ୍ରଭାତ ପାଠୀ, କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା, ସୌଭାଗ୍ୟ ରଞ୍ଜନ ସାହୁ, ଦୁଃଖିଶ୍ୟାମ ବାରିକ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଜଳନ୍ଧର ମାଝୀ, ଶିବରାମ ପଧାନ, ଘାସିରାମ ମାଝୀ, ତ୍ରିନାଥ ଶ୍ୟାମ କୁମାର, ସଞ୍ଜୀବ ସାହୁ, ଶ୍ରବଣ କୁମାର ସରାଫ, ମନୋଜ କୁମାର ସାହୁ, ମନୋଜ ପଣ୍ଡା, ଗୁଣମଣି ଭୋଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ବ୍ଲକର ୧୩ଟି କ୍ଲଷ୍ଟର ଅନ୍ତର୍ଗତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ସହିତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ପରୀକ୍ଷଣ ଶିବିର

ଥୁଆମୂଳରାମପୁର, ୧୮ ।୨(ସମିସ):କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପଞ୍ଚାୟତ ସମିତି ସଭା ଗୃହଠାରେ ଭିନ୍ନକ୍ଷମମାନଙ୍କ ପାଇଁ ରାଷ୍ଟ୍ରୀୟ ବାୟୋଶ୍ରୀ ଯୋଜନାରେ ବିପିଏଲ ଶ୍ରେଣୀର ବୟୋଜ୍ୟେଷ୍ଠଙ୍କୁ ସହାୟକ ନିମନ୍ତେ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ, ପିଏମ୍‌ଡିଓ ସତ୍ୟବ୍ରତ ଗିରି, ଅଶୋକ କୁମାର ସାହୁ ପ୍ରମୁଖ ଯୋଗ ଦେଇ ପରୀକ୍ଷା କରିଥିଲେ। ଶିବିରରେ ମାତ୍ର ୧୭ ଜଣ ପଞ୍ଜୀକରଣ କରିଥିଲେ। ଥୁଆମୂଳ ରାମପୁର ବ୍ଲକ ଏକ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ପ୍ରଚାର ପ୍ରସାର ଅଭାବ ଯୋଗୁଁ ଲୋକେ ଜାଣି ପାରିଲେ ନାହିଁ। ଅନ୍ୟପକ୍ଷରେ ଏହି ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଅଞ୍ଚଳର ଶତାଧିକ ଭିନ୍ନକ୍ଷମ ପରୀକ୍ଷଣ ଶିବିରରୁ ବାଦ ପଡ଼ିବା ନେଇ ଅଞ୍ଚଳରେ ଉଦବେଗ ପ୍ରକାଶ ପାଇଛି। କେବଳ ଭିନ୍ନକ୍ଷମ ପରୀକ୍ଷଣ ଶିବିର ନୁହେ ବ୍ଲକ ରେ ଅନେକ ସଚେତନତା ତଥା ଜଣ ମଙ୍ଗଳ କାର୍ଯ୍ୟକ୍ରମ ହେଉଥିଲେ ସୁଦ୍ଧା ତାହା ବ୍ଲକ ଭିତରେ ସୀମିତ ରହି ଯାଉଛି।ବ୍ଲକ ପ୍ରଶାସନର ଅବହେଳା ମନୋଭାବ ଯୋଗୁଁ ଏଭଳି କାର୍ଯ୍ୟକ୍ରମରୁ ଲୋକେ ବଞ୍ଚିତ ହେଉଛନ୍ତି। ଜିଲ୍ଲାପାଳ ଏଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ମାଁ ଠାକୁରାଣୀ ନକ୍‌ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସାରେସମାଲ ଡଙ୍ଗରିଗୁଡ଼ା ଚାମ୍ପିଅନ

କଲମପୁର, ୧୮ ।୨(ସମିସ):



କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ ପଣ୍ଡିଗାଁ ପଞ୍ଚାୟତ ଅନ୍ତର୍ଗତ ପୋଟେସସ୍ଥିତ ଖେଳ ପଡ଼ିଆରେ ପୋଟେସ ମାଁ ଠାକୁରାଣୀ କ୍ରିକେଟ କମିଟିର ଆୟୋଜନରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଜାନୟାରୀ ୩୦ ତାରିଖରୁ ଆରମ୍ଭ ହୋଇଥିବା ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଭାଗ ନେଇ ଥିଲେ। ପ୍ରଥମ ସେମି ଫାଇନାଲରେ ସାରେସ ମାଲ ଡଙ୍ଗରୀଗୁଡା ଓ ଦ୍ୱିତୀୟ ସେମି ଫାଇନାଲରେ ରେଙ୍ଗେଲପାଲି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ଅନୁଷ୍ଠିତ ଫାଇନାଲ ଖେଳରେ ରେଙ୍ଗେଲପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୦୩ ରନ୍ ୯ ୱିକେଟ ହାସଲ କରିଥିବା ବେଳେ ସାରେସ ମାଲ ଡଙ୍ଗରୀଗୁଡା୧୦୪ ରନର ପିଛା କରି ୮ ଓଭରରେ ୧ୱିକେଟ ବିନିମୟରେ ୧୦୪ କରି ୨୦୨୫ର ଚାମ୍ପିଅନ ହୋଇଥିଲା। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟଅତିଥି ଭାବେ କଲମପୁର ମଣ୍ଡଳ ବିଜେପି ସଭାପତି କମଳ ବାଗ, ୱାର୍ଡ ସଦସ୍ୟା ଯମୁନା ମାଝି, ସାମ୍ବାଦିକ ଶରତ ସୁନାନୀ, ଜିଲ୍ଲା ପରିଷଦଙ୍କ ପ୍ରତିନିଧି ସୁବାଷ ଚନ୍ଦ୍ର ହଂସ, ପଣ୍ଡିଗାଁ ପଞ୍ଚାୟତର ନାଏବ ସରପଞ୍ଚ ହେମଲତା ନାଏକ, ସମିତି ସଭ୍ୟାଙ୍କ ପ୍ରତିନିଧି ହର ପ୍ରସାଦ ହଂସ, କୃଷ୍ଣ ବାଗ, ହରେକୃଷ୍ଣ ସାହୁ, ଚୈତନ୍ୟ ହଂସ, ମଦନ ପାନ, ମନଦେବ ଦଲପତି, ଚାମ୍ପିଅନ ଦଳକୁ ୩୦ ହଜାର ପୁରସ୍କାର ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ।ରନର୍ସ ଅପ ଦଳକୁ ମଧ୍ୟ ୨୦ ହଜାର ପୁରସ୍କାର ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ତୋଫାନ ମାଝୀ ଓ ଜୟଦେବ ବଛା ଅମ୍ପାୟାର କାର୍ଯ୍ୟ ତୁଲାଇଥିବା ବେଳେ ତୁଳାରାମ ପାନ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋର ବୋର୍ଡ ଦାୟିତ୍? ଚିନ୍ମୟ ପଟ୍ଟନାୟକ ତୁଲାଇ ଥିଲେ। ଆୟୋଜକ କମିଟିର ଚନ୍ଦ୍ର ଶେଖର ମାଝୀ, ରାହାସ ରାଉତ, ବନ ବିହାରି ବାଗ, ପ୍ରଭାସ ବାଗ, ଶୋଭା ସୁନାନୀ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୯୮
- ପାଉଣ୍ଡ ୧୦୯.୭୭
- ୟୁରୋ ୯୧.୦୭
- ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୭୯,୭୦୦ (ଭୁବନେଶ୍ୱର)
- ରୁପା : ୧,୦୦,୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ 75,939.00
- ନିଫ୍ଟି 22,929.00



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



---

**ମୁଡ୍ ଅଫ୍ ଦି ନେସନ୍ ସର୍ଭେ**

# ବେକାରି, ଦରବୃଦ୍ଧି କେନ୍ଦ୍ର ସରକାରଙ୍କ ବଡ଼ ବିଫଳତା

**ନୂଆଦିଲ୍ଲୀ,୧୮।୨(ଏଜେନ୍ସି):**

ସମ୍ପ୍ରତି ଦେଶରେ ବେକାରି ସଂଖ୍ୟା ବଢ଼ିବାରେ ଲାଗିଛି। ଏହାସହ ତାଳ ଦେଇ ବଢୁଛି ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି। ଦେଶର ଜନସଂଖ୍ୟାର ଏକ ବଡ଼ ଭାଗ ବର୍ତ୍ତମାନ ଏହାକୁ ନେଇ ଚିନ୍ତିତ। ନିକଟରେ କରାଯାଇଥିବା ମୁଡ୍ ଅଫ୍ ଦି ନେସନ୍ ସର୍ଭେରେ ଏ ସମ୍ପର୍କରେ କୁହାଯାଇଛି। ଦେଶରେ ବେକାରି ଓ ଦର ବୃଦ୍ଧି ମୋଦି ସରକାରଙ୍କ ସବୁଠାରୁ ବଡ଼ ବିଫଳତା ବୋଲି ସର୍ଭେରେ ଦର୍ଶାଯାଇଛି। ଇଣ୍ଡିଆ ଟୁଡେ ଏବଂ ସି-ଭୋଟର ପକ୍ଷରୁ ଚଳିତମାସରେ କରାଯାଇଥିବା ସର୍ଭେ ରିପୋର୍ଟ ଅନୁଯାୟୀ, ତିନି-ଚତୁର୍ଥାଂଶରୁ ଅଧିକ ଉତ୍ତରଦାତା ବର୍ତ୍ତମାନର ବେକାରି ପରିସ୍ଥିତିକୁ ଗମ୍ଭୀର ବୋଲି ବର୍ଣ୍ଣନା କରିଛନ୍ତି। ସର୍ଭେରେ ଭାଗ ନେଇଥିବା ୫୫% ଲୋକ ପରିସ୍ଥିତିକୁ ଅତି ଗମ୍ଭୀର ବୋଲି ବିବେଚନା କରୁଥିବା କହିଛନ୍ତି। ଦେଶର ଉତ୍ତର-ପୂର୍ବ ଏବଂ ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଲୋକଙ୍କୁ ବେକାରି ଚିନ୍ତା ଅଧିକ ଘାରିଥିବା ଜଣାପଡିଛି। ଉତ୍ତର-ପୂର୍ବର ୬୪% ଏବଂ ପୂର୍ବାଞ୍ଚଳର ୬୦% ଉତ୍ତରଦାତା ଦେଶରେ ସାମ୍ପ୍ରତିକ ବେକାରି ସ୍ଥିତିକୁ ନେଇ ଗମ୍ଭୀର ଚିନ୍ତା ବ୍ୟକ୍ତ କରିଛନ୍ତି। ଅପରପକ୍ଷେ ଦକ୍ଷିଣ ଭାରତରେ ୪୮% ଉତ୍ତରଦାତା ବେକାରି ସ୍ଥିତିକୁ ନେଇ ଚନ୍ତିତ ଥିବା କହିଛନ୍ତି। ସର୍ଭେରେ ଗତ ୧୧ ବର୍ଷ ମଧ୍ୟରେ ମୋଦି ସରକାରଙ୍କ ସବୁଠାରୁ ବଡ଼ ବିଫଳତା ବିଷୟରେ ପଚରାଯିବାରୁ ୨୧% ଉତ୍ତରଦାତା ବେକାରି ଏବଂ ଦରଦାମ୍ ବୃଦ୍ଧିକୁ ପ୍ରାଥମିକ ସମସ୍ୟା ଭାବରେ ଉଲ୍ଲେଖ କରିଛନ୍ତି। ଏହାସହିତ ଯେତେବେଳେ ଭାରତ ଆଜି ସମ୍ମୁଖୀନ ହେଉଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଚିହ୍ନଟ କରିବାକୁ ପଚରାଗଲା ସର୍ଭେରେ ସାମିଲ ହୋଇଥିବା ଲୋକଙ୍କ ମଧ୍ୟରୁ ୨୪% ବେକାରିକୁ ଇଙ୍ଗିତ କରିଥିଲେ, ଯେତେବେଳେ କି ୧୭% ମୁଦ୍ରାସ୍ଫୀତି ଏବଂ ମୂଲ୍ୟ ବୃଦ୍ଧିକୁ ଦର୍ଶାଇଥିଲେ। ଦେଶର ଭବିଷ୍ୟତ ବିଷୟରେ ପ୍ରଶ୍ନର ଉତ୍ତରରେ ମଧ୍ୟ ଅର୍ଥନୈତିକ ନିରାଶା ସ୍ପଷ୍ଟ ଥିଲା। ଏଥିରେ ୫୭% ଉତ୍ତରଦାତା ଚିନ୍ତା ପ୍ରକାଶ କରିଥିଲେ ଯେ ଆଗାମୀ ଛଅ ମାସ ମଧ୍ୟରେ ଅର୍ଥନୀତି ଆହୁରି ଖରାପ ହେବ କିମ୍ବା ସ୍ଥିର ରହିବ। ଯେତେବେଳେ କି ମାତ୍ର ୩୪% ଲୋକ ଅର୍ଥନୀତିରେ ଉନ୍ନତି ଆସିବା ନେଇ ଆଶାବାଦୀ ଥିବା ଜଣାପଡିଛି। ସର୍ଭେରେ ଜୀବନଯାପନର ମାନ ବୃଦ୍ଧି ଏକ ପ୍ରମୁଖ ଚିନ୍ତାର ବିଷୟ ଥିଲା। ୬୪% ଉତ୍ତରଦାତା କହିଛନ୍ତି ଯେ ପୂର୍ବ ବର୍ଷ ତୁଳନାରେ ବର୍ତ୍ତମାନ ଦୈନନ୍ଦୀନ ଖର୍ଚ୍ଚ ପରିଚାଳନା କରିବା ଅଧିକ କଷ୍ଟକର ହୋଇପଡିଛି। ଅନ୍ୟ ୨୭% କହିଛନ୍ତି ଯେ ସେମାନଙ୍କର ଖର୍ଚ୍ଚ ବୃଦ୍ଧି ପାଇଛି କିନ୍ତୁ ପରିଚାଳନାଯୋଗ୍ୟ ରହିଛି। ଆର୍ଥିକ ଚାପ ବିଶେଷ ଭାବରେ ନିମ୍ନ-ଆୟକାରୀ ଗୋଷ୍ଠୀର ଲୋକଙ୍କ ମଧ୍ୟରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ଏହି ବର୍ଗର ୭୦% ଉତ୍ତରଦାତା ସେମାନଙ୍କ ଖର୍ଚ୍ଚ ପରିଚାଳନା କରିବାକୁ ସଂଘର୍ଷ କରୁଛନ୍ତି।





- ୫୭% ଲୋକଙ୍କ ମତ ଆଗାମୀ ୬ ମାସରେ ଅର୍ଥନୀତି ଆହୁରି ଖରାପ ହେବ
- ୬୪%ଙ୍କ ମତରେ ପୂର୍ବ ବର୍ଷ ତୁଳନାରେ ଦୈନନ୍ଦିନ ଖର୍ଚ୍ଚ ପରିଚାଳନା ଅଧିକ କଷ୍ଟକର ହୋଇଛି
- ୭୦% ଲୋକ ପରିବାର ଖର୍ଚ୍ଚ ପରିଚାଳନା ପାଇଁ ସଂଘର୍ଷ କରୁଛନ୍ତି
- ୪୫% ଲୋକଙ୍କ ମତରେ ମୋଦି ସରକାରରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଅଧିକ ଅପବ୍ୟବହାର ହୋଇଛି

ସର୍ଭେରେ ମୋଦି ସରକାରଙ୍କ ନୀତିଗୁଡ଼ିକର ଧାରଣା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା, ଅନେକ ଲୋକ ଏହାକୁ ବଡ଼ ବ୍ୟବସାୟ ପାଇଁ ଅନୁକୂଳ ବୋଲି ମତ ଦେଇଥିଲେ। ୫୧% ଲୋକଙ୍କ ମଧ୍ୟରୁ ଅଧିକାଂଶ ବିଶ୍ୱାସ କରନ୍ତି ଯେ ୨୦୧୪ ପରଠାରୁ ସରକାରୀ ନୀତିରୁ ବଡ଼ ବଡ଼ କମ୍ପାନୀଗୁଡ଼ିକ ସର୍ବାଧିକ ଲାଭ ପାଇଛନ୍ତି, ଯେତେବେଳେ କେବଳ ୯% ଲୋକ ଭାବିଥିଲେ ଯେ ବେତନଭୋଗୀ ବର୍ଗ ଲାଭ ପାଇଛନ୍ତି ଏବଂ ୬% ଲୋକ ଦିନ ମଜୁରିଆଙ୍କୁ ପ୍ରାଥମିକ ଲାଭାର୍ଥୀ ଭାବରେ ଦେଖିଛନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖି, ୬୫% ଉତ୍ତରଦାତା ଆଶା କରିଥିଲେ ଯେ ସେମାନଙ୍କର ପାରିବାରିକ ଆୟ କିମ୍ବା ଦରମା ଆଗାମୀ ୬ ମାସ ମଧ୍ୟରେ ସମାନ ରହିବ କିମ୍ବା ହ୍ରାସ ପାଇବ, ଯେତେବେଳେ ମାତ୍ର ୨୭% ଏହି ବର୍ଷ ସେମାନଙ୍କ ଆୟରେ ବୃଦ୍ଧି ଆଶା କରିଥିଲେ। ୪୫% ଲୋକ ମୋଦି ପ୍ରଶାସନ ପୂର୍ବ ସରକାରଙ୍କ ତୁଳନାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଆୟକର ବିଭାଗ ଭଳି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅଧିକ ଅପବ୍ୟବହାର କରିଛନ୍ତି, ଯେତେବେଳେ କି ୪୨% ଏହି ମତ ସହିତ ଅସହମତ। ସର୍ଭେରେ ମୋଦି ସରକାର ଏବଂ ଆଦାନୀ ଗ୍ରୁପ ମଧ୍ୟରେ ବିବାଦୀୟ ସମ୍ପର୍କ ଉପରେ ୪୯% ଉତ୍ତରଦାତା ଏକମତ ହୋଇଥିଲେ ଯେ ସରକାର ଆମେରିକାରେ ଲାଞ୍ଚ ଅଭିଯୋଗ ମଧ୍ୟରେ ବ୍ୟବସାୟିକ ସଂସ୍ଥାଗୁଡିକୁ ସମର୍ଥନ କରିଆସୁଛନ୍ତି। ତେବେ ସର୍ଭେରେ ବେକାରି, ଆର୍ଥିକ ସମସ୍ୟା ଏବଂ ବଡ଼ ବ୍ୟବସାୟ ପ୍ରତି ସରକାରୀ ପକ୍ଷପାତିତାର ଧାରଣା ଉପରେ ବ୍ୟାପକ ଚିନ୍ତାକୁ ଗୁରୁତ୍ୱ ଦିଆଯାଇଛି, ଯାହା ସୂଚାଇ ଦେଇଛି ଯେ ଅନେକ ଭାରତୀୟ ବର୍ତ୍ତମାନର ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ପରିଚାଳନାରେ ବିଫଳ ଅଛନ୍ତି।

---

# ୫୯୫ ଛାତ୍ରୀଙ୍କୁ ମାଲାବାର ଗ୍ରୁପ୍ ଦେଲା ଶିକ୍ଷା ବୃତ୍ତି

**ଭୁବନେଶ୍ୱର,୧୮।୨(ସମିସ):** ମାଲାବାର ଗ୍ରୁପର ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପୂର୍ବାଞ୍ଚଳ ପାଇଁ ୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ଛାତ୍ରୀମାନଙ୍କ ଲାଗି ଶିକ୍ଷା ବୃତ୍ତି ଘୋଷଣା କରିଛି।



ଏହି ଶିକ୍ଷା ବୃତ୍ତି ୫୯୫ ଜଣ ଛାତ୍ରୀଙ୍କୁ ପ୍ରଦାନ କରାଯିବ। ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଗ୍ରୁପର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧିନରେ ଏହି ଘୋଷଣା କରାଯାଇଛି। ଏଥିରେ ପୂର୍ବାଞ୍ଚଳର ଛାତ୍ରୀଙ୍କ ପାଇଁ ୫୧.୨୬ ଲକ୍ଷ ଟଙ୍କାର ଶିକ୍ଷାବୃତ୍ତି ପ୍ରଦାନ କରାଯାଇଛି। ଏଥିରେ ରମାଦେବୀ ବିଶ୍ୱ ବିଦ୍ୟାଳୟ ଏବଂ କଟକ ଶୈଳବାଳା କଲେଜର ୪୨୭ ଛାତ୍ରୀଙ୍କୁ ୩୭.୧୦ ଲକ୍ଷ ଟଙ୍କାର ଶିକ୍ଷାବୃତ୍ତି ଦିଆଯାଇଛି। ଏହି ଅବସରରେ ଆଇନ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ବିଧାୟକ ବାବୁ ସିଂହ,ବିଧାୟକ ଜଗନ୍ନାଥ ପ୍ରଧାନ,କୁଳପତି ପ୍ରଫେସର ଚଣ୍ଡିଚରଣ ରଥ,କର୍ପୋରେଟର ଅପରୂପା ନାରାୟଣ ରାଉତ ଏବଂ ମାଲାବାର ଗୋଲ୍ଡର ଜୋନାଲ ହେଡ୍(ଇଷ୍ଟ) ଥାହସିଲ ଅହମ୍ମଦ ଉପସ୍ଥିତ ଥିଲେ।

# ସୁନା ମୂଲ୍ୟ ଲକ୍ଷେ ଟଙ୍କା ଟପିବ

**ନୂଆଦିଲ୍ଲୀ,୧୮।୨(ଏଜେନ୍ସି):** କେତେକ ବୈଶ୍ୱିକ କାରଣ ବିଶେଷ କରି ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ସବୁ ଦେଶ ଉପରେ ଘୋଷଣା କରିଥିବା ଶୁଳ୍କ ବିଶ୍ୱ ବଜାରକୁ ଅସ୍ଥିର କରିଦେଇଛି। ଶୁଳ୍କ ଲାଗୁ ହେବା ପରେ ଯାହା ଅନୁମାନ କରାଯାଉଛି ଭାରତରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧ ଲକ୍ଷ ଟଙ୍କା ଅତିକ୍ରମ କରିଯିବ। ଟ୍ରମ୍ପ ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଆମେରିକା ଲଣ୍ଡନର ଥ୍ରେଡ୍ ଷ୍ଟ୍ରିଟ୍ ତଳେ ଥିବା ବିଶ୍ୱର ସର୍ବବୃହତ ସୁନା ରିଜର୍ଭରୁ



ଆମେରିକାର ସୁନା ମଗାଇବା ଆରମ୍ଭ କରିଛନ୍ତି। ଏହିପରି, ଏ ପର୍ଯ୍ୟନ୍ତ ୮୦୦୦ ସୁନା ବାର୍ ଆମେରିକାର ନ୍ୟୁୟର୍କ ସୁନା ରିଜର୍ଭରେ ପହଞ୍ଚିଛି। ଏହି କାରଣରୁ ନ୍ୟୁୟର୍କରେ ସୁନା ରିଜର୍ଭ ୧୭.୫ ନିୟୁତ ଟ୍ରୟ ଆଉନ୍ସରୁ ୩୪ ନିୟୁତ ଟ୍ରୟ ଆଉନ୍ସକୁ ବୃଦ୍ଧି ପାଇଛି। ବ୍ୟାଙ୍କ ଅଫ୍ ଇଂଲଣ୍ଡର ସୁନା ଭଣ୍ଡାରରେ ୨୨ ଲକ୍ଷ କୋଟି ଟଙ୍କାର ସୁନା ଜମା ହୋଇରହିଛି। ଆମେରିକା ଯେଉଁଭଳି ଭାବରେ ସୁନା ଭଣ୍ଡାର ବୃଦ୍ଧି କରୁଛି, ସେଥିରୁ ସ୍ପଷ୍ଟ ଯେ ଡୋନାଲ୍ଡ ଟ୍ରମ୍ପ ଆଗାମୀ ଦିନରେ ସୁନା ଆମଦାନୀ ଉପରେ ଶୁଳ୍କ ଲଗାଇପାରନ୍ତି। ରାଜଧାନୀ ଭୁବନେଶ୍ୱରରେ ଆଜି ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୭୯,୭୦୦ ଟଙ୍କା ଏବଂ ୨୪ କ୍ୟାରେଟ୍ ମୂଲ୍ୟ ୮୬,୯୦୦ ଟଙ୍କା ରହିଛି। ଅପରପକ୍ଷେ ରୁପା କିଲୋ ପିଛା ୧ ଲକ୍ଷ ଟଙ୍କା ଛୁଇଁଛି।

---

# ଏକ୍ସଏଆଇର ଚାଟ୍‌ବଟ୍ ଗ୍ରୋକ୍-୩ର ଶୁଭାରମ୍ଭ

ନୂଆଦିଲ୍ଲୀ,୧୮।୨(ଏଜେନ୍ସି): ଏଲନ୍ ମସ୍କଙ୍କର ଏକ୍ସଏଆଇ ଆଜି ନିଜର ଚାଟବଟ୍ 'ଗ୍ରୋକ୍ ୩' ଶୁଭାରମ୍ଭ କରିଛି। ଟେସଲା ଏବଂ ଏକ୍ସର ମାଲିକ ଏଲନ୍ ମସ୍କ ଚାଟ୍‌ବଟ୍ ଗ୍ରୋକ୍-୩କୁ ବିଶ୍ୱର ସବୁଠାରୁ ସ୍ମାର୍ଟ ଏଆଇ ବୋଲି କହିଛନ୍ତି। ଏହାକୁ ପାଇ ଲୋକେ ସବୁ ଭୁଲିଯିବେ ବୋଲି ମସ୍କ କହିଛନ୍ତି। ମସ୍କ ଗ୍ରୋକ୍-୩ର କ୍ଷମତାର ପ୍ରଦର୍ଶନ କରିଥିଲେ। ଏହା ଓପନ୍‌ଏଆଇ, ଗୁଗୁଲ୍, ଡିପ୍‌ସିକ୍ ଆଦି ଅନ୍ୟ ଏଆଇ ମଡେଲଗୁଡ଼ିକୁ ପଛରେ ପକାଇଦେବ ବୋଲି ମସ୍କ କହିଛନ୍ତି। ଏହା କିପରି ଗଣିତ, ବିଜ୍ଞାନ ଏବଂ କୋଡିଂ ମାନଦଣ୍ଡରେ ଜେମିନି ୨ପିଆର୍‌ଓ,କ୍ଲାଉଡ୍ ୨୩.୫ ସୋନେଟ୍,ଜିପିଟି ୪୦ ଏବଂ ଡିପ୍‌ସିକ୍ ଭି୩ ଭଳି ଅନ୍ୟ ସମସ୍ତ ମଡେଲକୁ ପଛରେ ପକାଇଦେବ।ମସ୍କ 'ଗ୍ରୋକ୍ ୩' ରିଜନିଂ ମଡେଲ୍ ମଧ୍ୟ ଘୋଷଣା କରିଛନ୍ତି। ଗ୍ରାହକମାନେ ଆଜିଠାରୁ ଗ୍ରୋକ୍ ୩ର ବ୍ୟବହାର କରିପାରିବେ। ଏହା ଏକ୍ସର ପ୍ରିମିୟମ ପ୍ଲସ୍ ପ୍ଲାନ୍ ବ୍ୟବହାର କରୁଥିବା ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେବ। ଏହି ସବସ୍କ୍ରିପସନ୍ ନେଉଥିବା ଉପଭୋକ୍ତାମାନେ ପ୍ରଥମେ ଗ୍ରୋକ୍-୩ ର ସମସ୍ତ ନୂଆ ଅପଡେଟ୍ ଏବଂ ଫିଚର ପାଇବେ। ସୂଚନା ଥାଉକି ଗ୍ରୋକ୍ ଶବ୍ଦଟି ରବର୍ଟ ହେନଲେନଙ୍କ ଉପନ୍ୟାସ "ଷ୍ଟ୍ରେଞ୍ଜର ଇନ୍ ଏ ଷ୍ଟ୍ରେଞ୍ଜ ଲ୍ୟାଣ୍ଡ'ରୁ ଆସିଛି।

# ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସମ୍ମାନିତ

**ଭୁବନେଶ୍ୱର,୧୮।୨(ସମିସ):** ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ ବିକାଶ ଏବଂ ପ୍ରଶାସନ) ଆଶୁତୋଷ ରଥ ଆଜି ମୁମ୍ବାଇରେ ଅନୁଷ୍ଠିତ 'ବିଶ୍ୱ ମାନବ ସମ୍ବଳ ବିକାଶ କଂଗ୍ରେସରେ' ଶ୍ରେଷ୍ଠ ମାନବ ସମ୍ବଳ ପ୍ରଭାବକ ପୁରସ୍କାର ଗ୍ରହଣ କରିଛନ୍ତି। ବିଶ୍ୱର ବିଭିନ୍ନ ଦେଶରେ ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ ଅଭିନବ ପରିବର୍ତ୍ତନ ଆଣିବା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।



---

# ଅତ୍ୟାଧୁନିକ ନନ୍ଦଘରରେ ପରିଣତ ହେବ ରାୟଗଡ଼ାର ଶହେ ଅଙ୍ଗନବାଡ଼ି କେନ୍ଦ୍ର

## ଓଡ଼ିଶା ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷରିତ




**ରାୟଗଡା, ୧୮।୨(ସମିସ):** ରାୟଗଡା ଜିଲ୍ଲାରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାର ଉନ୍ନତି ପାଇଁ ବେଦାନ୍ତ ଆଲୁମିନିୟମର ଅନିଲ ଅଗ୍ରୱାଲ ଫାଉଣ୍ଡେସନ ପକ୍ଷରୁ ଜିଲ୍ଲା ପ୍ରଶାସନ ସହ ବୁଝାମଣାପତ୍ର ସ୍ୱାକ୍ଷର କରି ୧୦୦ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଅତ୍ୟାଧୁନିକ 'ନନ୍ଦଘର' ରେ ପରିଣତ କରିବା ଉଦ୍ଦେଶ୍ୟରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାଦ୍ୱାରା ଅଙ୍ଗନବାଡି କେନ୍ଦ୍ରଗୁଡିକୁ ମହିଳା ଓ ଶିଶୁଙ୍କ ବିକାଶ ପାଇଁ ଅତ୍ୟାଧୁନିକ କେନ୍ଦ୍ରରେ ପରିଣତ କରାଯିବ। ଏହି ବୁଝାମଣାପତ୍ର ସ୍ୱାକ୍ଷର ଉତ୍ସବରେ ରାୟଗଡା ଜିଲ୍ଲାପାଳ ପାରୁଲ ପଟୱାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ କାଶୀପୁର ବ୍ଲକର ୧୫ଟି ଅଙ୍ଗନବାଡି କେନ୍ଦ୍ରକୁ ଅତ୍ୟାଧୁନିକ ନନ୍ଦଘରରେ ପରିଣତ କରାଯିବ। ରାୟଗଡା ବ୍ଲକରେ ଅବଶିଷ୍ଟ ୮୫ଟି କେନ୍ଦ୍ରର ବିକାଶ କରାଯିବ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା କହିଛନ୍ତି ଯେ ବେଦାନ୍ତରେ, ଆମେ ଗୋଷ୍ଠୀଗତ ବିକାଶ ପ୍ରତି ସମର୍ପିତ, ଯାହା ବେଦାନ୍ତର ମୂଳ ମୂଲ୍ୟବୋଧ ଉପରେ ଆଧାରିତ, ଯାହା କାର୍ଯ୍ୟକ୍ଷମ ଅଞ୍ଚଳରେ ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ସକାରାତ୍ମକ ଏବଂ ସ୍ଥାୟୀ ପ୍ରଭାବ ସୃଷ୍ଟି କରିଥାଏ। ନନ୍ଦ ଘର କାର୍ଯ୍ୟକ୍ରମ, ଯାହା ବେଦାନ୍ତର ପ୍ରମୁଖ ସାମାଜିକ ପ୍ରଭାବ ପ୍ରକଳ୍ପ, ମହିଳାମାନଙ୍କୁ ସଶକ୍ତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, ଏବଂ ପ୍ରାରମ୍ଭିକ ଶୈଶବ ଶିକ୍ଷାର ମୂଳଦୁଆକୁ ମଧ୍ୟ ମଜବୁତ କରିଥାଏ।

**ଟ୍ରମ୍ପଙ୍କ ଶୁଳ୍କ ଛାଟ**

# ୨୦% ଆମେରିକୀୟ ଶୁଳ୍କ ଜିଡିପିକୁ ୫୦ ବେସିସ୍ ପଏଣ୍ଟ କ୍ଷତି ପହଞ୍ଚାଇବ

**ନୂଆଦିଲ୍ଲୀ,୧୮।୨(ଏଜେନ୍ସି):**

ଟ୍ରମ୍ପ୍ ପ୍ରଶାସନ ଏହାର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ପାରସ୍ପରିକ ଶୁଳ୍କ ଲାଗୁ କରିବାକୁ ଯୋଜନା ଘୋଷଣା କରିଛି। ଏହା ଭାରତର ଚିନ୍ତା ବଢ଼ାଇଦେଇଛି। କାରଣ ଭାରତୀୟ ଉତ୍ପାଦ ଉପରେ ଆମେରିକା ପାରସ୍ପରିକ ଶୁଳ୍କ ଲଗାଇବାର ସମ୍ଭାବନା ବୃଦ୍ଧି ପାଇଛି। ବଡ଼ ପ୍ରଶ୍ନ ହେଉଛି ଆମେରିକା ଭାରତୀୟ ଉତ୍ପାଦ ଉପରେ କେତେ ଶୁଳ୍କ ଲଗାଇବ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ଯଦି ଆମେରିକା ଭାରତ ଉପରେ ୨୦ ପ୍ରତିଶତ ପାରସ୍ପରିକ ଶୁଳ୍କ ଲାଗୁ କରେ, ତେବେ ଏହା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ୫୦ ବେସିସ୍ ପଏଣ୍ଟ କ୍ଷତି ପହଞ୍ଚାଇପାରେ। ତଥାପି, ରିପୋର୍ଟରେ ଏହା ମଧ୍ୟ ଗୁରୁତ୍ୱ ଦିଆଯାଇଛି ଯେ ଏହା ହେବାର ସମ୍ଭାବନା ବହୁତ କମ୍।



ରିପୋର୍ଟରେ କୁହାଯାଇଛି ଯେ, ଏହି ଶୁଳ୍କ କୃଷି, ଶିକାର, ବନ ଏବଂ ମତ୍ସ୍ୟଚାଷ ଭଳି କ୍ଷେତ୍ର ସହିତ ଜଡିତ ବ୍ୟବସାୟ ଉପରେ ସର୍ବାଧିକ ପ୍ରଭାବ ପକାଇବ। ଏହି କ୍ଷେତ୍ରଗୁଡ଼ିକ ପ୍ରାୟ ୧,୫୪୩.୪ ନିୟୁତ ଆମେରିକୀୟ ଡଲାର କ୍ଷତି ସହିପାରନ୍ତି। ଆର୍ଥିକ କ୍ଷେତ୍ର ବିଷୟରେ କହିବାକୁ ଗଲେ, ଆମେରିକାର ଶୁଳ୍କ ଯୋଗୁଁ ଏହି କ୍ଷେତ୍ରକୁ ୧୪୨୬.୯ ନିୟୁତ ଆମେରିକୀୟ ଡଲାର କ୍ଷତି ହୋଇପାରେ। ଏହାପଛକୁ ରାସାୟନିକ ଏବଂ ରାସାୟନିକ ଉତ୍ପାଦ କ୍ଷେତ୍ର ୧,୧୦୬.୫ ନିୟୁତ ଆମେରିକୀୟ ଡଲାର ଏବଂ ବୟନ ଶିଳ୍ପ ଉତ୍ପାଦ କ୍ଷେତ୍ର ୧,୦୭୬.୦ ନିୟୁତ ଆମେରିକୀୟ ଡଲାର କ୍ଷତିର ସମ୍ମୁଖୀନ ହୋଇପାରେ। ଆମେରିକା ଶୁଳ୍କ ଦ୍ୱାରା ପ୍ରଭାବିତ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ଧାତବ ଏବଂ ଖଣି କ୍ଷେତ୍ର ଅନ୍ତର୍ଭୁକ୍ତ। ରିପୋର୍ଟରେ ସୂଚିତ ହୋଇଛି ଯେ ଏପରି ଶୁଳ୍କ ଭାରତର ରପ୍ତାନି-ଚାଳିତ କ୍ଷେତ୍ରଗୁଡ଼ିକ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ। ଏହି କାରଣରୁ ଭାରତ ଏବଂ ଆମେରିକା ଶୁଳ୍କ ବିବାଦର ସମାଧାନ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ପାଇଁ ଅନେକ ପର୍ଯ୍ୟାୟ ବାଣିଜ୍ୟ ଆଲୋଚନାରେ ସାମିଲ ହୋଇଛନ୍ତି।

## ଭାରତୀୟ ରପ୍ତାନିକାରୀଙ୍କୁ ୭ ବିଲିୟନ୍ ଡଲାରର ଝଟ୍‌କା

**ନୂଆଦିଲ୍ଲୀ,୧୮।୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପ୍ରିଲ ମାସରୁ ଅନେକ ଦେଶ ଉପରେ ପାରସ୍ପରିକ ଶୁଳ୍କ ଲାଗୁ କରିବାକୁ ଧମକ ଦେଇଛନ୍ତି। ତାଙ୍କର ଧମକ ଭାରତର ରପ୍ତାନି କ୍ଷେତ୍ରରେ ଚିନ୍ତାର ବାତାବରଣ ସୃଷ୍ଟି କରିଛି। ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ବିଶେଷଜ୍ଞମାନେ କହିଛନ୍ତି ଯେ ଏଥିଯୋଗୁଁ ଭାରତ ବାର୍ଷିକ ପ୍ରାୟ ୭ ବିଲିୟନ ଡଲାର ହରାଇପାରେ। ଆମେରିକାର ଶୁଳ୍କ ଦ୍ୱାଲାଗୁ ରା ରାସାୟନିକ, ଧାତୁ ଉତ୍ପାଦ, ଅଳଙ୍କାର, ଅଟୋମୋବାଇଲ୍, ଔଷଧ ଏବଂ ଖାଦ୍ୟ ଉତ୍ପାଦ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଗତ ବର୍ଷ, ଆମେରିକାକୁ ଭାରତର ସାମଗ୍ରୀ ରପ୍ତାନି ପ୍ରାୟ ୭୪ ବିଲିୟନ ଡଲାର ଥିଲା। ଏଥିମଧ୍ୟରୁ ମୁକ୍ତା, ମୂଲ୍ୟବାନ ପଥର ଏବଂ ଅଳଙ୍କାରର ରପ୍ତାନି ୮.୫ ବିଲିୟନ ଥିଲା। ଏହା ବ୍ୟତୀତ, ଭାରତ ଆମେରିକାକୁ ୮ ବିଲିୟନ ଡଲାର ମୂଲ୍ୟର ଔଷଧ ଏବଂ ୪ ବିଲିୟନ ଡଲାର ମୂଲ୍ୟର ପେଟ୍ରୋକେମିକାଲ୍ସ ରପ୍ତାନି କରିଥିଲା। ଭାରତ ୨୦୨୩ରେ ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ହାରାହାରି ୧୧ପ୍ରତିଶତ ଶୁଳ୍କ ଆଦାୟ କରିଥିଲା, ଯାହା ଆମେରିକାରେ ଭାରତୀୟ ସାମଗ୍ରୀ ଉପରେ ଲାଗୁ ହୋଇଥିବା ଶୁଳ୍କ ଅପେକ୍ଷା ୮.୨ ପ୍ରତିଶତ ଅଧିକ। ୨୦୨୪ରେ, ଭାରତ ଆମେରିକାରୁ ପ୍ରାୟ ୪୨ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରିଥିଲା। ଏଥିରେ କାଠ ଉତ୍ପାଦ ଉପରେ ୭ ପ୍ରତିଶତ, ଯନ୍ତ୍ରପାତି, ଜୋତା ଏବଂ ପରିବହନ ଉପକରଣ ଉପରେ ୧୫ ରୁ ୨୦% ଏବଂ ଖାଦ୍ୟ ସାମଗ୍ରୀ ଉପରେ ପ୍ରାୟ ୬୮% ଟିକସ ଲାଗୁ ହୋଇଥାଏ।






## ଆଜିଠାରୁ ଆଇସିସି ଚାମ୍ପିଅନ୍ସ ଟ୍ରଫି

# ପାକିସ୍ତାନ- ନ୍ୟୁଜିଲାଣ୍ଡ ଉଦ୍‌ଘାଟନୀ ମୁକାବିଲା

**କରାଚି,୧୮ ।୨(ଏଜେନ୍ସି):** ମିନି ବିଶ୍ୱକପ୍ କୁହାଯାଉଥିବା ଚାମ୍ପିଅନ୍ସ ଟ୍ରଫିର ୯ମ ସଂସ୍କରଣ ବୁଧବାରଠାରୁ ଆରମ୍ଭ ହେବ। ଦିନିକିଆ ଫର୍ମାଟ୍‌ରେ ଖେଳାଯାଉଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଏହି ଟୁର୍ଣ୍ଣାମେଣ୍ଟ ଦୀର୍ଘ ୮ ବର୍ଷ ପରେ ଆରମ୍ଭ ହେବାକୁ ଯାଉଛି। ଶେଷଥର ପାଇଁ ୨୦୧୭ରେ ଏହି ଟୁର୍ଣ୍ଣାମେଣ୍ଟ ଇଂଲଣ୍ଡରେ ଖେଳାଯାଇଥିଲା ଓ ଏଥିରେ ଭାରତକୁ ପରାସ୍ତ କରି ପାକିସ୍ତାନ ଟାଇଟଲ ହାସଲ କରିଥିଲା। ସ୍ଥାନୀୟ କରାଚୀ ନ୍ୟାସନାଲ ଷ୍ଟାଡିୟମରେ ଉଦ୍‌ଘାଟନୀ ମୁକାବିଲାରେ ଆୟୋଜକ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ବିଶ୍ୱର ଶ୍ରେଷ୍ଠ ୮ଟି ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ହାଇବ୍ରିଡ୍ ମଡେଲ ଅନୁସାରେ ଏହି ଟୁର୍ଣ୍ଣାମେଣ୍ଟ ପାକିସ୍ତାନ ଓ ଦୁବାଇରେ ଖେଳାଯିବ। ୮ଟି ଦଳକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ ଏ'ରେ ଭାରତ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ ବି'ରେ ଦକ୍ଷିଣ ଆଫ୍ରିକା, ଆଫଗାନିସ୍ତାନ, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ସାମିଲ ହୋଇଛନ୍ତି। ଦୁଇଟି ଗ୍ରୁପର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲରେ ପ୍ରବେଶ କରିବେ। ଯଦି ଭାରତ ଫାଇନାଲରେ ପ୍ରବେଶ କରେ ତେବେ ଏହି ନିର୍ଣ୍ଣାୟକ ମୁକାବିଲା ଦୁବାଇରେ ଖେଳାଯିବ। ଯଦି ଭାରତ ଫାଇନାଲକୁ ନ ଉଠେ, ତେବେ ଏହା ଲାହୋରରେ ଖେଳାଯିବ। ପାକିସ୍ତାନ ଯିବାକୁ ଭାରତ ରାଜି ନ ହେବା ପରେ ଏହି ଟୁର୍ଣ୍ଣାମେଣ୍ଟ ହାଇବ୍ରିଡ୍ ମଡେଲରେ ଖେଳାଯାଉଛି।

**ଖେଳ ଆରମ୍ଭ**
**ଅପରାହ୍ଣ ୨ଟା ୩୦**
**ପ୍ରସାରଣ**
**ଷ୍ଟାରସ୍ପୋର୍ଟ୍ସ, ସ୍ପୋର୍ଟ୍ସ ୧୮ ଜିଓ ହଟ୍‌ଷ୍ଟାର**

**ନ୍ୟୁଜିଲାଣ୍ଡ ଫେବରାଇଟ୍:** ଘରୋଇ ପରିବେଶରୁ ଫାଇଦା ଉଠାଇ ପାକିସ୍ତାନ ଏଥର ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଭାରତ ପରେ ପାକିସ୍ତାନକୁ ଦ୍ୱିତୀୟ ଫେବରାଇଟ୍ ଦଳ ବିବେଚନା କରାଯାଉଛି। ଅବଶ୍ୟ ପ୍ରଦର୍ଶନରେ ସ୍ଥିରତା ରହୁ ନଥିବାରୁ ପାକିସ୍ତାନ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ଯଦିଓ ଦଳରେ ଅଧିନାୟକ ମହମ୍ମଦ ରିଜୱାନଙ୍କ ସମେତ ବାବର ଆଜମ, ଶାହିନ ଶାହା ଆଫ୍ରିଦି, ଉପ ଅଧିନାୟକ ସଲମାନ ଅଲି ଆଘା, ନସିମ ଶାହାଙ୍କ ଭଳି ମ୍ୟାଚ୍ ୱିନର ରହିଛନ୍ତି। ଅପରପକ୍ଷରେ ଗତ ୫ଟି ଟୁର୍ଣ୍ଣାମେଣ୍ଟରେ ନ୍ୟୁଜିଲାଣ୍ଡ ୪ଥର ନକ୍‌ଆଉଟ ପର୍ଯ୍ୟାୟକୁ ଉଠିଛି। କିଛିଦିନ ତଳେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା ଫାଇନାଲରେ ନ୍ୟୁଜିଲାଣ୍ଡ ୫ ୱିକେଟରେ ପାକିସ୍ତାନକୁ ହରାଇ ଚାମ୍ପିଅନ ହୋଇଥିଲା। ସେହିପରି ଲିଗ୍ ପର୍ଯ୍ୟାୟରେ ମଧ୍ୟ ନ୍ୟୁଜିଲାଣ୍ଡ ୭୮ ରନରେ ପାକିସ୍ତାନକୁ ପରାସ୍ତ କରିଥିଲା। ତେଣୁ ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଫେବରାଇଟ୍ ବିବେଚିତ ହେଉଛି।

**ପାକିସ୍ତାନ ଦଳ:** ମହମ୍ମଦ ରିଜୱାନ (ପାକିସ୍ତାନ), ବାବର ଆଜମ, ଫକର ଜମାନ, କାମରାନ ଗୁଲାମ, ସାଉଦ ସକିଲ, ତୟାବ ତାହିର, ଫହିମ ଆଶ୍ରଫ୍, ଖୁସ୍‌ଦିଲ୍ ଶାହା, ସଲମାନ ଅଲି ଆଘା, ଉସ୍‌ମାନ ଖାନ୍, ଅବରାର ଅହମ୍ମଦ, ହାରିସ ରୌଫ୍, ମହମ୍ମଦ ହାସନେନ, ନସିମ ଶାହା ଓ ଶାହିନ ଶାହା ଆଫ୍ରିଦି।

**ନ୍ୟୁଜିଲାଣ୍ଡ ଦଳ:** ମିଚେଲ ସାଣ୍ଟନର (ଅଧିନାୟକ), ମାଇକେଲ ବ୍ରାସୱେଲ, ମାର୍କ ଚାପ୍‌ମ୍ୟାନ, ଡେଭନ କନୱେ, କାଏଲ ଜେମିସନ, ମ୍ୟାଟ ହେନେରୀ, ଟମ୍ ଲାଥମ, ଡାରିଲ ମିଚେଲ, ୱିଲ ଓ'ରୁର୍କ, ଗ୍ଲେନ୍ ଫିଲିପ୍ସ, ରାଚିନ ରବିନ୍ଦ୍ର, ଜାକବ ଡଫି, ନାଥନ ସ୍ମିଥ୍, କେନ୍ ୱିଲିୟମସନ ଓ ୱିଲ ୟଙ୍ଗ୍।

# ଦୁବାଇରେ ଭାରତର ଜୋରଦାର ଅଭ୍ୟାସ

**ଦୁବାଇ,୧୮ ।୨(ଏଜେନ୍ସି):** ହାଇବ୍ରିଡ୍ ମଡେଲ ଅନୁଯାୟୀ ଚାମ୍ପିଅନ୍ସ ଟ୍ରଫିରେ ଭାରତ ତାହାର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ। ଏଥିଲାଗି ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ଏଠାରେ ଜୋରଦାର ଅଭ୍ୟାସ ଆରମ୍ଭ କରିଦେଇଛି। ମଙ୍ଗଳବାର ଦଳ ଦୀର୍ଘ ସମୟ ଧରି ଅଭ୍ୟାସ କରିବା ସହ ଖେଳାଳିଙ୍କର ଥିବା ଦୁର୍ବଳତାକୁ ଠିକ୍ କରିବା ଲାଗି ସମସ୍ତ ପ୍ରକାର ଉଦ୍ୟମ କରିଛି। ଭାରତୀୟ ଖେଳାଳିମାନେ ଦୁବାଇ କ୍ରିକେଟ ଏକାଡେମୀରେ ଅଭ୍ୟାସ କରୁଛନ୍ତି। ଭାରତର ଭେନ୍ୟୁ ଏହାଠାରୁ ଅଳ୍ପଦୂରରେ ଅବସ୍ଥିତ। ଏଣୁ ଖେଳାଳିଙ୍କୁ ଏକାଡେମୀରେ ଅଭ୍ୟାସ କରିବା ସହଜ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଗ୍ରୁପ୍-ଏ'ରେ ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ସହ ସ୍ଥାନ ପାଇଛି। ବାଂଲାଦେଶ ସହ ଫେବୃଆରୀ ୨୦ରେ ଓ ପାକିସ୍ତାନ ସହ ଫେବୃଆରୀ ୨୩ରେ ମ୍ୟାଚ୍ ଖେଳାଯିବ। ମ୍ୟାଚ୍ ମଧ୍ୟରେ ସମୟ ବ୍ୟବଧାନ କମ୍ ଥିବାରୁ ମଙ୍ଗଳବାର ଦଳର ବ୍ୟାଟର, ବୋଲର ଓ ଫିଲ୍ଡରମାନେ ଦୀର୍ଘସମୟ ଧରି ଅଭ୍ୟାସ କରିଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ଅନେକ ଖେଳାଳିଙ୍କ ଭବିଷ୍ୟତ ନିର୍ଭର କରୁଛି। ବିଶେଷ କରି ଦୁଇ ଆଇକନ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଇଂଲଣ୍ଡ ବିପକ୍ଷ ବାରବାଟୀ ଦିନିକିଆରେ ରୋହିତ ଶତକ ହାସଲ କରି ଫର୍ମକୁ ଫେରିଥିବା ସୂଚନା ଦେଇଛନ୍ତି। ଅଭ୍ୟାସରେ ସେ ଜବରଦସ୍ତ ଫର୍ମରେ ଥିବା ସୂଚନା ଦେଇଛନ୍ତି। ବିରାଟ କୋହଲି ମଧ୍ୟ ଫର୍ମରେ ଥିବା ନିଜ ବ୍ୟାଟିଂ ଦ୍ୱାରା ଆଶ୍ୱସ୍ତ କରିଛନ୍ତି। ଶ୍ରେୟସ ଆୟର ଓ ହାର୍ଦ୍ଦିକ ପାଣ୍ଡ୍ୟା ବିରାଟ ବିରାଟ ଛକା ମାଧ୍ୟମରେ ଏକାଡେମୀରେ ସମସ୍ତଙ୍କୁ ଚମତ୍କୃତ କରିଥିଲେ। ଫର୍ମରେ ଥିଲେ ମଧ୍ୟ ଶୁବମନ ଗିଲ୍ କ୍ରିଜ୍‌ରେ ଦୀର୍ଘସମୟ ଧରି ବ୍ୟାଟିଂ କରିଥିଲେ। ଦୁଇ ୱିକେଟରକ୍ଷକ ମଧ୍ୟରୁ ଋଷଭ ପନ୍ତ୍ ଯନ୍ତ୍ରଣା ଅନୁଭବ କରିଥିଲେ ମଧ୍ୟ ଲୋକେଶ ରାହୁଲ ଭଲ ପ୍ରଦର୍ଶନ କରିଥିଲେ। ବୋଲିଂରେ ଭାରତର ଜଣେ ଅଲରାଉଣ୍ଡରଙ୍କ ୪ଜଣ ପେସ୍ ବୋଲର ସ୍ଥାନ ପାଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଏଠାରେ ଦ୍ୱିତୀୟ ସେନ୍‌ରେ ବୋଲିଂ କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମହମ୍ମଦ୍ ସାମିଙ୍କ ଫିଟ୍‌ନେସ୍‌କୁ ନେଇ ସନ୍ଦେହ। କିନ୍ତୁ ସାମି ଦୀର୍ଘ ସମୟ ଧରି ବୋଲିଂ କରିବା ସହ ତାଙ୍କ ଫିଟ୍‌ନେସ ପ୍ରମାଣ ଦେଇଥିଲେ। ତାଙ୍କ ବୋଲିଂ ପାର୍ଟନର ହେବାର ସମ୍ଭାବନା ଥିବା ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ମଧ୍ୟ ବେଶ ସମୟ ଧରି ବୋଲିଂ କରିଥିଲେ। ଏଠାରେ ସ୍ପିନରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିଲାଗି ଦଳରେ ୫ଜଣ ସ୍ପିନରଙ୍କୁ ସାମିଲ କରାଯାଇଛି। ସମସ୍ତ ବୋଲର ଏଠାରେ ଅଭ୍ୟାସ କରିଥିଲେ। ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ଅଧିକ ସମୟ ଖେଳିଥିଲେ। ବରୁଣ ଚକ୍ରବର୍ତ୍ତୀଙ୍କୁ ଜବରଦସ୍ତ ଦଳରେ ନିଆଯାଇଥିବାରୁ ସେ ଏଠାରେ ପ୍ରଥମ ପସନ୍ଦର ସ୍ପିନର ହୋଇପାରନ୍ତି ବୋଲି ଆଶା କରାଯାଉଛି। ଏମାନେ ପାଣ୍ଡ୍ୟା ଓ ଆୟରଙ୍କ ଆକ୍ରୋଶରୁ ମୁକୁଳି ପାରି ନ ଥିଲେ। ଗୁରୁବାର ବାଂଲାଦେଶ ସହ ଭାରତ ପ୍ରଥମ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ଟି ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଆରମ୍ଭ ହେବାକୁ ଥିବାରୁ ଆସନ୍ତାକାଲି ଅର୍ଥାତ୍ ବୁଧବାର ଭାରତ ଷ୍ଟାଡିୟମ୍‌ରେ ଅଭ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି।




| | |
|---|---|
| ଏ-ଗ୍ରୁପ | ଭାରତ, ପାକିସ୍ତାନ, ବାଂଲାଦେଶ, ନ୍ୟୁଜିଲାଣ୍ଡ |
| ବି-ଗ୍ରୁପ | ଆଫଗାନିସ୍ତାନ, ଦ.ଆଫ୍ରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ |

**ଚାମ୍ପିଅନ୍ସ ଟ୍ରଫି ପୁରସ୍କାର**

| ଦଳ | ପୁରସ୍କାର ରାଶି (ଟଙ୍କାରେ) |
|---|---|
| ଚାମ୍ପିଅନ | ୧୯.୪୬ କୋଟି |
| ରନର୍ସଅପ୍ | ୯.୭୩ କୋଟି |
| ସେମିରେ ହାରିଥିବା | ୪.୮୬ କୋଟି |
| ୫ମ ଓ ୬ଷ୍ଠ ସ୍ଥାନ | ୩.୦୪ କୋଟି |
| ୭ମ ଓ ୮ମ ସ୍ଥାନ | ୧.୨୧ କୋଟି |
| ପ୍ରତ୍ୟେକ ଗ୍ରୁପ୍ ବିଜୟ | ୨୯.୫ ଲକ୍ଷ |
| ପାର୍ଟିସିପେସନ ପାଇଁ | ୧.୦୮ କୋଟି |

## ସ୍ୱଦେଶ ଫେରିଲେ ବୋଲିଂ କୋଚ୍

**ଦୁବାଇ,୧୮ ।୨(ଏଜେନ୍ସି):** ପିତାଙ୍କ ଦେହାନ୍ତ ଯୋଗୁଁ ଭାରତୀୟ କ୍ରିକେଟ ଦଳର ବୋଲିଂ କୋଚ୍ ମର୍ଣ୍ଣ ମୋର୍କେଲ ସ୍ୱଦେଶ ବା ଦକ୍ଷିଣ ଆଫ୍ରିକା ଫେରିଯାଇଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ସେ ଗତକାଲି ଅପରାହ୍ଣ ଓ ଆଜିର ନେଟ୍ ପ୍ରାକ୍ଟିସ୍‌ରେ ଅନୁପସ୍ଥିତ ଥିଲେ। ତାଙ୍କ ବିନା ଭାରତୀୟ ବୋଲରମାନେ ଅଭ୍ୟାସ କରିଥିଲେ। ଏଭଳି ସ୍ଥିତିରେ ସେ ଆଉ ଦୁବାଇ ଫେରିବେ କି ନାହିଁ ଜଣାପଡ଼ିନି। ଭାରତର ଲିଗ୍ ମ୍ୟାଚ୍ ଗୁଡିକ ଫେବୃଆରୀ ୨୦, ୨୩ ଓ ମାର୍ଚ୍ଚ ୨ରେ ଖେଳାଯିବ। ଭାରତ ଯଦି ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରେ ତେବେ ମାର୍ଚ୍ଚ ୪ରେ ଖେଳିବ।

**ଚାମ୍ପିଅନ୍ସ ଟ୍ରଫି କାର୍ଯ୍ୟସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୧୯ ।୨ | ପାକିସ୍ତାନ-ନ୍ୟୁଜିଲାଣ୍ଡ | କରାଚି |
| ୨୦ ।୨ | ଭାରତ-ବାଂଲାଦେଶ | ଦୁବାଇ |
| ୨୧ ।୨ | ଆଫଗାନିସ୍ତାନ-ଦ.ଆଫ୍ରିକା | କରାଚି |
| ୨୨ ।୨ | ଅଷ୍ଟ୍ରେଲିଆ-ଇଂଲଣ୍ଡ | ଲାହୋର |
| ୨୩ ।୨ | ଭାରତ-ପାକିସ୍ତାନ | ଦୁବାଇ |
| ୨୪ ।୨ | ବାଂଲାଦେଶ-ନ୍ୟୁଜିଲାଣ୍ଡ | ରାୱଲପିଣ୍ଡି |
| ୨୫ ।୨ | ଅଷ୍ଟ୍ରେଲିଆ-ଦ.ଆଫ୍ରିକା | ରାୱଲପିଣ୍ଡି |
| ୨୬ ।୨ | ଆଫଗାନିସ୍ତାନ-ଇଂଲଣ୍ଡ | ଲାହୋର |
| ୨୭ ।୨ | ପାକିସ୍ତାନ-ବାଂଲାଦେଶ | ରାୱଲପିଣ୍ଡି |
| ୨୮ ।୨ | ଆଫଗାନିସ୍ତାନ-ଅଷ୍ଟ୍ରେଲିଆ | ଲାହୋର |
| ୧ ।୦୩ | ଦ.ଆଫ୍ରିକା-ଇଂଲଣ୍ଡ | କରାଚି |
| ୨ ।୦୩ | ଭାରତ-ନ୍ୟୁଜିଲାଣ୍ଡ | ଦୁବାଇ |
| ୪ ।୦୩ | ପ୍ରଥମ ସେମିଫାଇନାଲ | ଦୁବାଇ |
| ୫ ।୦୩ | ଦ୍ୱିତୀୟ ସେମିଫାଇନାଲ | ଲାହୋର |
| ୯ ।୦୩ | ଫାଇନାଲ | ଲାହୋର |

*ବି.ଦ୍ର.: ଯଦି ଭାରତ ଫାଇନାଲରେ ପ୍ରବେଶ କରେ ତେବେ ଏହାର ଦୁବାଇରେ ଖେଳାଯିବ।*

## ଚାମ୍ପିଅନ ଦଳକୁ ୧୯.୪୬ କୋଟି ଟଙ୍କା ପୁରସ୍କାର

ଚାମ୍ପିଅନ୍ସ ଟ୍ରଫିର ୯ମ ସଂସ୍କରଣ ପାଇଁ ପୁରସ୍କାର ରାଶିକୁ ଦୁଇ ଗୁଣାରୁ ଅଧିକ କରାଯାଇଛି। ୨୦୧୭ରେ ଶେଷଥର ପାଇଁ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ହୋଇଥିଲା ଓ ପୁରସ୍କାର ରାଶି ୨୮.୮୮ କୋଟି ଅର୍ଥାତ୍ ପାଖାପାଖି ୨୯ କୋଟି ଟଙ୍କା ଥିଲା। ଏଥର ଏହା ଦୁଇଗୁଣାରୁ ଅଧିକ ଅର୍ଥାତ ୬୦ କୋଟି ଟଙ୍କାରେ ପହଞ୍ଚିଛି। ମୋଟ ଉପରେ ପୁରସ୍କାର ରାଶିରେ ୫୩ ପ୍ରତିଶତ ବୃଦ୍ଧି ହୋଇଛି। ଏଥର ଚାମ୍ପିଅନ ଦଳକୁ ୧୯.୪୬ କୋଟି ଟଙ୍କା ପ୍ରଦାନ କରାଯିବ। ସେହିପରି ଉପବିଜେତା ଦଳକୁ ୯.୭୩ କୋଟି, ସେମିଫାଇନାଲରେ ପରାସ୍ତ ହୋଇଥିବା ଦୁଇ ଦଳକୁ ୪.୮୬ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯିବ। ୫ମ ଓ ୬ଷ୍ଠ ସ୍ଥାନରେ ରହିବାକୁ ଥିବା ଦଳକୁ ୩.୦୪ କୋଟି ଟଙ୍କା ଲେଖାଏ, ୭ମ ଓ ୮ମ ସ୍ଥାନ ଦଳରେ ରହିବାକୁ ଥିବା ଦଳଗୁଡ଼ିକୁ ୧.୨୧ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯିବ। ଗ୍ରୁପ ପର୍ଯ୍ୟାୟରେ ପ୍ରତ୍ୟେକ ବିଜୟ ପାଇଁ ୨୯.୫ ଲକ୍ଷ ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବାରୁ ସବୁ ଦଳକୁ ପାର୍ଟିସିପସନ ବାବଦରେ ୧.୦୮ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯିବ।

## ବର୍ଷକରେ ୬ଟି ମ୍ୟାଚ୍ ଖେଳିଛି ଭାରତ

**ନୂଆଦିଲ୍ଲୀ,୧୮ ।୨(ଏଜେନ୍ସି):** ୨୦୨୩ରେ ଭାରତରେ ଦିନିକିଆ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଦଳର ସମୀକରଣ ବଜାୟ ରଖିବା ଲାଗି ଗୋଟିଏ ବର୍ଷରେ ୩୦ଟି ମ୍ୟାଚ୍ ଖେଳିଥିଲା। ୨୦୨୩ରେ ଦିନିକିଆ ବିଶ୍ୱକପ୍ ପରାଜୟ ପରେ ଭାରତ ଏଯାଏ ମାତ୍ର ୯ଟି ଦିନିକିଆ ମ୍ୟାଚ୍ ଖେଳିଛି। ଏହା ମଧ୍ୟରେ ଗତ ୧୨ ମାସ ମଧ୍ୟରେ ଦଳ ମାତ୍ର ୬ଟି ମ୍ୟାଚ୍ ଖେଳିଛି। ଏହା ମଧ୍ୟରୁ ଶ୍ରୀଲଙ୍କା ସହ ୩ଟି ଓ ଘରୋଇ ମାଟିରେ ଏବେ ୩ଟି ମ୍ୟାଚ୍ ଖେଳିଛି। ଯାହା ଫଳରେ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଭାରତ ପର୍ଯ୍ୟାପ୍ତ ମ୍ୟାଚ୍ ଖେଳିପାରି ନାହିଁ। ଅବଶ୍ୟ ଏହା ମଧ୍ୟରେ ଦଳ ଟି-୨୦ ବିଶ୍ୱକପ୍‌ରେ ଭାଗ ନେଇ ଚାମ୍ପିଅନ ଓ ୮ଟି ଟେଷ୍ଟ ଖେଳିଛି। ଯାହା ଫଳରେ ଭାରତ ଚାମ୍ପିଅନ୍ସ ଟ୍ରଫି ଲାଗି ଉପଯୁକ୍ତ ସମୀକରଣ ପାଇପାରି ନାହିଁ। ଦଳର ପ୍ରମୁଖ ବୋଲର ଯଶପ୍ରୀତ୍ ବୁମ୍ରା ଆଘାତ ଯୋଗୁ ବାଦ୍ ପଡ଼ିବା ମଧ୍ୟ ଦଳ ଲାଗି ଶୁଭଙ୍କର ହୋଇନାହିଁ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ୨ଥର ଚାମ୍ପିଅନ ଓ ଇରେ ରନର୍ସ ଅପ୍ ହୋଇଛି। ୨୦୦୩ରେ ଶ୍ରୀଲଙ୍କା ସହ ଯୁଗ୍ମ ଚାମ୍ପିଅନ ଓ ୨୦୧୩ରେ ଚାମ୍ପିଅନ ହୋଇଥିଲା। ୨୦୧୭ରେ ପାକିସ୍ତାନ ନିକଟରୁ ପରାଜିତ ହୋଇ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏଥର ଭାରତ ନିକଟରେ ଅନେକ ଶ୍ରେଷ୍ଠ ଖେଳାଳି ଥିଲେ ମଧ୍ୟ ଏମାନଙ୍କଠାରୁ ବିଶେଷ କିଛି ଆଶା କରାଯାଉନାହିଁ। ଦଳ କେତେବେଳେ ବୃହତ୍ ବ୍ୟବଧାନରେ ବିଜୟୀ ହେଉଛି ତ ଆଉ କେତେବେଳେ ସହଜରେ ପରାଜିତ ହେଉଛି।

## ଚାମ୍ପିଅନ୍ସ ଟ୍ରଫିରୁ ଫର୍ଗୁସନ ଆଉଟ୍

**କରାଚି,୧୮ ।୨(ଏଜେନ୍ସି):** ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବା ଠିକ୍ ପୂର୍ବରୁ ନ୍ୟୁଜିଲାଣ୍ଡକୁ ଆଉ ଏକ ଜବରଦସ୍ତ ଝଟ୍‌କା ଲାଗିଛି। ବେନ ସିୟର୍ସଙ୍କ ପରେ ଅଭିଜ୍ଞ ଦ୍ରୁତ ବୋଲର ଲକି ଫର୍ଗୁସନ ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡିଛନ୍ତି। ମାଂସପେସୀ ଟାଣି ହୋଇଯିବା କାରଣରୁ ଏହି ଡାହାଣହାତୀ ଦ୍ରୁତ ବୋଲର ଆହତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛନ୍ତି। ଫର୍ଗୁସନଙ୍କ ସ୍ଥାନରେ କାଇଲ୍ ଜେମିସନଙ୍କୁ ଦଳରେ ସାମିଲ କରାଯାଇଛି। ଜେମିସନଙ୍କୁ ଦଳରେ ସାମିଲ କରିବାକୁ ଆଇସିସି ବୈଷୟିକ କମିଟି ଅନୁମତି ଦେଇଛି। ୨୦୨୩ ବିଶ୍ୱକପ୍‌ରେ ଶେଷଥର ପାଇଁ ଜେମିସନ ଦିନିକିଆ ମ୍ୟାଚ୍ ଖେଳିଥିଲେ ଓ ଦୀର୍ଘ ଦିନ ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିରାଟ କୋହଲିଙ୍କୁ ସେ ଏକାଧିକ ବାର ଆଉଟ କରି ସମସ୍ୟାରେ ପକାଇଛନ୍ତି। ତାଙ୍କୁ କୋହଲିଙ୍କ ଶତ୍ରୁ ବୋଲି କୁହାଯାଇଥାଏ।

## ରଣଜୀ ଟ୍ରଫି ସେମିଫାଇନାଲ

# ଖାତା ଖୋଲିପାରିଲେନି ସୂର୍ଯ୍ୟ, ଶିବମ

**ନାଗପୁର, ୧୮ ।୨ (ଏଜେନ୍ସି):** ଘରୋଇ ବିଦର୍ଭ ବିପକ୍ଷରେ ଏଠାରେ ଚାଲିଥିବା ରଣଜୀ ଟ୍ରଫିର ୨ୟ ସେମିଫାଇନାଲ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇ ଦଳ ବ୍ୟାକ୍‌ଫୁଟ୍‌ରେ ରହିଛି। ବିଦର୍ଭର ପ୍ରଥମ ପାଳି ସ୍କୋର ୩୮୩ ରନ ଜବାବରେ ବ୍ୟାଟିଂ ଆରମ୍ଭ କରି ମୁମ୍ବାଇ ମଙ୍ଗଳବାର ୨ୟ ଦିବସ ଖେଳ ଶେଷ ସୁଦ୍ଧା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫୯ ଓଭରରେ ୭ ୱିକେଟ୍ ହରାଇ ୧୮୮ ରନ ସଂଗ୍ରହ କରିଛି। ଓପନର୍ ତଥା ୱିକେଟ୍‌କିପର ଆକାଶ ଆନନ୍ଦ ୬୭ ଓ ନଂ-୯ ବ୍ୟାଟର୍ ତନୁଷ କୋଟିଆନ ୫ ରନରେ ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଆଜିଙ୍କ୍ୟ ରାହାଣେ ୧୮, ଆୟୁଷ ମହାତ୍ରେ ୯, ସିଦ୍ଧେଶ ଲାଡ୍ ୩୫, ଶାମ୍ସ ମୁଲାନୀ ୪, ଶାର୍ଦ୍ଦୁଳ ଠାକୁର ୩୭ ରନ କରି ଆଉଟ୍ ହୋଇଛନ୍ତି। ତେବେ ମଧ୍ୟକ୍ରମର ଦୁଇ ତାରକା ବ୍ୟାଟର୍ ସୂର୍ଯ୍ୟକୁମାର ଯାଦବ ଓ ଶିବମ ଦୁବେ ଖାତା ଖୋଲି ନ ପାରିବା ମୁମ୍ବାଇ ପାଇଁ ବଡ଼ ଝଟ୍‌କା ସଦୃଶ ଥିଲା। ସଫଳ ବୋଲର ଭାବେ ବିଦର୍ଭ ପାଇଁ ବାମହାତୀ ସ୍ପିନର ପାର୍ଥ ରେଖାଡେ ୧୬ ଓଭର ବୋଲିଂ କରି ୬ ମେଡେନ ସହ ୧୬ ରନ ବ୍ୟୟରେ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଛନ୍ତି। ଏକଦା ମୁମ୍ବାଇ ୧୧୨ ରନରେ ୨ଟି ୱିକେଟ ହରାଇ ଭଲ ସ୍ଥିତିରେ ରହିଥିଲା। କିନ୍ତୁ ୪୧ ଓଭର ବୋଲିଂ କରିଥିବା ପାର୍ଥ ସେହି ଓଭରର ପ୍ରଥମ ବଲରେ ରାହାଣେ (୧୮ ରନ), ୩ୟ ବଲରେ ସୂର୍ଯ୍ୟକୁମାର (୦) ଓ ୫ମ ବଲରେ ଦୁବେ (୦)ଙ୍କୁ ଆଉଟ୍ କରି ବିପର୍ଯ୍ୟୟ ଘଟାଇଥିଲେ। ମୁମ୍ବାଇ ନିକଟରେ ଆଉ ୩ ୱିକେଟ ବଳକା ରହିଥିବାବେଳେ ଦଳ ଇନିଂସ ଅଗ୍ରଣୀ ଲାଗି ଆହୁରି ୧୯୬ ରନ ଆବଶ୍ୟକ କରୁଛି।

ପୂର୍ବରୁ ବିଦର୍ଭ ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୦୮/୫ରୁ ଖେଳ ଆରମ୍ଭ କରି ମଙ୍ଗଳବାର ୩୮୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଦର୍ଭ ପାଇଁ ଧ୍ରୁବ ସୋରେ (୭୪), ଦାନିଶ ମାଲେୱର (୭୯) ଓ ଯଶ ରାଠୋଡ (୫୪) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ମୁମ୍ବାଇ ପାଇଁ ଶିବମ ଦୁବେ ୫ ୱିକେଟ୍ ଏବଂ ମୁଲାନୀ ଓ ରୟଷ୍ଟନ ଡିଆସ୍ ୨ଟି ଲେଖାଏ ୱିକେଟ ନେଇଥିଲେ। ଉଲ୍ଲେଖଯୋଗ୍ୟ, ଗତ ରଣଜୀ ଟ୍ରଫି ଫାଇନାଲରେ ବିଦର୍ଭକୁ ପରାସ୍ତ କରି ମୁମ୍ବାଇ ରେକର୍ଡ ୪୨ଥର ଲାଗି ଚାମ୍ପିଅନ ହୋଇଥିଲା।



## ୭ ବର୍ଷରେ ଆଝାରୁଦ୍ଦିନଙ୍କ ପ୍ରଥମ ଶତକ

**ଅହମ୍ମଦାବାଦ:** ଏଠାରେ ଚାଲିଥିବା ପ୍ରଥମ ସେମିଫାଇନାଲ ମୁକାବିଲାରେ ଘରୋଇ ଗୁଜରାଟ ବିପକ୍ଷରେ କେରଳ ଦୃଢ଼ସ୍ଥିତିରେ ରହିଛି। ୱିକେଟ୍‌କିପର ମହମ୍ମଦ ଆଝାରୁଦ୍ଦିନଙ୍କ ଅପରାଜିତ ଶତକ ବଳରେ କେରଳ ମଙ୍ଗଳବାର ୨ୟ ଦିବସ ସୁଦ୍ଧା ପ୍ରଥମ ପାଳିରେ ୧୭୭ ଓଭର ବ୍ୟାଟିଂ କରି ୭ ୱିକେଟ୍ ହରାଇ ୪୧୮ ରନ ସଂଗ୍ରହ କରିଛି। ୩୦ ବର୍ଷୀୟ ଆଝାରୁଦ୍ଦିନ ତାଙ୍କ ପ୍ରଥମ ଶ୍ରେଣୀ କ୍ରିକେଟ୍ କ୍ୟାରିୟରରେ ୨ୟ ତଥା ୭ ବର୍ଷ ପରେ ପ୍ରଥମ ଶତକ ହାସଲ କରି ୧୪୯ ରନରେ ଅପରାଜିତ ରହିଛନ୍ତି। ୩୦୩ ବଲର ଏହି ପାଳିରେ ସେ ୧୭ଟି ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଲମାନ ନାଜିର ୫୨, ଅହମ୍ମଦ ଇମ୍ରାନ ୨୪ ଏବଂ ଜଲଜ ସକ୍ସେନା, ଅକ୍ଷୟ ଚନ୍ଦ୍ରନ ଓ ରୋହନ କୁନ୍ନୁମଲ ୩୦ ରନ ଲେଖାଏ କରିଥିଲେ। ଅଧିନାୟକ ସଚିନ ବେବି ପୂର୍ବ ଦିନର ସ୍କୋରରେ ଆଉ କୌଣସି ରନ ଯୋଡ଼ି ନ ପାରି ୬୯ ରନରେ ଆଉଟ୍ ହୋଇଥିଲେ। କେରଳ ପ୍ରଥମ ଦିବସରେ ୪ ୱିକେଟ୍ ହରାଇ ୨୦୬ ରନ କରିଥିଲା।

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

**ପୁରୁଷ ପ୍ରୋ-ଲିଗ୍**

## ଜର୍ମାନୀଠାରୁ ହାରିଲା ଭାରତ



**ଭୁବନେଶ୍ୱର,୧୮ ।୨(ସମିସ):** କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ପୁରୁଷ ପ୍ରୋ-ଲିଗ୍‌ରେ ପୁଣିଥରେ ଭାରତକୁ ପରାଜିତ ହେବାକୁ ପଡ଼ିଛି । ମଙ୍ଗଳବାର ଏଠାରେ ଖେଳାଯାଇଥିବା ମୁକାବିଲାରେ ଜର୍ମାନୀ ୪-୧ ଗୋଲରେ ଭାରତକୁ ପରାସ୍ତ କରିଛି । ଏହା ଫଳରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବ ବୋଲି ଅଧିନାୟକ ହରମନପ୍ରୀତ୍ ଯେଉଁ ସ୍ୱପ୍ନ ଦେଖିଥିଲେ ସେଥିରେ ଜୋରଦାର ଆଘାତ ଲାଗିଛି । ପ୍ରୋ-ଲିଗ୍‌ର ଭାରତ ପର୍ଯ୍ୟାୟ ଖେଳରେ ଏହା ଥିଲା ଭାରତର ତୃତୀୟ ମ୍ୟାଚ୍ । ପୂର୍ବରୁ ଦଳ ସ୍ପେନ୍ ବିପକ୍ଷରେ ଖେଳିଥିଲା । ଏଥିରେ ସ୍ପେନ୍ ପ୍ରଥମ ମ୍ୟାଚ୍‌ରେ ଅପ୍ରତ୍ୟାସିତ ଭାବେ ୩-୧ ଗୋଲରେ ବିଜୟୀ ହୋଇଥିଲା । ଅବଶ୍ୟ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୨-୦ ଗୋଲରେ ଜିତିଥିଲା । କିନ୍ତୁ ୩ଟି ମ୍ୟାଚ୍‌ରୁ ଦ୍ୱିତୀୟ ପରାଜୟ ପରେ ଭାରତର ଟାଇଟଲ ଜିତିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ମଙ୍ଗଳବାର ଖେଳାଯାଇଥିବା ଜର୍ମାନୀ ବିପକ୍ଷ ମ୍ୟାଚ୍‌ରେ ଭାରତ ପକ୍ଷରୁ ଗୁରଜାନ୍ତ ସିଂହ ଏକମାତ୍ର ଗୋଲ ସ୍କୋର କରିଥିଲେ । ଜର୍ମାନୀ ପକ୍ଷରୁ ୭ମ ମିନିଟ୍‌ରେ ଫ୍ଲୋରିଆନ୍ ସ୍ୱର୍ଲି, ୧୪ତମ ମିନିଟ୍‌ରେ ଥିଏସ୍ ପ୍ରିଞ୍ଜ୍, ୪୮ତମ ମିନିଟ୍‌ରେ ମିଚେଲ ଷ୍ଟ୍ରଚହୋଫ୍ ଓ ୫୫ତମ ମିନିଟ୍‌ରେ ରାଫେଲ ହାର୍ଟକଫ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ପ୍ରଥମାର୍ଦ୍ଧ ସୁଦ୍ଧା ଜର୍ମାନୀ ୨-୧ ଗୋଲରେ ଆଗୁଆ ରହିଥିଲା । ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ମୁକାବିଲା ଆସନ୍ତାକାଲି ରାତି ୭ଟା ୩୦ରେ ଖେଳାଯିବ । ଏହି ମ୍ୟାଚ୍‌ରେ ଦଳର ଅଧିନାୟକ ହରମନପ୍ରୀତ୍ ସିଂହ ଖେଳି ନ ଥିଲେ । ସେ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଅନୁପସ୍ଥିତ ରହିଛନ୍ତି । ତାଙ୍କ ସ୍ଥାନରେ ବରିଷ୍ଠ ଓଡ଼ିଆ ଖେଳାଳି ଅମିତ ରୋହିଦାସ ଦଳର ନେତୃତ୍ୱ ନେଇଥିଲେ । କ୍ରିଷନ ବାହାଦୁର ପାଠକ ଓ ସୁରଜ କରକେରାଙ୍କ ଗୋଲରକ୍ଷଣ ଉଚ୍ଚକୋଟୀର ହୋଇପାରି ନ ଥିଲା ।

### ସୁଟ୍‌ଆଉଟରେ ଜିତିଲା ଇଂଲଣ୍ଡ

ପୁରୁଷ ବିଭାଗର ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ଓ ଇଂଲଣ୍ଡ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିଲା । ଏଥିରେ ଜ୍ୟାକବ ପେଟନ୍‌ଙ୍କ ପେନାଲ୍ଟି ସୁଟ୍‌ଆଉଟ ଗୋଲ ବଳରେ ଇଂଲଣ୍ଡ ୧-୦ ଗୋଲରେ ବିଜୟୀ ହୋଇଥିଲା । ଏହି ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳରେ ଉଭୟ ଦଳ ୨ଟି ଲେଖାଏଁ ଗୋଲ ସ୍କୋର କରି ସମାନସ୍ତରରେ ରହିଥିଲେ । ଇଂଲଣ୍ଡ ପକ୍ଷରୁ ୧୩ତମ ଓ ୩୨ତମ ମିନିଟ୍‌ରେ ଜ୍ୟାକବ ପେଟନ ଓ ସାମ ୱାର୍ଡ ଗୋଲ ଦେଇଥିଲେ । ଖେଳର ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ସ୍ପେନ୍ ୨ଟି ଗୋଲ ସ୍କୋର କରି ଖେଳକୁ ସମାନସ୍ତରକୁ ନେଇଆସିଥିଲେ । ଖେଳର ୪୯ତମ ମିନିଟ୍‌ରେ ନିକୋଲାସ୍ ଆଲଭାରେଜ ଓ ୫୩ତମ ମିନିଟ୍‌ରେ ବ୍ରୁନୋ ଫଣ୍ଟ ଗୋଲ ଦେଇ ଖେଳକୁ ସମାନ ସ୍ତରକୁ ନେଇଆସିଥିଲେ । ଏହା ପରେ କେହି କାହାରିକୁ ଗୋଲ ଦେଇ ନ ପାରି ମ୍ୟାଚ୍ ପେନାଲ୍ଟି ସୁଟ୍‌ଆଉଟକୁ ଯାଇଥିଲା । ଏଥିରେ ଇଂଲଣ୍ଡର ଜ୍ୟାକବ ପେଟନ ଏକମାତ୍ର ଗୋଲ ସ୍କୋର କରିବା ଫଳରେ ଦଳ ବିଜୟୀ ହୋଇଥିଲା ।

**ମହିଳା ପ୍ରୋ-ଲିଗ୍**

## ସ୍ପେନ୍‌ର ହ୍ୟାଟ୍ରିକ୍ ବିଜୟ



**ଭୁବନେଶ୍ୱର:** କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯାଇଥିବା ମହିଳା ପ୍ରୋ ଲିଗ୍ ମ୍ୟାଚ୍‌ରେ ଭାରତ ପରାଜିତ ହୋଇଛି । ଶକ୍ତିଶାଳୀ ଜର୍ମାନୀକୁ ପ୍ରଥମ ଦୁଇଟି ମ୍ୟାଚ୍‌ରେ ହରାଇଥିବା ସ୍ପେନ୍ ଏହି ମ୍ୟାଚ୍‌କୁ ୪-୩ ଗୋଲରେ ପରାସ୍ତ କରିଛି । ଏହା ଫଳରେ ସ୍ପେନ୍ ୩ଟି ମ୍ୟାଚ୍ ଖେଳି କ୍ରମାଗତ ୩ଟିରେ ବିଜୟୀ ହୋଇଛି । ଅପରପକ୍ଷରେ ଭାରତର ଏହା ତୃତୀୟ ମ୍ୟାଚ୍ ହୋଇଥିଲାବେଳେ ଦଳ ଦ୍ୱିତୀୟ ପରାଜୟ ବରଣ କରିଛି । ଇଂଲଣ୍ଡ ବିପକ୍ଷରେ ପ୍ରଥମ ଦୁଇଟି ମ୍ୟାଚ୍ ଖେଳିଥିବା ଭାରତ ଗୋଟିଏ ଲେଖାଏଁ ବିଜୟ ଓ ପରାଜୟ ବରଣ କରିଥିଲା ।

କଳିଙ୍ଗରେ ଖେଳାଯାଇଥିବା ଭାରତ-ସ୍ପେନ୍ ମ୍ୟାଚ୍ ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା । ପ୍ରଥମ କ୍ୱାର୍ଟରରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ । ଖେଳର ୧୯ତମ ମିନିଟ୍‌ରେ ବଲ୍‌ଜିତ କୌର ଏକ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ । କିନ୍ତୁ ଖେଳର ୨୧ତମ ମିନିଟ୍‌ରେ ସୋଫିଆ ରୋଗୋସ୍କି ଓ ୨୫ତମ ମିନିଟ୍‌ରେ ଇସ୍ତେଲ ପେଟ୍‌ମେ ଗୋଟିଏ ଲେଖାଏଁ ଗୋଲ ଦେବା ଫଳରେ ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ଇଂଲଣ୍ଡ ୨-୧ରେ ଅଗ୍ରଣୀ ରହିଥିଲା । ପ୍ରଥମାର୍ଦ୍ଧର ଦ୍ୱିତୀୟ କ୍ୱାର୍ଟରରେ ଭାରତ ପକ୍ଷରୁ ବରିଷ୍ଠ ଦଳରେ ପଦାର୍ପଣ କରିଥିବା ସାକ୍ଷୀ ରାଣା ଓ ଦ୍ୱିତୀୟ ମ୍ୟାଚ୍ ଖେଳୁଥିବା ଋତୁଜା ଦାଦାସୋ ପିସାଲ ଗୋଲ କରିବା ଫଳରେ ଭାରତ ପୁଣିଥରେ ଅଗ୍ରଣୀ ନେଇଥିଲା । ଏଥର ବ୍ୟବଧାନ ଥିଲା ୩-୨ ଗୋଲ । ଏହା ପରେ ଗୋଲ ଶୁଝାଇବାକୁ ସ୍ପେନ୍ ପ୍ରବଳ ଉଦ୍ୟମ କରି ସଫଳ ହୋଇଥିଲା । ଖେଳର ଚତୁର୍ଥ କ୍ୱାର୍ଟରର ୪୯ତମ ମିନିଟ୍‌ରେ ଇସ୍ତେଲ ଏହି ମ୍ୟାଚ୍‌ରେ ଦ୍ୱିତୀୟ ଗୋଲ ସ୍କୋର କରି ଖେଳକୁ ସମାନସ୍ତରକୁ ନେଇଆସିଥିଲେ । ମ୍ୟାଚ୍ ବରାବର ସ୍ଥିତିକୁ ଆସିବାର ପର ମୁହୂର୍ତ୍ତରେ ୫୦ତମ ମିନିଟ୍‌ରେ ଅଧିନାୟିକା ଲୁସିଆ ଜିମିନେଜେ ଦେଇଥିବା ଗୋଲଟି ବିଜୟସୂଚକ ଗୋଲରେ ପରିଣତ ହୋଇଥିଲା । ଏହି ମ୍ୟାଚ୍‌ରେ ସର୍ବାଧିକ ୭ଟି ଗୋଲ ହୋଇଥିଲା । ଆସନ୍ତାକାଲି ଦୁଇଦଳ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମୁକାବିଲା ହେବ ।

**ମହିଳା ପ୍ରିମିୟର ଲିଗ୍-୩**

## ପଏଣ୍ଟ ଖାତା ଖୋଲିଲା ମୁମ୍ବାଇ ଇଣ୍ଡିଆନ୍ସ



**ଭଦୋଦରା, ୧୮ ।୨ (ଏଜେନ୍ସି):** ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୩ୟ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ବିଜୟ ସ୍ୱାଦ ଚାଖିବା ସହ ପଏଣ୍ଟ ଖାତା ଖୋଲିଛି । ମଙ୍ଗଳବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ନାଟ୍ ସ୍କିଭର-ବ୍ରଣ୍ଟଙ୍କ ଅଲ୍‌ରାଉଣ୍ଡ ସଫଳତା ବଳରେ ମୁମ୍ବାଇ ୫ ୱିକେଟ୍‌ରେ ଗୁଜରାଟ ଜ୍ୟାଏଣ୍ଟ୍‌ସକୁ ପରାସ୍ତ କରିଛି । ୧୨୧ ରନର ଲକ୍ଷ୍ୟକୁ ପିଛା କରିଥିବା ମୁମ୍ବାଇ ୧୬.୧ ଓଭରରେ ୫ ୱିକେଟ୍ ହରାଇ ବିଜୟୀ ହୋଇଥିଲା । ଦଳ ପକ୍ଷରୁ ସ୍କିଭର ସର୍ବାଧିକ ୩୯ ବଲରେ ୫୭ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓପନର୍ ହେଲୀ ମାଥ୍ୟୁସ ୧୭, ୟଷ୍ଟିକା ଭାଟିଆ ୮, ଅଧିନାୟିକା ହରମନପ୍ରୀତ୍ କୌର ୪, ଆମେଲିଆ କେର ୧୯, ସଞ୍ଜୀବନ ସଜନା ୬ରନ କରିଥିଲେ । ବୋଲିଂରେ ଗୁଜରାଟ ପାଇଁ କାଶବୀ ଗୌତମ ୨ଟି ୱିକେଟ୍ ନେଇଥିଲେ । ପୂର୍ବରୁ ପ୍ରଥମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ୨ ୱିକେଟ୍‌ରେ ହାରିଥିବା ମୁମ୍ବାଇ ଏଥିସହ ୨ ମ୍ୟାଚରୁ ୨ ପଏଣ୍ଟ ପାଇ ଖାତା ଖୋଲିଛି ।

ସ୍ଥାନୀୟ କୋଟାମ୍ବି ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ତାରକା ଖଚିତ ଗୁଜରାଟ ପାୱାର ପ୍ଲେ ୬ ଓଭର ମଧ୍ୟରେ ୨୮ ରନରେ ବେଥ ମୁନୀ (୧ ରନ), ଲୌରା ୱଲଭର୍ଡଟ (୪), ଦୟାଲନ ହେମଲତା (୯) ଓ ଅଧିନାୟିକା ଆସଲେ ଗାର୍ଡନର (୧୦)ଙ୍କ ୱିକେଟ୍ ହରାଇଥିଲା । ତେବେ ମଧ୍ୟକ୍ରମରେ ହର୍ଲିନ ଦେଓଲ ୩୨ ରନ ଓ କାଶବୀ ଗୌତମ ୨୦ ରନ କରି କିଛିଟା ଲଢ଼େଇ କରିବାରୁ ଗୁଜରାଟ ଇନିଂସର ଶେଷ ବଲରେ ୧୨୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ବୋଲିଂରେ ମୁମ୍ବାଇ ପାଇଁ କାରବୀୟ ଅଲ୍‌ରାଉଣ୍ଡର ହେଲୀ ମାଥ୍ୟୁସ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଟ୍ ସ୍କିଭର-ବ୍ରଣ୍ଟ ଓ ଆମେଲିଆ କେର୍ ୨ଟି ଲେଖାଏ ୱିକେଟ୍ ମିଳିଥିଲା । ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ସ୍କିଭର ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

## ପଦ ଛାଡିବା ଖବରକୁ ମେରୀକମ୍‌ଙ୍କ ଅସ୍ୱୀକାର

**ନୂଆଦିଲ୍ଲୀ,୧୮ ।୨(ଏଜେନ୍ସି):** ମହିଳା ବକ୍ସିଂ କିମ୍ବଦନ୍ତୀ ତଥା ଭାରତୀୟ ଅଲିମ୍ପିକ ଆସୋସିଏସନ (ଆଇଓଏ) ଆଥଲେଟ୍ସ କମିଶନ ଅଧ୍ୟକ୍ଷା ମେରିକମ୍ ତାଙ୍କ ପଦ ଛାଡିବା ଖବରକୁ ଅସ୍ୱୀକାର କରିଛନ୍ତି । ସେ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି ବୋଲି ଗଣମାଧ୍ୟମଗୁଡିକରେ ରିପୋର୍ଟ ପ୍ରକାଶ ପାଇଥିଲା । ଇସ୍ତଫା ଦେଇନାହିଁ ଓ ସମ୍ପୂର୍ଣ୍ଣ କାର୍ଯ୍ୟକାଳ ପୂରଣ କରିବେ ବୋଲି ୪୨ ବର୍ଷୀୟ ମେରିକମ୍ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି । ନିକଟରେ ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବରେ ତାଙ୍କୁ ହାଲଦ୍ୱାନୀରେ ଏକ ନିମ୍ନମାନର ହୋଟେଲରେ ରଖାଯିବା ନେଇ ସେ ଅସନ୍ତୋଷ ଜାହିର କରିଥିଲେ ଓ ଇସ୍ତଫା ନେଇ ବିଚାର କରିବେ ବୋଲି କହିଥିଲେ । କିନ୍ତୁ ଏହାର ମାନେ ନୁହଁ ଯେ ମୁଁ ଇସ୍ତଫା ଦେଇଛି । ଆଇଓଏ ହେଉଛି ମୋ ପରିବାର ସଦୃଶ । ତେଣୁ ପଦ ଛାଡିବାର କୌଣସି ସମ୍ଭାବନା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଉଲ୍ଲେଖଥାଉ କି, ୬ଥର ବିଶ୍ୱ ଚାମ୍ପିଅନ ମେରୀକମ୍ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ ।

**■ ପିଙ୍କ୍ ଲେଡିଜ୍ କପ୍ ଫୁଟ୍‌ବଲ୍**

## ଭାରତୀୟ ମହିଳା ଦଳରେ ନାହାନ୍ତି ଓଡ଼ିଆ





**ଭୁବନେଶ୍ୱର,୧୮ ।୨(ସମିସ):** ଆସନ୍ତା ୨୦ରୁ ୨୬ ତାରିଖ ମଧ୍ୟରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ଶାରଜା ଆୟୋଜନ ହେବାକୁ ଯାଉଥିବା ପିଙ୍କ୍ ଲେଡିଜ୍ କପ୍ ପାଇଁ ଭାରତୀୟ ମହିଳା ଦଳ ଘୋଷଣା କରାଯାଇଛି । ଭାରତୀୟ କୋଚ୍ କ୍ରିପସନ ଛେତ୍ରୀ ସୋମବାର ଏହି ଦଳ ଘୋଷଣା କରିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଏହି ଦଳରେ କୌଣସି ଓଡ଼ିଆ ଖେଳାଳିଙ୍କୁ ସାମିଲ କରାଯାଇନାହିଁ । ଇଣ୍ଡିଆନ ଓମ୍ୟାନ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଓଡ଼ିଶାର ଦୁଇଟି ଦଳ ଓଡ଼ିଶା ଏଫ୍‌ସି ଓ ନୀତା ଫୁଟବଲ ଏକାଡେମୀ ଖେଳୁଛନ୍ତି । ପୁଣି ଗତ ୩ ମାସ ମଧ୍ୟରେ ଓଡ଼ିଶା ଦମ୍‌ଦାର ଖେଳ ପ୍ରଦର୍ଶନ କରି ବରିଷ୍ଠ ଜାତୀୟ ଚାମ୍ପିଅନସିପ୍ ଓ ଜାତୀୟ କ୍ରୀଡ଼ାରେ ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଛି । ରାଜ୍ୟର ଜଣାଶୁଣା ମହିଳା ଡିଫେଣ୍ଡର ଜୁଲି କିଶାନ ଓ ତାରକା ଫରୱାର୍ଡ ପ୍ୟାରୀ ଖାଖା ଜାତୀୟ ଶିବିରରୁ ଓହରିଯାଇଥିଲେ । ଏହି ଦୁଇ ଖେଳାଳି ଚାକିରି କରୁଥିବା କମ୍ପାନୀ ତରଫରୁ ଖେଳିବା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଶିବିରରୁ ଓହରିଯାଇଥିଲେ । ତେଣୁ ଏହି ଦୁଇ ଖେଳାଳି ଚୟନ ପାଇଁ ଉପଲବ୍ଧ ନଥିଲେ । କିନ୍ତୁ ରାଜ୍ୟରେ ଥିବା ଅନ୍ୟ ଏକାଧିକ ପ୍ରତିଭାସମ୍ପର୍ଣ୍ଣ ତାରକା ଖେଳାଳିଙ୍କୁ ନିଆଯାଇ ପାରିଥାନ୍ତା । ତାରକା ଖେଳାଳି ମନୀଷା ନାୟକ, ମାଳତୀ ମୁଣ୍ଡା ଓ ଦୀପା ନାୟକଙ୍କ ଭଳି ଖେଳାଳିଙ୍କୁ ଅଣଦେଖା କରାଯିବା ନେଇ ପ୍ରଶ୍ନ ଉଠିଛି । ଉଲ୍ଲେଖଥାଉ କି, କାଠମାଣ୍ଡୁରେ ଅନୁଷ୍ଠିତ ସାଫ୍ ମହିଳା ଚାମ୍ପିଅନସିପ୍ ସେମିଫାଇନାଲରେ ଜୁଲି ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ । ଭାରତ ସେମିରେ ନେପାଳଠାରୁ ପରାସ୍ତ ହୋଇଥିଲା ।

### ୨୦ରୁ ଜୋର୍ଡାନ ବିପକ୍ଷରେ ଭାରତର ଅଭିଯାନ ଆରମ୍ଭ

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ୨୦ ତାରିଖରେ ଜୋର୍ଡାନକୁ, ୨୩ରେ ରୁଷିଆକୁ ଓ ୨୬ରେ ଦକ୍ଷିଣ କୋରିଆକୁ ଭେଟିବ । ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଏକ ସନ୍ତୁଳିତ ଦଳ ଗଠନ କରାଯାଇଛି ବୋଲି ଛେତ୍ରୀ କହିଛନ୍ତି । ଟୁର୍ଣ୍ଣାମେଣ୍ଟର ଏହି ଦ୍ୱିତୀୟ ସଂସ୍କରଣରେ ୬ଟି ଦେଶ ଅଂଶଗ୍ରହଣ କରିବେ । ଭାରତ, ଜୋର୍ଡାନ, ରୁଷିଆ, ଦକ୍ଷିଣ କୋରିଆ, ଥାଇଲାଣ୍ଡ ଓ ଉଜ୍‌ବେକିସ୍ତାନ ଏଥିରେ ଭାଗନେବେ ।

## ରାଜ୍ୟସ୍ତରୀୟ ଆଇନଜୀବୀ କ୍ରିକେଟ ଆଜିଠାରୁ

**ଭୁବନେଶ୍ୱର,୧୮ ।୨(ସମିସ):** ଭୁବନେଶ୍ୱର ଓକିଲ ସଂଘ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପ୍ରଶାନ୍ତ ରାଉତରାୟ ସ୍ମାରକୀ ନିଖିଳ ଓଡ଼ିଶା ଆଇନଜୀବୀ କ୍ରିକେଟ ପ୍ରତିଯୋଗିତା ଆସନ୍ତାକାଲି ବା ବୁଧବାରଠାରୁ ଆରମ୍ଭ ହେବ । ରାଜ୍ୟର ପ୍ରମୁଖ ୮ଟି ଓକିଲ ସଂଘ ସ୍ଥାନୀୟ ବିଜେବି କଲେଜ୍ ଗ୍ରାଉଣ୍ଡରେ ଟାଇଟଲ ଲଢ଼େଇରେ ଅବତୀର୍ଣ୍ଣ ହେବେ । ରଙ୍ଗୀନ ପୋଷାକ, ଟି-୨୦ ଫର୍ମାଟରେ ନକ୍ ଆଉଟ ଭିତ୍ତିରେ ଏହି ପ୍ରତିଯୋଗିତା ଖେଳାଯିବ । ଓଡ଼ିଶା ଉଚ୍ଚନ୍ୟାୟାଳୟ, ଭୁବନେଶ୍ୱର, ପୁରୀ, ଗଞ୍ଜାମ, ସମ୍ବଲପୁର, କଟକ ରାଜସ୍ୱ ପର୍ଷଦ, କଟକ ମୋଟରଯାନ ଓ ଭୁବନେଶ୍ୱର ଗ୍ରୀନ୍ ଓକିଲ ସଂଘ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି ।

**ପୁଅ ସହ ଏକାଠି ଖେଳିବାର ସ୍ୱପ୍ନ**

## ଅବସର ନିଷ୍ପତ୍ତି ବଦଳାଇଲେ ନବୀ



**କରାଚି, ୧୮ ।୨ (ଏଜେନ୍ସି):** ଆଫଗାନିସ୍ତାନ କ୍ରିକେଟ୍ ଦଳର ଭେଟେରାନ ଅଲ୍‌ରାଉଣ୍ଡର ମହମ୍ମଦ ନବୀ ତାଙ୍କ ଅବସର ନିଷ୍ପତ୍ତିରୁ ୟୁଟର୍ନ କରିନେଇଛନ୍ତି । ଚଳିତ ଆଇସିସି ଚାମ୍ପିଅନ୍ସ ଟ୍ରଫି ପରେ ସେ ଏକଦିବସୀୟ କ୍ରିକେଟ୍ ଫର୍ମାଟ୍‌ରୁ ଅବସର ନେବେ ବୋଲି ପୂର୍ବରୁ ଘୋଷଣା କରିଥିଲେ । କିନ୍ତୁ ଏବେ ସେ ନିଷ୍ପତ୍ତିରୁ ଓହରିଯାଇଛନ୍ତି ଏବଂ ୫୦ ଓଭର ଫର୍ମାଟ୍ କ୍ରିକେଟ୍ ଖେଳ ଜାରି ରଖିବେ ବୋଲି ଘୋଷଣା କରିଛନ୍ତି । ଏହି ଅବସର ନିଷ୍ପତ୍ତି ବଦଳାଇବା ପଛରେ ୪୦ ବର୍ଷୀୟ ନବୀ ତାଙ୍କର ଏକ ସ୍ୱପ୍ନ ପୂରଣ କରିବାକୁ ଲକ୍ଷ୍ୟ ରଖିଛନ୍ତି । ନବୀ ତାଙ୍କ ପୁଅ ହାସାନ ଐସାଖିଲଙ୍କ ସହ ସାଙ୍ଗହୋଇ ଏକାଠି ଆଫଗାନିସ୍ତାନ ପକ୍ଷରୁ ଖେଳିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ତାଙ୍କର ଏହି ସ୍ୱପ୍ନ ପୂରଣ ହେଲାପରେ ସେ ଏକଦିବସୀୟ ଫର୍ମାଟ୍‌ରୁ ଅବସର ନେବେ ବୋଲି କହିଛନ୍ତି । ଏକ ସାକ୍ଷାତ୍‌କାର ଦେଇ ନବୀ କହିଛନ୍ତି, 'ଦେଶ ପାଇଁ ଏକାଠି ଖେଳିବା ଏହା ମୋର ସ୍ୱପ୍ନ । ଆଶା କରୁଛି ଆମେ ଏହା କରିପାରିବା । ହାସାନ ବହୁତ ଭଲ ଖେଳୁଛି । କଠିନ ପରିଶ୍ରମ ମଧ୍ୟ ଜାରି ରଖିଛି' । ଉଲ୍ଲେଖଯୋଗ୍ୟ, ନବୀ୧୮ ବର୍ଷୀୟ ପୁଅ ହାସାନ ଐସାଖିଲ ୨୦୨୪ରେ ଆଫଗାନିସ୍ତାନ ପକ୍ଷରୁ ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ଖେଳିସାରିଛି । ସେ ଏହି ବିଶ୍ୱକପ୍‌ରେ ୪ ମ୍ୟାଚରୁ ମାତ୍ର ୪୩ ରନ କରିଥିଲେ । ମାତ୍ର ଘରୋଇ କ୍ରିକେଟ୍‌ରେ ସେ ୧୬ ଟି-୨୦ ମ୍ୟାଚ୍ ଖେଳି ୪୨୬ ରନ ସଂଗ୍ରହ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

**ବେନ କୁରାନଙ୍କ ଶତକ**

## ସିରିଜ୍ ଜିତିଲା ଜିମ୍ବାୱେ

**ହରାରେ, ୧୮ ।୨ (ଏଜେନ୍ସି):** ଆୟର୍ଲାଣ୍ଡ ବିପକ୍ଷ ଅନ୍ତିମ ତଥା ୩ୟ ଏକଦିବସୀୟ ମ୍ୟାଚକୁ ଘରୋଇ ଜିମ୍ବାୱେ ୯ ୱିକେଟ୍‌ରେ ଜିତିନେଇଛି । ମଙ୍ଗଳବାର ଅନୁଷ୍ଠିତ ଏହି ମ୍ୟାଚରେ ଆୟର୍ଲାଣ୍ଡ ପ୍ରଥମେ ବ୍ୟାଟିଂ କରି ଆଣ୍ଡିଉ ବଲର୍ବିନ (୬୪), ହ୍ୟାରୀ ଟେକ୍ଟର (୫୧) ଓ ଲୋରକାନ ଟର୍କର (୬୧)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୬ ୱିକେଟ୍ ହରାଇ ୨୪୦ ରନ କରିଥିଲା । ଜବାବରେ ୨୪୧ ରନର ଲକ୍ଷ୍ୟକୁ ପିଛା କରି ଜିମ୍ବାୱେ ଗୋଟିଏ ୱିକେଟ୍ ହରାଇ ୩୯.୩ ବିଜୟୀ ହୋଇଥିଲା । ଜିମ୍ବାୱେ ପକ୍ଷରୁ ବାମହାତୀ ଓପନର୍ ବେନ୍ କୁରାନ ୧୧୮ ରନର ଅପରାଜିତ ଶତକୀୟ ପାଳି ଖେଳିଥିଲେ । ୧୩୦ ବଲର ଏହି ପାଳିରେ ସେ ୧୪ ଚୌକା ମାରିଥିଲେ । ଅଧିନାୟକ କ୍ରେଗ୍ ଏର୍ଭିନ ୬୯* ଓ ବ୍ରାଏନ ବେନେଟ୍ଟ ୪୮ ରନ କରିଥିଲେ । ଅନ୍ତର୍ଜାତୀୟ କ୍ରିକେଟ୍‌ରେ ବେନଙ୍କ ଏହା ପ୍ରଥମ ଶତକ । ବେନ୍ ହେଉଛନ୍ତି ଇଂଲଣ୍ଡର ଦୁଇ କ୍ରିକେଟର୍ ସାମ ଓ ଟମ୍ କୁରାନଙ୍କ ୩ୟ ଭାଇ ।

**ଜାତୀୟ ପାରା ଆଥଲେଟିକ୍ ଚାମ୍ପିଅନସିପ୍**

## ରାଜ୍ୟ ଲାଗି ପ୍ରଥମ ପଦକ ଜିତିଲେ ଜାନକୀ



**ନୂଆଦିଲ୍ଲୀ,୧୮ ।୨(ଏଜେନ୍ସି):** ଚେନ୍ନଇର ଜବାହରଲାଲ ନେହରୁ ଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହୋଇଛି ୨୩ତମ ଜାତୀୟ ପାରା ଆଥଲେଟିକ ଚାମ୍ପିଅନସିପ୍ । ୪ ଦିନଧରି ଚାଲିବାକୁଥିବା ଏହି ଚାମ୍ପିଅନସିପ୍ ୨୦ତାରିଖରେ ଶେଷ ହେବ । ମଙ୍ଗଳବାର ଦ୍ୱିତୀୟ ଦିବସରେ ଓଡ଼ିଶା ପାଇଁ ପ୍ରଥମ ଜିତିଛନ୍ତି ଧାବିକା ଜାନକୀ ଓରାମ । ଜାନକୀ ୧୦୦ମିଟର ଦୌଡ଼ରେ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଛନ୍ତି । ସେ ମହିଳା ଟି-୧୨ ବର୍ଗ ୧୦୦ମିରେ ଏହି ସଫଳତା ପାଇଛନ୍ତି । ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି ।

**ବାରବାଟୀ ଫ୍ଲଡ୍ ଲାଇଟ୍ ବିଭ୍ରାଟ**

## ଆଜି ଉତ୍ତର ଦେବ ଓସିଏ



**କଟକ,୧୮ ।୨(ସମିସ):** ବାରବାଟୀ ଦିନିକିଆରେ ଫ୍ଲଡ ଲାଇଟ୍ ବନ୍ଦ ବିଭ୍ରାଟ ଘଟଣାକୁ ନେଇ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା । ଫ୍ଲଡ ଲାଇଟ୍ ବନ୍ଦ ହେବା କାରଣରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଫେବୃଆରୀ ୯ରେ ଖେଳାଯାଇଥିବା ମ୍ୟାଚ୍ ୩୭ ମିନିଟ ବନ୍ଦ ରହିଥିଲା । କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ନୋଟିସ୍ ଜାରି କରିବା ସହ ୧୦ଦିନ ଭିତରେ ଉତ୍ତର ରଖିବାକୁ ଓସିଏକୁ ନିର୍ଦ୍ଦେଶ ଦେଇଥିଲେ । ବୁଧବାର ୧୦ଦିନ ପୂରଣ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଉତ୍ତର ଦେବାକୁ ପ୍ରସ୍ତୁତ ଥିବା ଜଣାପଡ଼ିଛି । ଓସିଏର ନିଜସ୍ୱ ଆଇନଜୀବୀଙ୍କ ସହାୟତାରେ ଏକ ରିପୋର୍ଟ ପ୍ରସ୍ତୁତ ହୋଇଛି । ବୁଧବାର ଏହା କ୍ରୀଡ଼ା ବିଭାଗକୁ ପଠାଯିବ । ହେଲେ ରିପୋର୍ଟରେ କଣ ଉଲ୍ଲେଖ କରାଯାଇଛି ତାହାକୁ ଓସିଏ କର୍ତ୍ତୃପକ୍ଷ ସ୍ପଷ୍ଟ କରିନାହାନ୍ତି । ଖେଳାଳିଙ୍କ ବସ୍ ପାର୍କିଂ ଯୋଗୁଁ ଡିଜି ସେଟ୍ ସଂଯୋଗରେ ବିଳମ୍ବ ଏବଂ ମ୍ୟାଚ୍ ବିଭ୍ରାଟ ହୋଇଥିବା ଓସିଏ ପକ୍ଷରୁ ଉତ୍ତରରେ ଦର୍ଶାଯାଇଛି ବୋଲି କୁହାଯାଇଛି ।

ଫ୍ଲଡ ଲାଇଟ୍ ଲିଭି ମ୍ୟାଚ୍ ୩୭ମିନିଟ ବନ୍ଦ ରହିବା ଘଟଣାରେ ଓଡ଼ିଶା କ୍ରିକେଟ ଆସୋସିଏସନ ଅକଳରେ ପଡ଼ିଥିଲା । ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ହୋଇଥିବା କାରଣ ଦର୍ଶାଅ ନୋଟିସ୍ ଉପରେ ୧୦ଦିନ ଭିତରେ ଓସିଏକୁ ପ୍ରତ୍ୟୁତ୍ତର ଦେବାକୁ ପଡ଼ିବ । ତେବେ ଖେଳାଳିଙ୍କ ନିମନ୍ତେ ଉଦ୍ଦିଷ୍ଟ ବସ୍ ଡ୍ରାଇଭର ଉପରେ ଓସିଏ ଦୋଷ ଲଦୁଛି । ବିକଳ୍ପ ଡିଜି ସେଟ୍ ବ୍ୟବସ୍ଥା ରହିଥିଲା । ହେଲେ ବସ୍ ଛିଡ଼ା ରହିଥିବା ଯୋଗୁଁ ଡିଜି ସେଟ୍ ଅଣାଯାଇ ପାରି ନ ଥିଲା । ବସ୍ ହଟାଇ ଡିଜି ସେଟ ଆଣିବାକୁ ଚେଷ୍ଟା କରାଯିବାବେଳେ ଡ୍ରାଇଭରଙ୍କୁ ଦେଖିବାକୁ ମିଳି ନଥିଲା । ଡ୍ରାଇଭରଙ୍କୁ ଫୋନ୍ କରାଯାଇଥିଲେ ସୁଦ୍ଧା ତାଙ୍କ ନମ୍ବର ଲାଗି ନଥିଲା । ଏହା ଭିତରେ ପ୍ରାୟ ୧୫ମିନିଟ ଅପଚୟ ହୋଇଗଲା । ଶେଷରେ ଡ୍ରାଇଭର ଆସି ଗାଡି ହଟାଇବା ପରେ ଡିଜି ସେଟ୍ ସଂଯୋଗ ହୋଇଥିଲା । ଏଣୁ ଫ୍ଲଡଲାଇଟ୍ ପୁର୍ନବାର ଜଳିବାରେ ବିଳମ୍ବ ହେଲା ବୋଲି ଓସିଏ ପକ୍ଷରୁ କୁହାଯାଇଛି । କ୍ରୀଡ଼ା ବିଭାଗର କାରଣ ଦର୍ଶାଅ ନୋଟିସ ଉପରେ ଏହି ଉତ୍ତର ଓସିଏ ଉପସ୍ଥାପନ କରିଛି ବୋଲି ଆଲୋଚନା ହେଉଛି ।

**୭୧ତମ ଜାତୀୟ ବରିଷ୍ଠ ପୁରୁଷ କବାଡ଼ି**

## କଟକରେ ପହଞ୍ଚିଲେ ୩ ଦଳ

**କଟକ,୧୮ ।୨(ସମିସ):** ପ୍ରଥମଥର ନିମନ୍ତେ ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଛି ଜାତୀୟ ବରିଷ୍ଠ ପୁରୁଷ କବାଡ଼ି ଚାମ୍ପିଅନସିପ୍ । ପ୍ରତିଯୋଗିତାକୁ ଆଉ ଗୋଟିଏ ଦିନ ବାକି । କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଲାଣି । ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ମଙ୍ଗଳବାର ଉତ୍ତରପ୍ରଦେଶ, ମଣିପୁର ଏବଂ ରାଜସ୍ଥାନ ଦଳ କଟକରେ ପହଞ୍ଚିଛନ୍ତି ବୋଲି ରାଜ୍ୟ କବାଡ଼ି ସଂଘ ସମ୍ପାଦକ ଅଜୟ ବେହେରା ସୂଚନା ଦେଇଛନ୍ତି । କଟକର ବିଭିନ୍ନ ହୋଟେଲରେ ଖେଳାଳି ଏବଂ ମ୍ୟାଚ୍ ଅଫିସିଆଲଙ୍କ ରହଣୀ ବ୍ୟବସ୍ଥା କରାଯାଇଛି । ଏତଦବ୍ୟତୀତ ବାରବାଟୀ ଷ୍ଟାଡିୟମ ପରିସରସ୍ଥ କର୍ପୋରେଟ ବକ୍ସ, ଏସି ଗ୍ୟାଲେରୀ ବକ୍ସରେ ମଧ୍ୟ ଖେଳାଳି ରହିବେ । ଭାରତର ବିଭିନ୍ନ ରାଜ୍ୟରୁ ଖ୍ୟାତନାମା କ୍ରୀଡ଼ା ସଙ୍ଗଠକମାନେ ଏହା ଭିତରେ କଟକ ଆସିବେ । ପ୍ରତିଯୋଗିତା ଆୟୋଜନ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ କବାଡ଼ି ସଂଘ ପକ୍ଷରୁ ଇଣ୍ଡୋର ଷ୍ଟାଡିୟମରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ ହୋଇଥିଲା । ପ୍ରତିଯୋଗିତା ନିମନ୍ତେ ଦୁଇଟି କୋର୍ଟ ପ୍ରସ୍ତୁତ କରାଯାଉଛି । ପ୍ରକାଶଥାଉକି, ଓଡିଶା କବାଡ଼ି ସଂଘ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୦ରୁ କଟକରେ ଜାତୀୟ ବରିଷ୍ଠ ପୁରୁଷ କବାଡି ଚାମ୍ପିଅନସିପ୍‌ର ୭୧ତମ ସଂସ୍କରଣ ଆରମ୍ଭ ହେବ । ୪ଦିନ ଧରି ଏହି ପ୍ରତିଯୋଗିତା ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଖେଳାଯିବ । ୩୦ଟି ରାଜ୍ୟ ସମେତ ୪ଟି ବିଭାଗୀୟ ଦଳ ଏଥିରେ ଭାଗନେବେ । ଏତଦବ୍ୟତୀତ ପ୍ରୋ-କବାଡି ଲିଗ୍‌ର ତାରକାଙ୍କୁ ମିଶାଇ ୫୦ରୁ ଅଧିକ ଚର୍ଚ୍ଚିତ ଖେଳାଳିଙ୍କୁ ଦେଖିବାକୁ ମିଳିବ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS